80th YEAR OF PUBLICATION
ପ୍ରତିଷ୍ଠାତା-ଉତ୍କଳକେଶରୀ ଡକ୍ଟର ହରେକୃଷ୍ଣ ମହତାବ
# ପ୍ରଜାତନ୍ତ୍ର
The Prajatantra
ମୀନାବଜାର
ମୂଲ୍ୟ: ୨୦ଟଙ୍କା ମାତ୍ର
ପ୍ରଜାତନ୍ତ୍ର ପ୍ରଚାର ସମିତିପକ୍ଷରୁ ପ୍ରକାଶିତ
fb.com/prajatantra.pracharsamity.9 @the_prajatantra theprajatantra@yahoo.com www.theprajatantra.org
୮୦ବର୍ଷ ❑ ସଂଖ୍ୟା-୩୫ ● କଟକ ● ଶୁକ୍ରବାର ● ୧୧ ସେପ୍ଟେମ୍ବର-୨୦୨୬ ● କନ୍ୟା-୧୩ ● ସାଲ୍-୧୪୩୧
CUTTACK ● FRIDAY ● 11 SEPTEMBER-2026 ● RNI Regd. No. 4001/57
ମୂଲ୍ୟ : ₹ ୫ ଟଙ୍କା

### ୫ ଶିଶୁ ଓରାଙ୍ଗଉଟାନ୍ ଉଦ୍ଧାର ଘଟଣା

# ମୁଖ୍ୟମନ୍ତ୍ରୀଙ୍କ ତଦନ୍ତ ନିର୍ଦ୍ଦେଶ

## ‘ବିଦେଶୀ ବନ୍ୟପ୍ରାଣୀଙ୍କ ଅବୈଧ ଚାଲଣ ପାଇଁ ଓଡ଼ିଶାକୁ ଟ୍ରାଞ୍ଜିଟ୍ ପଥ ହେବାକୁ ଦିଆଯିବନି’

**ଭୁବନେଶ୍ୱର,(ପିପିଏସ୍):** ଓଡ଼ିଶାରେ ପାଞ୍ଚଟି ଶିଶୁ ଓରାଙ୍ଗଉଟାନ୍ ଉଦ୍ଧାର ଘଟଣାରେ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏହା ସହିତ, ଏହି ପ୍ରାଣୀମାନେ କେଉଁ ପରିସ୍ଥିତିରେ ଓଡ଼ିଶାରେ ପହଞ୍ଚିଲେ, ସେ ସମ୍ପର୍କରେ ସବିଶେଷ ତଦନ୍ତ କରିବାକୁ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି କରାଯାଇଥିବା ପ୍ରେସ୍ ରିଲିଜ୍‌ରେ କୁହାଯାଇଛି, ଦୁବାଇରେ ବ୍ୟସ୍ତବହୁଳ ସରକାରୀ କାର୍ଯ୍ୟକ୍ରମରେ ଥିବା ସତ୍ତ୍ୱେ ମୁଖ୍ୟମନ୍ତ୍ରୀ ଓଡ଼ିଶାର ଘଟଣାକ୍ରମ ସମ୍ପର୍କରେ ନିରନ୍ତର ଅବଗତ ରହିଛନ୍ତି ଏବଂ ଏହି ଘଟଣାକୁ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। କେଉଁ ପରିସ୍ଥିତିରେ ଏହି ପ୍ରାଣୀଗୁଡ଼ିକ ବାଲେଶ୍ୱର ଜିଲ୍ଲାକୁ ଆସିଲେ ଏବଂ ଏହା ପଛରେ କ’ଣ ପୃଷ୍ଠଭୂମି ରହିଛି, ତାକୁ ସ୍ପଷ୍ଟ କରିବା ପାଇଁ, ସେ ନିର୍ଦ୍ଦେଶ ଦେଇଛନ୍ତି। ବିଦେଶୀ ବନ୍ୟପ୍ରାଣୀଙ୍କ ଅବୈଧ ଚାଲଣ ପାଇଁ ଓଡ଼ିଶା କେବେହେଲେ ଏକ ଟ୍ରାଞ୍ଜିଟ୍ ପଥ ହେବାକୁ ଦିଆଯିବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରିଛନ୍ତି।

ବିଦେଶୀ ବନ୍ୟପ୍ରାଣୀଙ୍କ ଏହି ବେଆଇନ ପରିବହନରେ କୌଣସି ନେଟୱାର୍କ ସମ୍ପୃକ୍ତ ଥିଲେ, ତାହାକୁ ଚିହ୍ନଟ କରି ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି। ଏହି ବିରଳ ପ୍ରଜାତିର ପ୍ରାଣୀଗୁଡ଼ିକ କେଉଁ ମାର୍ଗ ଦେଇ ଓଡ଼ିଶାକୁ ଅଣାଯାଇଥିଲା, ସେମାନେ କିପରି ରାଜ୍ୟରେ ପ୍ରବେଶ କଲେ, ସେମାନଙ୍କ ପରିବହନରେ କିଏ ସମ୍ପୃକ୍ତ ଥିଲେ ଏବଂ କେଉଁ ଉଦ୍ଦେଶ୍ୟରେ ସେମାନଙ୍କୁ ଅଣାଯାଉଥିଲା, ଏସବୁ ଦିଗ ସ୍ପଷ୍ଟ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ, ଭାରତ ସରକାରଙ୍କ ସମ୍ପୃକ୍ତ କର୍ତ୍ତୃପକ୍ଷ, ବନ୍ୟପ୍ରାଣୀ ଅପରାଧ ନିୟନ୍ତ୍ରଣ ବ୍ୟୁରୋ ଏବଂ ଅନ୍ୟାନ୍ୟ ବନ୍ୟପ୍ରାଣୀ ଓ ଆଇନ ପ୍ରବର୍ତ୍ତନକାରୀ ସଂସ୍ଥାଗୁଡ଼ିକ ସହ ସମନ୍ୱୟ ରଖି ଏହି ମାମଲାର ତଦନ୍ତ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ତଦନ୍ତ ଜାରି ରହିଥିବା ସମୟରେ ଉଦ୍ଧାର ହୋଇଥିବା ଓରାଙ୍ଗଉଟାନ୍‌ଗୁଡ଼ିକୁ ପ୍ରଚଳିତ ବନ୍ୟପ୍ରାଣୀ ସୁରକ୍ଷା ପ୍ରୋଟୋକଲ୍ ଅନୁଯାୟୀ ଉପଯୁକ୍ତ ଚିକିତ୍ସା ସେବା, ସୁରକ୍ଷା ଓ ଆବଶ୍ୟକ ଯତ୍ନ ଯୋଗାଇଦେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

## ଭାରତ ଆସିବେ ଚୀନ୍ ରାଷ୍ଟ୍ରପତି

**ନୂଆଦିଲ୍ଲୀ:** ନୂଆଦିଲ୍ଲୀରେ ଆୟୋଜିତ ହେଉଥିବା ୧୮ତମ ବ୍ରିକ୍ସ ସମ୍ମିଳନୀରେ ଯୋଗଦେବାକୁ ଭାରତ ଆସିବେ ଚୀନ୍ ରାଷ୍ଟ୍ରପତି ସି ଜିନ୍‌ପିଙ୍ଗ। ଦୀର୍ଘ ସାତବର୍ଷ ପରେ ପୁଣିଥରେ ଜିନ୍‌ପିଙ୍ଗ ଭାରତ ଆସିବା ନେଇ ଚୀନ୍ ବୈଦେଶିକ ମନ୍ତ୍ରାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଭାରତୀୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନିମନ୍ତ୍ରଣ କ୍ରମେ, ଚୀନ୍ ରାଷ୍ଟ୍ରପତି ସେପ୍ଟେମ୍ବର ୧୨ରୁ ୧୩ ପର୍ଯ୍ୟନ୍ତ ନୂଆଦିଲ୍ଲୀରେ ଅନୁଷ୍ଠିତ ହେବାକୁ ଥିବା ୧୮ତମ ବ୍ରିକ୍ସ ସମ୍ମିଳନୀରେ ଯୋଗଦେବେ ବୋଲି ଚୀନ୍ ବୈଦେଶିକ ମନ୍ତ୍ରଣାଳୟ କହିଛି। ଆସନ୍ତା ଶନିବାର ଦିନ ଜିନ୍‌ପିଙ୍ଗ ଭାରତରେ ପହଁଚିବେ। ଏହି ଗସ୍ତ ଦୁଇଦେଶ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଉଛି। ଏହା ଦ୍ୱାରା ଦୁଇଦେଶ ମଧ୍ୟରେ ସମ୍ପର୍କ ଆହୁରି ଦ୍ୱିଗୁଣିତ ହେବ ବୋଲି ବୈଦେଶିକ ବିଶେଷଜ୍ଞ ମତ ରଖିଛନ୍ତି।

## ଓଡ଼ିଶାରେ ପୁଞ୍ଜି ଖଟାଇବେ ୟୁଏଇ ନିବେଶକ

**ଆବୁଧାବି,(ପିପିଏସ୍):** ଓଡ଼ିଶାରେ ପୁଞ୍ଜି ଖଟାଇବେ ୟୁଏଇ ନିବେଶକ। ନିବେଶ ଅନ୍ୱେଷଣ ନେଇ ଆବୁଧାବିରେ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି। ୟୁଏଇ ଅର୍ଥନୀତି ଓ ପର୍ଯ୍ୟଟନ ମନ୍ତ୍ରୀ ଅବଦୁଲ୍ଲା ବିନ୍ ତୌକ୍ ଅଲ୍ ମାରିଙ୍କ ସହ ସିଧାସଳଖ ଆଲୋଚନା କରିଛନ୍ତି ମୁଖ୍ୟମନ୍ତ୍ରୀ। ଓଡ଼ିଶା-ୟୁଏଇ ମଧ୍ୟରେ ଅର୍ଥନୈତିକ ଏବଂ ପୁଞ୍ଜିନିବେଶ ସମ୍ପର୍କକୁ ସୁଦୃଢ଼ କରିବା ନେଇ ଆଲୋଚନା କରାଯାଇଛି। ନିବେଶକଙ୍କ ସହ ବିଭିନ୍ନ ଶିଳ୍ପକ୍ଷେତ୍ରକୁ ନେଇ ବ୍ୟବସାୟିକ ଆଲୋଚନା ହୋଇଛି। ଏଥିରେ ଓଡ଼ିଶାରେ ନୂତନ ପୁଞ୍ଜିନିବେଶ ସୁଯୋଗ ଅନ୍ୱେଷଣ କରିବାକୁ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ମୁଖ୍ୟମନ୍ତ୍ରୀ ଓଡ଼ିଶାର ଅନୁକୂଳ ବାଣିଜ୍ୟ ପରିବେଶ, ଦୃଢ଼ ଶିଳ୍ପ ପରିବେଶ ଏବଂ ପ୍ରମୁଖ କ୍ଷେତ୍ରଗୁଡ଼ିକରେ ପୁଞ୍ଜିନିବେଶ ସମ୍ଭାବନାକୁ ଉପସ୍ଥାପନ କରିବା ସହ ୟୁଏଇର ନିବେଶକଙ୍କୁ ଓଡ଼ିଶାରେ ସୁଯୋଗ ଅନ୍ୱେଷଣ ଏବଂ ପୁଞ୍ଜିନିବେଶ କରିବାକୁ ଆମନ୍ତ୍ରଣ କରିଛନ୍ତି। ଆଲୁମିନିୟମ୍ ଶିଳ୍ପ ପରିବେଶ ଓ ଡାଉନ୍ ଷ୍ଟ୍ରିମ୍ କ୍ଷେତ୍ରରେ ନିବେଶ ଆହ୍ୱାନ କରିଛନ୍ତି।

## ଦୁଇ ଉପ ମୁଖ୍ୟମନ୍ତ୍ରୀ ପଦ ବୈଧତା ମାମଲା ଖାରଜ

**କଟକ:** ଓଡ଼ିଶାରେ ଦୁଇଜଣ ଉପମୁଖ୍ୟମନ୍ତ୍ରୀଙ୍କ ନିଯୁକ୍ତିର ସାମ୍ବିଧାନିକ ବୈଧତାକୁ ଚ୍ୟାଲେଞ୍ଜ କରି ଦାୟର ଜନସ୍ୱାର୍ଥ ମାମଲାକୁ ହାଇକୋର୍ଟ ଖାରଜ କରିଛନ୍ତି। ଏହି ଜନସ୍ୱାର୍ଥ ମାମଲା ଦାୟରର ଆଧାର ଭ୍ରମାତ୍ମକ ବୋଲି ହାଇକୋର୍ଟ କହିଛନ୍ତି। ଆବେଦନକାରୀ ଜଣେ ଆଇନଜୀବୀ ହୋଇଥିବା ବେଳେ ଆଗକୁ ସେ ବାସ୍ତବ ଦାବି ଉଠାଇବେ ଓ ଏପରି ଅଯଥା ମୋକଦ୍ଦମାରେ ସଂପୃକ୍ତ ହେବେନାହିଁ ବୋଲି ହାଇକୋର୍ଟ କହିଛନ୍ତି। ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଚିତ୍ତରଞ୍ଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ଏଲିନା ଦାସଙ୍କ ତରଫରୁ ଦାୟର ଜନସ୍ୱାର୍ଥ ମାମଲାର ଶୁଣାଣି କରି ଏପରି ରାୟ ପ୍ରଦାନ କରିଛନ୍ତି।

### ସଂସଦୀୟ କାର୍ଯ୍ୟରେ ଅସାଧାରଣ ଦକ୍ଷତା

# ‘ସଂସଦରତ୍ନ ପୁରସ୍କାର’ ଗ୍ରହଣକଲେ ଡକ୍ଟର ମହତାବ




**ନୂଆଦିଲ୍ଲୀ,(ପିପିଏସ୍):** ବର୍ଷ-୨୦୨୬ ପାଇଁ ସମ୍ମାନଜନକ ‘ସଂସଦରତ୍ନ ପୁରସ୍କାର’ ପ୍ରଦାନ କରାଯାଇଛି। ନୂଆଦିଲ୍ଲୀର ଡକ୍ଟର ଆମ୍ବେଦକର ଇଣ୍ଟରନ୍ୟାସନାଲ ସେଣ୍ଟରଠାରେ ସୁପ୍ରିମ୍‌କୋର୍ଟର ପୂର୍ବତନ ପ୍ରଧାନ ବିଚାରପତି ଜଷ୍ଟିସ୍ ବି. ଆର୍. ଗାଭାଇ, କେନ୍ଦ୍ରମନ୍ତ୍ରୀ କିଷନ ରେଡ୍ଡୀ ଏବଂ ଡ. ସୁକାନ୍ତ ମଜୁମଦାର ୧୨ଜଣ ସାଂସଦ ଏବଂ ୪ସଂସଦୀୟ କମିଟିକୁ ପୁରସ୍କୃତ କରିଛନ୍ତି। ସେଥିମଧ୍ୟରୁ କଟକ ସାଂସଦ ଡକ୍ଟର ଭର୍ତ୍ତୃହରି ମହତାବଙ୍କ ଅଧ୍ୟକ୍ଷତାରେ ଗଠିତ ଅର୍ଥ କମିଟି, ଚରଣଜିତ ସିଂହ ଚନ୍ନୀଙ୍କ ଅଧ୍ୟକ୍ଷତାରେ ଗଠିତ କୃଷି କମିଟି, ସପ୍ତଗିରି ଶଙ୍କର ଉଲାକାଙ୍କ ଅଧ୍ୟକ୍ଷତାରେ ଗଠିତ ଗ୍ରାମୀଣ ବିକାଶ ଓ ପଞ୍ଚାୟତିରାଜ କମିଟି ଏବଂ ଅନୁରାଗ ଠାକୁରଙ୍କ ଅଧ୍ୟକ୍ଷତାରେ ଗଠିତ କୋଇଲା ଓ ଖଣି କମିଟି ପୁରସ୍କୃତ ହୋଇଛି। ସଂସଦୀୟ କାର୍ଯ୍ୟରେ ଅସାଧାରଣ ଦକ୍ଷତା ପ୍ରଦର୍ଶନ ପାଇଁ କଟକ ସାଂସଦ ଡକ୍ଟର ମହତାବ ୫ଥର ‘ସଂସଦରତ୍ନ’ ପୁରସ୍କାର ଗ୍ରହଣ କରିସାରିଛନ୍ତି। ପୂର୍ବରୁ ୨୦୧୭ରୁ ୨୦୨୦ପର୍ଯ୍ୟନ୍ତ ଲଗାତାର ୪ବର୍ଷ ପାଇଁ ତାଙ୍କୁ ଏହି ମର୍ଯ୍ୟାଦାଜନକ ପୁରସ୍କାର ପ୍ରଦାନ କରାଯାଇଥିଲା। ୨୦୨୫ରେ ସେ ପୁନଃ ପୁରସ୍କୃତ ହୋଇଥିଲେ। ତେବେ ଅର୍ଥ ଷ୍ଟାଣ୍ଡିଂକମିଟି ଭଳି ସଂସଦର ପ୍ରମୁଖ କମିଟିର ନେତୃତ୍ୱ ନେଇ ଶ୍ରୀ ମହତାବ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ସହ ଦେଶର ଅର୍ଥନୀତିକ ସଂସ୍କାରକ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଛନ୍ତି। ସଂସଦରତ୍ନ ପୁରସ୍କାର ଗ୍ରହଣ କରିବା ପରେ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି। ରାଜ୍ୟପାଇଁ ଏହା ଗର୍ବର ମୁହୂର୍ତ୍ତ ବୋଲି ବହୁ ବିଶିଷ୍ଟ ବ୍ୟକ୍ତି ମତବ୍ୟକ୍ତ କରିଛନ୍ତି। ଜୁରି କମିଟି ମଇମାସରେ ସଂସଦରତ୍ନ ପୁରସ୍କାର -୨୦୨୬ ପାଇଁ ୧୦ଜଣ ଲୋକସଭା ସାଂସଦ, ୨ଜଣ ରାଜ୍ୟସଭା ସାଂସଦ ଏବଂ ୪ ସଂସଦୀୟ ସ୍ଥାୟୀ କମିଟିକୁ ଚୟନ କରିଥିଲା।

**ଅର୍ଥ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ ଭାବରେ ଉଲ୍ଲେଖନୀୟ କାର୍ଯ୍ୟ**

‘ସଂସଦରତ୍ନ ପୁରସ୍କାର’ ଏକ ଅଣ-ସରକାରୀ ପୁରସ୍କାର; ଯାହା ଚେନ୍ନାଇସ୍ଥିତ ପ୍ରାଇମ୍ ପଏଣ୍ଟ ଫାଉଣ୍ଡେସନ୍ ଦ୍ୱାରା ପୂର୍ବତନ ରାଷ୍ଟ୍ରପତି ଡକ୍ଟର ଏ.ପି.ଜେ ଅବଦୁଲ କଲାମଙ୍କ ପରାମର୍ଶରେ ୨୦୧୦ରେ ସ୍ଥାପିତ ହୋଇଥିଲା। ବ୍ୟକ୍ତିଗତ ବର୍ଗରେ ଜଗଦମ୍ବିକା ପାଲ୍ (ଉତ୍ତର ପ୍ରଦେଶ), ପି.ପି. ଚୌଧୁରୀ (ରାଜସ୍ଥାନ), ନିଶିକାନ୍ତ ଦୁବେ (ଝାଡ଼ଖଣ୍ଡ) ଏବଂ ଡକ୍ଟର ଶ୍ରୀକାନ୍ତ ଏକନାଥ ସିନ୍ଦେ(ମହାରାଷ୍ଟ୍ର) ପ୍ରମୁଖ ପୁରସ୍କୃତ ହୋଇଛନ୍ତି।

ଶିଳ୍ପାୟନରୁ ସମୃଦ୍ଧି, ପୁଞ୍ଜିରୁ ଅଭିବୃଦ୍ଧି
ODISHA NEW OPPORTUNITIES
ରାଜ୍ୟ ସରକାରଙ୍କ ଦୃଢ଼ସଂକଳ୍ପ
ଓଡ଼ିଶା ଏବେ ନିବେଶର ବିକଳ୍ପ
ସୁଦୃଢ଼ ଆର୍ଥିକ ସମ୍ପର୍କ • ନିବେଶ
• ମାନୁଫ୍ୟାକଚରିଂ • ଭିତ୍ତିଭୂମି • ଶକ୍ତି
• ଏମର୍ଜିଂ ଇଣ୍ଡଷ୍ଟ୍ରିଜ୍ କ୍ଷେତ୍ରରେ ଭାଗିଦାରୀ
ବଢ଼ିବ ନିଯୁକ୍ତି
ତେଜୁଛି ଆଶା,
ଦୁବାଇ ଦେଉଛି
ନୂଆ ଭରସା
ODISHA
INVESTORS' MEET | UAE 2026
ୟୁଏଇର
ନିବେଶକଙ୍କୁ
ଓଡ଼ିଶାରେ ସୁଯୋଗ
ଅନ୍ୱେଷଣ ଏବଂ
ପୁଞ୍ଜିନିବେଶ
କରିବାକୁ ଆମନ୍ତ୍ରଣ





@CMO.Odisha | @CMO_Odisha




## କଳା ସେଓ



**ସେ**ଓ ଶରୀର ପାଇଁ ବେଶ୍ ଉପକାରୀ। ଡାକ୍ତର ଏହାକୁ ପ୍ରତିଦିନ ନିଜ ଖାଦ୍ୟ ତାଲିକାରେ ସାମିଲ କରିବାକୁ ପରାମର୍ଶ ଦିଅନ୍ତି। ତେଣୁ ବଜାରରେ ସେଓ ସବୁବେଳେ ମିଳିଥାଏ। ଲାଲ, ସବୁଜ ରଙ୍ଗର ସେଓ ତ ସମସ୍ତେ ଦେଖିଥିବେ। ହେଲେ କେବେ କଳାରଙ୍ଗର ସେଓ ଦେଖିଛନ୍ତି। ଭାବୁଥିବେ କଳାରଙ୍ଗର ସେଓ କ'ଣ ସତରେ ଅଛି ! ବାସ୍ତବରେ ଏହି ରଙ୍ଗର ସେଓ ଅଛି। ଆଉ ଏହା 'ବ୍ଲାକ ଡାଇମଣ୍ଡ' ଆପଲ୍ ନାମରେ ପରିଚିତ। ଏହା କେବଳ ତିବ୍ବତର ପାହାଡିଆ ଅଞ୍ଚଳରେ ଫଳିଥାଏ। ଏହା ଅନ୍ୟ ସେଓ ଅପେକ୍ଷା ଅଧିକ ମହଙ୍ଗା। ହୁଆ ନିଉ ପ୍ରଜାତିର ଏହି ସେଓ ପ୍ରକୃତରେ ଗାଢ ବାଇଗଣୀ ରଙ୍ଗର। କିନ୍ତୁ ଏହା କଳା ସେଓ ପରି ଲାଗେ ଓ ଏହା ଦେଖିବାକୁ ବେଶ୍ ସୁନ୍ଦର। ଏଥିରେ ଥିବା ଆଣ୍ଟି ବ୍ୟାକ୍ଟେରିଆଲ ତତ୍ୱ ଶରୀର ପାଇଁ ବେଶ୍ ଉପକାରୀ। ଏହାକୁ ନିୟମିତ ସେବନ କଲେ ଫଙ୍ଗାଲ ଇନଫେକ୍ସନରୁ ସୁରକ୍ଷା ମିଳେ, ରୋଗ ପ୍ରତିରୋଧକ ଶକ୍ତି ବଢେ। ତା'ସହ ଶରୀରର ହାନିକାରକ କୋଲେଷ୍ଟୋରାଲର ମାତ୍ରା ନିୟନ୍ତ୍ରଣରେ ରହେ। ଯଦ୍ୱାରା ହୃଦ୍ଘାତର ଆଶଙ୍କା ବି କମିଯାଏ। ଏଥିରେ ଭିଟମିନ ଏ ପ୍ରଚୁର ମାତ୍ରାରେ ଥାଏ, ଯାହାକି ଦୃଷ୍ଟିଶକ୍ତି ବୃଦ୍ଧି କରିବା ସହ ଆଖିର ବିଭିନ୍ନ ରୋଗକୁ ବି ଦୂର କରେ। ଏହାର ସେବନ ଦ୍ୱାରା ମସ୍ତିସ୍କ ଓ ତ୍ୱଚା ବି ସୁସ୍ଥ ରହେ।

## ଉପକାରୀ ସ୍ନେକ୍ ପ୍ଲାଣ୍ଟ



**ସ୍ନେ**କ୍ ପ୍ଲାଣ୍ଟ, ବହୁଳ ବ୍ୟବହୃତ ଇନଡୋର ପ୍ଲାଣ୍ଟ। ଏହା ଏୟାର ପ୍ୟୁରିଫାୟର୍ ପ୍ଲାଣ୍ଟ ହେବା ସହ ଘର ଭିତରେ ଖୁବ୍ କମ୍ ଯତ୍ନରେ ଦୀର୍ଘଦିନ ଧରି ବଞ୍ଚତ୍ ରହିଥାଏ। ଏହି ଗଛର ବୃଦ୍ଧି ପାଇଁ ବେଶି ପାଣି ଆବଶ୍ୟକ ହୁଏ ନାହିଁ। ମୁଖ୍ୟତଃ ଘରର ସାଜସଜ୍ଜା ପାଇଁ ଏହାକୁ ବ୍ୟବହାର କରାଯାଇଥାଏ। ଏହା କେବଳ ଘରର ସୌନ୍ଦର୍ଯ୍ୟ ବୃଦ୍ଧିକରେ ତାହା ନୁହେଁ, ଘରର ବାସ୍ତୁ ସମସ୍ୟାକୁ ମଧ୍ୟ ଠିକ୍ କରିବାରେ ଅନେକ ସାହାଯ୍ୟ କରିଥାଏ ବୋଲି ବାସ୍ତୁଶାସ୍ତ୍ରରେ ଉଲ୍ଲେଖ ରହିଛି। ଯେମିତିକି: ଏହା ଘର ଭିତରର ବାୟୁକୁ ଶୁଦ୍ଧ କରିବା ସହ ଅକ୍ସିଜେନ୍ ଲେଭଲକୁ ବଢ଼ାଇ ଦେଇଥାଏ। ଘରକୁ ସୁଖ, ଶାନ୍ତି ଆଣିବା ସହ ସମୃଦ୍ଧିର ମାର୍ଗ ଖୋଲି ଦେଇଥାଏ। ତା'ସହ ଘରକୁ ପ୍ରବେଶ କରୁଥିବା ନକାରାତ୍ମକ ଊର୍ଜାକୁ ନଷ୍ଟ କରିବାରେ ବି ଏହା ଅନେକ ସାହାଯ୍ୟ କରିଥାଏ। କେବଳ ସେତିକି ନୁହେଁ, ସ୍ନେକ୍ ପ୍ଲାଣ୍ଟ କ୍ୟାନ୍ସର ସୃଷ୍ଟି କରୁଥିବା ପ୍ରଦୂଷଣକୁ ମଧ୍ୟ ବାୟୁମଣ୍ଡଳରୁ ନଷ୍ଟ କରିବାରେ ସହାୟକ ହୋଇଥାଏ। ଅନ୍ୟପକ୍ଷେ ଶରୀରର କୌଣସି ସ୍ଥାନ କୁଣ୍ଡାଇ ହେଉଥିଲେ କିମ୍ବା ଫୁଲିଯାଇଥିଲେ, ସେହି ସ୍ଥାନରେ ଏହି ଗଛର ପତ୍ରକୁ ବାଟି ଲେପ ଦେଲେ ଅନେକାଂଶରେ ଉପକାର ମିଳିଥାଏ ବୋଲି ବିଶ୍ୱାସ ରହିଛି।

## ଆଜିର ରାଶିଫଳ

**ମେଷ** — ଯେଉଁ କାର୍ଯ୍ୟରେ ହାତ ଦେବେ ସେଥିରେ ବିଫଳ ହେବେ। କର୍ମକ୍ଷେତ୍ରରେ ପରିଶ୍ରମ ତୁଳନାରେ ପାରିଶ୍ରମିକ କମ୍ ପାଇବେ। ମିତ୍ରମାନେ ଶତ୍ରୁଭଳି ଆଚରଣ କରିବେ। ପ୍ରତିକାର- ଶ୍ରୀହନୁମାନ ଚାଳିଶା ସାତ ଥର ପାଠ କରନ୍ତୁ।

**ବୃଷ** — କୌଣସି ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗ ଦେଇ ପାରନ୍ତି। ପରିବାରରେ ସନ୍ତାନମାନେ ଶୃଙ୍ଖଳିତ ତଥା ଆଜ୍ଞାଧୀନ ହେବେ। ବ୍ୟବସାୟ ବାଣିଜ୍ୟରେ ଆୟ ବଢ଼ିବ।

**ମିଥୁନ** — ବନ୍ଧୁ ମିତ୍ରଙ୍କର ସହଯୋଗ, ପ୍ରେରଣା ଓ ଆର୍ଥିକ ସହାୟତାରେ ନୂତନ ପନ୍ଥା ଅନୁସରଣ କରିବେ। ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ନେଇ ମାନସିକ ଚିନ୍ତା ବୃଦ୍ଧି ପାଇପାରେ।

**କର୍କଟ** — ପାରିବାରିକ ଓ ଦାମ୍ପତ୍ୟଜୀବନ ସୁଖମୟ ହେବ। ବହୁଦିନର ଆଶା ପୂରଣ ହେବ। ଛାତ୍ରଛାତ୍ରୀମାନେ ଶିକ୍ଷା କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିବେ। ପ୍ରେମୀମାନେ ନିଜର ସାଥୀଙ୍କୁ ଉପହାର ଦେବେ। ସୁଷମ ଖାଦ୍ୟ ଖାଆନ୍ତୁ।

**ସିଂହ** — ଶରୀର ସୁସ୍ଥ ଓ ମନ ପ୍ରଫୁଲ୍ଲ ରହିବ। ଉତ୍ତମ ଭୋଜନ ପ୍ରାପ୍ତିହେବ। ପ୍ରତ୍ୟେକଟି କାର୍ଯ୍ୟରେ ସଫଳତା ହାସଲ କରିବେ। କୌଣସି ନୂତନ ସ୍ଥାନକୁ ଯାତ୍ରା କରିବାର ଯୋଗ ରହିଛି।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଯୋଗ୍ୟ ବିବେଚିତ ହେବେ। ମହିଳାମାନେ ଆନନ୍ଦ ଉଲ୍ଲାସରେ ଦିନ କାଟିବେ। ଗାଡ଼ି ଚଳାଇ ଗଲା ବେଳେ ସତର୍କତା ଅବଲମ୍ବନ କରନ୍ତୁ। ପ୍ରତିକାର- ଶ୍ରୀ ବିଷ୍ଣୁଙ୍କୁ ୧୧ଟି ତୁଳସୀ ମଞ୍ଜରୀ ଅର୍ପଣ କରନ୍ତୁ।

**ତୁଳା** — ନିଜ ମନ ପସନ୍ଦର କାମ କରିବାକୁ ସୁଯୋଗ ପାଇବେ। କର୍ମକ୍ଷେତ୍ରରେ ମାନସମ୍ମାନ ପ୍ରାପ୍ତି ହେବ। ବସ୍ତ୍ର ଓ ଅଳଙ୍କାର ଜାତୀୟ ବ୍ୟବସାୟରେ ଭଲ ଲାଭ ପାଇବେ।

**ବିଛା** — ମହିଳାମାନେ ଗୃହ କାର୍ଯ୍ୟରେ ବ୍ୟସ୍ତ ରହିବେ। ସପରିବାରେ କୌଣସି ଦର୍ଶନୀୟ ସ୍ଥାନ ଭ୍ରମଣରେ ଯାଇପାରନ୍ତି। ଗବେଷଣା କରୁଥିବା ଛାତ୍ରଛାତ୍ରୀମାନେ ସଫଳତା ପାଇବେ।

**ଧନୁ** — ଆଳସ୍ୟ ଓ ଅବହେଳା ଯୋଗୁଁ ସୁଯୋଗ ହାତଛଡ଼ା ହୋଇଯିବ। ସାମାନ୍ୟ କଥାକୁ ନେଇ ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେବ। କର୍ମକ୍ଷେତ୍ରରେ କାର୍ଯ୍ୟଭାର ବୃଦ୍ଧି ହେତୁ କ୍ଳାନ୍ତି ଅନୁଭବ କରିବେ।

**ମକର** — ବକେୟା ଅର୍ଥକୁ ନେଇ ଯୁକ୍ତିତର୍କ ଓ ମତଭେଦ ଦେଖାଦେଇପାରେ। ଶରୀରର କୌଣସି ଅଙ୍ଗରେ ଆଘାତ ଲାଗିବାର ସମ୍ଭାବନା ରହିଛି। ବ୍ୟବସାୟରେ ଆଶାନୁରୂପ ଲାଭ ମିଳିବ ନାହିଁ।

**କୁମ୍ଭ** — ଉପସ୍ଥିତ ବୁଦ୍ଧି ବଳରେ ସମସ୍ୟାର ସରଳ ସମାଧାନ କରିବେ। ମହିଳାମାନେ ଜନକଲ୍ୟାଣ କାର୍ଯ୍ୟରେ ଯୋଗଦେଇ ପ୍ରଶଂସିତ ହେବେ। କୌଣସି ଅନୁଷ୍ଠାନ ତରଫରୁ ସମ୍ମାନିତ ହେବାର ସମ୍ଭାବନା ରହିଛି।

**ମୀନ** — ରାଜନେତାମାନେ ସମାଜରେ ଆଦରଣୀୟ ହେବେ। ଗୁପ୍ତଶତ୍ରୁମାନେ ପରାଜିତ ହେବେ। ଫଳରେ ମନରେ ଶାନ୍ତି ଦେଖାଦେବ। ନିର୍ମାଣାଧୀନ କାର୍ଯ୍ୟକୁ ଶେଷ ପର୍ଯ୍ୟାୟରେ ପହଞ୍ଚାଇବେ।

## ରିଲ୍ସ ମାନିଆ



**ବ**ର୍ତ୍ତମାନ ବିଭିନ୍ନ ସୋସିଆଲ୍ ମିଡିଆରେ ଟ୍ରେଣ୍ଡ କରୁଛି ରିଲ୍ସ; ଯାହାକି ନା କେବଳ ସଭିଙ୍କୁ ଯୋଗାଉଛି ଭରପୂର ମନୋରଞ୍ଜନର ଖୋରାକ ବରଂ ଅଭିନୟ ପ୍ରତି ରୁଚି ରଖୁଥିବା ଲୁକ୍କାୟିତ ପ୍ରତିଭାମାନଙ୍କୁ ଦେଉଛି ଲୋକଲୋଚନକୁ ଆସିବାର ସୁଯୋଗ। ଏହାର ସବୁଠୁ ଅଧିକ ଫାଇଦା ଉଠାଉଛନ୍ତି ଯୁବପିଢ଼ି। ତେବେ ଅପରପକ୍ଷେ ଏହି ରିଲ୍ସ ମଧ୍ୟ କାହାର ସମୟ ନଷ୍ଟ କରୁଥିବା ବେଳେ ଆଉ କାହା ଲାଗି ସାଜୁଛି ଘାତକ... ବର୍ତ୍ତମାନ ସୋସିଆଲ୍ ମିଡିଆରେ ରାଜ୍ କରୁଛି ରିଲ୍ସ ଭିଡିଓ। ବଛା ବଛା ଫିଲ୍ମ ଡାଇଲଗ୍, ସଙ୍ଗ୍ ହେଉ ଅବା କମେଡ଼ିରେ ନିଜର ରିଲ୍ସ ପ୍ରସ୍ତୁତ କରି ଅଧିକରୁ ଅଧିକ ଲାଇକ୍ ଏବଂ କମେଣ୍ଟ ପାଇବାକୁ ନେଇ ଚାଲିଛି ଯେମିତି କମ୍ପିଟିଶନ୍। ତେବେ ଏହା ଦ୍ୱାରା କେହି କେହି ଉପକୃତ ହେଉଥିବା ବେଳେ କେତେକଙ୍କ ପାଇଁ ଏହା ସାଜୁଛି ମୁଣ୍ଡବିନ୍ଧାର କାରଣ...

**ମନୋରଞ୍ଜନର ଭରପୂର ଖୋରାକ:** ବର୍ତ୍ତମାନ ସଭିଙ୍କ ହାତରେ ସ୍ମାର୍ଟ ଫୋନ୍। ଯାହାର ବ୍ୟବହାର କେବଳ କଥାବାର୍ତ୍ତାରେ ସୀମିତ ନାହିଁ ବରଂ ଏହା ପାଲଟିଛି ମନୋରଞ୍ଜନର ସବୁଠୁ ବଡ଼ ମାଧ୍ୟମ। ବିଶେଷକରି ସୋସିଆଲ୍ ସାଇଟରେ ଟ୍ରେଣ୍ଡ କରୁଥିବା ଶର୍ଟ ଭିଡିଓ ଅବା ରିଲ୍ସ ଏବେ ସଭିଙ୍କୁ ଯୋଗାଉଛି ମନୋରଞ୍ଜନର ଭରପୂର ଖୋରାକ।

**ସଭିଙ୍କୁ ମିଳୁଛି ସୁଯୋଗ:** ଅଭିନୟ ପ୍ରତି ଅନେକଙ୍କର ରୁଚି ରହିଛି। ହେଲେ କେବେ ସୁବିଧା ସୁଯୋଗର ଅଭାବ ତ ଆଉ କେବେ ସମୟ ଏବଂ ପରିସ୍ଥିତି ଯୋଗୁ ଅନେକଙ୍କୁ ନିଜ କଳାକୁ ଲୋକଲୋଚନରେ ପ୍ରଦର୍ଶନ କରିବାର ମଉକା ମିଳି ନ ଥାଏ। ହେଲେ ଏବେ ଅନେକଙ୍କର ଏହି ଇଚ୍ଛାକୁ ପୂରଣ କରିଛି ରିଲ୍ସ। ଯାହାଦ୍ୱାରା ବିନା କାହାରି ସାହାଯ୍ୟରେ ନିଜ ଫୋନରେ ଘରେ ଥାଇ ମଧ୍ୟ ଅନେକେ ବିଭିନ୍ନ ରିଲ୍ସ ପ୍ରସ୍ତୁତ କରି ଇନ୍ଷ୍ଟାଗ୍ରାମ୍, ଫେସ୍‌ବୁକ୍ ଭଳି ସୋସିଆଲ୍ ମିଡିଆରେ ପୋଷ୍ଟ କରି ସାଉଁଟୁଛନ୍ତି ପ୍ରଶଂସା।

**ଦେଉଛି ପରିଚୟ:** ବର୍ତ୍ତମାନ ଅଭିନୟ ପ୍ରତି ରୁଚି ରଖୁଥିବା ଅନେକ ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣିବାର ଏକ ଭଲ ମାଧ୍ୟମ ପାଲଟିଛି ରିଲ୍ସ। ଫଳରେ ସେମାନେ ବିଭିନ୍ନ ମୁଭି ଡାଇଲଗଠୁ ଆରମ୍ଭ କରି ସଙ୍ଗ୍, କମେଡ଼ି କିମ୍ବା ଅନ୍ୟାନ୍ୟ କଣ୍ଟେଣ୍ଟକୁ ନେଇ ରିଲ୍ସ ପ୍ରସ୍ତୁତ କରି ସୋସିଆଲ୍ ମିଡିଆରେ ନିଜର ପରିଚୟ ସୃଷ୍ଟି କରିବାରେ ସକ୍ଷମ ହୋଇ ପାରୁଛନ୍ତି।

**ଜାଣି ରଖନ୍ତୁ:**

**ରହୁ ଶାଳିନତା:** ଯଦିଓ ରିଲ୍ସ ଭିଡିଓ ଅନେକଙ୍କ ମନୋରଞ୍ଜନ କରାଉଛି, ହେଲେ ଏଥିରେ କେତେଜଣ ଅଧିକ ଲାଇକ୍ କମେଣ୍ଟ ପାଇବା ଆଶାରେ ବିଭିନ୍ନ ଅଶ୍ଳୀଳ ଭିଡିଓ କିମ୍ବା ସମ୍ବେଦନଶୀଳ ଭିଡିଓ ପୋଷ୍ଟ କରିବାକୁ ବି ପଛାଉ ନାହାନ୍ତି। ଯେହେତୁ ସୋସିଆଲ ମିଡିଆ ପିଲାଠୁ ବୃଦ୍ଧ ପର୍ଯ୍ୟନ୍ତ ପ୍ରତ୍ୟେକ ବର୍ଗର ଲୋକେ ବ୍ୟବହାର କରୁଛନ୍ତି, ତେଣୁ ରିଲ୍ସ ପ୍ରସ୍ତୁତକାରୀ ଶାଳିନତା ରକ୍ଷା କରିବା ଆବଶ୍ୟକ। ଏହା ବ୍ୟତୀତ ଏଭଳି ଭିଡିଓ ଉପରେ ରୋକ ଲଗାଇବା ଲାଗି କିଛି ଗାଇଡଲାଇନ୍ ମଧ୍ୟ ରହିବା ଜରୁରୀ।

**ସୁରକ୍ଷାକୁ ଦିଅନ୍ତୁ ଗୁରୁତ୍ୱ:** ସଭିଙ୍କଠାରୁ ଭିନ୍ନ ରିଲ୍ସ ବା ୟୁନିକ୍ ଭିଡିଓ କରିବା କେଜ୍ ଜଣ ଜଣଙ୍କଠାରେ ଏତେ ଅଧିକ ଯେ, ଏଥିପାଇଁ ସେମାନେ ନିଜ ଜୀବନକୁ ବି ବିପଦରେ ପକାଇବାକୁ ବି ପଛାଉ ନାହାନ୍ତି। ରିଲ୍ସ ଶୁଟିଂ କରିବା ବେଳେ ପାଣିରେ ଗୋଡ଼ଖସି, ଟ୍ରେନ୍ ଧକ୍କା, ଛାତରୁ ଖସିପଡ଼ିବା ଆଦି ଦୁର୍ଘଟଣା ଘଟି କେତେକଙ୍କ ଜୀବନ ହାନି ହୋଇଥିବାର ବି ନଜିର ରହିଛି। ତେଣୁ ଭିଡିଓ ଶୁଟିଂ ବେଳେ ସୁରକ୍ଷା ପ୍ରତି ସଜାଗ ରହିବା ସବୁଠୁ ଗୁରୁତ୍ୱପୂର୍ଣ୍ଣ।

**ନ ହେଉ ସମୟ ନଷ୍ଟ:** ବର୍ତ୍ତମାନ ଇନ୍ଷ୍ଟାଗ୍ରାମ୍, ହ୍ୱାଟ୍ସଆପ୍, ଫେସ୍‌ବୁକ୍ ଷ୍ଟାଟସ୍ ହେଉ କି ୟୁଟ୍ୟୁବ୍ ସବୁ ଖୋଲିବାମାତ୍ରେ ପ୍ରଥମେ ଦେଖିବାକୁ ମିଳୁଛି ରିଲ୍ସ। ବର୍ତ୍ତମାନ ଏହା ଏତେ ମାତ୍ରାରେ ବଢ଼ିବାରେ ଲାଗିଛି ଯେ, ଏହାକୁ କରିବାର ନିଶାରେ ଯୁବପିଢ଼ି ପାଠପଢ଼ା, କ୍ୟାରିୟର୍ ତଥା ଅନ୍ୟ ଜରୁରୀ କାର୍ଯ୍ୟ ପଛରେ ପକାଇ ଏହା ପିଛାରେ ଅଧିକ ସମୟ ନଷ୍ଟ କରୁଛନ୍ତି। ଆଉ ନିଜ ଭିଡିଓକୁ ବିଭିନ୍ନ ସୋସିଆଲ୍ ସାଇଟରେ ଛାଡ଼ି ଅନ୍ୟମାନଙ୍କ ସମୟ ବି ନଷ୍ଟ କରିବାକୁ ପଛାଉ ନାହାନ୍ତି। ତେଣୁ ରିଲ୍ସ କରିବାକୁ ରୁଚି ରଖୁଥିଲେ ଭଲ କଣ୍ଟେଣ୍ଟ ବାଛନ୍ତୁ ଏବଂ ଏହାଦ୍ୱାରା ଯେପରି ନିଜର କିମ୍ବା ଅନ୍ୟର ଅଯଥା ସମୟ ନଷ୍ଟ ନ ହୁଏ ସେଥିପ୍ରତି ଧ୍ୟାନ ଦିଅନ୍ତୁ।

## ଆପଣ ବି ଜିରା ପାଣି ପିଉଛନ୍ତି କି ?



**ଜି**ରା ପ୍ରତ୍ୟେକ ରୋଷେଇ ଘରେ ବ୍ୟବହୃତ ହେଉଥିବା ଏକ ସାଧାରଣ ମସଲା। ଡାଲମା ହେଉ କି ତରକାରୀ ସବୁଥିରେ ବ୍ୟବହାର ହୋଇଥାଏ ଜିରା । ହେଲେ ଆପଣ ଜାଣନ୍ତିକି ଏହା କେବଳ ଖାଦ୍ୟରସ୍ୱାଦ ବଢାଇ ନ ଥାଏ ସ୍ୱସ୍ଥ୍ୟ ପାଇଁ ମଧ୍ୟ ବେଶ ଉପକାରୀ । ଜିରା ଅନେକ ସ୍ୱାସ୍ଥ୍ୟପଯୋଗୀ ଗୁଣରେ ଭରପୂର । ଏଥିରେ ଭିଟାମିନ ସି,ଆଣ୍ଟିଅକ୍ସିଡାଣ୍ଟ ରହିଛି। ଯାହା ଆମ ଇମ୍ୟୁନିଟି ସିଷ୍ଟମ ମଜଭୁତ କରି ବିଭିନ୍ନ ରୋଗରୁ ରକ୍ଷା କରିବାରେ ସାହାଯ୍ୟ କରେ । ସେହିପରି ହଜମ ପ୍ରକ୍ରିୟା ଉନ୍ନତ କରିବାଠାରୁ ନେଇ ଓଜନ କମାଇବା, ବ୍ଲଡ ସୁଗାର ସ୍ତର ନିୟନ୍ତ୍ରଣ କରିବା ଯାଏ। ତେଣୁ ପ୍ରତିଦିନ ଜିରା ପାଣି ପିଇବା ଫଳରେ ଏହିଭଳି ଅନେକ ଫାଇଦା ମିଳିଥାଏ । ତେବେ ଆସନ୍ତୁ ଜାଣିବା ଜିରା ପାଣି ପିଇବାଦ୍ୱାରା କଣ ସବୁ ଫାଇଦା ମିଳିଥାଏ। ଜିରା ପାଣି ହଜମ ପ୍ରକ୍ରିୟାରେ ସାହାଯ୍ୟ କରେ । ଏହା ଶରୀର ଖାଦ୍ୟ ହଜମ ସହଜ କରିବା ସହ ଏଥିରୁ ଭଲ ପୋଷକ ତତ୍ତ୍ୱ ଅବଶୋଷିତ କରିବାରେ କାମ କରେ । ଗ୍ୟାସ୍ ପାଇଁ ପେଟ ଫୁଲିଲେ କିମ୍ବା ଅସହଜ ଅନୁଭବ କରିଥିଲେ ଜିରା ପାଣି ପିଇବା ଦ୍ୱାରା ଏହି ସମସ୍ୟା ଦୂର ହୋଇଥାଏ । ସେହିପରି ଜିରା ପାଣି ମେଟାବୋଲିଜିମ ବୃଦ୍ଧି କରେ, ଯାହା କ୍ୟାଲୋରୀ ବର୍ଣ୍ଣ କରିବାରେ ସାହାଯ୍ୟ କରେ ଓ ଭୋକ ନିୟନ୍ତ୍ରଣ କରେ । ଜିରା ପାଣିରେ ଆଣ୍ଟିଅକ୍ସିଡାଣ୍ଟ ଓ ଭିଟାମିନ ଏ, ସି, କପର ଓ ମାଙ୍ଗାନିଜ ରହିଛି, ଏହା ଫ୍ୟାଟକୁ ଭାଙ୍ଗି ଓ ଭଲ ବ୍ୟାକ୍ଟେରିଆ ବଢାଇ ଓଜନ କମାଇବାରେ ସାହାଯ୍ୟ କରେ । ତେଣୁ ଓଜନ ନିୟନ୍ତ୍ରଣ କରିବାକୁ ଚାହୁଁଥିବା ଲୋକଙ୍କ ପାଇଁ ଜିରା ପାଣି ଏକ ଭଲ ଘରୋଇ ଉପାୟ । ଜିରା ପାଣି ପିଇବା ଦ୍ୱାରା ଶରୀରରେ ଖରାପ କୋଲେଷ୍ଟ୍ରଲ କମ୍ ହୋଇଥାଏ । ଏହା ରକ୍ତଚାପ ନିୟନ୍ତ୍ରଣରେ ରଖିବା ସହ ରକ୍ତ ବାହିକାକୁ ଆରାମ ଦିଏ । ଯାହାର ଅର୍ଥ ହୃଦୟ ଉପରେ ଚାପ କମ୍ ହୁଏ । ଜିରା ପାଣି ଆଣ୍ଟିଅକ୍ସିଡାଣ୍ଟ ଗୁଣରେ ଭରପୂର ଥିବାରୁ ଏହା ଆପଣଙ୍କ ତ୍ୱଚା ଓ କେଶ ସୁସ୍ଥ ରଖିବାରେ ସାହାଯ୍ୟ କରେ । ଏଥିରେ ଥିବା ଭିଟାମିନ ଓ ମିନେରାଲ ତ୍ୱଚାରେ ଗ୍ଲୋ ଆଣେ ଓ କେଶ ମଜଭୁତ କରେ । ଏଥିସହ ଏହା ନ୍ୟାଚୁରାଲ ଡିଟକ୍ସିଫାୟର ଭାବେ କାମ କରେ । ସେହିପରି ବ୍ଲଡ ସୁଗାର ନିୟନ୍ତ୍ରଣ କରିବାରେ ଇନସୁଲିନ ସାହାଯ୍ୟ କରେ । ଜିରା ପାଣି ଆପଣଙ୍କ ଶରୀରର କୋଷିକାଗୁଡିକୁ ଇନସୁଲିନ ପ୍ରତି ଅଧିକ ସମ୍ବେଦନଶୀଳ କରେ ଯାହାକି ଭଲ । ଏହା ଆପଣଙ୍କ ବ୍ଲଡ ସୁଗାର ସ୍ଥିର ରଖେ ଏବଂ ଯେପରି ଇନସୁଲିନ ଭଲ ଭାବେ ଉପଯୋଗ ହେବ ସେନେଇ କାର୍ଯ୍ୟ କରେ । ସେହିପରି ଜିରା ପାଣି ଆଇରନରେ ଭରପୂର ଥିବାରୁ ଏନିମିଆ ରୋଗୀଙ୍କ ପାଇଁ ଭଲ । ଏହା ହିମୋଗ୍ଲୋବିନ ଲେବୁଲ ବଢାଇବାରେ ମଧ୍ୟ ସାହାଯ୍ୟ କରିଥାଏ।

## ସିଝା ମାଛ ଝୋଳ



**ଆବଶ୍ୟକ ସାମଗ୍ରୀ:** ୭୦୦ ଗ୍ରାମ ଭାକୁର ମାଛ, ଦୁଇଟି କଟା ପିଆଜ, ଦୁଇଟି କଟା ଟମାଟୋ, ୩ରୁ ୪ଟି କଟା କଞ୍ଚା ଲଙ୍କା, ଡାଲଚିନି ଏକ ଖଣ୍ଡ, ଗୁଜରାତି ୩ରୁ ୪ଟି, ଅଳେଇଚ ୩ରୁ ୪ଟି, ଗୋଲମରିଚ ଅଧା ଛୋଟ ଚାମଚ, ଅନାସୀଫୁଲ ଓ ଜାୟତ୍ରୀ ଗୋଟିଏ, ୧ ଚାମଚ ଲଙ୍କା ଗୁଣ୍ଡ, ଦୁଇଟି କଟା ପିଆଜ ସଣ୍ଢା, ତେଲ ୩ରୁ ୪ ଚାମଚ, କଟା ଧନିଆପତ୍ର ୧ କପ୍, ଅଦା ରୁସୁଣ ବଟା ୧ ଚାମଚ, ୧ ଇଞ୍ଚ କଟା ଅଦା ଓ ସ୍ୱାଦ ଅନୁସାରେ ଲୁଣ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଭାକୁର ମାଛକୁ କାଟି ଭଲ ଭାବେ ଧୋଇ ଦିଅନ୍ତୁ। ଏହାପରେ କଡ଼େଇରେ ତେଲ ପକାଇ ମାଛକୁ ସେଥିରେ ରଖନ୍ତୁ। ମାଛରେ କଟା ପିଆଜ, କଟା କଞ୍ଚାଲଙ୍କା, ଟମାଟୋ, ଡାଲଚିନି, ଗୁଜରାତି, ଅଳେଇଚ, ଗୋଲମରିଚ, ଅନାସୀଫୁଲ, ଜାୟତ୍ରୀ, ଲଙ୍କାଗୁଣ୍ଡ, ପିଆଜ ସଣ୍ଢା, ସ୍ୱାଦ ଅନୁସାରେ ଲୁଣ ଓ ଅଳ୍ପ ପାଣି ଦେଇ ୧୦ ମିନିଟ୍ ପାଇଁ ଘୋଡାଇ ଦିଅନ୍ତୁ। ଏହାପରେ କଡ଼େଇକୁ ଚୁଲିରେ ବସାଇ ମାଛକୁ ସିଝିବାକୁ ଦିଅନ୍ତୁ। କିଛି ସମୟ ପରେ ଘୋଡଣି ବାହାର କରି ସେଥିରେ ଅଦା ରସୁଣ ବଟା ଗୋଳାନ୍ତୁ ଓ ଆଉ କିଛି ସମୟ ସିଝିବାକୁ ଦିଅନ୍ତୁ। ପରେ ସେଥିରେ କଟା ଅଦା, ଧନିଆ ପତ୍ର ଓ ଅଳ୍ପ ଲଙ୍କାଗୁଣ୍ଡ ପକାଇ ଗୋଳାଇ ଦିଅନ୍ତୁ। ଅନ୍ୟ ଏକ ପାତ୍ରରେ ତେଲ ଗରମ କରି ଏହି ମାଛ ଉପରେ ପକାନ୍ତୁ। ଏହାପରେ ପ୍ରସ୍ତୁତ ହୋଇଯିବା ସିଝା ମାଛ ଝୋଳ।

## ଇମୋଶନାଲ ହୋଇଥିଲେ...



**ସା**ଧାରଣତଃ ପିଲାମାନେ ମନ ଖୋଲି ସବୁ କଥା କହିଦିଅନ୍ତି। କିନ୍ତୁ କିଛି ପିଲା ଅଛନ୍ତି ଯେଉଁମାନେ ଅଧିକ ଭାବପ୍ରବଣତା ଯୋଗୁ ସବୁ ଅନୁଭବକୁ କହିପାରନ୍ତି ନାହିଁ। ଭାବନା ପରିପ୍ରକାଶ ନ ହେଲେ ବେଳେବେଳେ ରାଗିଯାନ୍ତି। ଏଭଳି ପିଲାଙ୍କ ପ୍ରତି ଅଭିଭାବକ ଅଧିକ ଯତ୍ନଶୀଳ ହେବା ଉଚିତ।

– ଭାବପ୍ରବଣ ପିଲାମାନଙ୍କ ପ୍ରତି ଅଧିକ କଠୋର ବ୍ୟବହାର କରିବା ଠିକ୍ ନୁହେଁ। କଡ଼ା ଶାସନ ହୁଏତ ସେମାନଙ୍କୁ ହିଂସ୍ର କିମ୍ବା ଚିଡ଼ିଚିଡ଼ା କରିପାରେ। ଏଭଳି ପିଲାଙ୍କୁ ଅଧିକ ସ୍ନେହ ଦିଅନ୍ତୁ। ସବୁକଥା ସେମାନଙ୍କୁ ଭଲଭାବେ ବୁଝାନ୍ତୁ।

– ଅଧିକ ଇମୋସନାଲ ପିଲାଙ୍କ ପାଇଁ ଅଭିଭାବକମାନେ ଅଧିକ ସମୟ ଦିଅନ୍ତୁ। ଫଳରେ ସେମାନଙ୍କର ଆତ୍ମବିଶ୍ୱାସ ବଢିବା ସହ ସେମାନେ ନିଜକୁ ସୁରକ୍ଷିତ ମନେ କରିଥାନ୍ତି।

– ପିଲାଙ୍କର ସବୁ କଥାକୁ ଭଲଭାବେ ଶୁଣି ବୁଝିବା ପାଇଁ ଚେଷ୍ଟା କରନ୍ତୁ। ସେମାନଙ୍କ ଉପରେ ସବୁବେଳେ ରାଗନ୍ତୁ ନାହିଁ। ପିଲାଙ୍କୁ ଖୁସିରେ ରଖିବା ପାଇଁ ଚେଷ୍ଟା କରନ୍ତୁ। ମଝିରେ ମଝିରେ ପ୍ରଶଂସା ମଧ୍ୟ କରନ୍ତୁ।

– ପିଲା ଯଦି କୌଣସି ବିଷୟରେ କିଛି ନିଷ୍ପତ୍ତି ନେଇଛି ତେବେ ତାହା ଭଲଭାବେ ଶୁଣନ୍ତୁ ଓ ବୁଝନ୍ତୁ। ପିଲାର ନିଷ୍ପତ୍ତିକୁ ପ୍ରଥମେ ପ୍ରଶଂସା କରନ୍ତୁ ଏବଂ ପରେ ତାକୁ ଅନୁଭବ କରାନ୍ତୁ ଯେ ଆପଣ ତା'ର ପ୍ରତ୍ୟେକ ନିଷ୍ପତ୍ତିରେ ତା' ସହ ଅଛନ୍ତି। ଯଦି ବି ପିଲାଙ୍କର କିଛି ନିଷ୍ପତ୍ତି ଭୁଲ୍ ମନେହୁଏ ତେବେ ସଙ୍ଗେ ସଙ୍ଗେ କୁହନ୍ତୁ ନାହିଁ। ନିଷ୍ପତ୍ତି ଭୁଲ୍ ମନେହେଲେ ପରେ ପିଲାଙ୍କୁ ବୁଝାଇ କହି ଦିଅନ୍ତୁ।

## ଅଭିନେତ୍ରୀ ଟୁଲିପ୍ ଯୋଶୀ



**ହି**ନ୍ଦୀ ସିନେମା ଜଗତରେ ଏପରି ଅନେକ ଅଭିନେତ୍ରୀ ଅଛନ୍ତି, ଯେଉଁମାନେ ନିଜର ପ୍ରଥମ ଚଳଚ୍ଚିତ୍ରରୁ ହିଁ ଦର୍ଶକଙ୍କ ହୃଦୟ ଜିତିଥିଲେ। ତେବେ ସମୟ ବିତିବା ସହ ଏମାନଙ୍କ ମଧ୍ୟରୁ କିଛି ଜଣ ଗ୍ଲାମର ଦୁନିଆଠାରୁ ଦୂରେଇ ଯାଇଥିଲେ। ଏମିତି ଜଣେ ଅଭିନେତ୍ରୀ ହେଉଛନ୍ତି ଟୁଲିପ୍ ଯୋଶୀ। ଟୁଲିପ୍ ଯୋଶୀଙ୍କ ଜନ୍ମ ୧୯୭୯ ମସିହା ସେପ୍ଟେମ୍ବର ୧୧ ତାରିଖରେ ମୁମ୍ବାଇରେ ହୋଇଥିଲା। ତାଙ୍କ ପିତା କିଶୋର ଯୋଶୀ ଗୁଜରାଟର ଜଣେ ହିନ୍ଦୁ ହୋଇଥିବା ବେଳେ, ତାଙ୍କ ମାତା ଜାବେଲ ଯୋଶୀ ଆର୍ମେନୀୟ ବଂଶୋଦ୍ଭବ ଖ୍ରୀଷ୍ଟିଆନ ଥିଲେ। ଟୁଲିପ୍ ମୁମ୍ବାଇର ପ୍ରସିଦ୍ଧ ଜମନାବାଈ ନରସୀ ସ୍କୁଲରେ ଶିକ୍ଷା ଗ୍ରହଣ କରିଥିଲେ। ପରେ ସେ ରସାୟନ ବିଜ୍ଞାନରେ ଡିଗ୍ରୀ ହାସଲ କରିଥିଲେ। କଲେଜରେ ପଢୁଥିବା ସମୟରୁ ହିଁ ସେ ବିଜ୍ଞାପନ ଜଗତରେ ପାଦ ରଖିଥିଲେ। ଏହି ଅନୁଭବ ପରବର୍ତ୍ତୀ ସମୟରେ ତାଙ୍କୁ ଅଭିନୟ ଦୁନିଆରେ ପ୍ରବେଶ କରିବାର ସୁଯୋଗ ଦେଇଥିଲା। ଟୁଲିପ୍ ଯୋଶୀଙ୍କ ବଲିଉଡ୍ ଯାତ୍ରା ୨୦୦୨ ମସିହାରେ ମୁକ୍ତିଲାଭ କରିଥିବା 'ମେରେ ୟାର୍ କି ଶାଦି ହୈ' ଚଳଚ୍ଚିତ୍ରରୁ ଆରମ୍ଭ ହୋଇଥିଲା। ଏହି ରୋମାଣ୍ଟିକ୍ କମେଡି ଫିଲ୍ମରେ ସେ ଉଦୟ ଚୋପ୍ରା ଓ ଜିମି ସେରଗିଲ୍‌ଙ୍କ ସହ ଅଭିନୟ କରିଥିଲେ। ଏହି ଭୂମିକା ପାଇଁ ଟୁଲିପ୍ ଅଡିସନ୍ ଦେଇଥିଲେ ଏବଂ ଚୟନ ହୋଇଥିଲେ। ପ୍ରଥମ ଫିଲ୍ମରେ ହିଁ ତାଙ୍କ ଅଭିନୟ ଓ ଚେହେରା ଦର୍ଶକଙ୍କ ନଜରକୁ ଆସିଥିଲା। ଫିଲ୍ମଟି ତାଙ୍କୁ ହିନ୍ଦୀ ସିନେମାରେ ଏକ ପରିଚୟ ଦେବାରେ ସଫଳ ହୋଇଥିଲା।

## ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ



ବ୍ରହ୍ମପୁର(ପିପିଏସ୍): ମହାନଗର ନିଗମର ୨୬ନମ୍ବର ୱାର୍ଡରେ ରହୁଥିବା ୬୦ରୁ ଉର୍ଦ୍ଧ୍ୱ ବାସହୀନ ପରିବାରକୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୨.୫୦ଲକ୍ଷ ଟଙ୍କା ଲେଖାଏଁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ନିଗମ କାର୍ଯ୍ୟାଳୟ ପରିସରରେ କର୍ପୋରେଟର ଧିରେଶ ସାବତଙ୍କ ଉପସ୍ଥିତିରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଚିହ୍ନଟ ହୋଇଥିବା ପରିବାରକୁ ଏହି କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିବା ଜଣାପଡ଼ିଛି । ନିଜର ଜାଗା ଥାଇ ଘର କରିପାରୁନଥିବା ପରିବାରକୁ ଚୟନ କରାଯାଇ ଏହି ଆର୍ଥିକ ସହାୟତା ପ୍ରଦାନ କରାଯାଇଥିବା ଜଣାପଡିଛି । କାର୍ଯ୍ୟାଦେଶ ବଣ୍ଟନ ବେଳେ ନିଗମର ପ୍ରଧାନମନ୍ତ୍ରୀ ଆବାସ ଯୋଜନା ବୁଝୁଥିବା ଅଧିକାରୀ ରୁପାଲି ଦାସ, ଅଭିଶେକ ରଥ, ଆସିଷ୍ଟାଣ୍ଟ କମିଶନର ବିଶାଳ ଗୌରବ ପ୍ରମୁଖ ଉପସ୍ଥିତ ଥିଲେ ।

# ବ୍ରହ୍ମପୁରର ସାମୂହିକ ବିକାଶକୁ ନେଇ ସାଂସଦଙ୍କ ସହ ଆଲୋଚନା




ବ୍ରହ୍ମପୁର(ପିପିଏସ୍): ସ୍ଥାନୀୟ ଇଂଜିନିରିଂ ସ୍କୁଲ ପରିସରରେ ବ୍ରହ୍ମପୁରର ସାମୁହିକ ବିକାଶକୁ ନେଇ ବ୍ରହ୍ମପୁର ସଂସଦ ଡ଼. ପ୍ରଦୀପ କୁମାର ପାଣିଗ୍ରାହୀଙ୍କ ସହ ବିଭିନ୍ନ ସାମାଜିକ ଗଣ ସଂଗଠନ ମାନଙ୍କ ସହ ମିଳିତ ଆଲୋଚନା ଅନୁଷ୍ଠିତ ହୋଇଥିଲା । ବ୍ରହ୍ମପୁର ସାଂସଦଙ୍କ ବ୍ରହ୍ମପୁରର ସାମଗ୍ରିକ ବିକାଶ ପାଇଁ ଏକ ସକାରାତ୍ମକ ଓ ଦୃଢ଼ ପଦକ୍ଷେପକୁ ନେଇ ସହରର ବହୁ ଗଣସଙ୍ଗଠନର ପ୍ରତିନିଧି, ସାମାଜିକ କର୍ମୀ ମାନେ ସମ୍ବର୍ଦ୍ଧନା ଦେଇଥିଲେ ଓ ବ୍ରହ୍ମପୁରର ବିକାଶ ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗ ଉପରେ ହାତକୁ ନିଆଯାଇଥିବା ବିଭିନ୍ନ ଉନ୍ନୟନମୂଳକ ପଦକ୍ଷେପ ସମ୍ପର୍କରେ ଏକ ଜରୁରୀ ଓ ଗୁରୁତ୍ୱପୂର୍ଣ୍ଣ ସଂକ୍ଷିପ୍ତ ଆଲୋଚନା କରାଯାଇଥିଲା । ଯାହାକି ବ୍ରହ୍ମପୁର ଷ୍ଟେସନରେ ଏଇର କଂକାଉରସେ ଆକାଶପଥ ସଦୃଶ୍ୟ ବିସ୍ତୃତ ଯାତ୍ରୀ ସମାଗମ ଅଂଚଳ, ଷ୍ଟେସନ ମୁଖଶାଳାର ପ୍ରତୀକାତ୍ମକ ଐତିହ୍ୟ ଡିଜାଇନ, ଗୋପାଳପୁର-ରାୟଗଡା, ଗୋପାଳପୁର- ରେଢ଼ାଖୋଲ ନୂତନ ରେଳପଥ ନିର୍ମାଣ, ପାଲୁରୁ ବନ୍ଦରଠାରୁ ଜନହୀକୁଦା ଉପକୂଳ ରାଜପଥ ସଂଯୋଗୀକରଣ ନିମନ୍ତେ ରାସ୍ତା ନିର୍ମାଣ, ବିମାନବନ୍ଦର, ବ୍ରହ୍ମପୁରରେ ନାଇପର ପ୍ରତିଷ୍ଠା, ଜାତୀୟ ରାଜପଥର ପୂର୍ଣ୍ଣାଙ୍ଗ ବିକାଶ, ଓଝ ପାର୍କର ବିକାଶ, ପ୍ରବାସୀଙ୍କୁ ସ୍ଥାନୀୟ ଅଂଚଳରେ ନିଯୁକ୍ତି ପାଇଁ ସମବାୟ ଓ କୃଷି ଭିତ୍ତିକ ଖୁଦ୍ରଶିଳ୍ପ ପ୍ରତିଷ୍ଠା ନିର୍ମାଣ, ଅନ୍ତରାଜ୍ୟ ବସଷ୍ଟାଣ୍ଡ ନିର୍ମାଣ, ବିରଳ ମୃତିକା କଂପ୍ଲେକ୍ସ ଇତ୍ୟାଦି ଓ ଶିକ୍ଷକ ମାନଙ୍କ ବିଭିନ୍ନ ଦାବି ଗୁଡିକ ଉପରେ ଆଲୋଚନା ଅନୁଷ୍ଠିତ ହୋଇଥିଲା । ଏହି ଆଲୋଚନା ଚକ୍ରରେ ବିଭିନ୍ନ ଗଣ ସଂଗଠନର ସଦସ୍ୟଗଣ ତଥା ଦକ୍ଷିଣ ଓଡିଶା ରେଳପଥ ଉନ୍ନୟନ ମିଳିତ କ୍ରିୟାନୁଷ୍ଠାନ କମିଟିର ଆବାହକ ତଥା ଆଇନଜୀବୀ ସରୋଜ ରଞ୍ଜନ ପଟ୍ଟନାୟକ, ପ୍ରଗତିଶୀଳ ଉତ୍କଳ ସମାଜର, ରାଜ୍ୟ ସମ୍ପାଦକ ମାନସ ରଞ୍ଜନ ପାତ୍ର, ସୂର୍ଯ୍ୟ ନାରାୟଣ ବେହେରା ଗଂଜାମ ଜିଲ୍ଲା ବିକାଶ ମଞ୍ଚର ଆବାହକ ରାଜେନ୍ଦ୍ର ପଣ୍ଡା , ବିନୋଦ ଠାକୁର, ଦକ୍ଷିଣ ଓଡିଶା ବିକାଶ ପରିଷଦ ଭି.ସୋମେଶ୍ୱର ରାଓ- ଫୋରମ ଫୋର ଗଂଜାମ-ଇ ତେଜେଶ୍ୱର ରାଓ, ଶିକ୍ଷକ ମହାସଂଘର ଶ୍ୟାମ ସୁନ୍ଦର ଖାଡ଼ଙ୍ଗା, କାମେଶ୍ୱର ମହାରଣା ଅଶୋକ ଦଳେଇ, ଅଭିଭାବକ ମହାସଂଘର ଆବାହକ ମଧୁସୂଦନ ସାହୁ, ବାଳକୃଷ୍ଣ ସାମନ୍ତରାୟ, ପ୍ରବୀଣ ପଟ୍ଟନାୟକ କେରଦାନାଥ ପଣ୍ଡା, ରେବତୀ ମୋହନ ରାଉତ, ବ୍ରାହ୍ମଣ ମହାସଂଘର ଦେବୀ ପ୍ରସାଦ ପଓଡି, ପ୍ରକାଶ ଚନ୍ଦ୍ର ଭଜାଣି, ଦକ୍ଷିଣ ଓଡିଶା ଛାତ୍ର ସଂଗଠନର ଆବାହକ ନରସିଂହ ନୀଳମାଧବ ପାତ୍ର, ଭାଗବତ ଚାରିଟେବଲ ଟ୍ରଷ୍ଟର ମୁଖ୍ୟ ପ୍ରକାଶ ଚନ୍ଦ୍ର ପାତ୍ର, ପ୍ରଶାନ୍ତ କୁମାର ପାଢ଼ୀ, ସାମାଜିକ କର୍ମୀ, ଅଂଶୁମାନ ପଟ୍ଟନାୟକ, ଲାକ୍ସମୀ ନାରାୟଣ ପାଢ଼ୀ, ମୀର ଜାଭେଦ ବେଗ, ସୁରେନ୍ଦ୍ର ନାଥ ରାଉତ, ବାସୁଦେବ ବିଷୋୟୀ, ଦେବଦତ୍ତ ଦେଓ, ମହେଶ୍ୱର ବଡ଼ତୟଓ, ନରେଶ ଚନ୍ଦ୍ର ମଓଳି ଏବଂ ବହୁ ଗଣ ସଂଗଠନର କାର୍ଯ୍ୟକର୍ତା ମାନେ ଯୋଗ ଦେଇଥିଲେ ।

## ରାଇସ୍ ଓ ମିଲେଟ୍ କାରଖାନା ସ୍ଥାପନ ନେଇ ଉପମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା ବୈଠକ



ଭୁବନେଶ୍ୱର, (ପିପିଏସ୍): ରାଜ୍ୟରେ ଚାଷୀମାନଙ୍କୁ ଆର୍ଥିକ ଦୃଷ୍ଟିରୁ ସଶକ୍ତ କରିବା ଏବଂ ସ୍ଥାନୀୟ ଦେଶୀ ଖାଦ୍ୟଶସ୍ୟର ବିଶ୍ୱସ୍ତରୀୟ ବ୍ରାଣ୍ଡିଂ ପାଇଁ ଓଡ଼ିଶା ସରକାର ଏକ ଆଧୁନିକ 'ଚାଉଳ ଓ ମାଣ୍ଡିଆ ପ୍ରକ୍ରିୟାକରଣ କାରଖାନା' ପ୍ରତିଷ୍ଠା କରିବାକୁ ଯୋଜନା କରିଛନ୍ତି । ଏହି ପରିପ୍ରେକ୍ଷୀରେ ମାନ୍ୟବର ଉପ-ମୁଖ୍ୟମନ୍ତ୍ରୀ (କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତି) ଶ୍ରୀ କନକ ବର୍ଦ୍ଧନ ସିଂହଦେଓ, ମାନ୍ୟବର ଉପ-ମୁଖ୍ୟମନ୍ତ୍ରୀ (ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ଏବଂ ପର୍ଯ୍ୟଟନ), ଫିଲିପାଇନ୍ସ ସ୍ଥିତ ଅନ୍ତର୍ଜାତୀୟ ଧାନ ଗବେଷଣା ଅନୁଷ୍ଠାନ ର ମୁଖ୍ୟ ବୈଜ୍ଞାନିକ ଡ. ନେସେ ଶ୍ରୀନିବାସୁଲୁ, କୃଷି ଓ କୃଷକ ସଶକ୍ତିକରଣ ବିଭାଗର କମିଶନର-ତଥା-ଶାସନ ସଚିବ ଶ୍ରୀ ସଚିନ୍ ରାମଚନ୍ଦ୍ର ଜାଧବ ଏବଂ ମିଶନ ଶକ୍ତି ବିଭାଗର କମିଶନର ତଥା ଶାସନ ସଚିବ ମାନସୀ ନିମ୍ଭାଲଙ୍କ ଉପସ୍ଥିତିରେ ଏକ ଉଚ୍ଚସ୍ତରୀୟ ବୈଠକରେ ଅନୁଷ୍ଠିତ ହୋଇଯାଇଛି । ୩,୮୪୫ ବର୍ଗ ମିଟର ପରିମିତ ଅଂଚଳରେ ନିର୍ମିତ ହେବାକୁ ଥିବା ଏହି କାରଖାନାଟି ଚାଷୀ, କୃଷକ ଉତ୍ପାଦକ ସଂଗଠନ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ବେସରକାରୀ ସହଯୋଗୀ ଏବଂ ସରକାରୀ ଅନୁଷ୍ଠାନଗୁଡ଼ିକର ମିଳିତ ସହଯୋଗରେ ପରିଚାଳିତ ହେବ।

ଏହି ଯୋଜନାର ମୁଖ୍ୟ ଲକ୍ଷ୍ୟ ହେଉଛି ଚାଷୀମାନଙ୍କୁ ଉନ୍ନତ ପ୍ରଶିକ୍ଷଣ ଓ ଉନ୍ନତ ମାନର ଦେଶୀ ବିହନ ପ୍ରଦାନ ସହ ସିଧାସଳଖ ବଜାର ସଂଯୋଗ ଯୋଗାଇଦେଇ ସେମାନଙ୍କ ଆର୍ଥିକ ଅବସ୍ଥାରେ ସୁଧାର ଆଣିବା। ଏହି ପ୍ରକଳ୍ପ ଅଧୀନରେ କମ୍ ଗ୍ଲାଇସେମିକ୍ ଇଣ୍ଡେକ୍ସ, ଉଚ୍ଚ ପ୍ରୋଟିନ୍ ଯୁକ୍ତ, ମିଲିଂ କ୍ଷମତା, ସୁଗନ୍ଧ ଥିବା ୨୯ଟି ସ୍ଥାନୀୟ ଦେଶୀ ଧାନ କିସମର ଗୁଣବତ୍ତା ପରୀକ୍ଷା କରାଯାଇଛି। ବିଶେଷ କରି କମ୍ ଗ୍ଲାଇସେମିକ୍ ଇଣ୍ଡେକ୍ସ ଯୁକ୍ତ ଚାଉଳ, କଳାଜିରା ଧାନ ଏବଂ ରପ୍ତାନି ଉଦ୍ଦେଶ୍ୟରେ ସ୍ୱତନ୍ତ୍ର କଳା ଚାଉଳ ପ୍ରକ୍ରିୟାକରଣ ପାଇଁ ସ୍ୱତନ୍ତ୍ର ୟୁନିଟ୍ ସ୍ଥାପନ ଯୋଜନା ରହିଛି।

କେବଳ ଚାଉଳ ପ୍ରସେସିଂ ନୁହେଁ, ବରଂ ମଲ୍ଟି-ମିଲେଟ୍ ଫ୍ଲେକ୍ସ, ମୋଟା ଓଜଜଓ-୧୪୭ ଚାଉଳ ଫ୍ଲେକ୍ସ, ଜିରା କୁକିଜ୍ ଏବଂ ଅନ୍ୟାନ୍ୟ ବେକରୀ ସାମଗ୍ରୀ ପ୍ରସ୍ତୁତ କରାଯାଇ 'ସୁଭଦ୍ରା ଶକ୍ତି ବଜାର' ମାଧ୍ୟମରେ ବିକ୍ରି କରାଯିବ ଏବଂ ଦେଶ ବିଦେଶରେ ଏହାକୁ ବିକ୍ରୟ ପାଇଁ ପଠାଯିବ। ଆଧୁନିକ ଶିଳ୍ପ ଭିତ୍ତିଭୂମି ଓ କମ୍ୟୁନିଟି ଭାଗୀଦାରିର ଏହି ମିଳିତ ପ୍ରଚେଷ୍ଟା ଓଡ଼ିଶାର କୃଷି ଉତ୍ପାଦଗୁଡ଼ିକୁ ବିଶ୍ୱସ୍ତରରେ ଏକ ନୂତନ ପରିଚୟ ଦେବା ସହ ସ୍ଥାନୀୟ ଚାଷୀ ଓ ମହିଳାମାନଙ୍କ ଆର୍ଥିକ ଅଭିବୃଦ୍ଧିକୁ ସୁନିଶ୍ଚିତ କରିବ।

## ମାନୁସ୍କ୍ରିପ୍ଟୋଲୋଜି ଫର୍ ଏସ୍ଇଏଆର୍ଓ କଂଟ୍ରିଜ୍ କାର୍ଯ୍ୟକ୍ରମରେ ଯୋଗଦେଲେ ସ୍ୱାସ୍ଥ୍ୟମନ୍ତ୍ରୀ

ଭୁବନେଶ୍ୱର, (ପିପିଏସ୍): ଭୁବନେଶ୍ୱରଠାରେ ସେଂଟ୍ରାଲ୍ ଆୟୁର୍ବେଦ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ୍ ଭୁବନେଶ୍ୱର ଏବଂ ଡବ୍ଲୁଏଚଓ- ସିସି ନ୍ୟାସନାଲ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆନ୍ ମେଡିକାଲ୍ ହେରିଟେଜ୍, ହାଇଦ୍ରାବାଦ ଦ୍ୱାରା ଆୟୋଜିତ ପ୍ରି-ଡବ୍ଲୁଏଏଚ ହାଇବ୍ରିଡ ୱର୍କସପ୍ ମାନୁସ୍କ୍ରିପ୍ଟୋଲୋଜି ଫର୍ ଏସଇଏଆରଓ କଂଟ୍ରିଜ୍ କାର୍ଯ୍ୟକ୍ରମରେ ଯୋଗଦେଇଛନ୍ତି ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ। ଏହି କାର୍ଯ୍ୟକ୍ରମରେ ତାଳପତ୍ର ପୋଥି ଓ ପ୍ରାଚୀନ ଚିକିତ୍ସା ଜ୍ଞାନର ସଂରକ୍ଷଣ, ଅଧ୍ୟୟନ ଓ ଗବେଷଣା ନେଇ ଆଲୋଚନା ହୋଇଥିଲା। ନେପାଳ ଓ ଶ୍ରୀଲଙ୍କା ସମେତ ବିଭିନ୍ନ ଦେଶର ପ୍ରତିନିଧିମାନେ ଏଥିରେ ଯୋଗଦେଇଥିଲେ।

ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ଜୀଙ୍କ ମାର୍ଗଦର୍ଶନରେ ଆୟୁଷ ବିଭାଗ ଆରମ୍ଭ କରାଯିବ ସହ ଭାରତୀୟ ପ୍ରାଚୀନ ଚିକିତ୍ସା ପଦ୍ଧତିକୁ ଗୁରୁତ୍ୱ ଦିଆଯାଉଛି। ରାଜ୍ୟରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଙ୍କ ନେତୃତ୍ୱରେ ଓଡ଼ିଶାରେ ପାରମ୍ପରିକ ଚିକିତ୍ସା ପଦ୍ଧତି, ବିଶେଷକରି ଆୟୁର୍ବେଦକୁ ଆହୁରି ସୁଦୃଢ଼ କରିବା ଦିଗରେ ନିରନ୍ତର ପ୍ରୟାସ କରାଯାଉଛି। ରାଜ୍ୟରେ ଆୟୁର୍ବେଦିକ ମେଡିକାଲ କଲେଜ, ସରକାରୀ ଆୟୁଷ ହସ୍‌ହପିଟାଲ ,ସ୍ୱିଟାଲ, ପଂଚକର୍ମ କେନ୍ଦ୍ର ଏବଂ ନ୍ୟାସନାଲ ଆୟୁଷ ମିଶନ ଅଧୀନରେ ବ୍ୟାପକ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ରହିଛି।'

ଏଥିସହ ଭୁବନେଶ୍ୱରଠାରେ ଏକ ଆୟୁଷ ଡ୍ରଗସ୍ ଟେଷ୍ଟିଂ ଲାବ୍ରୋଟୋରୀ ସ୍ଥାପନ ଏବଂ ବିଶ୍ୱ ଆୟୁର୍ବେଦ କଂଗ୍ରେସ ପାଇଁ ପ୍ରାରମ୍ଭିକ ପ୍ରସ୍ତୁତି ବୈଠକରେ ବିସ୍ତୃତ ଆଲୋଚନା କରାଯାଇଛି। ଏହା ରାଜ୍ୟରେ ଆୟୁଷ ଔଷଧର ଗୁଣବତା ନିଶ୍ଚିତକରଣ ଓ ଗବେଷଣାକୁ ଆହୁରି ସୁଦୃଢ଼ କରିବାରେ ସହାୟକ ହେବ। ଏହି କାର୍ଯ୍ୟକ୍ରମରେ ପ୍ରଫେସର ଡଃ ଏମ୍. ଏମ୍. ରାଓ, ନିର୍ଦ୍ଦେଶକ, ସିସିଆରଏଏସ୍ - ସିଏଆରଆଇ , ଭୁବନେଶ୍ୱର, ଡଃ ଜି. ପି. ପ୍ରସାଦ, ନିର୍ଦ୍ଦେଶକ ସିସିଆରଏଏସ୍ -ଏନଆଇଆଇଏମଏଚ୍ , ହାଇଦ୍ରାବାଦ, ପ୍ରଫେସର ବୈଦ୍ୟ ରବିନାରାୟଣ ଆଚାର୍ଯ୍ୟ, ନିର୍ଦ୍ଦେଶକ,ସିସି ଏଆରଏସ୍ , ନୂଆଦିଲ୍ଲୀ, ଅଞ୍ଜନା ପଣ୍ଡା, ଆଇଏଏସ୍, ନିର୍ଦ୍ଦେଶିକା, ଆୟୁଷ, ଓଡ଼ିଶା ସରକାର ପ୍ରମୁଖ ଉପସ୍ଥିତ ଥିଲେ।

### କେନ୍ଦ୍ରାପଡ଼ାରେ ଜିଲ୍ଲାପାଳଙ୍କ ରାଜସ୍ୱ ଜନଶୁଣାଣି ଶିବିର

## ୨୪ଟି ଅଭିଯୋଗ ଗ୍ରହଣ, ତ୍ୱରିତ ସମାଧାନ ପାଇଁ ନିର୍ଦ୍ଦେଶ



କେନ୍ଦ୍ରାପଡା, (ପିପିଏସ):ଜନସାଧାରଣଙ୍କ ରାଜସ୍ୱ ସମ୍ପର୍କିତ ସମସ୍ୟାର ସମାଧାନ ତଥା ସେମାନଙ୍କ ଅଭିଯୋଗର ତ୍ୱରିତ ନିରାକରଣ ଉଦ୍ଦେଶ୍ୟରେ ଆଜି କେନ୍ଦ୍ରାପଡ଼ା ତହସିଲ କାର୍ଯ୍ୟାଳୟ ପରିସରରେ ଜିଲ୍ଲାପାଳ ଶ୍ରୀ ରଘୁରାମ ଆର୍. ଆୟରଙ୍କ ଅଧ୍ୟକ୍ଷତାରେ ରାଜସ୍ୱ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରରେ ଜିଲ୍ଲାପାଳ ଉପସ୍ଥିତ ଜନସାଧାରଣଙ୍କଠାରୁ ରାଜସ୍ୱ ସମ୍ପର୍କିତ ବିଭିନ୍ନ ଅଭିଯୋଗ ଓ ସମସ୍ୟା ଶୁଣିଥିଲେ। ମୋଟ ୨୪ଟି ଅଭିଯୋଗ ଗ୍ରହଣ କରାଯାଇଥିବା ବେଳେ ଏଥିରେ ଅନ୍‌ଲାଇନ୍ ରେକର୍ଡ (ଡଖଜ), ମ୍ୟୁଟେସନ୍, ଜମିର ସୀମା ନିର୍ଦ୍ଧାରଣ, ରେକର୍ଡ କିପର ସମ୍ପର୍କିତ ସମସ୍ୟା, ଜବରଦଖଲ ଏବଂ ଲିଜ୍ ମାମଲା ଆଦି ବିଭିନ୍ନ ରାଜସ୍ୱ ସମସ୍ୟା ସାମିଲ ଥିଲା।

ଅଭିଯୋଗଗୁଡ଼ିକର ନିୟମାନୁଯାୟୀ ତଦନ୍ତ କରି ଯଥାଶୀଘ୍ର ସମାଧାନ କରିବା ସହ ଆବଶ୍ୟକ ପଦକ୍ଷେପ ଗ୍ରହଣ ପାଇଁ ତହସିଲଦାର କୁଇନି ଜେନାଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜନସାଧାରଣଙ୍କ ରାଜସ୍ୱ ସମସ୍ୟାର ତ୍ୱରିତ, ସ୍ୱଚ୍ଛ ଓ ନିୟମସମ୍ମତ ସମାଧାନ ଉପରେ ଜିଲ୍ଲା ପ୍ରଶାସନ ଗୁରୁତ୍ୱ ଦେଉଥିବା ଜିଲ୍ଲାପାଳ ପ୍ରକାଶ କରିଥିଲେ।

ସୂଚନା ଯେ,ଜିଲ୍ଲାର ବିଭିନ୍ନ ତହସିଲ ଅଞ୍ଚଳରେ ଆଗାମୀ ଦିନରେ ରାଜସ୍ୱ ଜନଶୁଣାଣି ଶିବିର ଆୟୋଜନ କରାଯିବ। ସେପଟ୍ମେର ୧୮ ତାରିଖରେ ରାଜକନିକା ତହସିଲ ଏବଂ ସେପଟ୍ମେର ୨୩ ତାରିଖରେ ରାଜନଗର ତହସିଲରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀ ନବକ୍ରିଷ୍ଣ ଜେନା ଜନଶୁଣାଣି ଶିବିରରେ ଉପସ୍ଥିତ ରହିବେ।ସେହିପରି ସେପଟ୍ମେର ୧୯ ତାରିଖରେ ପଟ୍ଟା ମୁଣ୍ଡାଇ ତହସିଲରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ରବୀନ୍ଦ୍ର କୁମାର ମଲ୍ଲିକ ରାଜସ୍ୱ ଜନଶୁଣାଣି ଶିବିରରେ ଯୋଗଦେବେ। ଏହି ସମସ୍ତ ଶିବିର ପୂର୍ବାହ୍ନ ୧୦.୩୦ ମିନିଟ୍‌ରେ ଅନୁଷ୍ଠିତ ହେବ।

ରାଜସ୍ୱ ସମ୍ପର୍କିତ ସମସ୍ୟା ଥିବା ଜନସାଧାରଣ ନିର୍ଦ୍ଧାରିତ ତାରିଖରେ ଉପସ୍ଥିତ ରହି ନିଜ ଅଭିଯୋଗ ଦାଖଲ କରି ଏହି ଜନଶୁଣାଣି ଶିବିରର ସୁଯୋଗ ନେବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି।

# ଅସ୍ତରଙ୍ଗ ଝାଉଁ ବନୀକରଣରେ ଅନିୟମିତତା !

ଅସ୍ତରଙ୍ଗ,(ପିପିଏସ୍): ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ସହନ ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲରେ ସବୁଜ ମହାନଦୀ ମିଶନ ୨୦୨୪-୨୫ ଅଧୀନରେ ହୋଇଥିବା ଝାଉଁ ବନୀକରଣ ପ୍ରକଳ୍ପକୁ ନେଇ ଏବେ ବଡ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପ୍ରଜାତନ୍ତ୍ର 'ରେ ଏ ସମ୍ପର୍କିତ ଖବର ପ୍ରକାଶ ପାଇବା ପରେ ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣୀ ପ୍ରକୋଷ୍ଟରେ ପଞ୍ଜୀକୃତ ଅଭିଯୋଗ ଆଧାରରେ ପୁରୀ ବନ୍ୟପ୍ରାଣୀ ବନଖଣ୍ଡ ପକ୍ଷରୁ ଦିଆଯାଇଥିବା ୭ ପୃଷ୍ଠାର ତଦନ୍ତ ରିପୋର୍ଟ (ଚିଠି ନମ୍ବର ୫୮୬୩, ତା ୩୧.୦୮.୨୦୨୬) ନିଜେ ଅନେକ

**ଅଗଷ୍ଟ ୪ ପରେ ତରବରିଆ ରୋପଣ ଓ ଡ୍ରୋନ ସର୍ଭେ**

**ଝାଉଁ ଚାରା ଝାଉଁଳି ଶୁଖିଲା, ଭିଜିଲାନ୍ସ ତଦନ୍ତ ଦାବି**

**ଜଙ୍ଗଲ ମନ୍ତ୍ରୀଙ୍କ ଇସ୍ତଫା ଜୋର୍ ଧରିଲା**

**ଦୁର୍ନୀତିକୁ ସୁରକ୍ଷା ଦେଉଛନ୍ତି କି ଶାସକ ଦଳନେତା**

ଅନିୟମିତତାକୁ ପଦାରେ ପକାଇ ଦେଇଛି।

ଉକ୍ତ ରିପୋର୍ଟ ଅନୁଯାୟୀ ଏସିଏଫ ଏନଫୋର୍ସମେଣ୍ଟଙ୍କ ନେତୃତ୍ୱରେ ୨୩ ଜଣ ବନ କର୍ମଚାରୀଙ୍କୁ ନେଇ ଗଠିତ ଏକ ଦଳ ୨୧ ରୁ ୨୩ ଅଗଷ୍ଟ ୨୦୨୬ ପର୍ଯ୍ୟନ୍ତ ୩୨ ହେକ୍ଟର ଜଙ୍ଗଲର ଯାଞ୍ଚ କରିଥିଲେ। ଅର୍ଥାତ ଅଗଷ୍ଟ ୪ ରେ ପ୍ରଜାତନ୍ତ୍ର 'ରେ ଖବର ପ୍ରକାଶ ଓ ଅଭିଯୋଗ ପରେ ଏହି ଯାଞ୍ଚ ହୋଇଛି। ରିପୋର୍ଟର ୪ ନମ୍ବର ପୃଷ୍ଠାରେ ଉଲ୍ଲେଖ ଅଛି ଯେ ମୋଟ କ୍ଷେତ୍ର ୩୩.୭୮ ହେକ୍ଟର, ନିଟ ରୋପଣ କ୍ଷେତ୍ର ୩୨ ହେକ୍ଟର, ୩୪ଟି ସ୍ତମ୍ଭ ସ୍ଥାପନ, ସମ୍ପତ୍ତି ଚିହ୍ନ ୨୦୨୪-୧୧୬୮୬୮, ଡ୍ରୋନ ସର୍ଭେ ଓ ଭୂ-ଚିହ୍ନିତ ଫଟୋ ଚିତ୍ର କରାଯାଇଛି। ସ୍ଥାନୀୟ ଅଭିଯୋଗକାରୀଙ୍କ କହିବା ଅନୁଯାୟୀ ଅଗଷ୍ଟ ୪ ପରେ ତଦନ୍ତ ପୂର୍ବରୁ ବଡ ବଡ ଝାଉଁ ଚାରା ବାହାରୁ ଆଣି ତରବରିଆ ଭାବେ ରୋପଣ କରି ଡ୍ରୋନ କ୍ୟାମେରାରେ ସବୁଜ ଦେଖାଇବାକୁ ଚେଷ୍ଟା କରାଯାଇଥିଲା। ବର୍ତ୍ତମାନ ସ୍ଥାନୀୟ ଲୋକେ କହୁଛନ୍ତି ଯେ ସେହି ତରବରିଆ ରୋପଣ ହୋଇଥିବା ଚାରା ସବୁ ଝାଉଁଳି ଶୁଖି ମରି ପଡିଛି। ଏହାର ସ୍ୱାଧୀନ ତଦନ୍ତ ଆବଶ୍ୟକ ବୋଲି ସେମାନେ ଦାବି କରୁଛନ୍ତି।



ରିପୋର୍ଟର ପୃଷ୍ଠା-୨ ରେ ଥିବା ପ୍ଲଟ ୱାରୀ ତଥ୍ୟ ହିଁ ସବୁଠୁ ଗୁରୁତ୍ୱପୂର୍ଣ୍ଣ। ୩୨ ହେକ୍ଟରରେ ୮୦,୦୦୦ ଚାରା ରୋପଣ ଲକ୍ଷ୍ୟ ଥିଲା, ଗଣତି ହୋଇଛି ୬୭,୭୬୧, ମୃତ ବା ଶୁଖିଲା ୨,୫୧୯। ଅର୍ଥାତ ୧୨,୨୩୯ ଚାରାର ହିସାବ ମିଳୁ ନାହିଁ। ପ୍ଲଟ-୧ ରେ ୧୦,୦୬୭ ରୁ ୯,୬୧୭ (୯୫.୫୨%), ପ୍ଲଟ-୨ ରେ ୧୧,୦୪୦ ରୁ ୧୦,୫୬୫ (୯୫.୭୦%), ପ୍ଲଟ-୩ ରେ ୬,୬୪୬ ରୁ ୬,୩୩୪ (୯୫.୩୦%) ଥିବା ବେଳେ ପ୍ଲଟ-୭ ରେ ୧୧,୨୭୮ ରୁ ୭,୫୧୨ (୬୬.୬୦%) ଓ ପ୍ଲଟ-୮ ରେ ୯,୧୨୩ ରୁ ୫,୫୫୧ (୬୦.୮୫%) ବଞ୍ଚିବା ହାର ରହିଛି। ପ୍ଲଟ-୪ ରେ ୧୦,୭୦୯ ରୁ ୯,୩୩୧ (୮୭.୧୩%), ପ୍ଲଟ-୫ ରେ ୧୦,୦୪୭ ରୁ ୯,୦୮୩ (୯୦.୪୦%) ଓ ପ୍ଲଟ-୬ ରେ ୧୧,୦୯୦ ରୁ ୯,୭୬୮ (୮୮.୦୮%) ଅଛି। ହାରାହାରି ୮୪.୭୦% ବଞ୍ଚିବା ହାର ଦର୍ଶାଯାଇଥିଲେ ମଧ୍ୟ ଦୁଇଟି ପ୍ଲଟରେ ୪୦% କ୍ଷତି କାହିଁକି, ତାହା ପ୍ରଶ୍ନ। ଏହା ଛଡା ପ୍ଲଟ-୭ ଓ ୮ ରେ ମୃତ ସଂଖ୍ୟା ସ୍ଥାନରେ '-' ଚିହ୍ନ ରହିଛି, ଯାହା ଅନେକ ସନ୍ଦେହ ସୃଷ୍ଟି କରୁଛି।

ଏହି ଘଟଣାରେ ଅସ୍ତରଙ୍ଗ ରେଞ୍ଜର ମୋନାଲିସା ମହାପାତ୍ରଙ୍କୁ ସ୍ମାରକ ସଂଖ୍ୟା ୫୪୧୮ ରେ କାରଣ ଦର୍ଶାଅ ନୋଟିସ ଦିଆଯାଇଛି। କିନ୍ତୁ ନିଜ ବିଭାଗର କର୍ମଚାରୀଙ୍କୁ ନେଇ ନିଜ ବିଭାଗର ତଦନ୍ତ କେତେଦୂର ନିରପେକ୍ଷ ହେବ, ସେ ନେଇ ସ୍ଥାନୀୟ ଲୋକେ ପ୍ରଶ୍ନ ଉଠାଇଛନ୍ତି। ରିପୋର୍ଟର ୬ ନମ୍ବର ପୃଷ୍ଠାରେ ଜୁନ ଶେଷରୁ ୧୧ ହେକ୍ଟର ବାଲି ବନ୍ଧ ଯୋଗୁ ବୁଡ଼ି ରହିଥିବା ଓ ଜୁଲାଇ ଦ୍ୱିତୀୟ ସପ୍ତାହରୁ ୨-୬ ଫୁଟ ପାଣି ରହିଥିବା କୁହାଯାଇଛି। ଶ୍ରମିକ ଖାତାରୁ ଅର୍ଥ ପ୍ରଦାନ ହୋଇଛି ବୋଲି ଉଲ୍ଲେଖ ଅଛି, ହେଲେ ୪ ଜଣ ଜଗୁଆଳି କିଏ, ଶ୍ରମିକ କିଏ, ତାର ଯାଞ୍ଚ ହେବା ଦରକାର। ପରିବେଶବିତ୍ ସୌମ୍ୟ ରଞ୍ଜନ ବିଶ୍ୱାଳ କହିଛନ୍ତି ଯେ ଏହି ଘଟଣାର ଭିଜିଲାନ୍ସ ତଦନ୍ତ, ଚାରାର ବୟସ ପରୀକ୍ଷା ଓ ଶ୍ରମିକ ପ୍ରଦାନ ରେଜିଷ୍ଟର ଯାଞ୍ଚ ହେବା ଉଚିତ। ଜଙ୍ଗଲ ମନ୍ତ୍ରୀ ଏହି ପ୍ରସଙ୍ଗରେ ହସ୍ତକ୍ଷେପ କରି ସ୍ୱଚ୍ଛ ତଦନ୍ତ ନିର୍ଦ୍ଦେଶ ଦେବା ଆବଶ୍ୟକ।ନଚେତ ଇସ୍ତଫା ଦିଅନ୍ତୁ।

## ୧୭ ରାଜ୍ୟରୁ ମୋଟ୍ ୧୦୧ ଓଡ଼ିଆ ଶିଶୁ ଉଦ୍ଧାର

ଭୁବନେଶ୍ୱର, ୧୦ ସେପଟ୍ମେର (ହି.ସ.) ବାହାର ରାଜ୍ୟରେ ନିଖୋଜ, ଶିଶୁ ଶ୍ରମରେ ନିୟୋଜିତ କିମ୍ବା ବିଭିନ୍ନ ଶିଶୁ ଯତ୍ନ ଅନୁଷ୍ଠାନରେ ଫସି ରହିଥିବା ଓଡ଼ିଆ ଶିଶୁଙ୍କୁ ଚିହ୍ନଟ, ଉଦ୍ଧାର ଓ ସୁରକ୍ଷିତ ଭାବେ ଓଡ଼ିଶା ଫେରାଇ ଆଣିବା ଉଦ୍ଦେଶ୍ୟରେ ମହିଳା ଓ ଶିଶୁ ଅପରାଧ ନିରାକରଣ ଶାଖା ପକ୍ଷରୁ ଚାଲିଥିବା ସ୍ୱତନ୍ତ୍ର ଅଭିଯାନ 'ଅପରେସନ୍ ଅନ୍ୱେଷଣ'ରେ ବଡ଼ ସଫଳତା ମିଳିଛି। ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗର ସହଯୋଗରେ ଅଗଷ୍ଟ ୨୮ରୁ ସେପଟ୍ମେର ୮ ପର୍ଯ୍ୟନ୍ତ ଏହି ଅଭିଯାନ ଚାଲିଥିଲା। ୧୭ଟି ରାଜ୍ୟରୁ ମୋଟ ୧୦୧ ଜଣ ଓଡ଼ିଆ ଶିଶୁଙ୍କୁ ଚିହ୍ନଟ କରି ଉଦ୍ଧାର କରାଯାଇଛି। ଉଦ୍ଧାର ହୋଇଥିବା ଶିଶୁଙ୍କ ମଧ୍ୟରେ ୫୪ ଜଣ ବାଳକ ଥିବାବେଳେ ୪୭ ଜଣ ବାଳିକା ରହିଛନ୍ତି ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ ମହିଳା ଓ ଶିଶୁ ଅପରାଧ ନିରାକରଣ ଶାଖାର ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ଶ୍ରୀମତୀ ଏସ୍ ସାଇନି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଓଡ଼ିଶା ପୋଲିସର ଡିଏସ୍‌ପି ପାହ୍ୟାର ଅଧିକାରୀ ଏବଂ ମହିଳା ଓ ଶିଶୁ ବିକାଶ ବିଭାଗର ଲିଗାଲ୍ କମ୍ ପ୍ରୋବେସନ୍ ଅଫିସରମାନଙ୍କୁ ନେଇ ଗଠିତ ୧୭ଟି ଟିମ୍ ୧୭ଟି ରାଜ୍ୟରେ ଏହି ଅଭିଯାନ ଚଳାଇଥିଲେ। ଛତିଶଗଡ଼, ମଧ୍ୟପ୍ରଦେଶ, ତେଲେଙ୍ଗାନା, ଆନ୍ଧ୍ରପ୍ରଦେଶ, ପଶ୍ଚିମବଙ୍ଗ, ଆସାମ, ବିହାର, ଝାଡ଼ଖଣ୍ଡ, ହରିୟାଣା, ଉତ୍ତରପ୍ରଦେଶ, କର୍ଣ୍ଣାଟକ, ତାମିଲନାଡୁ, ନୂଆଦିଲ୍ଲୀ, ରାଜସ୍ଥାନ, ମହାରାଷ୍ଟ୍ର, ଗୁଜରାଟ ଓ କେରଳରେ ଏହି ଅଭିଯାନ ଚାଲିଥିଲା। ପଶ୍ଚିମବଙ୍ଗରୁ ସର୍ବାଧିକ ୩୦ ଜଣ ଶିଶୁ ଉଦ୍ଧାର କରାଯାଇଥିବାବେଳେ କର୍ଣ୍ଣାଟକରୁ ୧୧, ଝାଡ଼ଖଣ୍ଡରୁ ୧୦ ଓ ତାମିଲନାଡୁରୁ ୧୦ ଜଣ ଶିଶୁଙ୍କୁ ଉଦ୍ଧାର କରାଯାଇଛି। ବାଲେଶ୍ୱର ପୂର୍ବାଂଚଳ ରେଞ୍ଜ ଡିଆଇଜି ଶ୍ରୀ ପିନାକ ମିଶ୍ରଙ୍କ ତତ୍ତ୍ୱାବଧାନରେ ଡିଏସ୍‌ପି ବାମଦେବ ନନ୍ଦଙ୍କ ନେତୃତ୍ୱରେ ପଶ୍ଚିମବଙ୍ଗରୁ ୩୦ ଜଣ ଶିଶୁଙ୍କୁ ଉଦ୍ଧାର କରାଯାଇଛି। ସେହିପରି ବ୍ରହ୍ମପୁର ଦକ୍ଷିଣାଂଚଳ ରେଞ୍ଜର ଡିଏସ୍‌ପି ଶ୍ରୀ ପ୍ରଶାନ୍ତ କୁମାର ପାତ୍ରଙ୍କ ନେତୃତ୍ୱରେ କର୍ଣ୍ଣାଟକରୁ ୧୧ ଜଣ, ଉତ୍ତର କେନ୍ଦ୍ରାଂଚଳ ରେଞ୍ଜର ଡିଏସ୍‌ପି ଶ୍ରୀମତୀ ଜ୍ୟୋସ୍ନାରାଣୀ ବେହେରାଙ୍କ ନେତୃତ୍ୱରେ ଝାଡ଼ଖଣ୍ଡରୁ ୧୦ ଜଣ ଏବଂ ବ୍ରହ୍ମପୁର ଦକ୍ଷିଣାଂଚଳ ରେଞ୍ଜର ଡିଏସ୍‌ପି ଶ୍ରୀ ଗିରିଜାନନ୍ଦନ ପଟ୍ଟନାୟକଙ୍କ ନେତୃତ୍ୱରେ ତାମିଲନାଡୁରୁ ୧୦ ଜଣ ଶିଶୁଙ୍କୁ ଉଦ୍ଧାର କରାଯାଇଛି।

# ବିଜୁ ଜନତା ଦଳ କାର୍ଯ୍ୟାଳୟରେ ଯୁବ ସରପଞ୍ଚଙ୍କୁ ଶ୍ରଦ୍ଧାଞ୍ଜଳି



## ସେ ଥିଲେ ଯୁବ ଓ ଛାତ୍ରଙ୍କ ପ୍ରେରଣା

ନୟାଗଡ଼,(ପିପିଏସ୍): ଯୁବ ସରପଞ୍ଚ ଇଂ ମନୋଜ କୁମାର ନାୟକ ଥିଲେ ଯୁବ ଓ ଛାତ୍ରଙ୍କ ପ୍ରେରଣା । ବିଜୁ ଜନତା ଦଳର ଜଣେ ଦୃଢ଼ ସଂଗଠକ ଭାବେ ନିଜର ପରାକାଷ୍ଠା ପ୍ରତିପାଦିତ କରିବା ସହ ଆବାଳ ବୃଦ୍ଧ, ବନିତାଙ୍କ ପ୍ରିୟଭାଜନ ହୋଇଥିଲେ । ବାଲୁଗାଁ ପଞ୍ଚାୟତ ସମେତ ନୟାଗଡ଼ ବ୍ଲକ ପ୍ରତ୍ୟେକ ପଞ୍ଚାୟତର ଜନପ୍ରତିନିଧି, ସରକାରୀ କର୍ମଚାରୀଙ୍କ ସହ ତାଙ୍କର ସୁସମ୍ପର୍କ ରହିଥିଲା । ୩୪ ବର୍ଷ ବୟସରେ ଜଣେ ଦୃଢ଼ ଓ କର୍ମନିଷ୍ଠ ରାଜନେତା ଭାବେ ପରିଚିତ ହୋଇଥିଲେ । ଗତ ୩ ତାରିଖ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ପରଲୋକ ଘଟିଥିବା ବେଳେ ସାମାଜିକ ଗଣମାଧ୍ୟମରେ ଆଜି ବି ତାଙ୍କୁ ଲୋକ ମନେ ପକାଉଛନ୍ତି । ନୟାଗଡ଼ ବିଜୁ ଜନତା ଦଳ କାର୍ଯ୍ୟାଳୟଠାରେ ମନୋଜଙ୍କ ଉଦ୍ଦେଶ୍ୟରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳୀ ସଭାରେ ଏଭଳି ମତ ପ୍ରକାଶ ପାଇଛି । ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ମନୋଜଙ୍କୁ ନେଇ ରହିଥିବା ସ୍ମୃତି ଏବଂ ତାଙ୍କ ଚିକିତ୍ସା ସମୟର କଥାକୁ ବଖାଣିବା ସହ ଗଭୀର ଶୋକବ୍ୟକ୍ତ କରିଛନ୍ତି । ଏହି ଶୋକସଭାରେ ଓଡ଼ଗାଁ ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁ, ପୌର ପରିଷଦ ଅଧ୍ୟକ୍ଷା ନିରୂପମା ଖଟେଇ, ପୌର ପରିଷଦ ଉପାଧ୍ୟକ୍ଷ ଗୁରୁପ୍ରସାଦ ଜେନା, ନୟାଗଡ଼ ବ୍ଲକ ଉପାଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ସାହୁ, ଜିଲ୍ଲା ପରିଷଦ ସଦସ୍ୟ କ୍ଷୀରୋଦ ମହାପାତ୍ର, ସୁବାଷ ଚନ୍ଦ୍ର କହଁର, ନିର୍ବାଚନ ମଣ୍ଡଳୀ ସଭାପତି ଗଙ୍ଗାଧର ପଣ୍ଡା, ନୟାଗଡ଼ ବ୍ଲକ ବିଜେଡି ସଭାପତି ଭଞ୍ଜକିଶୋର ମହାପାତ୍ର, ଯୁବ ବିଜେଡି ସଭାପତି ଦୁର୍ଯ୍ୟୋଧନ ବେହେରା, ଛାତ୍ର ବିଜେଡି ସଭାପତି ଅମରେଶ୍ୱର ଜେନା, ପୂର୍ବତନ ଛାତ୍ର ସଭାପତି ନୀଳମାଧବ ପଣ୍ଡାଙ୍କ ସମେତ ନୟାଗଡ଼, ଓଡ଼ଗାଁ ବ୍ଲକ ଓ ନୟାଗଡ଼ ସହରର ବହୁ ବ୍ୟକ୍ତି ସାମିଲ ହୋଇଥିଲେ । ଏହି ଅବସରରେ ମନୋଜଙ୍କ ଆତ୍ମାର ସଦଗତି କାମନା କରି ନୀରବ ପ୍ରାର୍ଥନା କରାଯାଇଥିଲା ।

# ଜିଲ୍ଲା ଉପନିବନ୍ଧକ କାର୍ଯ୍ୟାଳୟର ଲୋକାର୍ପଣ ଉତ୍ସବ

ନୟାଗଡ଼, (ପିପିଏସ୍): ଆଜି ଅପରାହ୍ନ ୩ ଘଟିକା ସମୟରେ ନୟାଗଡ଼ ଜିଲ୍ଲା ଉପନିବନ୍ଧକ କାର୍ଯ୍ୟାଳୟର ନୂତନ ଗୃହ ମାନ୍ୟବର ସାଂସଦ ପୁରୀ ଡା. ସମ୍ବିତ ପାତ୍ର ଙ୍କ କର କମଳରେ ଶୁଭ ଉଦଘାଟିତ ହୋଇଯାଇଛି କ୍ଷ ଏହି ଲୋକାର୍ପଣ ଉତ୍ସବ ଅବସରରେ ସମ୍ମାନିତ ଅତିଥି ଭାବେ ମାନ୍ୟବର ବିଧାୟକ ନୟାଗଡ଼ ଡ଼ଃ ଅରୁଣ କୁମାର ସାହୁ, ମାନ୍ୟବର ଅଧକ୍ଷ, ଜିଲ୍ଲା ପରିଷଦ ଇଂ ଦେବାଶିଷ ପଟ୍ଟନାୟକ, ମାନନୀୟା ଜିଲ୍ଲାପାଳ ଶ୍ରୀମତୀ ମଧୁମିତା ରଥ, ଅତିରିକ୍ତ ଜିଲ୍ଲାପାଳ ତଥା ଜିଲ୍ଲା ନିବନ୍ଧକ ଶ୍ରୀ ବିଜୟାନନ୍ଦ ନାୟକ, ଜିଲ୍ଲା ଉପ ନିବନ୍ଧକ ଡ଼ଃ ସ୍ୱାତିଲେଖା ମାଝୀ ପ୍ରମୁଖ ଉପସ୍ଥିତ ଥିଲେ କ୍ଷ ଏହି ନୂତନ କାର୍ଯ୍ୟାଳୟଟି ଏକ କୋଟି ଚାଳିଶି ଲକ୍ଷ ଛଅଷଠି ହଜାର ବ୍ୟୟ ଅଟକଳରେ ନିର୍ମିତ ହୋଇଅଛି ଯାହାଫଳରେ ଜିଲ୍ଲାର ସମୁଦାୟ ୨୬୩ ରାଜସ୍ୱ ଗ୍ରାମର ଜନସାଧାରଣ ଉପକୃତ ହେବେ କ୍ଷ ଏହି ଅବସରରେ ମୋହରୀ ସଙ୍ଘ ର ସଭାପତି ଶ୍ରୀ କ୍ଷୀରୋଦ କୁମାର ମହାପାତ୍ର, ସମସ୍ତ ମୋହରୀ, କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ବୃନ୍ଦ ଉପସ୍ଥିତ ଥିଲେ

# ଜିଲ୍ଲା ସଡ଼କ ସୁରକ୍ଷା ଓ ହାଇୱେ ସେଫ୍‌ଟି ଟାସ୍କଫୋର୍ସର ଗୁରୁତ୍ୱପୂର୍ଣ୍ଣ ବୈଠକ



ନୟାଗଡ,(ପିପିଏସ୍): ନୟାଗଡ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ର ସଭାବନା ସଭା ଗୃହରେ ଆଞ୍ଚଳିକ ପରିବହନ ପ୍ରାଧିକରଣ,ନୟାଗଡ଼ ଙ୍କ ଆନୁକୁଲ୍ୟ ରେ ଜିଲ୍ଲା ସଡ଼କ ସୁରକ୍ଷା ଓ ହାଇୱେ ସେଫଟୀ ଟାସ୍କଫୋର୍ସ ବୈଠକ ଗୁରୁବାର ତା - ୧୦.୦୯.୨୦୨୬ ରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକ ରେ ଜିଲ୍ଲାପାଳ ଶ୍ରୀମତୀ ମଧୁମିତା ରଥ ଙ୍କ ଅଧକ୍ଷତା ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଶ୍ରୀଯୁକ୍ତ ଶୁଭେନ୍ଦୁ କୁମାର ପାତ୍ର ଙ୍କ ଉପସ୍ଥିତି ରେ ସଡ଼କ ଦୁର୍ଘଟଣା ର କାରଣ ଗୁଡ଼ିକ ଉପରେ ବିଶ୍ଳେଷଣ କରାଯାଇ ତାହାର ନିରାକରଣ ନିମନ୍ତେ ପଦକ୍ଷେପ ନେବା ପାଇଁ ଉପସ୍ଥିତ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଦିନକୁ ଦିନ ବଢୁଥିବା ଟ୍ରାଫିକ ସମସ୍ୟା ର ସମାଧାନ ପାଇଁ ପୋଲିସ୍,ଆଞ୍ଚଳିକ ପରିବହନ ଅଧିକାରୀ ଓ ପୌରପାଳିକା ବିଭାଗ ର ମିଳିତ ସହଯୋଗ ରେ ଅବୈଧ ପାର୍କିଂ ବିରୁଦ୍ଧରେ ଜଏଣ୍ଟ ଏନଫର୍ସମେଣ୍ଟ କରିବା ନିମନ୍ତେ ପରାମର୍ଶ ଦେଇଥିଲେ । ଦୁର୍ଘଟଣା ପ୍ରବଣ ନୟାଗଡ଼ ବାଇପାସ୍ ରେ ଆଲୋକ ବ୍ୟବସ୍ଥା ସୁଦୃଢ଼ କରିବା ନିମନ୍ତେ ଘଏ ଅଧିକାରୀ ଙ୍କୁ ନିର୍ଦ୍ଦେଶ ଦେଇଥିଲେ । ପୌରାଞ୍ଚଳରେ ଟ୍ରାଫିକ ସମସ୍ୟା ଏଡ଼ାଇବା ପାଇଁ ରାସ୍ତା କଡ଼ରେ ଅବୈଧ ଭାବରେ ବସିଥିବା ବେପାରୀ ମାନଙ୍କୁ ସ୍ଥାନାନ୍ତର କରିବା ନିମନ୍ତେ ପୌରପାଳିକା ବିଭାଗର ଅଧିକାରୀ ଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲା ରେ ଟ୍ରାଫିକ ନିୟମ ଉଲ୍ଲଙ୍ଘନକାରୀ ମାନଙ୍କ ବିରୁଦ୍ଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ମଦ୍ୟପାନ,ବିନା ହେଲମେଟ ଓ ମୋବାଇଲ ବ୍ୟବହାର କରି ଗାଡ଼ି ଚଳାଉଥିବା ଚାଳକ ମାନଙ୍କ ଉପରେ କଡ଼ା ଦୃଷ୍ଟି ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲା ସଡ଼କ ସୁରକ୍ଷା କମିଟି ର ସମସ୍ତ ସଦସ୍ୟ, ଜିଲ୍ଲା ଅଧିକାରୀ ବୃନ୍ଦ,ଘରୋଇ ବସ୍ ମାଲିକ ସଂଘ,ଟ୍ରକ୍ ମାଲିକ ସଂଘ,ବରିଷ୍ଠ ନାଗରିକ ସଂଘ ଏବଂ ଅନ୍ୟାନ୍ୟ ସଦସ୍ୟ ବୃନ୍ଦ ଯୋଗ ଦାନ କରିଥିଲେ । ଶେଷରେ ଆଞ୍ଚଳିକ ପରିବହନ ଅଧିକାରୀ ଶ୍ରୀଯୁକ୍ତ ବିଭୂରଞ୍ଜନ ନାଏକ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ ।

# କୁସୁପୁର ଗ୍ରାମର ମା'ରମେଶ୍ୱରୀ ମନ୍ଦିରରୁ ଚୋରି

ଗୋପ (ପିପିଏସ )ଗୋପରୁ ଆସିଛି ଏକ ବଡ଼ ଖବର । ଗୋପ ଥାନା ଅନ୍ତର୍ଗତ କୁସୁପୁର ଗ୍ରାମରେ ଥିବା ପ୍ରସିଦ୍ଧ ମା' ରମେଶ୍ୱରୀ ମନ୍ଦିରରୁ ଲକ୍ଷାଧିକ ଟଙ୍କାର ସୁନା, ରୁପା ଅଳଙ୍କାର ଓ ପୂଜା ସାମଗ୍ରୀ ଚୋରୀ ହୋଇଯାଇଛି । ସୂଚନା ଅନୁଯାୟୀ, ଆଜି ସକାଳେ ଯେତେବେଳେ ପୂଜକ ମା'ଙ୍କ ନୀତିକାନ୍ତି ପାଇଁ ମନ୍ଦିରକୁ ଆସିଥିଲେ, ସେତେବେଳେ ମୁଖ୍ୟ କବାଟର ତାଲା ଭଙ୍ଗା ଯାଇଥିବା ଦେଖିବାକୁ ପାଇଥିଲେ । ମନ୍ଦିର ଭିତରେ ମା'ଙ୍କ ରୁପା ମୁକୁଟ, ସୁନା ଗହଣା ଗାଏବ ଥିବା ବେଳେ ଟ୍ରଙ୍କଟି ଖୋଲା ଅବସ୍ଥାରେ ପଡ଼ିଥିଲା । ଏହାସହ ପିତଳ ବାଲ୍ଟି, ଗରା, ଦୀପଦାନୀ ଓ ଖଣ୍ଟ ଭଳି ଅନେକ ପୂଜା ସାମଗ୍ରୀ ଦୁର୍ବୃତ୍ତମାନେ ନେଇ ଯାଇଛନ୍ତି । ପୂଜକ ତୁରନ୍ତ ଗ୍ରାମବାସୀଙ୍କୁ ଜଣାଇବା ପରେ ଗୋପ ପୋଲିସକୁ ଖବର ଦିଆଯାଇଥିଲା । ଖବର ପାଇ ଗୋପ ପୋଲିସ ଏବଂ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି । ଅପରାଧୀଙ୍କୁ ଚିହ୍ନଟ କରିବା ପାଇଁ ପୋଲିସ ଆଖପାଖ ଅଞ୍ଚଳରେ ଲାଗିଥିବା ସିସିଟିଭି ଫୁଟେଜ୍ ଯାଞ୍ଚ କରୁଛି । ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ପୋଲିସ ପାଟ୍ରୋଲିଂ କଡ଼ାକଡ଼ି କରିବା ସହ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି । ବର୍ତ୍ତମାନ ଦେଖିବାକୁ ବାକି ରହିଲା, ପୋଲିସ କେବେ ଏହି ଚୋର ସିଣ୍ଡିକେଟ୍‌କୁ ଧରିବାରେ ସଫଳ ହେଉଛି ।

# ଇଞ୍ଜିନକୁ ମାରୁଛି ନକଲି ମୋବିଲ୍ !



ଅସ୍ତରଙ୍ଗ, (ପିପିଏସ୍): ପୁରୀ ଜିଲ୍ଲା କାକଟପୁର ଓ ଅସ୍ତରଙ୍ଗ ବ୍ଲକରେ ନକଲି ମୋବିଲ ଓ ଲୁବ୍ରିକାଣ୍ଟ ବେପାର ଏବେ ଚରମରେ । ଅଞ୍ଚଳର ମାଳ ମାଳ ଅଟୋ ପାର୍ଟସ ଦୋକାନ ଓ ଗ୍ୟାରେଜରେ ନାମୀଦାମୀ କମ୍ପାନୀ ଯେପରି କାଷ୍ଟ୍ରୋଲ, ସର୍ଭୋ, ମୋବିଲ, ଭିଡୋଲ ଭଳି ବ୍ରାଣ୍ଡର ନକଲି ଷ୍ଟିକର ଲଗାଇ ନକଲି ତେଲ ବିକ୍ରି କରାଯାଉଛି । ଯାହା ଫଳରେ ସାଧାରଣ ଗ୍ରାହକ ଠକାମୀର ଶିକାର ହେଉଛନ୍ତି ଓ ତାଙ୍କ ମୂଲ୍ୟବାନ ଗାଡି ଖରାପ ହେଉଛି ।

ସ୍ଥାନୀୟ ଅଭିଜ୍ଞ ଗ୍ୟାରେଜ ମାଲିକ ମାନସ କୁମାର ସେଠୀ ଏ ନେଇ ବଡ ଖୁଲାସା କରିଛନ୍ତି । ସେ କହିଛନ୍ତି, ଆମେ ପ୍ରତିଦିନ ଗାଡି କାମ କରୁଥିବା ବେଳେ ଦେଖୁଛୁ, ଅନେକ ଗ୍ରାହକ ନୂଆ ମୋବିଲ ପକାଇବାର ମାତ୍ର ୧୫-୨୦ ଦିନ ଭିତରେ ଇଞ୍ଜିନରୁ ଧୂଆଁ ବାହାରିବା, ଇଞ୍ଜିନ ଅତ୍ୟଧିକ ଗରମ ହେବା, ମାଇଲେଜ କମିଯିବା, ସାଉଣ୍ଡ ବଦଳିଯିବା ନେଇ ଆସୁଛନ୍ତି । ଯାଞ୍ଚ କଲା ବେଳେ ଜଣାପଡୁଛି ସେମାନେ ନକଲି ଲୁବ୍ରିକାଣ୍ଟ ପକାଇଛନ୍ତି । ଅଧିକ ଲାଭ ଲୋଭରେ କିଛି ଅସାଧୁ ବ୍ୟବସାୟୀ ବାହାରୁ ପୁରୁଣା ରିସାଇକଲ ତେଲ କମ ଦାମରେ ଆଣି ନୂଆ ବୋତଲରେ ଭର୍ତ୍ତି କରି ନକଲି ଷ୍ଟିକର ଲଗାଇ ଦେଉଛନ୍ତି ।

ଅଭିଯୋଗ ଅନୁସାରେ କାକଟପୁର,ଅସ୍ତରଙ୍ଗ ମୁଖ୍ୟ ବଜାର, ହାଟ ଗଳି, ଅସ୍ତରଙ୍ଗ, କୁଣ୍ଢେଇ ଛକ, ଅସ୍ତରଙ୍ଗ ବଜାର ପ୍ରତି ଦୋକାନ ଏହି ଧନ୍ଦା ବେଧଡକ ଚାଲିଛି । ଅସଲି କାଷ୍ଟ୍ରୋଲ ମୋବିଲ ଯାହାର ଦାମ ୫୫୦ ଟଙ୍କା, ନକଲି ତାହା ୧୮୦ ରୁ ୨୦୦ ଟଙ୍କାରେ କିଣି ୫୦୦ ଟଙ୍କାରେ ବିକୁଛନ୍ତି । ବୋତଲ ପିଛା ୩୦୦ ଟଙ୍କା ଲାଭ । ଗ୍ରାହକ ୫୦ ଟଙ୍କା ଶସ୍ତା ଭାବି ନେଇଯାଉଛନ୍ତି କିନ୍ତୁ ପରେ ଇଞ୍ଜିନ ସିଜ୍ ହୋଇ ୧୦-୧୫ ହଜାର ଟଙ୍କା ଖର୍ଚ୍ଚ କରୁଛନ୍ତି । ସବୁ ବିକ୍ରି ବିନା ବିଲରେ ହେଉଛି, ତେଣୁ ପ୍ରମାଣ ନାହିଁ ।

ଯୋଗାଣ ବିଭାଗ ଓ ପ୍ରଶାସନ ଏଥି ପ୍ରତି ଦୃଷ୍ଟି ଦେଉନାହାଁନ୍ତି । ତେଣୁ ସାଧାରଣରେ ଦାବି ହେଉଛି ତୁରନ୍ତ ସମସ୍ତ ଦୋକାନରେ ଚଢାଉ କରି ନମୁନା ସଂଗ୍ରହ ଓ ଲାବୋରେଟୋରୀ ପରୀକ୍ଷା କରାଯାଉ । ନକଲି ବେପାରୀଙ୍କ ଲାଇସେନ୍ସ ବାତିଲ କରାଯାଉ ବୋଲି ମାନସ କୁମାର ସେଠୀ ଦାବି କରିଛନ୍ତି ।

# ବାଲ୍ୟବିବାହ ନିଷେଧ ଆଇନ ଉପରେ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ବ୍ରହ୍ମପୁର(ପିପିଏସ୍): ବାଲ୍ୟ ବିବାହ ନିଷେଧ ଆଇନ, ୨୦୦୬ର ସଠିକ୍ କାର୍ଯ୍ୟକାରିତା ଓ ବାଲ୍ୟ ବିବାହ ନିଷେଧ ଅଧିକାରୀମାନଙ୍କ ଦକ୍ଷତା ବୃଦ୍ଧି ଉଦ୍ଦେଶ୍ୟରେ ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ପରିଷଦର ଋଷିକୁଲ୍ୟା ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । କାର୍ଯ୍ୟକ୍ରମରେ




## ୧୭୭ ଦିବ୍ୟାଙ୍ଗଙ୍କ ନାମ ପଞ୍ଜିକୃତ

ଅତିରିକ୍ତ ଜିଲ୍ଲାପାଳ ସଚ୍ଚିଦାନନ୍ଦ ନାୟକ ଅଧକ୍ଷତା କରି ବାଲ୍ୟ ବିବାହ ରୋକିବାରେ ବାଲ୍ୟ ବିବାହ ନିଷେଧ ଅଧିକାରୀମାନଙ୍କ ଭୂମିକା ଓ ଦାୟିତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ । ବାଲ୍ୟ ବିବାହ ସମ୍ପର୍କରେ ସୂଚନା ମିଳିବା ମାତ୍ରେ ସମନ୍ୱିତ ଭାବେ ତ୍ୱରିତ ପଦକ୍ଷେପ ନେବାକୁ ସେ ପରାମର୍ଶ ଦେଇଥିଲେ । ୟୁନିସେଫ୍, ଭୁବନେଶ୍ୱରର ଶିଶୁ ସୁରକ୍ଷା ବିଭାଗର ରାଜ୍ୟ ପରାମର୍ଶଦାତା ଘାସିରାମ ପଣ୍ଡା ସମ୍ବଳ ବ୍ୟକ୍ତି ଭାବେ ଯୋଗଦେଇ ବାଲ୍ୟ ବିବାହର କାରଣ ଓ ପ୍ରଭାବ, ବାଲ୍ୟ ବିବାହ ନିଷେଧ ଆଇନର ବ୍ୟବସ୍ଥା, ପ୍ରତିରୋଧ, ଉଦ୍ଧାର ଓ ପୁନର୍ବାସ ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । 'ବାଲ୍ୟ ବିବାହ ମୁକ୍ତ ଭାରତ' ପୋର୍ଟାଲରେ ରିପୋର୍ଟିଂ ଓ ମନିଟରିଂ ସହ ଗଞ୍ଜାମ ପାଇଁ ସ୍ୱତନ୍ତ୍ର କାର୍ଯ୍ୟଯୋଜନା ପ୍ରସ୍ତୁତି ନେଇ ମଧ୍ୟ ଆଲୋଚନା ହୋଇଥିଲା । ପ୍ରଶିକ୍ଷଣରେ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗର ୧୭୬ଜଣ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗର ୪୦ଜଣ ଛାତ୍ରାବାସ ଅଧୀକ୍ଷକ ଓ ମାଟ୍ରନ୍ ଏବଂ ମହିଳା ଓ ଶିଶୁ ବିକାଶ ବିଭାଗର ୨୪ଜଣ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ବିଜୟଲକ୍ଷ୍ମୀ ବେହେରା, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରାଜଶ୍ରୀ ଦାସ, ଶିଶୁ ମଙ୍ଗଳ ସମିତିର ଅଧକ୍ଷ ଟି.ସୁଶାନ୍ତ, ମହିଳା ସୁରକ୍ଷା ଅଧିକାରୀ ଡି.ନାଗୋରାନ୍ତମ ଓ କାର୍ଯ୍ୟକ୍ରମ ଅଧିକାରୀ ଏସ୍.ରାଜେଶ୍ୱରୀଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ ହିତଧାରୀ ଯୋଗଦେଇଥିଲେ । ଏହି ଅବସରରେ ମଧ୍ୟ ଏକ ଶପଥ ପାଠ କରାଯାଇଥିଲା ।

# ଦିବ୍ୟଜୀବନ ସଂଘ ମହିଳା ଶାଖାରେ ଶିବାନନ୍ଦ ଜୟନ୍ତୀ ଓ ଆରାଧନା ଦିବସ



ବ୍ରହ୍ମପୁର(ପିପିଏସ୍): ଦିବ୍ୟ ଜୀବନ ସଂଘ ମହିଳା ଶାଖା ଆଶ୍ରମ ପରିସରରେ ଆନ୍ତର୍ଜାତିକ ଦିବ୍ୟ ଜୀବନ ସଂଘର ପ୍ରତିଷ୍ଠାତା ତଥା ସଦ୍‌ଗୁରୁ ଶିବାନନ୍ଦ ସରସ୍ୱତୀ ମହାରାଜାଙ୍କ ପବିତ୍ର ତମ ଜନ୍ମ ଉତ୍ସବ ଓ ବ୍ରହ୍ମ ଲୀନ ସ୍ୱାମୀ ଚିଦାନନ୍ଦ ସରସ୍ୱତୀଙ୍କ ୧୮ତମ ଆରାଧନା ଦିବସ ପାଳିତ ହୋଇଯାଇଛି । ବରିଷ୍ଠ ଗୁରୁ ଭାଇ ଅରୁଣ କୁମାର ଦାଶଙ୍କ ପୌରୋହିତ୍ୟରେ ପ୍ରାତଃ ୫ଘଣ୍ଟା ଠାରୁ ବ୍ରାହ୍ମ ମୁହୂର୍ତ୍ତ, ପ୍ରାର୍ଥନା, ପରିକ୍ରମା, ଗୁରୁ ପାଦୁକା ପୂଜା ଓ ଅର୍ଚ୍ଚନା ଆଦି ଯଥାରୀତି ପାଳନ କରାଯାଇଥିଲ । । ସନ୍ଧ୍ୟା ସତ୍‌ସଙ୍ଗରେ ବରିଷ୍ଠ ଗୁରୁ ଭାଇ ଶ୍ରୀନିବାସ ପାତ୍ର ଓ ରୀନା ପାଢ଼ି ଯୋଗଦେଇ ସ୍ୱାମୀ ଶିବାନନ୍ଦ ସରସ୍ୱତୀ ମହାରାଜଙ୍କର ବାଣୀ ଓ ଲେଖାର ନିର୍ଯ୍ୟାଶକୁ ଖୁବ୍ ସରଳ ଓ ସୂକ୍ଷ୍ମ ଭାବେ କେତେ ଗୋଟି ମଧ୍ୟରେ ପ୍ରକାଶ କରିଥିଲେ । ତାହା ହେଉଛି ସେବା, ପ୍ରେମ, ଦାନ, ପବିତ୍ରତା,ଧ୍ୟାନ ଓ ପରିଶେଷରେ ଈଶ୍ୱର ସାକ୍ଷାତକାର ବୋଲି କହିଥିଲେ । ପରମ ଗୁରୁ ଦେବ ସ୍ୱାମୀ ଶିବାନନ୍ଦ ଓ ସ୍ୱାମୀ ଚିଦାନନ୍ଦଙ୍କ ମହତ୍ୱବାଣୀ ଭଲ ହୁଅ ଓ ଭଲ କର, ମାନବ ସବା ହିଁ ମାଧବ ସେବାକୁ ଆଧାରିତ କରି ଦକ୍ଷିଣାଞ୍ଚଳ ଦିବ୍ୟଜୀବନ ସଂଘ ସମନ୍ୱୟ ସମିତିର କୋଷଧକ୍ଷ ଶାନ୍ତି ଭୂଷଣ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଦିବା ୩ ଘଣ୍ଟାରେ ସ୍ଥାନୀୟ ଶିବାନନ୍ଦ ଶିଶୁ ମନ୍ଦିର ଓ କୃଷ୍ଣନଗର ସ୍କୁଲର ଶତାଧିକ ଛାତ୍ର ଛାତ୍ରୀମାନଙ୍କୁ ଭଗବତ୍ ଗୀତା ପୁସ୍ତକ, ଚକୋଲେଟ୍, ବିସ୍କୁଟ ସହ ପାଠ୍ୟ ଉପକରଣ ସହ ଗୀତା ଆବୃତ୍ତି ପ୍ରତିଯୋଗିତାରେ ୧୫ଜଣ କୃତି ଛାତ୍ରଛାତ୍ରୀଙ୍କୁ ସ୍ୱତନ୍ତ୍ର ପୁରସ୍କାର ସହ ୧ଘଣ୍ଟା ସତ୍‌ସଙ୍ଗ କରାଯାଇଥିଲା । ଏହି ଦିବ୍ୟ କାର୍ଯ୍ୟକ୍ରମକୁ ସଂଘର ସଭା ସଭାନେତ୍ରୀ ଜ୍ୟୋସ୍ନାରାଣୀ ଦାସ, ମମତା ମହାପାତ୍ର, ରୀନା ପାଢ଼ୀ, ଲିପିବାଳା ସାହୁ, ସୁଜାତା ପଟ୍ଟନାୟକ, ଏମ୍.କ୍ରୀଷ୍ଣା ଦୋରା, ଅଲେଖ ବେହେରା, ସରସ୍ୱତୀ ପାଣିଗ୍ରାହୀ, ମମତା ପ୍ରଧାନ, ସୁରେଶ ଚନ୍ଦ୍ର ବରାଡ଼, ମାମି ବେହେରା, ଅନାମିତା ପଣ୍ଡାଙ୍କ ସମେତ ବହୁ ଭକ୍ତ ଉପସ୍ଥିତ ରହି ସହଯୋଗ କରିଥିଲେ ।

# ନୟାଗଡ଼ ଜିଲ୍ଲା ଦ୍ୱିତୀୟ ବରିଷ୍ଠ ତୀର୍ଥଯାତ୍ରୀ ଯୋଜନାର ଶୁଭାରମ୍ଭ କଲେ ପୁରୀ ସାଂସଦ

ନୟାଗଡ଼, (ପିପିଏସ୍): ଆଜି ଅପରାହ୍ନ ଘ. ୨. ୩୦ ମି. ସମୟରେ ଜିଲ୍ଲା ପର୍ଯ୍ୟଟନ ବିଭାଗ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ଦ୍ୱିତୀୟ ତୀର୍ଥ ଯାତ୍ରୀ ଯୋଜନାର ଶୁଭାରମ୍ଭ କରାଯାଇଛି । ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ପର୍ଯ୍ୟଟନ ଉନ୍ନୟନ ଅଧିକାରୀ ଶ୍ରୀମତୀ ସତ୍ୟଭାମା ବେହେରାଙ୍କ ପୌରହିତ୍ୟରେ ମାନ୍ୟବର ସାଂସଦ ପୁରୀ, ଡା. ସମ୍ବିତ୍ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ତୀର୍ଥଯାତ୍ରୀ ବସକୁ ପତାକା ଦେଖାଇ ଏହି ଯାତ୍ରାର ଶୁଭାରମ୍ଭ କରିଥିଲେ କ୍ଷ ଏହି ଯୋଜନାରେ ଜିଲ୍ଲାର ସମୁଦାୟ ୧୧୯ ଜଣ ତୀର୍ଥ ଯାତ୍ରୀ ଯାତ୍ରା କରିଛନ୍ତି କ୍ଷ ମାନ୍ୟବର ସାଂସଦ ସମସ୍ତ ତୀର୍ଥଯାତ୍ରୀଙ୍କୁ ଅଯୋଧ୍ୟା ଓ ବାରାଣସୀ ଯାତ୍ରା ପାଇଁ ଅଭିନନ୍ଦନ ଜଣାଇଥିଲେ ଏବଂ ରାମ ନାମ ଆଉ ଶିବ ନାମକୁ ତୀର୍ଥଯାତ୍ରୀମାନଙ୍କ ସହିତ ଗାନ କରିଥିଲେ ।

ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ମାନନୀୟା ଜିଲ୍ଲାପାଳ ଶ୍ରୀମତୀ ମଧୁମିତା ରଥ ଯାତ୍ରୀ ମାନେ କିଭଳି ଭାବେ ସୁରୁଖୁରୁରେ ଯିବା ଆସିବା କରିବେ ତା ଉପରେ ଆଲୋଚନା କରିଥିଲେ । ଅନ୍ୟତମ ସମ୍ମାନୀତ ଅତିଥି ଭାବରେ ଅଧକ୍ଷ ଜିଲ୍ଲାପରିଷଦ ଇଂ ଦେବାଶିଷ ପଟ୍ଟନାୟକ ଯୋଗ ଦେଇ ପର୍ଯ୍ୟଟନ ବିଭାଗର ଏହି କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଂଶସା କରିଥିଲେ । ଶେଷରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବିଜୟାନନ୍ଦ ନାୟକ ଧନ୍ୟବାଦ ଅର୍ପଣ ପ୍ରଦାନ କରିଥିଲେ ।

# ଚୌଦ୍ୱାର ଥାନା ପକ୍ଷରୁ ଗଣେଶ ପୂଜା ପ୍ରସ୍ତୁତି

## ନିଶାମୁକ୍ତ ଶୋଭାଯାତ୍ରା ଉପରେ ଗୁରୁତ୍ୱ




ଚୌଦ୍ୱାର,(ପିପିଏସ୍): କମିସନରେଟ ପୁଲିସର ଚୌଦ୍ୱାର ଥାନା ତରଫରୁ ଆସନ୍ତା ଗଣେଶ ପୂଜା ପାଇଁ ପ୍ରସ୍ତୁତି ବୈଠକ ଗୁରୁବାର ସଂଧ୍ୟାରେ ଅନୁଷ୍ଠିତ ହୋଇ ଯାଇଛି । ଆଇଆଇସି ରଜନୀକାନ୍ତ ଦାସଙ୍କ ପୌରୋହିତ୍ୟରେ ଥାନା ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋନ୍-୧ ଏସିପି ଅରୁଣ କୁମାର ସ୍ୱାଇଁ ଅତିଥି ଭାବେ ଯୋଗଦେଇ ଚୌଦ୍ୱାର ଥାନା ଅଧିନ ଚୌଦ୍ୱାର ସହର ଓ ଏହାର ଆଖପାଖ ଗ୍ରାମାଞ୍ଚଳରେ ଅନୁଷ୍ଠିତ ହେବାକୁଥିବା ଗଣେଶ ପୂଜାକୁ ଶୃଂଖଳାର ସହିତ ଶାନ୍ତିପୂର୍ଣ୍ଣ ଭାବେ ପାଳନ କରିବା ପାଇଁ ଉପସ୍ଥିତ ପୂଜା ମଣ୍ଡପ କର୍ମକର୍ତ୍ତା ମାନଙ୍କୁ ପରାମର୍ଶ ଦେଇଥିଲେ । ମାନ୍ୟବର ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଅନୁଯାୟୀ ଗଣେଷ ପୂଜା ପରିଦିନ ଠାରୁ କେବଳ ରବିବାର ଦିନ ମାନଙ୍କରେ ମେଢ଼ ଭସାଣ କରାଯିବ ବୋଲି ଶ୍ରୀ ସ୍ୱାଇଁ ସୂଚନା ଦେଇଥିଲେ । କମିସନରେଟ ପୁଲିସ୍‌ର ନିୟମାବଳୀ ଅନୁଯାୟୀ ପ୍ରତି ମେଢ଼ ମଣ୍ଡପ, ଶୋଭାଯାତ୍ରା, ବାଦ୍ୟ , ମନୋରଞ୍ଜନ କାର୍ଯ୍ୟକ୍ରମ ଆଦି ପାଇଁ ମେଢ଼ କମିଟି ମାନେ କମିସନରେଟ ପୁଲିସ ନିକଟରୁ ଅନୁମତିପତ୍ର ହାସଲ କରିବେ । ପ୍ରତି ମେଢ଼ରେ ସିସିଟିଭି କ୍ୟାମେରା ଓ ଅଗ୍ନି ନିର୍ବାପକ ବ୍ୟବସ୍ଥା ରଖିବା, ମେଢ଼ ମଣ୍ଡପ ଏବଂ ଭସାଣ ଶୋଭାଯାତ୍ରାରେ ଡିଜେ ବ୍ୟବହାରକୁ ନିଷିଦ୍ଧ କରାଯିବା ସହିତ ଶବ୍ଦ ମାତ୍ରା ୬୫ ଡେସିବାଲ ତଳକୁ ରଖିବା, ମେଢ଼ ଗୁଡ଼ିକୁ ନଦୀରେ ବିସର୍ଜନ ନକରି ଅସ୍ଥାୟୀ ପୋଖରୀରେ ବିସର୍ଜନ କରିବା, ନିଶା ସେବନରୁ ବିରତ ରହିବା ଆଦି କଡ଼ାକଡ଼ି ଭାବେ ପାଳନ କରିବାକୁ ପରାମର୍ଶ ଦିଆ ଯାଇଛି । ଭସାଣ ଶୋଭାଯାତ୍ରାରେ ବାଣ ଫୁଟାଇବାକୁ ସମ୍ପୂର୍ଣ୍ଣଭାବେ ନିଷିଦ୍ଧ କରାଯାଇଥିବା ମଧ୍ୟ ସୂଚନା ଦିଆ ଯାଇଥିଲା ।ଏଥି ସହିତ କମିସନରେଟ ପୁଲିସର ଏସଂକ୍ରାନ୍ତିୟ ଅନ୍ୟ ସମସ୍ତ ନିୟମାବଳି ପାଳନ କରି ଗଣେଶ ପୂଜାକୁ ସରସ ସୁନ୍ଦରକରି ଆୟୋଜନ କରିବା ପାଇଁ ମେଢ଼ କର୍ମକର୍ତ୍ତା ମାନଙ୍କୁ ଆଇଆଇସି ଶ୍ରୀ ଦାସ ଅନୁରୋଧ କରିଥିଲେ । ଅତିରିକ୍ତ ଆଇଆଇସି ନିରଞ୍ଜନ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ବୈଠକରେ ଅଞ୍ଚଳର ଶତାଧିକ ଗଣେଶ ପୂଜା ମଣ୍ଡପର କର୍ମକର୍ତ୍ତା ଯୋଗ ଦେଇଥିଲେ ।

# ଅଟୋ ଓଲଟି ୫ ଗୁରୁତର, ବ୍ରହ୍ମପୁର ସ୍ଥାନାନ୍ତର



ବ୍ରହ୍ମପୁର(ପିପିଏସ୍): ଗୁରୁବାର ସକାଳ ୧୦ଘଣ୍ଟା ସମୟରେ ଏକ ଯାତ୍ରୀବାହି ଅଟୋ ଓଲଟି ପାଞ୍ଚଜଣ ଗୁରୁତର ହୋଇ ବ୍ରହ୍ମପୁର ବଡମେଡିକାଲ ସ୍ଥାନାନ୍ତର ହୋଇଥିବା ଜଣାପଡ଼ିଛି । ସୂଚନା ପ୍ରକାରେ ବର୍ତ୍ତମାନ ବିଲକାମ ଚାଲିଥିବା ବେଳେ କୋଦଳା ଖଳାଡି ସାହିର କିଛି ମହିଳା ନିଜ ପରିବାର ଚଳାଇବାବା ପାଇଁ ଅର୍ଥ ସଂଗ୍ରହ ନିମନ୍ତେ ବାଘୁଆ ପାହାଡ ନିକଟ କୁ ଧାନ ବାଛିବା ନିମନ୍ତେ ଯାଇଥିଲେ । କାର୍ଯ୍ୟ ଶେଷ ହେବା ପରେ ରାସ୍ତା ଉପରକୁ ଆସି କୋଦଳା ଅଭିମୁଖେ ଯାଉଥିବା ଏକ ଯାତ୍ରୀବାହି ଅଟକୁ ହାତ ମାରି କୋଦଳା ନେଇଯିବା କହିଥିଲେ । ଡ୍ରାଇଭରଙ୍କ ସମ୍ମତି କ୍ରମେ ୫ଜଣ ମହିଳା ଉକ୍ତ ଅଟୋରେ ବସିଥିଲେ । କିଛିବାଟ ଗଲାପରେ ବାଘୁଆ ଭୁଇଁଡିମିରା ବାଙ୍କ ନିକଟରେ କୌଣସି କାରଣରୁ ଅଟୋଟି ଭାରସାମ୍ୟ ହରାଇ ରାସ୍ତା ଉପରେ ଓଲଟି ପଡିଥିଲା । ସେଠାରୁ ଯେନତେନ ପ୍ରକାରେ ଆହତଙ୍କୁ ଆଣି କୋଦଳା ମେଡିକାଲରେ ଚିକିତ୍ସିତ କରାଯାଇଥିଲା । ଅଟୋରେ ବସିଥିବା ଅମୁଲ୍ୟ ନାହାକ (୪୫)ଙ୍କ ବାମ ହାତ ଭାଙ୍ଗି ଯାଇଥିବା ବେଳେ ସୁନି ନାହାକ(୩୭)ଙ୍କ ଡାହାଣ ଗୋଡ଼, ଉରୀ ନାହାକ(୩୦)ଙ୍କ ମୁଣ୍ଡ, ରଞ୍ଜନ ସାହୁ (୩୫)ଙ୍କ ଗୋଡ଼, ଝୁନୁ ବେହେରା (୪୫)ଙ୍କ ହାତ ଓ ଛାତି ରେ ଆଘାତ ଲାଗିଛି । କିନ୍ତୁ ଚିକିତ୍ସା ଅଧିକ ଆବଶ୍ୟକତା ପଡିବାରୁ ତୁରନ୍ତ ସେମାନଙ୍କୁ ଆମ୍ବୁଲାନ୍ସ ଯୋଗେ ବ୍ରହ୍ମପୁର ବଡ଼ ମେଡିକାଲ ପଠାଇ ଦିଆଯାଇଛି ।

# ହାଇୱା ଧକ୍କାରେ ସାଇକେଲ ଆରୋହୀ ମୃତ



ବ୍ରହ୍ମପୁର(ପିପିଏସ୍): ଗୁରୁବାର କୋଦଳା ଲୁହାଶଙ୍ଖ ନିକଟରେ ଏକ ସଡ଼କ ଦୁର୍ଘଟଣାରେ ଜଣଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି । ସୂଚନା ପ୍ରକାରେ ଦିବା ୧ଘଣ୍ଟ ସମୟ ରେ ବେଗୁନିଆପଡା ଠାରୁ କୋଦଳା କୁ ଜଣେ ବ୍ୟକ୍ତି ସାଇକେଲ ଯୋଗେ ଆସୁଥିବା ସମୟ ରେ କୋଦଳା ଲୁହାଶଙ୍ଖ ନିକଟରେ ଏକ ୧୨ ଚକିଆ ହାଇୱା ଉକ୍ତ ସାଇକେଲ ଆରୋହୀଙ୍କୁ ପଛପଟୁ ଧକ୍କା ଦେଇଥିଲା । ଗାଡିର ଧକ୍କା ଏତେ ଜୋରରେ ହୋଇଥିଲା ଯେ ସାଇକେଲ ଆରୋହୀ ସାଇକେଲରୁ ଛିଟିକି ପଡି ଚକତଳେ ପଡିଯାଇଥିଲା ଆରୋହୀଟିର ମୁଣ୍ଡରେ ଚକା ଚଢି ଯାଇଥିଲା ଓ ସେଠାରେ ହିଁ ସେ ପ୍ରାଣତ୍ୟାଗ କରିଥିଲା । ଲୋକଙ୍କ ଠାରୁ ଖବର ପାଇ କୋଦଳା ପୋଲିସ ଘଟଣା ସ୍ଥଳରେ ପହଞ୍ଚି କୋଦଳା ଦମକଳ ସାହାର୍ଯ୍ୟରେ ମେଡିକାଲ ପଠାଇବା ସହିତ ଉକ୍ତ ହାଇୱା ଗାଡିକୁ ଜବତ କରି ଥାନାକୁ ପଠାଇଥିଲେ । କିନ୍ତୁ ଉକ୍ତ ସାଇକେଲ ଆରୋହୀଙ୍କ କୌଣସି ପରିଚୟ ବର୍ତ୍ତମାନ ସୁଦ୍ଧା ମିଳିନଥିବାରୁ ବ୍ୟବଚ୍ଛେଦ ପାଇଁ ପଠାଯାଇ ନଥିବା ଜଣାପଡ଼ିଛି ।

# ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ ପକ୍ଷରୁ 'ଦିଶା' ସମାବର୍ତ୍ତନ ଉତ୍ସବ

ବ୍ରହ୍ମପୁର(ପିପିଏସ୍): ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ (ଟିଏସ୍ଏଫ୍) ପକ୍ଷରୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ବିଜୁ ପଟ୍ଟନାୟକ ଅଡିଟୋରିୟମରେ 'ଦିଶା' ସମାବର୍ତ୍ତନ ଉତ୍ସବର ୧୫ତମ ସଂସ୍କରଣ ଆୟୋଜିତ ହୋଇଯାଇଛି । ଏହି ସମାରୋହରେ ୬ଟି ଭିନ୍ନ ଭିନ୍ନ ସ୍ଥାନରୁ ଆସିଥିବା ୫୨୧ ଜଣ ମହିଳା ପରିବର୍ତ୍ତନକାରୀ (ଚେଞ୍ଜମେକର୍ସ) ଏକାଠି

## ୧୫ତମ ସଂସ୍କରଣରେ ସାମିଲ ହେଲେ ୫୨୧ ମହିଳା




ହୋଇଥିଲେ । କାର୍ଯ୍ୟକ୍ରମରେ କଳିଙ୍ଗନଗରରୁ ୧୪୨ ଜଣ ମହିଳାଙ୍କ ସମେତ ସୁକିନ୍ଦାରୁ ୬୧, ବ୍ରାହ୍ମଣୀପାଳରୁ ୩୯, ଗୋପାଳପୁରରୁ ୧୫୨, ଆଠଗଡ଼ରୁ ୪୦ ଏବଂ ମେରାମଣ୍ଡଳୀରୁ ୮୭ ଜଣ ମହିଳା ସାମିଲ ହୋଇଥିଲେ । ଏହି ସମାବର୍ତ୍ତନ ଉତ୍ସବର ମୂଳ ବିଷୟବସ୍ତୁ ଥିଲା 'ସଚେତନ ଓ ସମାନତାଭିତ୍ତିକ ସମାଜ' । ଏହି ମଞ୍ଚ ମାଧ୍ୟମରେ ମହିଳା ସ୍ନାତକଧାରୀମାନେ ଏକ ସଚେତନ, ସମାବେଶୀ ଓ ସମାନତାଭିତ୍ତିକ ସମାଜ ଗଠନ ସମ୍ପର୍କରେ ନିଜର ମତ ରଖିଥିଲେ । ଏଥିସହ ନିଜ ନିଜର ବ୍ୟକ୍ତିଗତ ଯାତ୍ରା ଏବଂ ପରିବାର ଓ ସମାଜରେ ଆଣିଥିବା ସକରାତ୍ମକ ପରିବର୍ତ୍ତନ ବିଷୟରେ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମରେ ବ୍ରହ୍ମପୁର ସାଂସଦ ଡ଼. ପ୍ରଦୀପ କୁମାର ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳପତି ଅଧାପିକା ଅସୀମା ସାହୁ, ଟାଟା ଷ୍ଟିଲ୍ ଏସ୍ଇଜେଡ୍‌ର ଚିଫ୍ ଫାଇନାନସିଆଲ ଅଫିସର ମନୀଷ ଶ୍ରୀବାସ୍ତବ ଏବଂ ଟାଟା ଷ୍ଟିଲ୍ ଫାଉଣ୍ଡେସନ୍‌ର ଗୋପାଳପୁର ୟୁନିଟ୍ ହେଡ୍ ଡ଼.ଜୟନ୍ତ କୁମାର ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ମୁଖ୍ୟ ଅତିଥି ଡ. ପାଣିଗ୍ରାହୀ, ଓଡ଼ିଶାରେ ଟାଟା ଷ୍ଟିଲ୍ ଫାଉଣ୍ଡେସନର ଦୀର୍ଘକାଳୀନ ଭାଗୀଦାରୀ ଏବଂ ସାମାଜିକ-ଆର୍ଥିକ ବିକାଶ କ୍ଷେତ୍ରରେ ଏହାର ନିରନ୍ତର ପ୍ରଚେଷ୍ଟାକୁ ପ୍ରଶଂସା କରିଥିଲେ । ୨୦୩୦ ମସିହା ସୁଦ୍ଧା 'ଦିଶା' କାର୍ଯ୍ୟକ୍ରମକୁ ୨୫,୦୦୦ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାଙ୍କ ନିକଟରେ ପହଞ୍ଚାଇବାର ଲକ୍ଷ୍ୟକୁ ସେ ଦୋହରାଇଥିଲେ । ନିମନ୍ତ୍ରିତ ଅତିଥିଗଣ 'ଦିଶା' ସ୍ନାତକଧାରୀମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ସକ୍ରିୟ ସହଭାଗିତା, ନେତୃତ୍ୱ ଓ ସାମୂହିକ ପ୍ରଚେଷ୍ଟା ମାଧ୍ୟମରେ ସମାଜର ବିକାଶରେ ନିରନ୍ତର ଯୋଗଦାନ ଦେବାକୁ ଉତ୍ସାହିତ କରିଥିଲେ । ଆର୍ଥିକ ବର୍ଷ ୨୦୨୨ରୁ ଆରମ୍ଭ ହୋଇଥିବା 'ଦିଶା' ହେଉଛି ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ ଦ୍ୱାରା ପରିଚାଳିତ ଏକ ସାମାଜିକ ପଦକ୍ଷେପ । ଏହାର ମୂଳ ଲକ୍ଷ୍ୟ ହେଉଛି ମହିଳାମାନଙ୍କୁ ସାମାଜିକ, ରାଜନୈତିକ ଏବଂ ଡିଜିଟାଲ୍ ସଶକ୍ତୀକରଣ ମାଧ୍ୟମରେ ସମାଜର ନେତୃତ୍ୱ ନେଉଥିବା ପରିବର୍ତ୍ତନକାରୀ ଭାବେ ଗଢ଼ି ତୋଳିବା । ୫ବର୍ଷ ମଧ୍ୟରେ ୬,୦୦୦ମହିଳାଙ୍କୁ ଆତ୍ମବିଶ୍ୱାସୀ ଭାବେ ଗଢ଼ିତୋଳିବା ଲକ୍ଷ୍ୟରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ବର୍ତ୍ତମାନ ସୁଦ୍ଧା ଏହି ଲକ୍ଷ୍ୟ ଅତିକ୍ରମ କରି ୬,୮୦୦ରେ ପହଞ୍ଚିଛି । ଏହି ସଫଳତାକୁ ଆଗକୁ ନେଇ, ୨୦୨୬ରୁ ୨୦୩୧ ମସିହା ପାଇଁ 'ଦିଶା'ର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ ହୋଇଛି, ଯାହାର ଲକ୍ଷ୍ୟ ଆଉ ୬,୦୦୦ ମହିଳାଙ୍କୁ ପରିବର୍ତ୍ତନର ସାରଥୀ ଭାବେ ଗଢ଼ି ତୋଳିବା । ଏହି ଦ୍ୱିତୀୟ ପର୍ଯ୍ୟାୟରେ ମହିଳାମାନଙ୍କର ନେତୃତ୍ୱ, ଯୋଗାଯୋଗ, ନିଷ୍ପତ୍ତି ନେବାର କ୍ଷମତା ଏବଂ ଡିଜିଟାଲ୍ ଦକ୍ଷତା ବୃଦ୍ଧି କରିବା ସହ ଅଧିକାର, ସରକାରୀ ସୁବିଧା, ଲିଙ୍ଗଗତ ସମାନତା, ଗ୍ରାମ୍ୟ ବିକାଶ ଏବଂ ପଞ୍ଚାୟତିରାଜ ଅନୁଷ୍ଠାନରେ ସକ୍ରିୟ ଭାଗୀଦାରୀ ସମ୍ପର୍କରେ ସଚେତନତା ସୃଷ୍ଟି କରାଯିବ ।

# ମାସିକ ରାଜସ୍ୱ ଓ ପିଏମ୍‌ଜି ପ୍ରଗତି ବୈଠକ ପ୍ରକଳ୍ପ କାର୍ଯ୍ୟ ଶେଷ କରିବାକୁ କଡ଼ା ନିର୍ଦ୍ଦେଶ

ମାଲକାନଗିରି : ମାଲକାନଗିରି ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜେଶିର୍କେଙ୍କ ପୌରୋହିତ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ମାସିକ ରାଜସ୍ୱ ଏବଂ ପିଏମ୍‌ଜି ପ୍ରଗତି ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଉଚ୍ଚସ୍ତରୀୟ ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ, ବନଖଣ୍ଡ ଅଧିକାରୀ ସାଇ କିରଣ ଏବଂ ଉପ-ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇଙ୍କ ସମେତ ଅନ୍ୟାନ୍ୟ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ। ବୈଠକରେ ଜିଲ୍ଲାର ଚାଲୁ ରହିଥିବା ବିଭିନ୍ନ ଭିତ୍ତିଭୂମି ଉନ୍ନୟନ, ଗମନାଗମନ, ପାନୀୟ ଜଳ ଏବଂ ଗ୍ରାମୀଣ ବିକାଶ ଯୋଜନାର ଅଗ୍ରଗତି ନେଇ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ଏଥିସହ ଜିଲ୍ଲାର ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିବା ପାଇଁ ଜମି ରାଜସ୍ୱ, ଖଣିଜ ରାଜସ୍ୱ ଏବଂ ଅନ୍ୟାନ୍ୟ ସରକାରୀ ଟିକସ ଆଦାୟର ଲକ୍ଷ୍ୟଧାର୍ଯ୍ୟ ଉପରେ ସମୀକ୍ଷା କରାଯିବା ସହ ବାକି ରହିଥିବା ରାଜସ୍ୱକୁ ତ୍ୱରାନ୍ୱିତ ପ୍ରକ୍ରିୟାରେ ଆଦାୟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବିଶେଷ କରି ଜଙ୍ଗଲ ଜମି କ୍ଲିୟରାନ୍ସ ଏବଂ ପରିବେଶ ସମ୍ବନ୍ଧୀୟ ଆପତ୍ତି ଯୋଗୁଁ ଅଟକି ରହିଥିବା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବୃହତ୍ ପ୍ରକଳ୍ପଗୁଡ଼ିକର ସମାଧାନ ପାଇଁ ବନଖଣ୍ଡ ଅଧିକାରୀଙ୍କ ସହ ମିଳିତ ସମୀକ୍ଷା ହୋଇଥିଲା। ସମସ୍ତ ବିକାଶମୂଳକ କାର୍ଯ୍ୟକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଶେଷ କରିବା ସହ ଏହାର ଗୁଣବତ୍ତା ବଜାୟ ରଖିବାକୁ ଜିଲ୍ଲାପାଳ ଇଞ୍ଜିନିୟର ଓ ବିଭାଗୀୟ ମୁଖ୍ୟମାନଙ୍କୁ କଡ଼ା ଚେତାବନୀ ଦେଇଛନ୍ତି। ଏହି ଅବସରରେ ଜିଲ୍ଲାପାଳ କହିଛନ୍ତି ଯେ, ଜିଲ୍ଲାର ସର୍ବାଙ୍ଗୀନ ବିକାଶ ପାଇଁ ପ୍ରତ୍ୟେକ ପ୍ରକଳ୍ପ ଏବଂ ରାଜସ୍ୱ ଆଦାୟର ସଫଳ ରୂପାୟନ ଅତ୍ୟନ୍ତ ଜରୁରୀ। ସରକାରୀ ଯୋଜନାଗୁଡ଼ିକର ସୁଫଳ ଯେପରି ସାଧାରଣ ଲୋକଙ୍କ ପାଖରେ ଠିକ୍ ସମୟରେ ପହଞ୍ଚିପାରିବ, ସେଥିପାଇଁ ସମସ୍ତ ଅଧିକାରୀଙ୍କୁ ଅଧିକ ଦାୟିତ୍ୱବାନ ହେବାକୁ ପଡ଼ିବ। ସମୟସୀମା ମଧ୍ୟରେ କାର୍ଯ୍ୟ ଶେଷ ନକଲେ ସମ୍ପୃକ୍ତ ବିଭାଗ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ବୈଠକ ଶେଷରେ ସମସ୍ତ ବିଭାଗୀୟ ମୁଖ୍ୟମାନେ ନିଜ ନିଜ ବିଭାଗର ପ୍ରଗତି ରିପୋର୍ଟ ଉପସ୍ଥାପନ କରିବା ସହ ଜିଲ୍ଲାର ବିକାଶ ପ୍ରକ୍ରିୟାକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ସଙ୍କଳ୍ପ ନେଇଥିଲେ।

## ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କ ଯୋଗଦାନ

ପୁରୀ: ପୁରୀର ନୂତନ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଭାବେ ଅଭିଷେକ ବେହେରା କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ସେ ଢେଙ୍କାନାଳରେ କାର୍ଯ୍ୟରତ ଥିଲେ। ସେହିପରି ପୂର୍ବରୁ ପୁରୀର ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଥିବା ପ୍ରଦୀପ୍ତ କୁମାର ସେନାପତିଙ୍କର ନୟାଗଡ଼ ଜିଲ୍ଲାକୁ ବଦଳି ହୋଇଥିବାରୁ ଆଜି ତାଙ୍କୁ ରିଲିଭ କରାଯାଇଛି। ସୂଚନା ଓ ଲୋକ ସମ୍ପର୍କ ଯୁଗ୍ମ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଉଭୟଙ୍କୁ ପୁଷ୍ପ ଗୁଚ୍ଛ ଦେଇ ଶୁଭେଚ୍ଛା ଜଣାଇବା ସହ ନିଜ କାର୍ଯ୍ୟକୁ ନିଷ୍ଠାର ସହ ନିର୍ବାହ କରି ବିଭାଗର ସୁନାମ ବୃଦ୍ଧି କରନ୍ତୁ ବୋଲି ଆଶା ବ୍ୟକ୍ତ କରିଥିଲେ। ଏଥିରେ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# ନକଲି ପ୍ରମାଣପତ୍ରରେ ଶିକ୍ଷକ ନିଯୁକ୍ତି ମାମଲା, ଉଚ୍ଚସ୍ତରୀୟ ତଦନ୍ତ ଦାବି




କଳାହାଣ୍ଡି (ପିପିଏସ୍) : କଳାହାଣ୍ଡି ଜିଲ୍ଲା ଶିକ୍ଷା ବିଭାଗରେ କଥିତ ଜାଲି ଶିକ୍ଷାଗତ ପ୍ରମାଣପତ୍ର ଦେଇ ନିଯୁକ୍ତି ପାଇଥିବା ଶିକ୍ଷକଙ୍କ ମାମଲା ପୁଣିଥରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁରେ ରହିଛି। ବିଭିନ୍ନ ମହଲରେ ଅଭିଯୋଗ ହେଉଛି ଯେ, ବର୍ଷକେତେ ପୂର୍ବେ ହୋଇଥିବା ପ୍ରମାଣପତ୍ର ଯାଞ୍ଚରେ ବହୁ ଶିକ୍ଷକଙ୍କ ପ୍ରମାଣପତ୍ର ସନ୍ଦେହଜନକ କିମ୍ବା ଜାଲି ବୋଲି ଚିହ୍ନଟ ହୋଇଥିଲା ଏବଂ ପୁଲିସରେ ଅଭିଯୋଗ ମଧ୍ୟ ହୋଇଥିଲା। ତଥାପି ସମସ୍ତ ମାମଲାରେ ଆଇନ ଅନୁଯାୟୀ ଅନ୍ତିମ କାର୍ଯ୍ୟାନୁଷ୍ଠାନ କେତେ ଦୂର ହୋଇଛି, ତାହାକୁ ନେଇ ପ୍ରଶ୍ନ ଉଠୁଛି। ସ୍ଥାନୀୟ ମହଲରେ ଦାବି ହେଉଛି ଯେ, ସେହି ସମୟରେ ପ୍ରମାଣପତ୍ର ଯାଞ୍ଚ ପରେ ୯୪ ଜଣ ଶିକ୍ଷକଙ୍କ ବିରୋଧରେ ଜାଲି ପ୍ରମାଣପତ୍ର ସମ୍ବନ୍ଧୀୟ ଅଭିଯୋଗରେ ପୁଲିସ ପାଖରେ ମାମଲା ରୁଜୁ ହୋଇଥିଲା। ଏହି ସଂଖ୍ୟା ଓ ମାମଲାର ବର୍ତ୍ତମାନ ସ୍ଥିତି ସରକାରୀ ରେକର୍ଡ ଆଧାରରେ ଯାଞ୍ଚଯୋଗ୍ୟ। ଯଦି ଏହା ସତ୍ୟ, ତେବେ ସେହି ମାମଲାଗୁଡ଼ିକର ତଦନ୍ତ, ବିଚାର ଏବଂ ବିଭାଗୀୟ କାର୍ଯ୍ୟାନୁଷ୍ଠାନ କେଉଁ ପର୍ଯ୍ୟାୟରେ ଅଛି, ସେଥିପାଇଁ ସ୍ୱଚ୍ଛ ସୂଚନା ପ୍ରକାଶ କରିବାକୁ ଦାବି ହେଉଛି। ଅଭିଯୋଗକାରୀମାନଙ୍କ କହିବା ଅନୁସାରେ, ଯଦି କୌଣସି ଶିକ୍ଷକ ଜାଲି ପ୍ରମାଣପତ୍ର ଦେଇ ସରକାରୀ ଚାକିରି ପାଇଥାନ୍ତି, ତେବେ ଏହା କେବଳ ସରକାରୀ ନିଯୁକ୍ତି ବ୍ୟବସ୍ଥା ପ୍ରତି ନୁହେଁ;ବରଂ ଲକ୍ଷାଧିକ ଟଙ୍କାର ସରକାରୀ ଅର୍ଥ ବ୍ୟବହାର ଓ ଶିକ୍ଷା ବ୍ୟବସ୍ଥାର ବିଶ୍ୱସନୀୟତା ସହ ଜଡ଼ିତ ଏକ ଗୁରୁତର ପ୍ରସଙ୍ଗ। ତେଣୁ ପ୍ରତ୍ୟେକ ଅଭିଯୋଗର ନିରପେକ୍ଷ ତଦନ୍ତ ହେବା ଆବଶ୍ୟକ। ଏହି ପ୍ରସଙ୍ଗରେ କେତେକ ସାମାଜିକ କର୍ମୀ ଓ ସଚେତନ ନାଗରିକ ରାଜ୍ୟ ସରକାରଙ୍କୁ ଅନୁରୋଧ କରୁଛନ୍ତି ଯେ, କଳାହାଣ୍ଡିରେ ହୋଇଥିବା ପ୍ରମାଣପତ୍ର ଯାଞ୍ଚ ସମ୍ବନ୍ଧୀୟ ସମସ୍ତ ମାମଲାର ପ୍ରଗତି ସମୀକ୍ଷା କରାଯାଉ। ଯେଉଁ ମାମଲାରେ ତଦନ୍ତ ଅସମ୍ପୂର୍ଣ୍ଣ ଅଛି କିମ୍ବା ବିଭାଗୀୟ କାର୍ଯ୍ୟାନୁଷ୍ଠାନ ବାକି ରହିଛି, ସେଗୁଡ଼ିକୁ ଶୀଘ୍ର ସମାପ୍ତ କରାଯାଉ। ସେହିପରି, ଯଦି ନିଯୁକ୍ତି ପ୍ରକ୍ରିୟାରେ କୌଣସି କର୍ମଚାରୀ, ଦଲାଲ କିମ୍ବା ଅନ୍ୟ କେହି ବେଆଇନ ସହଯୋଗ କରିଥିବାର ବିଶ୍ୱସନୀୟ ପ୍ରମାଣ ମିଳେ, ତେବେ ସେମାନଙ୍କ ଭୂମିକା ମଧ୍ୟ ତଦନ୍ତ ପରିସରକୁ ଆସିବା ଉଚିତ ବୋଲି ଦାବି ହେଉଛି। କିନ୍ତୁ କୌଣସି ବ୍ୟକ୍ତିଙ୍କୁ ପ୍ରମାଣ ବିନା 'ମାଷ୍ଟରମାଇଣ୍ଡ' ବୋଲି କହିବା ଉଚିତ ନୁହେଁ। ସେପରି ଅଭିଯୋଗ ଥିଲେ, ତାହାର ତଦନ୍ତ କରି ସତ୍ୟାସତ୍ୟ ନିର୍ଣ୍ଣୟ କରିବା ସମ୍ପୃକ୍ତ ତଦନ୍ତକାରୀ ସଂସ୍ଥାର ଦାୟିତ୍ୱ। ରାଜ୍ୟରେ ବର୍ତ୍ତମାନର ସରକାର ଦୁର୍ନୀତି ବିରୋଧରେ କଠୋର ଆଭିମୁଖ୍ୟ ନେବା କଥା କହିଆସୁଛନ୍ତି। ଏହି ପରିପ୍ରେକ୍ଷୀରେ କଳାହାଣ୍ଡିର ଏହି ପୁରୁଣା ମାମଲାର ଅଗ୍ରଗତି କଣ, କେତେଜଣଙ୍କ ବିରୋଧରେ ବିଭାଗୀୟ କିମ୍ବା ଆଇନଗତ କାର୍ଯ୍ୟାନୁଷ୍ଠାନ ହୋଇଛି ଏବଂ କେତେ ମାମଲା ବିଚାରାଧୀନ ଅଛି ସେନେଇ ସରକାର ସ୍ପଷ୍ଟ ତଥ୍ୟ ରଖିଲେ ଲୋକଙ୍କ ସନ୍ଦେହ ଦୂର ହୋଇପାରିବ।

# ସରକାରୀ ଜମିରୁ ବେଆଇନ ଗୃହଗୁଡ଼ିକ ଉଚ୍ଛେଦ ଦାବି

ଜୟପୁର: ଜୟପୁର ବ୍ଲକ ଫାମ୍ପୁଣି ଗ୍ରାମପଂଚାୟତର ସହର ଗ୍ରାମର ବଡସାହିର ରାଧକୃଷ୍ଣ ମନ୍ଦିରର ସମ୍ମୁଖରେ ରହିଥିବା ସରକାରୀ ଜମିକୁ ସ୍ଥାନୀୟ କିଛି ବ୍ୟକ୍ତି ଜବରଦଖଲ ସହିତ ଗୃହ ନିର୍ମାଣ କରିଛନ୍ତି । ତେଣୁ ତୁରନ୍ତ ସେମାନଙ୍କୁ ଉକ୍ତ ଜମିରୁ ଉଚ୍ଛେଦ କରିବା ନେଇ ଫାମ୍ପୁଣି ଗ୍ରାମର ବାସିନ୍ଦା ଆଜି ଉପଜିଲ୍ଲାପାଳ ଏବଂ ତହସିଲ କାର୍ଯ୍ୟାଳୟରେ ପହଂଚି ଦାବିପତ୍ର ପ୍ରଦାନ କରିଛନ୍ତି । ଏହିପରି ଦାବିପତ୍ର ରେ ଉଲ୍ଲେଖ କରିଛନ୍ତି ଯେ, ସରକାରଙ୍କ ଏହି ନାମୀଦାମୀ ଜମି ମଧ୍ୟବର୍ତ୍ତୀ ସ୍ଥାନରେ ପଂଚାୟତ ଦ୍ୱାରା ସରକାରୀ ଟଙ୍କାରେ ଏକ କ୍ଲବ ଗୃହ ଏବଂ କିର୍ତନ ମଣ୍ଡପ ନିର୍ମାଣ କରାଯାଇଛି । କିନ୍ତୁ ଉକ୍ତ ଦୁଇଟି ଗୃହକୁ ଯାତାୟାତ ପାଇଁ ରାସ୍ତା ନାହିଁ, ତେଣୁ ଉକ୍ତ ସରକାରୀ ଜମିକୁ ଜବରଦଖଲ ନକରିବା ନେଇ ଜବରଦଖଲକାରୀ ମାନଙ୍କୁ ଗ୍ରାମବାସୀ ମାନେ ଅନୁରୋଧ କରୁଥିଲେ । କିନ୍ତୁ ଜବରଦଖଲକାରୀ ମାନେ ପାଲଟ ଗ୍ରାମବାସୀଙ୍କ ଗାଳିଗୁଲଜ କରିବା ସହିତ ଗଣ୍ଡଗୋଳ କରୁଥିଲେ । ଏହିପରି ଉକ୍ତ ଜମିକୁ ମାପଚୂପ କରାଯାଇ ସରକାରୀ ଜମିରୁ ଉଚ୍ଛେଦ କରିବା ନେଇ ଗ୍ରାମବାସୀ ମାନେ ଉପଜିଲ୍ଲାପାଳ ଏ.ଶଶ୍ୟା ରେଡ୍ଡିଙ୍କୁ ସାକ୍ଷାତ କରିବା ସହିତ ଅଭିଯୋଗ କରିଥିଲେ । ଏହିପରି ତହସିଲଦାରଙ୍କ ଅନୁପସ୍ଥିତିରେ ଅତିରିକ୍ତ ତହସିଲଦାରଙ୍କୁ ପ୍ରଦାନ କରିଥିବା ବେଳେ ଗୁରବାର ତହସିଲଦାରଙ୍କ ସାକ୍ଷାତ କରିବା ସହିତ ଦାବିପତ୍ର ପ୍ରଦାନ କରାଯିବ ବୋଲି ଗ୍ରାମବାସୀ ରବିନ୍ଦ୍ର ଚୌଧୁରୀ, ତ୍ରିପତି ଚୌଧୁରୀ, ଆନନ୍ଦ ପ୍ରଧାନ, ଉପେନ୍ଦ୍ର ଚୌଧୁରୀ, ଗଣେଷ ମଣ୍ଡଳ, ବାଳକୃଷ୍ଣ ରାଉତ, ଅନାମ ପ୍ରଧାନ, ରତ୍ନାକର ପ୍ରଧାନ, ଗୋଲକ ନାୟକ, ଭାସ୍କର ରାଉତ ବଂଶୀଧର ନାୟକ ପ୍ରମୁଖ ସ୍ୱାକ୍ଷରିତ ଦାବିପତ୍ର ପ୍ରଦାନ କରିଥିଲେ ।

# ବ୍ଲକ୍‌ସ୍ତରୀୟ ସ୍ୱଚ୍ଛତା ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ବଲାଙ୍ଗିର(ପିପିଏସ୍) : ଅମର ଜ୍ୟୋତି ଫାଉଣ୍ଡେସନ ଏବଂ ରେକିଟ ଇଣ୍ଡିଆର ମିଳିତ ସହଯୋଗରେ ଡୁଙ୍ଗିବାହାଲ ୟୁପି ସ୍କୁଲ୍ ଠାରେ ଗୁଡଭେଲା ବ୍ଲକ୍ ର ୧୦୦ଟି ସରକାରୀ ସ୍କୁଲ୍‌ର ଶିକ୍ଷକ, ଶିକ୍ଷୟିତ୍ରୀ ମାନଙ୍କ ପାଇଁ ସ୍ୱଚ୍ଛତା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବ୍ଲକ୍ ଅଧକ୍ଷ ଅଶୋକ ଦୋରା ଯୋଗଦେଇ 'ଛାତ୍ରଛାତ୍ରୀ ସୁସ୍ଥ ରହିଲେ ସ୍କୁଲ୍ ରେ ଅନୁପସ୍ଥିତି ହାର କମିବ ଓ ଶିକ୍ଷାର ମାନ ମଧ୍ୟ ବଢିବା ସହିତ ସୁସ୍ଥ ଶିଶୁଟିଏ ହିଁ ସୁସ୍ଥ ସମାଜ ଗଠନ କରିପାରିବ' ବୋଲି କହିଥିଲେ। ବିଶିଷ୍ଟ ଶିକ୍ଷାବିତ୍ ତଥା ଆଶୁକବି ଡଃ. ହେମନ୍ତ କୁମାର ଦାଶ ଉଦ୍ଘାଟକ ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। 'ହାତ ଧୁଆର ଉପକାରିତା ଓ ବିଶେଷ କରି ଛାତ୍ରୀ ମାନଙ୍କର ସ୍ୱଚ୍ଛତା ପାଇଁ ସଚେତନତା ବିଷୟରେ ଡଃ. ଦାଶ ନିଜ ବକ୍ତବ୍ୟରେ କହିଥିଲେ। ସମ୍ମାନିତ ଅତିଥି ଭାବେ ସ୍କୁଲ ଚେୟାରମେନ ମକରଧ୍ୱଜ ରଣା, ପ୍ରଧାନ ଶିକ୍ଷୟିତ୍ରୀ ସରୋଜିନୀ ଭୋଇ ଓ ଉପେନ୍ଦ୍ର ସୁନା ମଂଚାସୀନ ଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଏହି କାର୍ଯ୍ୟକ୍ରମକୁ ପ୍ରଶଂସା କରି ତୃଣମୂଳ ସ୍ତରରେ ପହଂଚାଇବା ପାଇଁ କହିଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ସ୍ୱଚ୍ଛତା, ଶିକ୍ଷାରେ ବ୍ୟବହାରିକ ପରିବର୍ତନ ଆଣିବା, ସୁସ୍ଥ ଭାରତ ସ୍ୱଚ୍ଛ ଭାରତ ଗଠନରେ ଛାତ୍ରଛାତ୍ରୀଙ୍କୁ ଭାଗୀଦାର କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ବିଭିନ୍ନ ଖେଳ, ଷ୍ଟେମ କିଟ, ପଜଲ କିଟ, ଗପ ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ସ୍ୱଚ୍ଛତା ପ୍ରତି ଆକୃଷ୍ଟ କରିବା ସହିତ ହାତ ଧୋଇବା, ଶୌଚାଳୟକୁ ସଫା ରଖିବା, ସଫା ଏବଂ ସ୍ୱଚ୍ଛ ମଧ୍ୟରେ ପାର୍ଥକ୍ୟ ଭଳି ବିଭିନ୍ନ ବିଷୟରେ ଆଲୋଚନା କରାଯାଇଥିଲା। ଅମର ଜ୍ୟୋତି ଫାଉଣ୍ଡେସନର ଆଂଚଳିକ ସଂଯୋଜିକା ରୀନ ପ୍ରଧାନ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ସୁରେନ୍ଦ୍ର ସୁନା ଓ ଲିଜା ଦଳବେହେରା ସହଯୋଗ କରିଥିଲେ।

# ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଅଭିଯୋଗ ଶୁଣାଣି

ଚମ୍ପୁଆ : ଚମ୍ପୁଆ ବ୍ଲକ ସଭାକକ୍ଷଠାରେ କେନ୍ଦୁଝର ଜିଲାପାଳ ବିଶାଲ ସିଂ ଓ ଆରକ୍ଷୀ ଅଧୀକ୍ଷକ ନିତୀନ କୁଶଲକର ଦାଗଡୁଙ୍କ ମିଳିତ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଏଥିରେ କେନ୍ଦୁଝର ବନଖଣ୍ଡ ଅଧିକାରୀ ଏଚଡି ହନୁମନ୍ତ, ଜିଲାମୁଖ୍ୟ ଚିକିତ୍ସା ଅଧିକାରୀ ବିନୋଦ ବିହାରୀ ମିଶ୍ର, ସମ୍ମନିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ରାମକୃଷ୍ଣ ଗଣ୍ଡ, ଚମ୍ପୁଆ ଉପଜିଲାପାଳ ଉମାକାନ୍ତ ପରିଡା, ଉପଖଣ୍ଡ ଚିକିତ୍ସା ଅଧିକାରୀ ଉମାକାନ୍ତ ସାହୁ, ଉପଖଣ୍ଡ ପୁଲିସ ଆରକ୍ଷୀ ଅଧିକାରୀ ରଶ୍ମିରଞ୍ଜନ ସାହୁ, ଚମ୍ପୁଆ ଗୋଷ୍ଠି ଉନ୍ନୟନ ଅଧିକାରୀ ସ୍ମୃତିରଞ୍ଜନ ସାହୁ, ସ୍ଥାନୀୟ ତହସିଲଦାର ରାଜେଶ ପଣ୍ଡା, ଅତିରିକ୍ତ ଗୋଷ୍ଠି ଉନ୍ନୟନ ଅଧିକାରୀ ଚୁନୁ ହାଁସଦା ତଥା ଜିଲା ସ୍ତରୀୟ, ଉପଖଣ୍ଡ ସ୍ତରୀୟ ଓ ବ୍ଲକ ସ୍ତରୀୟ ସମସ୍ତ ବିଭାଗୀୟ ପଦାଧିକାରୀ ଉପସ୍ଥିତ ଥିଲେ । ଏହି ଅଭିଯୋଗ ଶୁଣାଣିରେ ମୋଟ ୧୦୪ ଗୋଟି ଅଭିଯୋଗ ଫର୍ଦ୍ଦ ଦାଖଲ କରାଯାଇଥିଲା । ଅଭିଯୋଗ ଗୁଡିକ ମଧ୍ୟରେ ରବିରତୁରେ ଜଳସେଚନ ସୁବିଧା, ଗଭୀର ଜଳକୂପ, ରାସ୍ତାଘାଟ, ଭତା, ଖାଉଟି କାର୍ଡ ଆଦି ବିଭିନ୍ନ ସମସ୍ୟା ସମ୍ପର୍କରେ ବିଭାଗୀୟ ପଦାଧିକାରୀଙ୍କୁ ଜିଲାପାଳ ତାର ଫଇସଲା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ । ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟରେ ଟ୍ରୋମାକେୟାର ଖୋଲିବା ନିମନ୍ତେ ଜମି ଅଧିଗ୍ରହଣ ସମସ୍ୟା ସମ୍ପର୍କରେ ସମାଜସେବୀ ତଥା ବିଜେପି କାର୍ଯ୍ୟକର୍ତ୍ତା ପ୍ରଦୀପ ରାଜ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଜିଲାପାଳ ଶ୍ରୀ ସିଂ ଏକ ମାସ ମଧ୍ୟରେ ଜାଗା ଚିହ୍ନଟ କରି ତାର ସମାଧାନ କରିବାକୁ ଚମ୍ପୁଆ ଅତିରିକ୍ତ ତହସିଲଦାର ପ୍ରତୀକ୍ଷା ପ୍ରିୟଦର୍ଶିନୀଙ୍କୁ ପରାମର୍ଶ ଦେଇଥିଲେ । ଏତଦ ବ୍ୟତୀତ ଗତ ୪ମାସ ଧରି ବିଭିନ୍ନ ଗ୍ରାମପଂଚାୟତର ହିତାଧିକାରୀଙ୍କୁ କେଓ୍ୱାସୀ ଜନିତ ସମସ୍ୟା କାରଣରୁ ଭତା ପ୍ରଦାନ କରାଯାଇ ନଥିବାରୁ ତୁରନ୍ତ ଏହାର ଫଇସଲା କରିବା ନିମନ୍ତେ କରଞ୍ଜିଆ ସରପଂଚ ସୁପ୍ରିୟା ମୁଣ୍ଡା ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଏହି ସମସ୍ୟା ପ୍ରାୟ ସମସ୍ତ ଗ୍ରାମ ପଞ୍ଚାୟତରେ ହୋଇଥିବା କଥା ବିଭିନ୍ନ ସରପଂଚ ଦୋହରାଇ ଥିଲେ ।

# ଆପଣଙ୍କ ପୁଞ୍ଜି ଆପଣଙ୍କ ଅଧିକାର କାର୍ଯ୍ୟକ୍ରମ

ନୂଆପଡା: ନୂଆପଡା ଜିଲ୍ଲା ସଦର ମହକୁମା ନୀଳାଦ୍ରି ବିହାର ଠାରେ ଭାରତ ସରକାର, ଓଡିଶା ସରକାରଙ୍କ ଡିପାର୍ଟମେଣ୍ଟ ଅଫ ଫାଇନାନ୍ସ ସର୍ଭିସ ତରଫରୁ ଆରବିଆଇ ଓ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ସହଯୋଗରେ 'ଆପଣଙ୍କ ପୁଞ୍ଜି ଆପଣଙ୍କ ଅଧିକାର' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆର୍ଥିକ କ୍ଷେତ୍ରରେ ଦାବୀ କରା ଯାଇ ନଥିବା ସମ୍ପତିର ଦକ୍ଷ ଓ ଶୀଘ୍ର ବିନିଯୋଗକୁ ସହଜ ଓ ସରଳ କରିବା ପାଇଁ ଏହି ଅଭିଯାନ ଆରମ୍ଭ ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ ମଧୁସୂଦନ ଦାଶ, ଜିଲ୍ଲାପାଳ ନୂଆପଡା ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। ବୈଠକରେ ଅର୍ଥ ବିଭାଗ , ବିଭିନ୍ନ ବ୍ୟାଙ୍କ ଅଧିକାରୀ, ଗ୍ରାହକ ଓ ହିତାଧିକାରୀ ମାନେ ଉପସ୍ଥିତ ଥିଲେ । କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ଓ ଆର.ବି.ଆଇ ଗାଇଡ଼ ଲାଇନ ଅନୁସାରେ ଦଶ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ପଡି ରହିଥିବା ବ୍ୟାଙ୍କ ଆକାଉଂଟକୁ ଚାଲୁ ରଖିବା ପାଇଁ ଅକ୍ଟୋବରରୁ ଡିସେମ୍ବର ମାସ ପର୍ଯ୍ୟନ୍ତ ଜନସାଧାରଣଙ୍କୁ ସଚେତନତା ବାର୍ତ୍ତା ପ୍ରଦାନ କରାଯାଉଛି। ଏହି ସବୁ ବ୍ୟାଙ୍କ ଖାତା ପୁଣି ଥରେ ଆରମ୍ଭ ହେଲେ ହିତାଧୀକାରୀ ପଡି ରହିଥିବା ଟଙ୍କା ଫେରସ୍ତ ପାଇବେ କ୍ଷ ସେହି ଆକାଉଂଟରେ ଜମା ଓ ଟଙ୍କା ଉଠାଣ କରି ପାରିବେ କ୍ଷ ଏହାଦ୍ୱାରା ସେମାନେ ଆର୍ଥିକ କ୍ଷେତ୍ରରେ ଉନ୍ନତି ଲାଭ କରି ପାରିବେ କ୍ଷ ଏହି କାର୍ଯ୍ୟକ୍ରମ ଜରିଆରେ ନୂଆପଡା ଜିଲ୍ଲାର ୧୬ କୋଟି ଟଙ୍କା ହିତାଧିକାରୀଙ୍କ ଆକାଉଣ୍ଟକୁ ଆସିବ । ଏହା ନ କଲେ ଆରବିଆଇର ଡେଫ୍ଟ ଆକାଉଂଟରେ ଜମା ହୋଇ ପଡିରହିବ । ତେଣୁ କରି ସମସ୍ତେ ନିଜ ନିଜର ପୁରୁଣା ଆକାଉଂଟକୁ ପୁଣି ଥରେ ଚାଲୁ କରି ନିଜର ଜମା ରାଶି ପ୍ରାପ୍ତ କରିବା ପାଇଁ ଅନୁରୋଧ କରାଯାଇଛି ।

# ସମୃଦ୍ଧ ସଂସ୍କୃତି ହିଁ ଦେଶ ଉନ୍ନତିର ମାପକାଠି

ସମ୍ବଲପୁର: ଓଡ଼ିଶା ସାଂସ୍କୃତିକ ସମାଜ, ସମ୍ବଲପୁର ଓ ଗାୟତ୍ରୀ ସନ୍ତୋଷ ଦାତବ୍ୟ ଟ୍ରଷ୍ଟ ଆନୁକୂଲ୍ୟରେ କୁଚିଣ୍ଡା ସରକାରୀ ବାଳିକା ଉଚ୍ଚବିଦ୍ୟାଳୟରେ 'ଆମ ସଂସ୍କୃତି ଆମ ଇତିହାସ' ଶୀର୍ଷକ ଆଲୋଚନା ଚକ୍ର ଅନୁଷ୍ଠାନର ସଭାପତି ଡ. ପରେଶ ଦାନୀଙ୍କ ସଭାପତିତ୍ୱରେ ଆଜି ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ଅଧ୍ୟାପକ ଡ. ସୁଧାଂଶୁ ମହାପାତ୍ର ମୁଖ୍ୟବକ୍ତା ଭାବରେ ଯୋଗଦେଇ ଛାତ୍ରୀ ମାନଙ୍କୁ ନିଜ ଇତିହାସ ଓ ସଂସ୍କୃତି ବିଷୟରେ ଅଧିକ ସୂଚନା ଦେଇ ଭବିଷ୍ୟତ ନାଗରିକ ଭାବେ ନିଜକୁ ଗୌରବାନ୍ୱିତ କରି ପାରିବେ ବୋଲି ଆଶା ପ୍ରକାଶ କରିଥିଲେ। ସମ୍ପାଦକ ଦୀନବନ୍ଧୁ ପଣ୍ଡା ଓଡିଶା ସାଂସ୍କୃତିକ ସମାଜର ଆଭିମୁଖ୍ୟ ଉପରେ ଆଲୋକପାତ କରି ନିଜ ଉନ୍ନତ ସଂସ୍କୃତି ଓ ଇତିହାସରେ ଆଲେଖ୍ୟ ଉପରେ ନିଜକୁ ଅବଗତ କରାଇ ସମାଜରେ ତାକୁ ଉପସ୍ଥାପନ କରିବା ଛାତ୍ରଛାତ୍ରୀ ମାନଙ୍କ କର୍ତ୍ତବ୍ୟ ହେବା ଉଚିତ୍ ବୋଲି କହିଥିଲେ। ଡିଆଇଇଟି ର ପ୍ରାକ୍ତନ ଅଧକ୍ଷ ଶିବ ଶଙ୍କର ଷଡଙ୍ଗୀ ବକ୍ତା ଭାବରେ ଯୋଗଦେଇ ଗୋଟାଏ ଜାତି ତା'ର ସଂସ୍କୃତି ପାଇଁ ହିଁ ପରିଚୟ ପାଇଥାଏ ବୋଲି କହିଥିଲେ। ସଭାପତି ଡ. ଦାନୀ କହିଥିଲେ ନିଜ ଭାଷା ସାହିତ୍ୟ, ପର୍ବପର୍ବାଣୀ, ନୃତ୍ୟ ସଙ୍ଗୀତ, ବେଶଭୂଷା, ହସ୍ତଶିଳ୍ପ ଓ କଳା ସ୍ଥାପତ୍ୟ ହିଁ ସଂସ୍କୃତିର ପରିଚାୟକ ହୋଇଥାଏ । ପ୍ରାରମ୍ଭରେ ସ୍କୁଲର ପ୍ରଧାନ ଶିକ୍ଷକ ତରୁଣ କୁମାର ନାୟକ ସ୍ୱାଗତ ଭାଷଣ ଦେଇଥିବା ବେଳେ କାର୍ଯ୍ୟକ୍ରମ ଶେଷରେ ଅଖିଳ ରଞ୍ଜନ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଆଦର୍ଶ ବିଦ୍ୟାଳୟର ୧୧ତମ ପ୍ରତିଷ୍ଠା ଦିବସ ପାଳିତ

ମାଲକାନଗିରି: କୁଡୁମୁଲୁଗୁମ୍ମା ତହସିଲ ଅନ୍ତର୍ଗତ ଆଦର୍ଶ ବିଦ୍ୟାଳୟ, ଗୁଣ୍ଡୁରିଗୁଡା ପରିସରରେ ଏହାର ୧୧ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୂଖ୍ୟ ଅତିଥି ଭାବେ ସ୍ଥାନୀୟ ମହାବିଦ୍ୟାଳୟ ର ଅଧକ୍ଷ ଅଶୋକ କୁମାର ପ୍ରଧାନ ଯୋଗ ଦେଇଥିଲା ବେଳେ ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ଫାଣ୍ଡି ଅଧିକାରୀ ପ୍ରଦୀପ କୁମାର ନାୟକ, ସିଆରସିସି ଚିତ୍ତରଞ୍ଜନ ସେଠୀ, ସିରିପେଟା ଉନ୍ନୀତ ମାଧ୍ୟମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ମୃତ୍ୟୁଞ୍ଜୟ ମହାରଣା ଓ ବିଦ୍ୟାଳୟର ସହକାରୀ ଶିକ୍ଷକ ପପୁ ସାହୁ ପ୍ରମୁଖ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମର ସଭାପତିତ୍ୱ ତଥା ପରିଚାଳନା ବିଦ୍ୟାଳୟ ର ଅଧକ୍ଷ ମହେଶ୍ୱର ସାହୁ କରିଥିଲେ । ସର୍ବ ପ୍ରଥମେ ଅତିଥି ମାନେ ଜଗତର ନାଥ ଜଗନ୍ନାଥଙ୍କ ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ ସହ ଦ୍ୱିପ ପ୍ରଜ୍ୱଳିତ କରିଥିଲେ । ଏହାପରେ ଆଦର୍ଶ ବିଦ୍ୟାଳୟ ଅଧକ୍ଷ ଶ୍ରୀ ସାହୁ ବିଦ୍ୟାଳୟ ଆରମ୍ଭ ହେବାଠାରୁ ଆଜି ପର୍ଯ୍ୟନ୍ତ ବିଦ୍ୟାଳୟର କଣ ଉନ୍ନତି ଘଟିଛି ଓ କେଉଁ କେଉଁ ସମସ୍ୟା ସୃଷ୍ଟି ହୋଇଥିଲା ତହାର ସବିଶେଷ ବିବରଣୀ ପଠନ କରିଥିଲେ ଓ ଏହି ଅବସରରେ ସେ ଉଦଘୋଷିକା ନାମ 'ସ୍ୱାର୍କ' ସମ୍ପର୍କରେ ମଧ ତଥ୍ୟ ଉପସ୍ଥାପନ କରିଥିଲେ । ମୁଖ୍ୟ ଅତିଥି ଶ୍ରୀ ପ୍ରଧାନ ନିଜ ଅଭିଭାଷଣରେ କହିଥିଲେ ଯେ, ପ୍ରତିଷ୍ଠା ଦିବସ ପାଳନ କରିବା ହେଉଛି ଅତିତ ର ସ୍ମୃତିକୁ ରୋମନ୍ଥନ ସହିତ, ଭବିଷ୍ୟତ ପ୍ରଗତି ପାଇଁ ଚେଷ୍ଟା ଜାରି ରଖିବା । ଆଜିର ଯୁବ ପିଢିଙ୍କୁ ସେ ପାଠ ପଢିବା ସହିତ ବିଭିନ୍ନ ପ୍ରତିଯୋଗିତା ଯଥା ବକ୍ତୃତା ଦେବା, ଚିତ୍ରକଳାରେ ରୁଚି ରଖିବା, ସଙ୍ଗୀତ-ନୃତ୍ୟ ପରିବେଷଣ କରିବା, ଖେଳକୁଦ ଭାଗ ନେବା ଓ ତତ୍ ସହିତ ବିଭିନ୍ନ ସାମାଜିକ କାର୍ଯ୍ୟ ଯଥା ଅଳିଆ ଆବର୍ଜନା ସଫା କରିବା, ପରିଷ୍କାର ପରିଚ୍ଛନ୍ନ ରହିବା, ସାସ୍ଥ୍ୟପଯୋଗୀ ପରିବେଶ ସୃଷ୍ଟି କରିବା ଓ ଗଛ ଲଗାଇ ପରିବେଶ ପ୍ରଦୂଷଣରୁ ମୁକ୍ତି ପାଇବାର ମନ୍ତ୍ର ଦେଇଥିଲେ। ତତ୍ ସହିତ ନୈତିକ ମୂଲ୍ୟଯୁକ୍ତ ଶିକ୍ଷା ଯେମିତି ଗୁରୁଙ୍କୁ ଭକ୍ତି କରିବା, ସମ୍ମାନ ଦେବା, ବିଦ୍ୟାଳୟରେ ଶୃଙ୍ଖଳା ରକ୍ଷା କରିବା, କର୍ତ୍ତବ୍ୟ ପରାୟଣ ହେବା ସହ ନିଜ ଆଚାର ବ୍ୟବହାରରେ ସତ୍‌ସଂସ୍କାର ଆଣିବା ଯାହା ଫଳରେ ତୁମେ ଜଣେ ଜଣେ ଚରିତ୍ରବାନ ବ୍ୟକ୍ତି ରୁପରେ ନିଜକୁ ଗଢି ତୋଳି ପାରିବ ବୋଲି ଆହ୍ୱାନ ଦେଇଥିଲେ । ଅତିଥି ମାନଙ୍କ ଅଭିଭାଷଣ ପରେ ପୂର୍ବରୁ ଆୟୋଜିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତି ଛାତ୍ର ଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଶିକ୍ଷକ ରସାନନ୍ଦ ନାୟକ ଶବ୍ଦ ସଞ୍ଚାଳନ କରିଥିଲେ ଓ ଶେଷରେ ଶିକ୍ଷକ ଶ୍ରୀ ସାହୁ ଅତିଥି ମାନଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମକୁ ସାଫଲ୍ୟ କରିବା ପାଇଁ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ମାନେ ସହଯୋଗ କରିଥିଲେ ।

# ଗଜସାଥୀଙ୍କୁ ଦକ୍ଷତା ବୃଦ୍ଧି ତାଲିମ୍

ଚମ୍ପୁଆ: ଚମ୍ପୁଆ ରେଞ୍ଜ ତରଫରୁ ଚମ୍ପୁଆ ନଗର ଭବନ ଠାରେ ବନାଂଚଳ ସ୍ତରୀୟ ବନ ସୁରକ୍ଷା ସମିତି ସମନ୍ୱୟ ବୈଠକ ଓ ଗଜସାଥି ଦକ୍ଷତା ବୃଦ୍ଧି ତାଲିମ ଶିବିର ଅନୁଷ୍ଠିତ ହେଇଯାଇଛି । ଚମ୍ପୁଆ ରେଞ୍ଜ ଅଧିକାରୀ ଅକ୍ଷୟ କୁମାର ଛତ୍ରିଆଙ୍କ ତତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହେଇଯାଇଛି । ଓଡିଶା ସରକାରଙ୍କ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତନ ବିଭାଗ ତରଫରୁ ଆୟୋଜିତ କାର୍ଯ୍ୟକ୍ରମରେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଚମ୍ପୁଆ ତହସିଲଦାର ସଜତ ମାର୍କେ, ଡେପୁଟି କଲେକ୍ଟର ସମରେନ୍ଦ୍ର ଦାସ ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଚମ୍ପୁଆ ରେଞ୍ଜର ୬୭ ଜଣ ଗଜସାଥି ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଗଜସାଥୀ ଟ୍ରେନର ସୁବ୍ରତ ବିଶ୍ୱାଳ, ଅରବିନ୍ଦ ମାଝୀ ଯୋଗ ଦେଇ ଗଜସାଥିଙ୍କୁ ହାତୀଙ୍କୁ ନିୟନ୍ତ୍ରଣ କରିବାର ବିଭିନ୍ନ କୌଶଳ ସଂପର୍କରେ ତାଲିମ ପ୍ରଦାନ କରିଥିଲେ।

# ପ୍ରଧାନମନ୍ତ୍ରୀ ସୁରକ୍ଷିତ ମାତୃତ୍ୱ ଅଭିଯାନ ୧୦ ବର୍ଷ ପୂର୍ତ୍ତି ଉତ୍ସବ ପାଳିତ

ମାଲକାନଗିରି : ମାଲକାନଗିରି ଜିଲ୍ଲା ହସ୍ପିଟାଲ ପରିସର ରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରଧାନମନ୍ତ୍ରୀ ସୁରକ୍ଷିତ ମାତୃତ୍ୱ ଅଭିଯାନ ୧୦ ବର୍ଷ ପୂର୍ତି ଉତ୍ସବ ଆଡ଼ମ୍ବର ସହ ପାଳିତ ହୋଇଯାଇଛି। ଏହି ଅବସର ରେ ସୁରକ୍ଷିତ ଗର୍ଭଧାରଣ, ସୁସ୍ଥ ମା', ଶକ୍ତିଶାଳୀ ଭାରତ' କାର୍ଯ୍ୟକ୍ରମ ଜିଲ୍ଲା ହସ୍ପିଟାଲ ଠାରେ ସଫଳତାର ସହ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ନିହାର ରଞ୍ଜନ ପ୍ରହରାଜ ଯୋଗ ଦେଇ କେକ କାଟି ଉତ୍ସବ ଟିକୁ ଉଦଘାଟନ କରିଥିଲେ। ମୁଖ୍ୟବକ୍ତା ଅତିଥି ଭାବେ ପ୍ରଧାନମନ୍ତ୍ରୀ ସୁରକ୍ଷିତ ମାତୃତ୍ୱ ଅଭିଯାନ ର ବିଶେଷଜ୍ଞ ଡାକ୍ତର ବ୍ରଜ ବନ୍ଧୁ ଦାଶ, ସମ୍ମାନୀତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ରତ୍ନାକର ଦାଶ ଯୋଗ ଦେଇଥିଲେ। ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ଅଲ୍ଟ୍ରାସାଉଣ୍ଡ ସେବା ଡାକ୍ତର ସୁରମା କୁମାରୀ ବେହେରା ଏବଂ ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ଡାକ୍ତର ଅନୁପମା ମହାନା ଉପସ୍ଥିତ ରହି ଗର୍ଭବତୀ ମହିଳାମାନଙ୍କୁ ବିଶେଷଜ୍ଞ ପରାମର୍ଶ ପ୍ରଦାନ କରିଥିଲେ। କ୍ୟାମ୍ପ ସୁପରଭାଇଜର ସୁଶାନ୍ତ କୁମାର ବିଶ୍ୱାଳ ଓ ହରିବନ୍ଧୁ ଦେଶିନାୟକ, ତତ୍ୱାବଧାନରେ କାର୍ଯ୍ୟକ୍ରମ ସୁଚାରୁ ରୂପେ ପରିଚାଳିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ରେ ହସ୍ପିଟାଲ ମ୍ୟାନେଜର ଶ୍ରୀ ବିଶ୍ୱଜିତ, ଆକାଉଂଟାଂଟ ମନୋଜ କୁମାର ନାୟକ, ନର୍ସିଂ ସୁପରିଟେଂଣ୍ଡେଂଟ ସଞ୍ଜୁକ୍ତା ସେଠୀ, ଡେପୁଟି ନର୍ସିଂ ସୁପରିଟେଣ୍ଡେଣ୍ଟ ରୁକ୍ମିଣୀ ନାୟକ, ଏବଂ ସମସ୍ତ ନର୍ସିଂ ଓ ସହାୟକ କର୍ମଚାରୀଙ୍କ ସକ୍ରିୟ ସହଯୋଗ ରହିଥିଲା। କାର୍ଯ୍ୟକ୍ରମ ଅବସରରେ ଗର୍ଭବତୀ ମହିଳାମାନଙ୍କୁ ସୁରକ୍ଷିତ ମାତୃତ୍ୱ ଓ ପ୍ରସବ ପୂର୍ବ ସେବା ସମ୍ପର୍କରେ ସଚେତନ କରାଯାଇଥିଲା ଏବଂ ଉପସ୍ଥିତ ଗର୍ଭବତୀ ମହିଳା ଓ ରୋଗୀମାନଙ୍କୁ ରନ୍ଧା ଖାଦ୍ୟ ବଂଟନ କରାଯାଇଥିଲା। ହସ୍ପିଟାଲର ସମସ୍ତ ଡାକ୍ତର, ଅଧିକାରୀ, ନର୍ସିଂ କର୍ମଚାରୀ ଓ ସହାୟକ କର୍ମଚାରୀ ମାନେ କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ।

# ମାରୱାଡି ଯୁବା ମଞ୍ଚ ପକ୍ଷରୁ ରକ୍ତଦାନ ଶିବିର

## ୩୨ ୟୁନିଟ୍ ସଂଗୃହୀତ

ସୁବର୍ଣପୁର: ମାରୱାଡି ଯୁବା ମଂଚ ସୋନପୁର ଜିଲ୍ଲା ଶାଖା ପକ୍ଷରୁ ସ୍ଥାନୀୟ ମାରୱାଡି ଧର୍ମଶାଳା ଠାରେ ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ଯାଇଛି। ମୁଖ୍ୟଅତିଥି ଭାବେ ସୁବର୍ଣ୍ଣପୁର ଜିଲ୍ଲାପାଳ ଡ଼ଃ ନୃପରାଜ ସାହୁ ଯୋଗଦେଇ ଏହି ଶିବିରକୁ ଶୁଭ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ, ଏଡିଏମ ଅଞ୍ଜଳୀନା ପଧାନ, ଏଡିଏମ୍‌ଓ ଡ଼ାକ୍ତର ଦୁର୍ଗା ଦତ ଦାଶ, ସୋନପୁର ବିଡିଓ ପ୍ରତୀକ କର, ଜିଲ୍ଲା ମାରୱାଡି ସମାଜ ସଭାପତି ଗୋପାଳ ପ୍ରାସାଦ ଭୂତ୍, ମାରୱାଡି ଯୁବା ମଂଚ ସଭାପତି ଅଙ୍କିତ ଅଗ୍ରୱାଲ, ସୁବର୍ଣ୍ଣପୁର ଜିଲ୍ଲାର ଗୌରବ ଓଏଏସ କୃତି ଛାତ୍ର ନୀତେଶ ବାରିକ ଯୋଗ ଦେଇ ଯୁବା ମଂଚର ଏ ମହତ୍ କାର୍ଯ୍ୟକୁ ପ୍ରଶଂସା କରିଥିଲେ। ମାରୱାଡି ମହିଳା ସମିତି ସଭାପତି ମୁନି ଭାଇ ଅଗ୍ରୱାଲ, ମହିଳା ସମିତି ସଂପାଦକ ମୀନା ଅଗ୍ରୱାଲ, ଯୁବା ମଂଚ ସଂପାଦକ ସଂକସ୍କାର ଅଗ୍ରୱାଲ, ମାରୱାଡି ଯୁବା ମଂଚ କନଭେନର ରଘୁ ନନ୍ଦନ ଅଗ୍ରୱାଲ, ମାରୱାଡି ଯୁବା ମଂଚର ଆଖି ଓ ସ୍ୱାସ୍ଥ୍ୟ ର ରାଜ୍ୟ କନଭେନର ମନୋଜ ଅଗ୍ରୱାଲଙ୍କ ପରାମର୍ଶରେ ଏହି କାର୍ଯ୍ୟ କ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଯୁବା ମଂଚର ସଦସ୍ୟ ପ୍ରହଲ୍ଲାଦ ଅଗ୍ରୱାଲ, ନନ୍ଦଲାଲ ଅଗ୍ରୱାଲ, ମନୀଷ ଅଗ୍ରୱାଲ, ଚିନ୍ମୟ ଅଗ୍ରୱାଲ, ଅମିତ୍ ଅଗ୍ରୱାଲ, ଅଶୋକ ଭୂତ୍ , ଆନନ୍ଦ ଭୂତ୍, ଶେଖର ଭୂତ୍ , ଉମେଶ କମାଣି ଯୋଗ ଦେଇ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ କ୍ଷ ସୋନପୁର ର ଗୌରବ ଓଏଏସ ୮ ନମ୍ବର ରେଙ୍କ ଛାତ୍ର ନୀତେଶ ବାରିକ, ଦେବାଳୟ ସେବା କ୍ଷେତ୍ରରେ ବୈକୁଣ୍ଠ ଶତପଥୀ, ସ୍ୱଚ୍ଛ ଭାରତ ସେବା କ୍ଷେତ୍ରରେ ସଭାପତି ସୟଦ ଅଲିମୁଲ ଇସଲାମ, ଓଏଏସ୍ ଛାତ୍ର ନିତେଶଙ୍କ ବଡବାପା ବିଜେପି ସଂଗଠକ ଆନନ୍ଦ ବାରିକ୍, ସାମ୍ବାଦିକ ମୃତ୍ୟୁଞ୍ଜୟ ଶତପଥି, ମନୋରଞ୍ଜନ ତ୍ରିପାଠି, ମହାଦେବ ମଲ୍ଲିକ୍, ଓ ରାଜ କିଶୋର ତ୍ରିପାଠୀଙ୍କୁ ଏହି ଉତ୍ସବ ରେ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା । ରକ୍ତ କେନ୍ଦ୍ର (ଭଣ୍ଡାର)ର ଡାକ୍ତର ଗୌରୀ ଶଙ୍କର ମେହେର, ଏଲ୍ ଟି ସୁଦାମ ବିଶ୍ୱାଳ, ଡାଟା ଅପରେଟର ଜଗତ ଦରୱାନ, ଏଟେନଡାଂଟ ଯୁଧିଷ୍ଠିର ନାଏକ୍, ଏମଆର ଟଙ୍କଧର କୁଅଁର, ଡ଼ଫୋଡ଼ିଲ ପଧାନ, ସୁରଭି ଲେଙ୍କା ପ୍ରମୁଖ ସମସ୍ତ କର୍ମଚାରୀ ରକ୍ତ ସଂଗ୍ରହ ରେ ସହଯୋଗ କରିଥିଲେ। ଏହି ଶିବିର ରେ ୩୨ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା।

# ନିଳାଗୁଡା ଜଙ୍ଗଲରୁ ୧୩ ଶହ ଲିଟର ପୋଚ ଜବତ

ଜୟପୁର: ଜୟପୁର ସଦର ଥାନା ଅନ୍ତର୍ଗତ ନିଳାଗୁଡା ଜଙ୍ଗଲରେ ଅବକାରୀ ଚଢଉ ହୋଇଛି । ଦେଶି ମଦ ପ୍ରସ୍ତୁତ ସହ ଲୁଚାଇ ରଖିଥିବା ସୂଚନା ପାଇ ଜୟପୁର ଅବକାରି ଥାନା ଚଢଉ କରିଛି ।

ଚଢାଉ ସୂଚନା ପାଇ ମଦ ମାଫିଆ ମାନେ ଚମ୍ପଟ ମାରିଥିବା ବେଳେ ଅବକାରି ବିଭାଗ ବହୁ ମଦ ଭାଟି ଭାଙ୍ଗିବା ସହ ୧୩ ଶହ ଲିଟର ପୋଚ ଓ ୪୦ ଲିଟର ଦେଶି ମଦ ଜବତ କରି ନଷ୍ଟ କରିଛି । ମଦ ରନ୍ଧା ସରଞ୍ଜାମ ଡ୍ରମ ଆଦିକୁ ଜବତ କରିଥିବା ବିଷୟ ଜୟପୁର ଅବକାରି ଥାନା ଓଆଇସି ସୁବ୍ରତ କେଶୋରି ହିରନ ସୂଚନା ଦେଇଛନ୍ତି ।

# ଜିଲ୍ଲା ସିନିୟର ନକ୍‌ଆଉଟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ସେମିଫାଇନାଲରେ ରିଜର୍ଭ ପୁଲିସ ଓ ବିକେସି ୟୁନାଇଟେଡ୍



ବଲାଙ୍ଗିର,(ପିପିଏସ୍) : ଜିଲ୍ଲା କ୍ରୀଡା ସଂସଦ ଆନୁକୂଲ୍ୟରେ ଆରଏନ୍ ସିଂଦେଓ ସ୍ପୋର୍ଟ୍ସ କମ୍ପ୍ଲେସ ଠାରେ ଦ୍ୱିତୀୟ କ୍ୱାଟର ଫାଇନାଲ ଖେଳରେ ରିଜର୍ଭ ପୋଲିସ ୪-୩ ଗୋଲରେ ସ୍ପୋର୍ଟ୍ସ ହଷ୍ଟେଲକୁ ହରାଇ ସେମିଫାଇନାଲକୁ ପ୍ରବେଶ କରିଛି । ଅତିଥି ଭାବେ ରିଜର୍ଭ ପୋଲିସ ଇନସପେକ୍ଟର ଲୋକନାଥ ଭୋଇ, କ୍ରୀଡା ସଂସଦର କାର୍ଯ୍ୟକାରୀ ସଭାପତି ଡ.ଶ୍ରୀକର ମିଶ୍ର, ଯୁଗ୍ମ ସଂପାଦକ ଶତ୍ରୁଘନ ସିଂ, କ୍ରୀଡା ସଂପାଦକ ବିଭୁତି ଭୂଷଣ ପଣ୍ଡା, ବରିଷ୍ଠ ସଦସ୍ୟ ଡା. ସିଦ୍ଧେଶ୍ୱର ମିଶ୍ର ଓ ପୂର୍ବତନ ସଦର ବ୍ଲକ ଚେୟାରମେନ ଗୋଲାପ ବାଗ ଯୋଗ ଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ଜିଲ୍ଲା କ୍ରୀଡାବାସ ଫୁଟବଲ କୋଚ ପରାଶର ବାଗ ଓ ପୂର୍ବତନ ଖେଳାଳି ଶ୍ରୀକାନ୍ତ ରାଉତ ଉପସ୍ଥିତ ଥିଲେ। ଖେଳକୁ ସଂଜନ କୁଦେଇ, ବିକି ବିଶି, ମଳୟ ଘିବେଲା ଓ ସୁଦର୍ଶନ ସେଠ ପରିଚାଳନା କରିଥିବା ବେଳେ ଅବଦୁଲ ମୁଜିବ ମ୍ୟାଚ କମିଶନର ଥିଲେ। ସେହିପରି ଗାନ୍ଧୀ ଷ୍ଟାଡିୟମ ଠାରେ ତୃତୀୟ କ୍ୱାଟର ଫାଇନାଲ ଖେଳରେ ବିକେସି ୟୁନାଇଟେଡ ଟ୍ରାଇବ୍ରେକର ୪-୨ ଗୋଲରେ ବିଏନ୍‌ଏଏ ଜରାସିଂହା କୁ ହରାଇ ସେମିଫାଇନାଲ କୁ ଉନ୍ନିତ ହୋଇଛି । ଅତିଥି ଭାବେ ଡିପିଇଓ ପ୍ରଦୀପ କୁମାର ପାତ୍ର, କ୍ରୀଡା ସଂସଦ ଉପସଭାପତି କୃଷ୍ଣଚନ୍ଦ୍ର ମିଶ୍ର, କୋଷାଧକ୍ଷ ହେମନ୍ତ କୁମାର ବେହେରା, ବରିଷ୍ଠ ସଦସ୍ୟ ଜୟରାମ ମିଶ୍ର ଓ ଶିଶିର କୁମାର ବହିଦାର ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ସଂସଦର କାଉନସିଲ ସଭ୍ୟ ପ୍ରଭାତ କୁମାର ମିଶ୍ର ଓ ସଦସ୍ୟ କୈଳାସ ଚନ୍ଦ୍ର କର୍ଣ୍ଣ ଉପସ୍ଥିତ ଥିଲେ। ଖେଳକୁ ଜିତେନ୍ଦ୍ର ପାତ୍ର, ଅଭିଷେକ ପ୍ରଧାନ, ଶ୍ରବଣ ବାଗ ଓ ପୁରୁଷୋତ୍ତମ ବୁଡେକ ପରିଚାଳନା କରିଥିବା ବେଳେ ସଂସଦର ଫୁଟବଲ ସଂପାଦକ ଶରତ କୁମାର ନନ୍ଦ ମ୍ୟାଚ କମିଶନର ଥିଲେ । ଗୁରୁବାର ଆରଏନ୍ ସିଂଦେଓ ସ୍ପୋର୍ଟ୍ସ କମ୍ପ୍ଲେସ ଠାରେ ଚତୁର୍ଥ କ୍ୱାଟର ଫାଇନାଲ ଖେଳ ବାଦିବାହାଲ ବନାମ ଗୁଲମି ଏବଂ ଗାନ୍ଧୀ ଷ୍ଟାଡିୟମ ଠାରେ ନକଟାସର ବନାମ ରିଜର୍ଭ ପୋଲିସ ମଧ୍ୟରେ ପ୍ରଥମ ସେମିଫାଇନାଲ ଖେଳ ହେବ ବୋଲି କ୍ରୀଡା ସଂସଦ ପକ୍ଷରୁ ସୂଚନା ଦିଆଯାଇଛି ।

ଯଦି ଅତ୍ୟାଚାର କରୁଥିବା ବ୍ୟକ୍ତି ବା ଦଳକୁ ଯଥୋଚିତ ଶାସ୍ତି ନ ମିଳୁଛି ତେବେ ଅତ୍ୟାଚାରିତ ପ୍ରତିଶୋଧ ନେବା ପାଇଁ ବାଟ ଖୋଜିବ । ପୁଣି ଏମାନଙ୍କୁ ଦମନ କରିବାକୁ ପୋଲିସ୍ ଦୌଡ଼ିବେ । ଆଜି ଯାହାକୁ ଚପାଇ ଦିଆଯାଉଛି କାଲି ସେ ଓଲଟି ପ୍ରତିଶୋଧ ନେବ ।

-ଡକ୍ଟର ହରେକୃଷ୍ଣ ମହତାବ

(ଗାଁ ମଜଲିସ୍, ୫ମ ଖଣ୍ଡ, ପୃଷ୍ଠା-୧୧୭)

ପ୍ରଜାତନ୍ତ୍ର

ତା ୧୧।୦୯ । ୨୦୨୬ ■ ଶୁକ୍ରବାର

# ଜେନ-ଜି ଙ୍କ ସହ ସଂପର୍କ

ଗୁଜରାଟର ବରୋଦାରେ ମହାରାଜା ସୟାଜୀରାଓ ବିଶ୍ୱବିଦ୍ୟାଳୟ ମଇଦାନରେ ସହସ୍ରାଧିକ ପେଶାଦାର ଯୁବବର୍ଗଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବକ୍ତବ୍ୟର ଗଭୀର ନିହିତାର୍ଥ ଅଛି । ଏ ସମୟରେ ଦେଶରେ ସବୁଠାରୁ ଯଦି ଅଧିକ ମୁଖର କୌଣସି ବର୍ଗ ଅଛି, ତେବେ ତାହା ହେଉଛି ଜେନ-ଜି । କକ୍ରୋଚ ଜନତା ପାର୍ଟି (ସିଜେପି)ର ଆନ୍ଦୋଳନ ଦେଶ ଦୁନିଆକୁ ଏହାର ଶକ୍ତିର ପ୍ରଭାବ ଦେଖାଇଦେଇଛି । ସବୁ ରାଜନୈତିକ ଦଳ ଓ ସଂଗଠନ ଏବେ ଏହାକୁ ଗମ୍ଭୀରତାର ସହ ନେବାକୁ ଲାଗିଲେଣି । ଲକ୍ଷ୍ୟ କରିବାର କଥା ଯେ, ଏଇ କିଛିଦିନ ପୂର୍ବରୁ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ମୁଖ୍ୟ ମୋହନ ଭାଗବତ ମଧ୍ୟ ଏହି ପିଢ଼ିକୁ ସମ୍ବୋଧନ କରିଥିଲେ ଓ ଜେନ୍-ଆଲଫାକୁ ପୁରୁଣା ପିଢ଼ିଠାରୁ ଅଧିକ ଦେଶଭକ୍ତ ବୋଲି କହିଥିଲେ । ଉଲ୍ଲେଖଯୋଗ୍ୟ ଯେ ଆଧୁନିକ ଜ୍ଞାନକୌଶଳ ବୁଝିବା ଓ ତାହାର ପ୍ରୟୋଗ କ୍ଷେତ୍ରରେ ଏହି ପିଢ଼ି ଯେ କୌଣସି ଆୟୁ ବର୍ଗର ଲୋକଙ୍କଠାରୁ ଢେର ଅଧିକ ଦକ୍ଷ ବୋଲି ପ୍ରମାଣିତ ଓ ସୋସିଏଲ ମିଡ଼ିଆରେ ସର୍ବାଧିକ ସକ୍ରିୟ ମଧ୍ୟ । ଏପରି ଅବସ୍ଥାରେ ବହୁତ ଜରୁରୀ ହେଉଛି ଏ ବର୍ଗର ଆକାଂକ୍ଷା, ଚିନ୍ତାକୁ ବୁଝିବା ଓ ସେମାନଙ୍କୁ ଏକ ସକାରାତ୍ମକ ଦିଗ ପ୍ରଦାନ କରିବା । ପ୍ରଧାନମନ୍ତ୍ରୀ କହିଛନ୍ତି 'ଭାରତର ଯୁବବର୍ଗ ସତ୍ୟର ହୁଙ୍କାରରେ ଚାଲନ୍ତି ।'

ଜେନ-ଜିର ଶକ୍ତିକୁ ଏ ସମୟରେ ସକାରାତ୍ମକ ମୋଡ଼ ଦେବା ନିହାତି ଆବଶ୍ୟକ ଓ ପ୍ରଧାନମନ୍ତ୍ରୀ ଏ କଥାକୁ ଭଲ ଭାବରେ ଜାଣନ୍ତି । ଯେହେତୁ ବିକଶିତ ଭାରତ ୨୦୪୭ ଏହି ଆୟୁ ବର୍ଗର କାନ୍ଧ ଉପରେ ରହିବ, ତେଣୁ ଏହି କିଶୋର-ଯୁବବର୍ଗଙ୍କୁ ରଚନାତ୍ମକ ଦିଗରେ ଅଗ୍ରସର କରାଇବା ନିହାତି ଆବଶ୍ୟକ । ଚରଖା ଆନ୍ଦୋଳନ ଜରିଆରେ ମହାତ୍ମା ଗାନ୍ଧୀ ଦେଶରେ ରଚନାତ୍ମକ କାର୍ଯ୍ୟକ୍ରମକୁ ଏପରି ଏକ ଦିଗ ଦେଇଥିଲେ, ଯେଉଁ ରାସ୍ତାରେ ଅଗ୍ରସର ହେବା ଲାଗି ସେ ସମୟର ଯୁବବର୍ଗ ତଥା ନାଗରିକଙ୍କୁ ସେ ପ୍ରେରିତ କରି ବଡ଼ଲକ୍ଷ୍ୟ ସାଧନ କରିଥିଲେ । ଇତିହାସ ସାକ୍ଷୀ ଅଛି, ଚରଖା ଆନ୍ଦୋଳନ ଦ୍ୱାରା ପ୍ରେରିତ ଭାରତୀୟମାନେ କିପରି ମାଞ୍ଚେଷ୍ଟରରୁ ଆସୁଥିବା କପଡ଼ାକୁ ବହିଷ୍କାର କରିଥିଲେ ଓ କି ଧନୀ କି ଗରିବ, ସମସ୍ତେ ପଣ କରି ଖଦୀକୁ ଆପରାଇ ନେଇଥିଲେ । ଏହି ପଦକ୍ଷେପ ଦ୍ୱାରା ମହିଳାମାନଙ୍କର ସଶକ୍ତିକରଣ ତ ହେଲା, ସ୍ୱାଧୀନତା ଆନ୍ଦୋଳନକୁ ଏକ ନୂଆ ଶକ୍ତି ବି ମିଳିଲା । ୨୦୧୪ ମସିହା ଗାନ୍ଧୀ ଜୟନ୍ତୀ ଦିନ ପ୍ରଧାନମନ୍ତ୍ରୀ ମୋଦୀ ସ୍ୱଚ୍ଛ ଭାରତ ଅଭିଯାନ ଆରମ୍ଭ କରିଥିଲେ । ଲକ୍ଷଲକ୍ଷ ସ୍କୁଲ ଛାତ୍ରଛାତ୍ରୀ ଓ ଯୁବବର୍ଗ ଏହି କାର୍ଯ୍ୟକ୍ରମରେ ସାମିଲ ହେଲେ ଓ ତାହାର ଏକ ଭଲ ପ୍ରଭାବ ଆଜି ସାଧାରଣ ସ୍ଥଳମାନଙ୍କରେ ଦେଖିବାକୁ ମିଳୁଛି ।

ଅବଶ୍ୟ କେତେକ ବିସଙ୍ଗତି ଆଜିର ଜେନ-ଜି ପିଢ଼ିକୁ ବିଚଳିତ କରୁଛି । ଆଗକୁ ମଧ୍ୟ କରିବ । ସେମାନେ ସେ ବିସଙ୍ଗତିସବୁ ଉପରେ ଖୋଲାଖୋଲି ନିଜର ରାୟ ଆଜି ବି ବ୍ୟକ୍ତ କରୁଛନ୍ତି ଓ ଆଗକୁ ମଧ୍ୟ କରିବେ । ସେମାନଙ୍କ ଆପତ୍ତି ଅଭିଯୋଗ ସବୁକୁ ସମ୍ବେଦନା ସହ ଶୁଣିବା ଓ ସଠିକ ସମାଧାନର ସୂତ୍ର ବାହାର କରିବା ନିହାତି ଆବଶ୍ୟକ । ଯୁବବର୍ଗଙ୍କ ସହ ଆଲୋଚନା-ପର୍ଯ୍ୟାଲୋଚନା ପାଇଁ ପ୍ରଧାନମନ୍ତ୍ରୀଙ୍କ ଉଦ୍ୟମ ତେଣୁ ନିଶ୍ଚିତ ଭାବେ ଏକ ସୁଖଦ ଉଦ୍ୟମ । ଦେଶର ସବୁ ରାଜନୈତିକ ବର୍ଗଙ୍କର ନୈତିକ ଦାୟିତ୍ୱ ହେଉଛି ସେମାନେ ଆଜିର ଯୁବସମାଜକୁ ହତାଶା ଓ ନୈରାଶ୍ୟର ଖାଇ ମଧ୍ୟକୁ ଖସିପଡ଼ିବାରୁ ବଞ୍ଚାନ୍ତୁ । ନୈରାଶ୍ୟ ଓ ହତାଶାର ଦୁର୍ବଳ ମୁହୂର୍ତ୍ତରେ ଅନେକ ଯୁବକ ନିଶା ପ୍ରତି ଆକଅଷ୍ଟ ହୋଇଯାଉଛନ୍ତି । ଆଉ କେତେକ ଆତ୍ମହତ୍ୟା କରୁଛନ୍ତି । ତେଣୁ ସେମାନଙ୍କ ସହ ଲଗାତାର ସଂପର୍କ ରଖିବା ଆବଶ୍ୟକ । ଯେହେତୁ ପ୍ରଧାନମନ୍ତ୍ରୀ ହେଉଛନ୍ତି ଦେଶର ମୁଖ୍ୟ, ତେଣୁ ଏ ଦିଗରେ ଯେବେ କୌଣସି ଅଭିଯାନ ଆରମ୍ଭ ହେଉଛି, ତାହାର ଗମ୍ଭୀରତା ଓ ପ୍ରଭାବ ଭିନ୍ନ ହେବା ନିଶ୍ଚିତ । ତେଣୁ ଆଶା କରାଯାଏ ଯେ ସଂପର୍କ ଜରିଆରେ କିଶୋର ଓ ଯୁବବର୍ଗଙ୍କ ମଧ୍ୟରେ ନୂଆ ଆଶା ସଞ୍ଚାର ହେବ ଓ ରାଷ୍ଟ୍ର ନିର୍ମାଣରେ ସେମାନେ ନିଜର ଭୂମିକା ସଂପର୍କରେ ସଚେତନ ହେବେ । ❐❐

# ସଫଳତା ପଛର ରହସ୍ୟ

ନୁଷ୍ୟ ଏକ ଦେହଧାରୀ ଆତ୍ମା। ମୂଳତଃ ମନୁଷ୍ୟ ଏକ ଆଧ୍ୟାତ୍ମିକ ଜୀବ। ମନୁଷ୍ୟ ହେଉଛି ମାନବୀୟ ମୂଲ୍ୟବୋଧର ପ୍ରତୀକ। ମନୁଷ୍ୟ ଏକ ଜଟିଳ ସାମାଜିକ ପ୍ରାଣୀ ଯେଉଁଠି ଜୀବନଟା ହେଉଛି ଏକ ଚେତନାର ସ୍ରୋତ। ନୈତିକତାକୁ ସଦାଚାର ବୋଲାଯାଏ, ସଦାଚାର କହିଲେ ଆମେ ସଦଗୁଣ ସମ୍ପନ୍ନ ମହତ ଜୀବନର ଚିତ୍ର ଦେଖୁ। ସୀମିତ ଅର୍ଥରେ ଏହା ନିର୍ମଳ ଚରିତ୍ରକୁ ବୁଝାଇଥାଏ।

ସଫଳତା ପାଇବାକୁ ହେଲେ ଜୀବନରେ ବହୁତ ପରିଶ୍ରମ କରିବା ଜରୁରୀ। ବିନା ପରିଶ୍ରମରେ କୌଣସି ସଫଳତା ପାଇବା ତ ଦୂର କଥା ଏ ସଂପର୍କରେ ଚିନ୍ତା କରିବା ମଧ୍ୟ ମୁସ୍କିଲ। ସଫଳତା ପାଇବାକୁ ହେଲେ ପରିଶ୍ରମ ସହ ଅନେକ କିଛି କରିବାକୁ ପଡ଼ିଥାଏ। ଯଦି କୌଣସି କାମରେ ସଫଳତା ମିଳେ ତେବେ ସେହି କାମକୁ କେବେ ଏବଂ କିପରି କରିବା ସହିତ ଏହି ସଫଳତା ପାଇଁ କି ପ୍ରକାର ସାଧନା କରିବା ଦରକାର ସେ ବିଷୟରେ ପ୍ରଥମେ ଜାଣିବାର ଆବଶ୍ୟକତା ରହିଛି। ଶାସ୍ତ୍ରରେ ମଧ୍ୟ କୁହାଯାଇଛି ଯେଉଁ ବ୍ୟକ୍ତି ଏ ସମସ୍ତ ବିଷୟ ହୃଦୟଙ୍ଗମ କରିପାରିବ ସେ ସଫଳତା ପାଇପାରିବ।

ଲକ୍ଷ୍ୟ ସ୍ଥଳରେ ପହଞ୍ଚିବାକୁ ହେଲେ ନିଷ୍ଠା, ଅଧ୍ୟବସାୟ, ପରିଶ୍ରମ, ରଣନୀତି, ବିଶ୍ୱାସ, ପ୍ରୋତ୍ସାହନର ଆବଶ୍ୟକତା ରହିଛି, ଯାହା ମର୍ଯ୍ୟାଦାପୁରୁଷ ଭଗବାନ ରାମଚନ୍ଦ୍ରଙ୍କ ପାଖରେ ଥିଲା। ଏହା ସହିତ ସଫଳତା ପାଇବାକୁ ହେଲେ ଧୀର, ଗମ୍ଭୀର ଏବଂ ଶାନ୍ତ ସ୍ୱଭାବର ହେବା ଦରକାର। ପ୍ରଭୁ ରାମଚନ୍ଦ୍ର ନିଜର ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ପାଇଁ ପିତାଙ୍କ ଆଦେଶ ମାନିଥିଲେ ଏବଂ କେବର୍ତ୍ତ, ଶବରୀ ସହିତ ଉତ୍ତମ ବ୍ୟବହାର କରିବା ସହ ସମସ୍ତଙ୍କୁ ସମାନ ଆଚରଣ କରୁଥିଲେ। ସମୁଦ୍ରରେ ବିଶାଳ ସେତୁ ନିର୍ମାଣରେ ଗୁଣ୍ଡୁଚିର ସହାୟତାକୁ ମଧ୍ୟ ଗ୍ରହଣ କରିଥିଲେ। ଯାହାକି ଏକ ଉତ୍ତମ ରଣନୀତିର ଉଦାହରଣ। ଏସବୁ ଗୁଣ ନଥିଲେ ସେ ଏତେ ବଡ଼ ଶକ୍ତିଶାଳୀ ରାକ୍ଷସର ବିନାଶ କରିପାରି ନଥାନ୍ତେ ଯାହାକି ରଣନୀତି, କୁଟନୀତି ଏବଂ ପରାକ୍ରମର ସର୍ବଶ୍ରେଷ୍ଠ ଉଦାହରଣ। ସଦଗୁଣ ଓ ସଦାଚାର ଠାରୁ ବଡ଼ ହୋଇ ଅନ୍ୟ ଧର୍ମ କିଛି ନାହିଁ। ସଫଳତା ପାଇଁ ସଦାଚାର ରାସ୍ତା ଦେଖାଇଥାଏ ଓ ଶାନ୍ତି ପ୍ରଦାନ କରିଥାଏ। ସଦାଚାର ହେଉଛି ଜୀବନ ତଥା ସମୃଦ୍ଧି ଠାରୁ ମହତ୍ତର।

ପଣ୍ଡିତ ସୋମନାଥ ଦାଶ
ସିଡିଏ, କଟକ

# ମା' ସୁଭଦ୍ରା

ତରୁଣ କୁମାର ସାହୁ



## ପୁଣ୍ୟତିଥି ଅବସରରେ

ଭାରତର ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇ ମାନବ ସେବା ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିବା ଓଡ଼ିଶାର ନାରୀନେତ୍ରୀମାନଙ୍କ ମଧ୍ୟରେ ମା' ସୁଭଦ୍ରା ଅନ୍ୟତମ । ମା' ରମାଦେବୀ, ମା' ମାଳତୀ ଦେବୀଙ୍କ ପରି ମା' ସୁଭଦ୍ରାଙ୍କ ଜୀବନ ଥିଲା ଆଦର୍ଶ ସ୍ଥାନୀୟ । ସ୍ୱାଧୀନତା ପରେ ଓଡ଼ିଶାର ପ୍ରଥମ ମୁଖ୍ୟମନ୍ତ୍ରୀ ଉତ୍କଳ କେଶରୀ ଡକ୍ଟର ହରେକୃଷ୍ଣ ମହତାବଙ୍କର ସହଧର୍ମିଣୀ ଓ ସହକର୍ମିଣୀ ଭାବରେ ଗାନ୍ଧିଜୀଙ୍କ ନୀତି ଅନୁସରଣ କରି ସେ କେବଳ ସ୍ୱାଧୀନତା ସଂଗ୍ରାମୀ ସାଜି ନଥିଲେ, ସାଧାରଣ ମଣିଷର ବିଶେଷ ଭାବରେ ହରିଜନମାନଙ୍କ ସେବାରେ ସେ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ ।

ସୁଭଦ୍ରା ମହତାବ ଜନ୍ମ ଗ୍ରହଣ କରିଥିଲେ କଟକ ଜିଲ୍ଲାର ଅସୁରେଶ୍ୱର ଗ୍ରାମାଞ୍ଚଳର ହାଣ୍ଡିଭଙ୍ଗା ଗ୍ରାମରେ ୧୯୦୦ ମସିହାରେ । ତାଙ୍କ ପିତା ଥିଲେ ଆନନ୍ଦରାମ ସିଂହ ଓ ମାତା ଥିଲେ ଉଦିଆ ବିବି । ପିତାମାତାଙ୍କର ସେ ଥିଲେ ଚତୁର୍ଥ ସନ୍ତାନ । ଗ୍ରାମ ଚାଟଶାଳୀରେ ପିଲାଦିନେ ପାଠ ପଢ଼ିଥିଲେ, କିନ୍ତୁ କୌଣସି ଉଚ୍ଚଶିକ୍ଷା ନିମନ୍ତେ ସୁଯୋଗ ପାଇନଥିଲେ । କାରଣ ସେତେବେଳେ ଶିକ୍ଷାର ବିଶେଷ ଭାବରେ ନାରୀଶିକ୍ଷାର ପ୍ରସାର ସଂଘଟିତ ହୋଇନଥିଲା । ତେବେ ନିଜ ଚେଷ୍ଟାରେ ସେ ଭାଗବତ, ରାମାୟଣ ଓ ମହାଭାରତ ପାଠ କରିଥିଲେ । ବାଲ୍ୟାବସ୍ଥାରେ ହିଁ ସେ ମାତୃହୀନା ହୋଇ ଯାଇଥିଲେ ।

ମାତ୍ର ଷୋହଳ ବର୍ଷ ବୟସରେ ସୁଭଦ୍ରା ଦେବୀ ଅଗରପଡ଼ାର ଜମିଦାରଙ୍କ ପୁତ୍ର ହରେକୃଷ୍ଣ ମହତାବଙ୍କୁ ବିବାହ କରିଥିଲେ । ତାଙ୍କର ବିବାହ ସମ୍ବନ୍ଧରେ ହରେକୃଷ୍ଣ ମହତାବ ତାଙ୍କର ଆତ୍ମଜୀବନୀ 'ସାଧନାର ପଥେ'ରେ ଉଲ୍ଲେଖ କରିଛନ୍ତି– "ମାଆର ମୃତ୍ୟୁର କେତେମାସ ପରେ ମୋର ବିବାହର ବନ୍ଦୋବସ୍ତ ହେବାରେ ଲାଗିଲା । କଟକ ଜିଲ୍ଲା ଅସୁରେଶ୍ୱର ଗ୍ରାମର ଶ୍ରୀ ଆନନ୍ଦରାମ ସିଂହଙ୍କ କନ୍ୟା ସହିତ ମୋର ବିବାହ ସ୍ଥିରୀକୃତ ହୋଇଗଲା । ଏ ବିଷୟରେ ପ୍ରଥମେ ମୁଁ କିଛି ଜାଣିନଥିଲି । ମୋତେ ମଧ୍ୟ କେହି କିଛି ଜଣାଇ ନଥିଲେ । ମାତ୍ର ଯେତେବେଳେ ଆନନ୍ଦରାମ ସିଂହ ଆମ ଘରକୁ ଆସିଲେ ଓ ବାଟରେ ଆମ ଭଦ୍ରଖ ବସାରେ ଦିନକ ପାଇଁ ରହିଲେ, ସେତେବେଳେ ମୁଁ ସବୁ ଜାଣିଲି । ଜାଣିବା ମାତ୍ରକେ ସେତେବେଳେ ମୋର ଯେତିକି ଶକ୍ତି ଥିଲା ସେତିକି ଘେନି ସେ ପ୍ରସ୍ତାବରେ ବାଧା ଦେଇଥିଲି, ମାତ୍ର ତା'ର ଫଳ କିଛି ହେଲା ନାହିଁ ।

X X X X

ବିବାହ ସରିଗଲା । କନ୍ୟାକୁ ପୂର୍ବରୁ ଦେଖିବାର ସୁଯୋଗ ମିଳି ନଥିଲା । ଯେଉଁଦିନ ପ୍ରଥମେ ଦେଖିଲି, ସେଦିନ ମୁଁ ନିଜେ ମୁଗ୍ଧ ହୋଇଥିଲି । ସୁନ୍ଦର ପ୍ରତିମା । ଅତି ସରଳ, ମାତ୍ର ଅତି ଗମ୍ଭୀର । ଆମ ଘରେ ବା ସେତେବେଳକାର ପାରିପାର୍ଶ୍ୱିକ ସମାଜରେ ଦିନବେଳେ ସ୍ତ୍ରୀ ସହିତ ଦେଖା ବା କଥାବାର୍ତ୍ତା କରିବାର ସୁବିଧା ନଥିଲା । ତା' ହୋଇଥିଲେ ମୁଁ ସ୍ତ୍ରୀକୁ କିଛି ପାଠ ପଢ଼ାଇବାର ବନ୍ଦୋବସ୍ତ କରିଥାନ୍ତି । ମୋର ନିଜ ମାଆ ଛଡ଼ା ଆମ ଘରେ ଆଉ କେହି ସ୍ତ୍ରୀଲୋକ ପାଠ ପଢ଼ିନଥିଲେ । ତେଣୁ ମୋର ସ୍ତ୍ରୀର ପାଠ ପଢ଼ିବାର ପ୍ରସ୍ତାବ ସୁଦ୍ଧା କରିବା ସ୍ଥାନ ଭ୍ରଷ୍ଟ ବ୍ୟାପାର ଥିଲା । ମୋର ସ୍ତ୍ରୀର ନାମଟିରେ ମଧ୍ୟ ମୁଁ ସନ୍ତୁଷ୍ଟ ହୋଇଥିଲି । 'ସୁଭଦ୍ରା' ନାମଟି ମୋତେ ବଡ଼ ସୁଖ ଲାଗିଥିଲା ।"

ଭଦ୍ରଖ ସ୍କୁଲରୁ ମ୍ୟାଟ୍ରିକ୍ୟୁଲେସନରେ ପ୍ରଥମ ଶ୍ରେଣୀରେ ପାସ୍ କରିବା ପରେ ହରେକୃଷ୍ଣ ମହତାବ କଟକର ରେଭେନ୍ସା କଲେଜରେ ଆଇ.ଏସ୍.ସି. ଅର୍ଥାତ୍ ବିଜ୍ଞାନ ବିଭାଗରେ ନାମ ଲେଖାଇଲେ । କିନ୍ତୁ କଲେଜ ପାଠପଢ଼ା ଆଉ କିଛି କାମ କରିବାକୁ ସେ ବ୍ୟାକୁଳ ହେଉଥିଲେ । ୧୯୨୧ ମସିହାରେ ସେ ପାଠପଢ଼ା ଛାଡ଼ି ଉତ୍କଳମଣି ଗୋପବନ୍ଧୁଙ୍କର ନେତୃତ୍ୱରେ ଗଠିତ ହୋଇଥିବା ରାଜ୍ୟ କଂଗ୍ରେସ କମିଟିର ସଭ୍ୟ ହୋଇଥିଲେ । ବିବାହର ମାତ୍ର ୫/୬ ବର୍ଷ ପରେ ସୁଭଦ୍ରା ମହତାବ ମଧ୍ୟ ସ୍ୱାମୀଙ୍କର ଅନୁଗାମିନୀ ହୋଇ ସାଧାରଣ କାର୍ଯ୍ୟ କରିବା ପାଇଁ ରାଜପ୍ରାସାଦରୁ ବାହାରି ଆସିଲେ । ସ୍ୱାମୀଙ୍କ ଭଳି ସେ ମଧ୍ୟ ମହାତ୍ମା ଗାନ୍ଧୀଙ୍କର ପନ୍ଥାନୁସରଣ କରିଥିଲେ । ମହାତ୍ମା ଗାନ୍ଧୀଙ୍କର ହରିଜନ ପଦଯାତ୍ରାରେ ନିଜର ସମସ୍ତ ଅଳଙ୍କାର ସେ ଦାନ କରିଥିଲେ ହରିଜନ କଲ୍ୟାଣ ପାଣ୍ଠିକୁ । ଉତ୍ତର ବାଲେଶ୍ୱରର ବିଭିନ୍ନ ଗ୍ରାମ ବୁଲି ସେ ଗାନ୍ଧିଜୀଙ୍କର ବାର୍ତ୍ତା ଲୋକମାନଙ୍କ ନିକଟରେ ପହଞ୍ଚାଇଥିଲେ ଏବଂ ଅନେକ ମହିଳାଙ୍କୁ ସେ ପ୍ରଭାବିତ କରି ପାରିଥିଲେ । ସୂତାକଟା, ଗ୍ରାମ ସଫେଇ, ବିଦେଶୀ ଦ୍ରବ୍ୟ ବର୍ଜନ, ନିଶା ନିବାରଣ, ଅସ୍ପୃଶ୍ୟତା ଦୂରୀକରଣ ଆଦି ଅନେକ ସାମାଜିକ କର୍ମରେ ସେ ନିଜକୁ ନିୟୋଜିତ କରିଥିଲେ । ୧୯୩୦ ମସିହା ଲବଣ ସତ୍ୟାଗ୍ରହରେ ଯୋଗଦେଇ ସେ କାରାବରଣ କରିଥିଲେ । ଠିକ୍ ସେମିତି ୧୯୩୨ ମସିହାରେ ଆଇନ ଅମାନ୍ୟ ଆନ୍ଦୋଳନରେ ଯୋଗଦେଇ ପୁନର୍ବାର କାରାବରଣ କରିଥିଲେ । ଜେଲ୍‌ରେ ଥିବା ବେଳେ ମା' ରମାଦେବୀ, ସରଳା ଦେବୀ ଓ ମାଳତୀ ଚୌଧୁରୀଙ୍କର ସଂସ୍ପର୍ଶରେ ଆସିଥିଲେ । ଆଗରପଡ଼ାର କର୍ମମନ୍ଦିର ମା' ସୁଭଦ୍ରାଙ୍କ ଦ୍ୱାରା ପରିଚାଳିତ ହେଉଥିଲା ।

ଭାରତ ସ୍ୱାଧୀନ ହେଲା ୧୫ ଅଗଷ୍ଟ ୧୯୪୭ ମସିହାରେ । ସ୍ୱାଧୀନତା ପ୍ରାପ୍ତି ପରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ହେଲେ ହରେକୃଷ୍ଣ ମହତାବ । ପରବର୍ତ୍ତୀ ଅବସ୍ଥାରେ ମହତାବ କେନ୍ଦ୍ରମନ୍ତ୍ରୀ ଓ ବମ୍ବେର ଗଭର୍ଣ୍ଣର ମଧ୍ୟ ହୋଇଥିଲେ । ଏହି ସମୟରେ ତାଙ୍କର ସହଧର୍ମିଣୀ ସମସ୍ତ ଦାୟିତ୍ୱ ସୁଚାରୁରୂପେ ତୁଲାଇଥିଲେ । ବମ୍ବେ ରାଜଭବନରେ ତାଙ୍କ ଉଦ୍ୟମରେ ସ୍ଥାପିତ କର୍ମଶାଳା ଅତି ଉଚ୍ଚକୋଟୀର ଓ ଆଦର୍ଶସ୍ଥାନୀୟ ଥିଲା । ମା' ସୁଭଦ୍ରା ମଧ୍ୟ ଭୁବନେଶ୍ୱର ନିର୍ବାଚନ ମଣ୍ଡଳୀରୁ ଓଡ଼ିଶା ବିଧାନସଭାକୁ ନିର୍ବାଚିତ ହୋଇ ଅନେକ ଜନହିତକର କାର୍ଯ୍ୟ କରିଛନ୍ତି ।

ଏହି ମହୀୟସୀ ମହିଳାଙ୍କର ଦେହାବସାନ ଘଟିଲା ୧୯୭୮ ମସିହାରେ । ତାଙ୍କର ପବିତ୍ର ସ୍ମୃତିରେ ଅସୁରେଶ୍ୱରରେ ସୁଭଦ୍ରା ମହାବିଦ୍ୟାଳୟ, ଭୁବନେଶ୍ୱରରେ ସୁଭଦ୍ରା ବାଳିକା ବିଦ୍ୟାଳୟ, ଅସୁରେଶ୍ୱରରେ ସୁଭଦ୍ରା ଦାତବ୍ୟ ଚିକିତ୍ସାଳୟ ସ୍ଥାପିତ ହୋଇଛି । ଆଜି ତାଙ୍କର ପୁଣ୍ୟତିଥିରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛୁ ।

*ପୂର୍ବତନ ଅଧ୍ୟକ୍ଷ, ସୁଭଦ୍ରା ମହତାବ ମହାବିଦ୍ୟାଳୟ, ଅସୁରେଶ୍ୱର*

# ଅଧିକାରୀଙ୍କୁ ଖାତିର

ସତ୍ୟନାରାୟଣ ଦେହୁରୀ

ଅଧିକାରୀଙ୍କୁ ଖାତିରି କରିବା କର୍ମଚାରୀ ମାନଙ୍କ ପାଇଁ ଏକ ବାଧ୍ୟ କର୍ତବ୍ୟ । ଅନ୍ୟଥା ଅଧିକାରୀଙ୍କ ଆକ୍ରୋଶର ଶିକାର ହେବା ସମ୍ଭାବନା ଥାଏ । ଅନ୍ୟପକ୍ଷରେ ଦେଖିବାକୁ ଗଲେ ଏହା ଏକ ନୈତିକ କର୍ତବ୍ୟ । ବଡ ମାନଙ୍କୁ ସମ୍ମାନ ଦେବା ଆମ ସଂସ୍କୃତି ଆମ ପରମ୍ପରା । ବୟସରେ ବଡ ,ପଦବୀରେ ବଡ ଏବଂ ମାନ୍ୟରେ ବଡ ମାନଙ୍କୁ ସମ୍ମାନ ଦିଆଯାଏ । ସେମାନଙ୍କ ପ୍ରତି ଖାତିରି ରହିବା ଆବଶ୍ୟକ । ଅଧିକାରୀ ବୟସରେ ସାନ ହେଲେ ମଧ୍ୟ ସମ୍ମାନସ୍ପଦ । ଅଧିକାରୀଙ୍କ ବିରୁଦ୍ଧରେ କଟୁ ମନ୍ତବ୍ୟ ଦେବା ଅଧିକାର ତଳିଆ କର୍ମଚାରୀଙ୍କର ନଥାଏ । ସେମାନଙ୍କ ଆଦେଶକୁ ସମ୍ମାନ ଦେବାକୁ ପଡିଥାଏ । ବେଳେ ବେଳେ ସେମାନେ ଅସଙ୍ଗତ କଥା କହିଲେ ମଧ୍ୟ ତଳିଆ କର୍ମଚାରୀ ତାକୁ ପାଳନ କରନ୍ତି । ଅଧିକାରୀଙ୍କୁ ବେଖାତିରି କରି ଅନେକ ତଳିଆ କର୍ମଚାରୀ ଦଣ୍ଡ ପାଇବାର ଦୃଷ୍ଟାନ୍ତ ରହିଛି । ତାଙ୍କର କାର୍ଯ୍ୟକଳାପକୁ ସମାଲୋଚନା କରିବା ଆମର କର୍ତ୍ତବ୍ୟ ନୁହେଁ । ସେ ତାଙ୍କ କର୍ତବ୍ୟରେ ଅବହେଳା କଲେ ତାଙ୍କୁ ଦଣ୍ଡଦେବା ଲୋକ ଅଲଗା । ଜଣେ ତଳିଆ କର୍ମଚାରୀ କିନ୍ତୁ ତାଙ୍କ ବିରୁଦ୍ଧରେ ମନ୍ତବ୍ୟ ଦେବା ଅନୁଚିତ । ଜଣେ ବ୍ୟକ୍ତି ତାଙ୍କ ଅଧିକାରୀଙ୍କ କାର୍ଯ୍ୟକଳାପ ବିରୁଦ୍ଧରେ ସବୁବେଳେ ବିଷୋଦଗାର କରନ୍ତି । ଅଧିକାରୀଙ୍କର କୌଣସି କାମକୁ ସେହି କର୍ମଚାରୀ ପସନ୍ଦ କରନ୍ତି ନାହିଁ । ସବୁ କାମକୁ ବିରୋଧ କରିବା ସତେଯେମିତି ତାଙ୍କର ଏକ ଅଭ୍ୟାସରେ ପରିଣତ ହୋଇଗଲା । କିଛି ଦିନ ପରେ ଯେତେବେଳେ ବଦଳି ତାଲିକା ବାହାରିଲା ,ସେତେବେଳେ ଦେଖାଗଲା ସେହି ତଳିଆ କର୍ମଚାରୀ ତାଲିକାର ଆଗରେ ଅଛନ୍ତି । ଖାଲି ସେତିକି ନୁହେଁ ତାଙ୍କର ସେବା ପୁସ୍ତକରେ ମଧ୍ୟ ନାଲି ଗାର ପଡିଯାଇଥାଏ । ତାଙ୍କର ସିସିଆର ଖରାପ ହୋଇଯାଇଥାଏ । କର୍ମଚାରୀ ମାନଙ୍କର ସିସିଆର ଥରେ ଖରାପ ହେଲେ ତାହା ସବୁ ଦିନ ପାଇଁ ରହିଯାଏ । ଉପର ପାହ୍ୟାକୁ ପଦୋନ୍ନତି ବେଳେ ତାହା ବାଧକ ସାଜିଥାଏ । ତେଣୁ ସବୁ ତଳିଆ କର୍ମଚାରୀ ଉପରିସ୍ଥ ଅଧିକାରୀଙ୍କୁ ଖାତିରି କରନ୍ତି । ଅନେକ ସମୟରେ ଅଧିକାରୀଙ୍କ କାର୍ଯ୍ୟକଳାପକୁ ନାପସନ୍ଦକରି ତଳିଆ କର୍ମଚାରୀ ନିଜର ଅସନ୍ତୋଷ ନିଜ ମନଭିତରେ ରଖନ୍ତି । ଯଦିଓ ଦୁର୍ନୀତି ଦେଖି ଚୁପ ରହିବା ଏକ ଅପରାଧ ,ତଥାପି ଚୁପ ରହିବା ବାଧ୍ୟ । ନହେଲେ ନିଜେ ବଳୀ ପଡିବାର ସମ୍ଭାବନା ଅଛି । ଯେଉଁମାନେ ଅଧିକାରୀଙ୍କ ସବୁ କଥାକୁ ଦୃଢ ସମର୍ଥନ କରନ୍ତି ,ସେମାନେ ସବୁବେଳେ ଅଧିକାରୀଙ୍କ ଭଲ ନଜରରେ ରହନ୍ତି । ସବୁ କାମରେ ସେମାନଙ୍କୁ ଲୋଡା ପଡେ । ସବୁ ଦପ୍ତର ମାନଙ୍କରେ ଅଧିକାରୀ ମାନଙ୍କର କିଛି ଖାସ କର୍ମଚାରୀ ଥାଆନ୍ତି । ସବୁ କାମରେ ସେମାନଙ୍କୁ ଖୋଜାପଡେ । ସେମାନଙ୍କର କୌଣସି ଫାଇଲ ଅଧିକାରୀଙ୍କ ନିକଟରେ ପଡିରହେ ନାହିଁ । କିନ୍ତୁ ଯେଉଁ କର୍ମଚାରୀ ଅଧିକାରୀଙ୍କ ପ୍ରତି ଖାତିରି ରଖନ୍ତି ନାହିଁ ସେମାନଙ୍କ କାମ ବିଳମ୍ବ ହେବା ସ୍ୱାଭାବିକ । ସେମାନଙ୍କ ଫାଇଲରେ ଜିରାରୁ ଶିରା କାଢନ୍ତି । ସବୁ ଦପ୍ତର ମାନଙ୍କରେ ଏମିତି କିଛି କିଛି କର୍ମଚାରୀ ଥାଆନ୍ତି । ଏମାନଙ୍କ ଲୋକପ୍ରିୟତା ବହୁତ ବଢିଯାଏ । ଦପ୍ତରକୁ ଯିଏ ଆସେ ସେ ଆଗ ଖୋଜେ ସେହି କର୍ମଚାରୀଙ୍କୁ । କିଛି କର୍ମଚାରୀ ଅଧିକାରୀଙ୍କ ସହିତ ଭଲ ସମ୍ପର୍କ ରଖି ଅନେକ ଜଟିଳ କାମକୁ କରାଇ ନେବାରେ ସକ୍ଷମ ହୁଅନ୍ତି । ଅଧିକାରୀଙ୍କ ପ୍ରତି ଖାତିରି ରଖୁଥିବା କର୍ମଚାରୀ ମାନେ ଅଧିକାରୀଙ୍କ ବିଶ୍ୱାସରେ ମଧ୍ୟ ବେଳେ ବେଳେ ବିଷ ଦେଇଦିଅନ୍ତି । ତାର କୁପରିଣାମ ପରବର୍ତି ପର୍ଯ୍ୟାୟରେ ଅଧିକାରୀଙ୍କୁ ଭୋଗିବାକୁ ପଡିଥାଏ । ଜଣେ ମହିଳା ଅଧିକାରୀ ଥିଲେ । ସେ ଭାରି ସରଳ ପ୍ରକୃତିର ଥିଲେ । ତାଙ୍କ ଅଫିସର କିରାଣୀ ଯାହାବି ଦସ୍ତଖତ କରିବାକୁ ଆଣେ ସେ ବିନା ଦ୍ୱିଧାରେ ଦସ୍ତଖତ କରିଦିଅନ୍ତି । ଏପରିକି ବ୍ଲାଙ୍କ ଚେକରେ ମଧ୍ୟ ଦସ୍ତଖତ କରିଦିଅନ୍ତି । କିଛି ଦିନ ପରେ ସେହି ମହିଳା ଅଧିକାରୀ ଜଣକ ଅବସର ନେଲେ । ଅବସରର ୧ ବର୍ଷ ପରେ ଜଣା ପଡିଲା ଯେ ,ତାଙ୍କ ନାମରେ ବେଆଇନ ଭାବରେ ଲକ୍ଷାଧିକ ଟଙ୍କା ଉଠାହୋଇଛି । ମହିଳା ଅଧିକାରୀ ଏସବୁ ଜାଣିଲାପରେ ତାଙ୍କର ହଠାତ ହୃଦଘାତ ହୋଇ ଜୀବନ ଚାଲିଗଲା । ତାଙ୍କର ଜୀବନକାଳ ମଧ୍ୟରେ ସେକେବେ ଦୁର୍ନୀତି ସହିତ ସଂପୃକ୍ତ ନଥିଲେ । ହଠାତ ଏଭଳି ଅଭିଯୋଗ ତାଙ୍କୁ ସକ ପହଂଚାଇଲା ।

ଅଧିକାରୀଙ୍କୁ ଖାତିରି ନକରିବା ଦୁଷ୍ଟ ପ୍ରକୃତିର ଲୋକଙ୍କ କାମ । ନିଜେ ଜଣେ ତଳିଆ କର୍ମଚାରୀ ହୋଇ ଅଧିକାରୀଙ୍କୁ ବେଖାତିରି କରିବା ବହୁତ ଖରାପ । ତାଙ୍କ ବିରୁଦ୍ଧରେ ସବୁ ବେଳେ ଆଲୋଚନା କରିବା ଉଚିତ ନୁହେଁ । କିଛି କର୍ମଚାରୀ ଅଛନ୍ତି ,ଯେଉଁମାନେକି ଅଧିକାରୀଙ୍କୁ ଉପର ଠାଉରିଆ ଭାବରେ ଖାତିରି କରନ୍ତି । କିନ୍ତୁ ଅସଲ ଉଦ୍ଦେଶ୍ୟ ତାଙ୍କର ଅଲଗା ଥାଏ । ନିଜର ପଦବୀକୁ ନେଇ ସେମାନଙ୍କ ମନରେ ଅହଂଭାବ ସୃଷ୍ଟି ହୋଇ ଥାଏ । ସେହି ଅହମିକାକୁ ନେଇ ତଳ ସ୍ତରର ଅଧିକାରୀ ଉପର ସ୍ତରର ଅଧିକାରୀଙ୍କୁ ଖାତିରି କରନ୍ତି ନାହିଁ । ଏହାର ପ୍ରଭାବ ଅନ୍ୟ ମାନଙ୍କ ଉପରେ ପଡିଥାଏ । ଦପ୍ତରର ଅନ୍ୟ କର୍ମଚାରୀମାନେ ଏହାକୁ ନାପସନ୍ଦ କରନ୍ତି । ମୋଟା ମୋଟି ଭାବରେ ଦେଖିବାକୁ ଗଲେ ଗୋଟିଏ ଦପ୍ତରର ସବୁ କର୍ମଚାରୀ ମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରି କାର୍ଯ୍ୟକଲେ ଦପ୍ତରର ସୁନାମ ବଢିବା ସହିତ ସାଧାରଣ ଲୋକମାନେ ଉପକୃତ ହୋଇପାରିବେ । ସେହି ଦପ୍ତରର ଅଧିକାରୀଙ୍କର ମଧ୍ୟ ସୁନାମ ବଢିବ । ତେଣୁ ଅଧିକାରୀଙ୍କୁ ଖାତିରି କରିବା ସବୁ ତଳିଆ କର୍ମଚାରୀ ମାନଙ୍କର ଏକ ନୈତିକ କର୍ତବ୍ୟ । ଏହାକୁ ପାଳନ କଲେ ସମସ୍ତଙ୍କର ମଙ୍ଗଳ ହେବ ।

ରାଧାନଗର ,ବୌଦ୍ଧ
ମୋ:୯୯୩୮୭୫୮୩୫୩

## ସଂପାଦକଙ୍କୁ ପତ୍ର

### ବନ୍ୟା ସମୟରେ ଭାଇଚାରା

ମହାଶୟ,

ବନ୍ୟା ଯୋଗୁଁ ପ୍ରାୟ ଏକ ମାସ ଧରି ଉତ୍ତର ଓଡ଼ିଶାର ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଲାଣି । ଏଭଳି ପରିସ୍ଥିତି ଆହୁରି କେତେଦିନ ଲାଗି ରହିବ ସେକଥା କିଏ କହିବ ! କଥାରେ ଅଛି ପ୍ରାକୃତିକ ଦୁର୍ବିପାକ ସମୟରେ ବାଘ ଓ ହରିଣ ଗୋଟିଏ ଘାଟରେ ପାଣି ପିଅନ୍ତି। ବନ୍ୟା ସମୟରେ ନଦୀ ସ୍ରୋତରୁ ବଞ୍ଚିବା ପାଇଁ ଗୋଟିଏ କାଠ ଗଣ୍ଡି ଉପରେ ଉଭୟ ଭାଲୁ ଓ ମଣିଷ ଆଶ୍ରା ନେଇଥିବାର ଆଖ୍ୟାୟିକା ମଧ୍ୟ ରହିଛି। ବର୍ତ୍ତମାନ ସମୟରେ ବନ୍ୟା ଦାଉରୁ ରକ୍ଷା ପାଇବା ପାଇଁ ଅନେକ ସ୍ଥାନରେ ଲୋକ ମାନେ ଜାଣିଶୁଣି ନଦୀବନ୍ଧ ଗୁଡ଼ିକୁ କାଟି ଦେଉଥିବା ବେଳେ ତଳିଆ ଅଞ୍ଚଳର ଲୋକମାନେ ଏହାକୁ ବିରୋଧ କରି ଆସୁଛନ୍ତି।

ଏହାକୁ କେହି କେହି ବାଘ-ଛେଳି ଖେଳ କହୁଥିବା ବେଳେ ଆଉ କେହି ଭାଇଚାରା ର ଅଧୋଗତି ବୋଲି କହୁଛନ୍ତି।

ସାମ୍ପ୍ରଦାୟିକ ଦଙ୍ଗା ସମୟରେ ଯେମିତି ଚିହ୍ନା ପରିଚିତ, ବନ୍ଧୁ, ସାହି ପଡ଼ିଶା ଲୋକ ଅଚିହ୍ନା ହୋଇଯାଆନ୍ତି ସେହିଭଳି ଭାବେ ବନ୍ୟା ସମୟରେ ଗାଁ ଗାଁ ଭିତରେ ଉପୁଜୁଥିବା କନ୍ଦଳ କଣ ମାନବିକତା ର ପରିଚୟ ? ନିଜେ ବଞ୍ଚି ଅନ୍ୟ ମାନଙ୍କୁ ବଞ୍ଚାଇବା ଦରକାର କିନ୍ତୁ ନିଜେ ବଞ୍ଚିବା ପାଇଁ ଅନ୍ୟ ମାନଙ୍କୁ ମାରିବା ବା କ୍ଷତି ସାଧନ କରିବା କଣ ସମୀଚୀନ ?

ଡ.ସୀତାକାନ୍ତ ତ୍ରିପାଠୀ
ଅର୍ଣ୍ଣପାଳ, ଭଦ୍ରକ

# ବୀମା ବିନା ଇନ୍ଧନ ନାହିଁ

ସୌଭାଗ୍ୟ ରଞ୍ଜନ ମହାନ୍ତି

ଭାରତୀୟ ସମ୍ବିଧାନ ଏବଂ ଆଇନ ବ୍ୟବସ୍ଥାର ସର୍ବୋଚ୍ଚ ଅନୁଷ୍ଠାନ ତଥା ଦେଶର ସର୍ବୋଚ୍ଚ ନ୍ୟାୟାଳୟ ବା ସୁପ୍ରିମକୋର୍ଟଙ୍କ ଦ୍ୱାରା ଯାନବାହନ ବୀମା ଏବଂ ଇନ୍ଧନ (ପେଟ୍ରୋଲ ଓ ଡିଜେଲ) ବିତରଣକୁ ନେଇ ଗ୍ରହଣ କରାଯାଇଥିବା ଯୁଗାନ୍ତକାରୀ ନିର୍ଦ୍ଦେଶନାମା ଓଡ଼ିଶା ଭଳି ଦ୍ରୁତ ବିକାଶଶୀଳ ରାଜ୍ୟରେ ସଡ଼କ ସୁରକ୍ଷା, ଟ୍ରାଫିକ୍ ଶୃଙ୍ଖଳା ଏବଂ ଆଇନ ପ୍ରୟୋଗ କ୍ଷେତ୍ରରେ ଏକ ଅଭୂତପୂର୍ବ ପରିବର୍ତ୍ତନ ଆଣିବାକୁ ଯାଉଛି, ଯାହାକି ଦେଶର ପରିବହନ ଇତିହାସରେ ଏକ ମାଇଲଖୁଣ୍ଟ ସଦୃଶ ଅଟେ। ବର୍ତ୍ତମାନର ପରିସ୍ଥିତିରେ ଦେଶର ରାଜରାସ୍ତାରେ କୋଟି କୋଟି ଯାନବାହନ ଚାଲୁଥିବା ବେଳେ ସେଥିମଧ୍ୟରୁ ଏକ ବଡ଼ ଅଂଶ ଗାଡ଼ି ବିନା ବୀମାରେ ବେଆଇନ ଭାବରେ ଯାତାୟାତ କରୁଛନ୍ତି, ଯାହାଫଳରେ କୌଣସି ଦୁର୍ଘଟଣା ଘଟିଲେ ପୀଡ଼ିତ ବ୍ୟକ୍ତି କିମ୍ବା ମୃତକଙ୍କ ପରିବାରକୁ ଆଇନଗତ କ୍ଷତିପୂରଣ ମିଳିବାରେ ଅନେକ ଜଟିଳତା, ବିଳମ୍ବ ଏବଂ ଅପାର ଦୁର୍ଦ୍ଦଶାର ସମ୍ମୁଖୀନ ହେବାକୁ ପଡୁଛି।

ଏହି ଗମ୍ଭୀର ସମସ୍ୟାର ସ୍ଥାୟୀ ପ୍ରତିକାର ପାଇଁ ସୁପ୍ରିମକୋର୍ଟ ଏକ ପାଇଲଟ୍ ପ୍ରୋଜେକ୍ଟ ମାଧ୍ୟମରେ ଦେଶର ପେଟ୍ରୋଲ ପମ୍ପଗୁଡ଼ିକରେ ବୈଧ ତୃତୀୟ ପକ୍ଷ ବୀମା ନଥିବା ଗାଡ଼ିଗୁଡ଼ିକୁ ଇନ୍ଧନ କ୍ରୟ କରିବାରୁ ବଞ୍ଚିତ କରିବା ପାଇଁ ଏକ କଡ଼ା ନିୟମ ଆଣିବାକୁ ନିର୍ଦ୍ଦେଶ ଦେଇଛନ୍ତି, ଯାହା ଓଡ଼ିଶାର ରାଜଧାନୀ ଭୁବନେଶ୍ୱରଠାରୁ ଆରମ୍ଭ କରି କଟକ, ରାଉରକେଲା, ବ୍ରହ୍ମପୁର, ସମ୍ବଲପୁର ଏବଂ ରାଜ୍ୟର ସମସ୍ତ ଗ୍ରାମାଞ୍ଚଳ ତଥା ଦୂରଦୁରାନ୍ତ ଜିଲ୍ଲାଗୁଡ଼ିକରେ କାର୍ଯ୍ୟକାରୀ ହେଲେ ସଡ଼କ ଦୁର୍ଘଟଣା ଜନିତ ମୃତ୍ୟୁହାରକୁ ବହୁ ପରିମାଣରେ ହ୍ରାସ କରାଯାଇ ପାରିବ। ଓଡ଼ିଶାର ବିଭିନ୍ନ ରାଜପଥରେ ପ୍ରତିଦିନ ଅସାବଧାନତା ଏବଂ ଆଇନ ଅମାନ୍ୟ ଯୋଗୁଁ ଅନେକ ନିରୀହ ଜୀବନ ଚାଲିଯାଉଛି ଏବଂ ଗାଡ଼ି ମାଲିକଙ୍କ ପାଖରେ ବୀମା ନଥିବାରୁ ଗରିବ ପରିବାରଗୁଡ଼ିକ କ୍ଷତିପୂରଣ ପାଇବାରୁ ବଞ୍ଚିତ ହୋଇଥାଆନ୍ତି, କିନ୍ତୁ ପେଟ୍ରୋଲ ପମ୍ପରେ ଇନ୍ଧନ ନେବା ସମୟରେ ବୀମା କାଗଜପତ୍ରର ଡିଜିଟାଲ୍ ଯାଞ୍ଚ ହେଲେ କୌଣସି ବି ବେଆଇନ ଗାଡ଼ି ରାସ୍ତାରେ ଗଡ଼ିବାକୁ ସାହସ କରିବ ନାହିଁ। ଅନ୍ୟପକ୍ଷରେ, ଏହି ବ୍ୟବସ୍ଥାର କିଛି ନକାରାତ୍ମକ ଦିଗ ବା କନ୍ ମଧ୍ୟ ରହିଛି, ଯେପରିକି ଓଡ଼ିଶାର ଅନେକ ପଛୁଆ ଏବଂ ଆଦିବାସୀ ବହୁଳ ଜିଲ୍ଲା ଯଥା ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ମୟୂରଭଞ୍ଜ ଏବଂ କଳାହାଣ୍ଡିର ଗ୍ରାମାଞ୍ଚଳରେ ଥିବା ପେଟ୍ରୋଲ ପମ୍ପଗୁଡ଼ିକରେ ଇଣ୍ଟରନେଟ୍ ସଂଯୋଗର ଅଭାବ, ସ୍ୱୟଂକ୍ରିୟ ଡିଜିଟାଲ୍ ଯାଞ୍ଚ ବ୍ୟବସ୍ଥା କିମ୍ବା ଏଏନ୍‌ପିଆର କ୍ୟାମେରା ବ୍ୟବସ୍ଥା ନଥିବାରୁ ଏହାକୁ ତୁରନ୍ତ ସମସ୍ତ ସ୍ଥାନରେ କାର୍ଯ୍ୟକାରୀ କରିବା ଏକ ବଡ଼ ପ୍ରଶାସନିକ ଓ ବୈଷୟିକ ଆହ୍ୱାନ ହୋଇପାରେ। ଏହାବ୍ୟତୀତ, ଯଦି କୌଣସି ଜରୁରୀକାଳୀନ ପରିସ୍ଥିତିରେ ଜଣେ କୃଷକ କିମ୍ବା ସାଧାରଣ ନାଗରିକଙ୍କ ଗାଡ଼ିର ବୀମା ଅନ୍‌ଲାଇନ୍ ସିଷ୍ଟମରେ ଅପଡେଟ୍ ହେବାରେ ସାମାନ୍ୟ ଯାନ୍ତ୍ରିକ ବିଳମ୍ବ ହୁଏ, ତେବେ ସେମାନେ ଇନ୍ଧନ ପାଇବାରୁ ବଞ୍ଚିତ ହୋଇ ଅସମ୍ଭବ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି, ଯାହା ପ୍ରଶାସନ ଦ୍ୱାରା ବିଚାରକୁ ନିଆଯିବା ଉଚିତ୍। ତଥାପି, ଏହି ସମସ୍ତ ବ୍ୟବସ୍ଥା, ଆଇନଗତ ଜଟିଳତା ଏବଂ ନୀତିଗତ ନିର୍ଦ୍ଦେଶ ଉପରେ ସର୍ବୋଚ୍ଚ ନ୍ୟାୟାଳୟ ବା ଆପେକ୍ସ କୋର୍ଟ ହେଉଛନ୍ତି ଭାରତୀୟ ଗଣତନ୍ତ୍ରର ସର୍ବୋଚ୍ଚ ତଥା ଚରମ ନ୍ୟାୟିକ ପ୍ରାଧିକରଣ, ଯାହାଙ୍କ ନିର୍ଦ୍ଦେଶ ଓ ରାୟ ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୧୪୧ ଅନୁଯାୟୀ ସମଗ୍ର ଦେଶରେ ତଥା ସମସ୍ତ ରାଜ୍ୟର ପ୍ରଶାସନ ପାଇଁ ସମ୍ପୂର୍ଣ୍ଣ ଭାବରେ ବାଧ୍ୟତାମୂଳକ ଅଟେ। ଭାରତୀୟ ସମ୍ବିଧାନର ମୁଖ୍ୟ ରକ୍ଷକ ଏବଂ ଦେଶର ନାଗରିକମାନଙ୍କ ମୌଳିକ ଅଧିକାର ତଥା ଜୀବନର ନିରାପତ୍ତାର ପ୍ରହରୀ ଭାବରେ ସୁପ୍ରିମକୋର୍ଟ ସର୍ବଦା ଜନହିତକର, ଦୂରଦୃଷ୍ଟିସମ୍ପନ୍ନ ଏବଂ ସମାଜ ସଂସ୍କାରମୂଳକ ପଦକ୍ଷେପ ଗ୍ରହଣ କରିଆସିଛନ୍ତି।

ଓଡ଼ିଶାର ରାଜରାସ୍ତାରେ ପ୍ରତିଦିନ ହେଉଥିବା ମର୍ମନ୍ତୁଦ ଦୁର୍ଘଟଣା, ଅମୂଲ୍ୟ ଜୀବନହାନି ଏବଂ ଆଇନହୀନତାକୁ ରୋକିବା ତଥା ସମ୍ବିଧାନର ମୌଳିକ ଆତ୍ମାକୁ ବଜାୟ ରଖିବା ଦିଗରେ ସୁପ୍ରିମକୋର୍ଟଙ୍କ ଏହି କଠୋର ଓ ସ୍ପଷ୍ଟ ପଦକ୍ଷେପ ଅତ୍ୟନ୍ତ ଯୁଗାନ୍ତକାରୀ, ସ୍ୱାଗତଯୋଗ୍ୟ ଏବଂ ପ୍ରଶଂସନୀୟ ସାବ୍ୟସ୍ତ ହେବ, ଯାହାକି ଆଗାମୀ ଦିନରେ ଓଡ଼ିଶାର ସଡ଼କ ପରିବହନ ବ୍ୟବସ୍ଥାକୁ ଅଧିକ ଶୃଙ୍ଖଳିତ, ସୁରକ୍ଷିତ, ସ୍ୱଚ୍ଛ ଏବଂ ଉତ୍ତରଦାୟୀ କରି ଗଢ଼ିତୋଲିବାରେ ସମ୍ପୂର୍ଣ୍ଣ ସହାୟକ ହେବ। ଯାନବାହନ ବୀମା ଏବଂ ଇନ୍ଧନ ପ୍ରଦାନକୁ ପରସ୍ପର ସହିତ ସଂଯୁକ୍ତ କରିବା ନେଇ ଭାରତୀୟ ସର୍ବୋଚ୍ଚ ନ୍ୟାୟାଳୟ ବା ସୁପ୍ରିମକୋର୍ଟଙ୍କ ଦ୍ୱାରା ଦିଆଯାଇଥିବା ନିର୍ଦ୍ଦେଶ କାହିଁକି ଅତ୍ୟନ୍ତ ଜରୁରୀ ଏବଂ ସମୟୋପଯୋଗୀ, ତାହାକୁ ନିମ୍ନଲିଖିତ କାରଣଗୁଡ଼ିକ ମାଧ୍ୟମରେ ସ୍ପଷ୍ଟ ଭାବରେ ବୁଝାଯାଇପାରିବ: ଅ ସରକାରୀ ତଥା ସଂସଦୀୟ ସ୍ଥାୟୀ କମିଟିର ରିପୋର୍ଟ ଅନୁଯାୟୀ, ଦେଶର ରାଜରାସ୍ତାରେ ଚାଲୁଥିବା ମୋଟ ଯାନବାହନର ପ୍ରାୟ ୫୬ ପ୍ରତିଶତ ଗାଡ଼ି କୌଣସି ବି ବୀମା ବିନା ବେଆଇନ ଭାବରେ ଗଡୁଛନ୍ତି, ଯାହାକି ଟ୍ରାଫିକ୍ ବ୍ୟବସ୍ଥା ପାଇଁ ଏକ ବଡ଼ ବିପଦ ଅଟେ।

ମୋଟର ଯାନ ଆଇନର ଧାରା ୧୪୬ ଅନୁଯାୟୀ ତୃତୀୟ ପକ୍ଷ ବୀମା ବାଧ୍ୟତାମୂଳକ ହୋଇଥିଲେ ମଧ୍ୟ, ବହୁ ଲୋକ ଏହାକୁ ଏଡ଼ାଇ ଯାଆନ୍ତି ଏବଂ ଯେତେବେଳେ ଏଭଳି ବୀମାବିହୀନ ଗାଡ଼ିଦ୍ୱାରା ଦୁର୍ଘଟଣା ଘଟେ, ସେତେବେଳେ ପୀଡ଼ିତ ବ୍ୟକ୍ତି କିମ୍ବା ମୃତକଙ୍କ ପରିବାରକୁ କୌଣସି କ୍ଷତିପୂରଣ ମିଳେ ନାହିଁ ଏବଂ ସେମାନଙ୍କୁ ବର୍ଷ ବର୍ଷ ଧରି କୋର୍ଟ କଚେରୀର ଦ୍ୱାରସ୍ଥ ହେବାକୁ ପଡ଼େ। କେବଳ ଟ୍ରାଫିକ୍ ପୋଲିସର ଚେକିଂ କିମ୍ବା କେବେବେବେ ଜରିମାନା ଆଦେଶ ଦ୍ୱାରା ଲୋକଙ୍କ ମଧ୍ୟରେ ଆଇନର ଭୟ ସୃଷ୍ଟି ହୋଇପାରୁ ନାହିଁ, ତେଣୁ ଦୈନନ୍ଦିନ ଜୀବନର ସବୁଠାରୁ ଜରୁରୀ ଆବଶ୍ୟକତା ଅର୍ଥାତ୍ ପେଟ୍ରୋଲ ପମ୍ପରେ ଇନ୍ଧନ କ୍ରୟ ସମୟରେ ବୀମା ଯାଞ୍ଚ ହେଲେ ଏହା ଏକ ଦୃଢ଼ ଓ ସ୍ଥାୟୀ ମାଧ୍ୟମ ପାଲଟିବ।

ସମ୍ବିଧାନର ମୌଳିକ ଆତ୍ମା ଏବଂ ନାଗରିକଙ୍କ ଜୀବନର ନିରାପତ୍ତାକୁ ସୁରକ୍ଷା ଦେବା ପାଇଁ ସୁପ୍ରିମକୋର୍ଟ ଏହି କଠୋର ପଦକ୍ଷେପ ଗ୍ରହଣ କରିଛନ୍ତି, ଯାହାଫଳରେ କେହିବି ବ୍ୟକ୍ତି ଆଇନକୁ ଅମାନ୍ୟ କରି ରାସ୍ତାରେ ନିରୀହ ଜୀବନ ସହିତ ଖେଳିବାକୁ ସାହସ କରିବେ ନାହିଁ ଏବଂ ରାସ୍ତାଘାଟ ଅଧିକ ଶୃଙ୍ଖଳିତ ଓ ସୁରକ୍ଷିତ ହୋଇପାରିବ। ପୂର୍ବରୁ ଓଡ଼ିଶା ସମେତ ଦେଶର ବିଭିନ୍ନ ସ୍ଥାନରେ କାର୍ଯ୍ୟକାରୀ ହୋଇଥିବା 'ହେଲମେଟ୍ ନାହିଁ, ପେଟ୍ରୋଲ ନାହିଁ' ନିୟମଟି କେବଳ କାଗଜପତ୍ର କିମ୍ବା ନାମକୁମାତ୍ର ଘୋଷଣାରେ ସୀମିତ ରହିଯାଇଥିଲା ଏବଂ ଭୂଇଁରେ ଏହାର କଡ଼ାକଡ଼ି କାର୍ଯ୍ୟକାରୀତା ନହେବାରୁ ଏହା ଏକ ପ୍ରକାର ପ୍ରହସନରେ ପରିଣତ ହୋଇଥିଲା, କିନ୍ତୁ ବର୍ତ୍ତମାନ ସୁପ୍ରିମକୋର୍ଟଙ୍କ ଦ୍ୱାରା ନିର୍ଦ୍ଦେଶିତ 'ବୀମା ନାହିଁ, ଇନ୍ଧନ ନାହିଁ'ବ୍ୟବସ୍ଥାକୁ ସେହିପରି ଅବହେଳା କରିବା ସମ୍ଭବ ହେବ ନାହିଁ ବରଂ ଏହାର କଡ଼ା କାର୍ଯ୍ୟକାରୀତା ପାଇଁ ପ୍ରଶାସନକୁ ସମ୍ପୂର୍ଣ୍ଣ କଠୋର ହେବାକୁ ପଡ଼ିବ। ପେଟ୍ରୋଲ ପମ୍ପଗୁଡ଼ିକରେ କେବଳ ମୌଖିକ ନିର୍ଦ୍ଦେଶ କିମ୍ବା ମନଇଚ୍ଛା ଚେକିଂ ବଦଳରେ ସ୍ୱୟଂକ୍ରିୟ ଡିଜିଟାଲ୍ ନମ୍ବର ପ୍ଲେଟ୍ ରିଡର୍ କ୍ୟାମେରା ଏବଂ କେନ୍ଦ୍ରୀୟ ବୀମା ତଥ୍ୟ ଆଧାର ସହିତ ସଂଯୁକ୍ତ ସଫ୍ଟୱେର୍ ବ୍ୟବସ୍ଥା ଲାଗୁ କରାଗଲେ ଯାଇ ଏହା ପ୍ରକୃତ ମାଟିରେ କାମ କରିବ।

ଯଦି ରାଜ୍ୟ ସରକାର ଏବଂ ପରିବହନ ବିଭାଗ ଏହି ନିୟମକୁ କେବଳ ବିଜ୍ଞପ୍ତିରେ ସୀମିତ ନ ରଖି, ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସମସ୍ତ ପେଟ୍ରୋଲ ପମ୍ପରେ ଡିଜିଟାଲ୍ ଯାଞ୍ଚକୁ ବାଧ୍ୟତାମୂଳକ କରନ୍ତି ଏବଂ ନିୟମ ଲଙ୍ଘନ କରୁଥିବା ପମ୍ପ କିମ୍ବା ଗାଡ଼ି ମାଲିକଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତି, ତେବେ ଯାଇ ଏହା ଏକ ସଫଳ ଅଭିଯାନ ହୋଇପାରିବ। ସୁପ୍ରିମକୋର୍ଟଙ୍କ ଏହି ଆଦେଶକୁ କାର୍ଯ୍ୟକାରୀ କରିବା କୌଣସି ଇଚ୍ଛାଧୀନ ବିଷୟ ନୁହେଁ, ବରଂ ଜନସାଧାରଣଙ୍କ ଜୀବନ ରକ୍ଷା ଏବଂ ଆଇନର ଶାସନକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ ଏକ ଅନିବାର୍ଯ୍ୟ ଆବଶ୍ୟକତା ଅଟେ, ଯାହାକୁ କୌଣସି ପରିସ୍ଥିତିରେ ମଧ୍ୟ ଶିଥିଳ କରାଯିବା ଉଚିତ୍ ନୁହେଁ।

ଭୁବନେଶ୍ୱର
ମୋ: ୯୪୩୭୯୯୪୩୭୯



ଲୋକ ସମସ୍ୟା
ପ୍ରଜାତନ୍ତ୍ର





୧୧.୦୯.୨୦୨୬

## ଉତ୍କଳ ଆଲୁମିନା ଖଣି ଅଞ୍ଚଳରେ ମୌଳିକ ସୁବିଧା ଅଭାବକୁ ନେଇ ଗ୍ରାମବାସୀଙ୍କ କ୍ଷୋଭ


# ଡିଏମ୍ଏଫ୍ ଓ ସିଏସ୍ଆର୍ ଅର୍ଥ ବ୍ୟୟକୁ ନେଇ ଉଠିଲା ପ୍ରଶ୍ନ

କଳାହାଣ୍ଡି (ପିପିଏସ୍): ଗୋଟିଏ ପଟେ ଖଣିଜ ସମ୍ପଦର ଉପଯୋଗ ଓ ଶିଳ୍ପାୟନକୁ ନେଇ ବିକାଶର ଦାବି। ଅନ୍ୟପଟେ ଖଣି ଅଞ୍ଚଳର ଗାଁରେ ଆଜି ବି ରାସ୍ତା, ପାନୀୟ ଜଳ, ଶିକ୍ଷା, ସ୍ୱାସ୍ଥ୍ୟ ଓ ଯୋଗାଯୋଗ ଭଳି ମୌଳିକ ସୁବିଧାର ଅଭାବ। ଏଭଳି ଦୁଇଟି ଚିତ୍ର ମଧ୍ୟରେ ଠିଆ ହୋଇଛି ସୂର୍ଯ୍ୟଗଡ଼ ଗାଁ। ଉତ୍କଳ ଆଲୁମିନାର ଖଣି କାର୍ଯ୍ୟକଳାପ ଚାଲିଥିବା ଅଞ୍ଚଳରେ ଥିବା ଏହି ଗାଁର ନିରାପଦ ପାନୀୟ ଜଳର ଅଭାବରୁ ନଦୀ ଓ ଝରଣା ପାଣି ଉପରେ ନିର୍ଭର କରୁଥିବା କହିଛନ୍ତି। ଏହି ଜଳର ଗୁଣବତ୍ତା ନେଇ ଆଶଙ୍କା ଥିବା ସହ ଏହାର ବୈଜ୍ଞାନିକ ପରୀକ୍ଷା କରାଯିବାକୁ ଦାବି ହୋଇଛି।

ଅନ୍ୟପଟେ ବଫଲାମାଳି ପାହାଡ଼ ଅଞ୍ଚଳରେ ଖଣି କାର୍ଯ୍ୟ ଯୋଗୁଁ ମାଟି ଓ ଧୂଳି ସହ ଖଣି ଅଞ୍ଚଳରୁ ନିଷ୍କାସିତ ଜଳ ଚାଷଜମି ଓ ଜଳଉତ୍ସକୁ

## ବିକାଶର ଦାବି ମଧ୍ୟରେ ଅନ୍ଧାରରେ ସୂର୍ଯ୍ୟଗଡ଼ !





ବିକାଶକୁ ନେଇ ଏବେ ଗ୍ରାମବାସୀଙ୍କ ପ୍ରଶ୍ନ ତୀବ୍ର ହୋଇଛି।

ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଗାଁକୁ ଯିବା ପାଇଁ ଆବଶ୍ୟକ ଭଲ ରାସ୍ତା ନାହିଁ। ପାନୀୟ ଜଳର ସ୍ଥାୟୀ ବ୍ୟବସ୍ଥା ନଥିବାବେଳେ ଶିକ୍ଷା ଓ ସ୍ୱାସ୍ଥ୍ୟସେବା ପାଇଁ ମଧ୍ୟ ଲୋକଙ୍କୁ ଦୂର ଅଞ୍ଚଳ ଉପରେ ନିର୍ଭର କରିବାକୁ ପଡୁଛି। ମୋବାଇଲ୍ ଯୋଗାଯୋଗ ପାଇଁ ଟାୱାର ନଥିବାରୁ ଦୈନନ୍ଦିନ ଜୀବନରେ ଲୋକେ ଅସୁବିଧା ଭୋଗୁଥିବା କହିଛନ୍ତି।

ପାନୀୟ ଜଳ ସମସ୍ୟାକୁ ନେଇ ମଧ୍ୟ ଗ୍ରାମବାସୀ ଗୁରୁତର ଅଭିଯୋଗ ଆଣିଛନ୍ତି। ପ୍ରଭାବିତ କରୁଥିବା ଅଭିଯୋଗ କରିଛନ୍ତି କେତେକ ଗ୍ରାମବାସୀ। ତେବେ ଏହି ଅଭିଯୋଗର ବାସ୍ତବତା ସ୍ପଷ୍ଟ କରିବା ପାଇଁ ନଦୀ ଓ ଝରଣା ପାଣି, ଚାଷଜମିର ମାଟି ଏବଂ ଖଣି ଅଞ୍ଚଳର ଜଳର ସ୍ୱାଧୀନ ବୈଜ୍ଞାନିକ ପରୀକ୍ଷା ଆବଶ୍ୟକ।

ଖଣି ପାଇଁ ଜମି ହରାଇଥିବା ପରିବାରଙ୍କ ଥଇଥାନ ଓ ପୁନର୍ବାସକୁ ନେଇ ମଧ୍ୟ ଅଭିଯୋଗ ରହିଛି। କିଛି ପରିବାର ଏବେ ବି ଥଇଥାନ ସୁବିଧାରୁ ବଞ୍ଚିତ ଥିବା ଗ୍ରାମବାସୀ କହିଛନ୍ତି। କେତେ ପରିବାରଙ୍କ ଜମି ଅଧିଗ୍ରହଣ ହୋଇଛି, କେତେ ଜଣଙ୍କୁ କ୍ଷତିପୂରଣ ମିଳିଛି ଏବଂ କେତେ ପରିବାରଙ୍କ ଥଇଥାନ ବାକି ରହିଛି, ଏହାର ସରକାରୀ ତଥ୍ୟ ପ୍ରକାଶ କରିବାକୁ ଦାବି ହୋଇଛି।

ଏହି ପ୍ରସଙ୍ଗରେ ଡିଏମ୍ଏଫ୍ ଅର୍ଥର ବ୍ୟବହାରକୁ ନେଇ ମଧ୍ୟ ଉଠିଛି ବଡ଼ ପ୍ରଶ୍ନ। ଖଣି ପ୍ରଭାବିତ ଅଞ୍ଚଳର ବିକାଶ ପାଇଁ ଡିଏମ୍ଏଫ୍ ମାଧ୍ୟମରେ ଅର୍ଥ ବ୍ୟୟ ହେଉଥିବା ବେଳେ ସୂର୍ଯ୍ୟଗଡ଼ରେ ସେହି ଅର୍ଥରେ କେଉଁ କେଉଁ କାମ ହୋଇଛି, କେତେ ଟଙ୍କା ମଞ୍ଜୁର ହୋଇଛି ଓ କେତେ ଖର୍ଚ୍ଚ ହୋଇଛି, ତାହାର ହିସାବ ଦେବାକୁ ଦାବି କରିଛନ୍ତି ଗ୍ରାମବାସୀ।

ସେହିପରି ଉତ୍କଳ ଆଲୁମିନା ପକ୍ଷରୁ ଖଣି ଅଞ୍ଚଳରେ ପାରିପାର୍ଶ୍ୱିକ ବିକାଶ ଓ ସାମାଜିକ ଦାୟିତ୍ୱ ଅଧୀନରେ ବିଭିନ୍ନ କାମ କରାଯାଉଥିବା କୁହାଯାଏ। ଏହା ସତ୍ତ୍ୱେ ସୂର୍ଯ୍ୟଗଡ଼ର ମୌଳିକ ସୁବିଧାର ଅଭାବ କାହିଁକି ଦୂର ହୋଇନାହିଁ, ତାହା ନେଇ ପ୍ରଶ୍ନ ଉଠାଇଛନ୍ତି ଲୋକେ। କମ୍ପାନୀର ସିଏସ୍ ?ଆ ? ଅଧୀନରେ ଗାଁ ପାଇଁ କେଉଁ କେଉଁ କାମ ହୋଇଛି ଏବଂ ସେଥିପାଇଁ କେତେ ଅର୍ଥ ବ୍ୟୟ ହୋଇଛି, ତାହାର ତଥ୍ୟ ମଧ୍ୟ ସାର୍ବଜନୀନ କରିବାକୁ ଦାବି ହୋଇଛି।

ସମସ୍ୟାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଏତେ ତୀବ୍ର ହୋଇଛି ଯେ ଜଣେ ଗ୍ରାମବାସୀ ଅତ୍ୟନ୍ତ ଭାବପ୍ରବଣ ଓ ତୀବ୍ର ମନ୍ତବ୍ୟ ଦେଇ ନିଜର ଅସହାୟତା ପ୍ରକାଶ କରିଛନ୍ତି। ତାଙ୍କ ମନ୍ତବ୍ୟରୁ ଦୀର୍ଘଦିନର ଅବହେଳା ଓ ସମସ୍ୟାକୁ ନେଇ ଗ୍ରାମବାସୀଙ୍କ ଗଭୀର ନିରାଶା ପ୍ରତିଫଳିତ ହୋଇଛି। ତେବେ ଏପରି ଭାବପ୍ରବଣ ମନ୍ତବ୍ୟକୁ ଆକ୍ଷରିକ ଭାବେ ନନେଇ, ଏହା ପଛରେ ଥିବା ସମସ୍ୟାର ତୁରନ୍ତ ସମାଧାନ ଉପରେ ପ୍ରଶାସନ ଗୁରୁତ୍ୱ ଦେବା ଆବଶ୍ୟକ।

ଖଣିଜ ସମ୍ପଦ ରାଜ୍ୟର ଅର୍ଥନୈତିକ ବିକାଶର ଆଧାର ହୋଇପାରେ। କିନ୍ତୁ ଯେଉଁ ଅଞ୍ଚଳରୁ ଏହି ସମ୍ପଦ ବାହାରୁଛି, ସେହି ଅଞ୍ଚଳର ଲୋକେ ଯଦି ଆଜି ବି ମୌଳିକ ସୁବିଧା ପାଇଁ ସଂଘର୍ଷ କରନ୍ତି, ତେବେ ବିକାଶର ଦାବି ଉପରେ ପ୍ରଶ୍ନ ଉଠିବା ସ୍ୱାଭାବିକ।

ସୂର୍ଯ୍ୟଗଡ଼ବାସୀଙ୍କ ଅଭିଯୋଗର ସତ୍ୟତା ଜାଣିବା ପାଇଁ ପ୍ରଶାସନ ପକ୍ଷରୁ ନିରପେକ୍ଷ ତଦନ୍ତ, ଜଳ ଓ ମାଟିର ବୈଜ୍ଞାନିକ ପରୀକ୍ଷା, ଡିଏମ୍ଏଫ୍ ଓ ସିଏସ୍ଆର ଅର୍ଥର ବ୍ୟବହାରର ଯାଞ୍ଚ ସହ ଥଇଥାନ ବ୍ୟବସ୍ଥାର ସମୀକ୍ଷା କରାଯିବା ଆବଶ୍ୟକ। ଏହା ଦ୍ୱାରା ଅଭିଯୋଗର ବାସ୍ତବତା ସ୍ପଷ୍ଟ ହେବା ସହ ଖଣି ଅଞ୍ଚଳର ବିକାଶର ପ୍ରକୃତ ଚିତ୍ର ମଧ୍ୟ ସାମ୍ନାକୁ ଆସିପାରିବ।

## ଭୂତମୁଣ୍ଡା-ଇଚ୍ଛାପୁର ରାସ୍ତା ଅତ୍ୟନ୍ତ ଶୋଚନୀୟ

# ପ୍ରଶାସନ ଦୃଷ୍ଟି ଦେବାକୁ ଦାବି



ଲପାଇକମାଳ: ପାଇକମାଳ ବ୍ଲକ କାଂସଡା ପଞ୍ଚାୟତ ଭୂତମୁଣ୍ଡା- ଇଚ୍ଛାପୁର ( ଢେଙ୍କିମୁଣ୍ଡା) କଚ୍ଚା ରାସ୍ତା ବର୍ଷା ହେତୁ ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ଏହି ଗାଁ ଭୂତମୁଣ୍ଡା ଠାରୁ ୧ କିମି ଦୂରରେ ଅବସ୍ଥିତ। ଏହି ଗାଁରେ ଅନେକ ବର୍ଷ ହେବ ୬୦ରୁ ଊର୍ଦ୍ଧ ପରିବାର ରହୁଥିବା ବେଳେ ପ୍ରାୟ ପାଖାପାଖି ୪୦୦ ଜଣ ବସବାସ କରୁଛନ୍ତି। କିନ୍ତୁ ଏହି ଗାଁକୁ ଆସିବା ପାଇଁ ଏକ କଚ୍ଚା ରାସ୍ତା ଦୀର୍ଘ ଦିନ ଧରି ରହିଛି।

ବର୍ଷା ଋତୁରେ ଏହି ରାସ୍ତା ଅତ୍ୟନ୍ତ ଶୋଚନୀୟ ହୋଇପଡେ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି ରାସ୍ତା ଦେଇ ପ୍ରତ୍ୟେକ ଦିନ ବହୁ ଛାତ୍ରଛାତ୍ରୀ ପାଠ ପଢ଼ିବା ପାଇଁ ନିକଟସ୍ଥ ବିଦ୍ୟାଳୟକୁ ଆସିଥାନ୍ତି। ଏହି ରାସ୍ତା ଦେଇ ଅନେକ ଲୋକ ବିଲ କାର୍ଯ୍ୟ, ବଜାର, ଡାକ୍ତରଖାନା, ସରକାରୀ କାର୍ଯ୍ୟ ଇତ୍ୟାଦି ପାଇଁ ଯିବା ଆସିବା କରିଥାନ୍ତି। କାଦୁଅ ରାସ୍ତାରେ ଛାତ୍ରଛାତ୍ରୀ ବେଳେ ବେଳେ ପଡିଯାଇ ଖଣ୍ଡିଆଖାବରା ହୋଇଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି। ଏହି ରାସ୍ତା ପାଖାପାଖି ୨୦ ଫୁଟ ଥିବାବେଳେ ବର୍ତ୍ତମାନ କିଛି ବ୍ୟକ୍ତି ରାସ୍ତା ପାର୍ଶ୍ୱ ଜମିକୁ ଜବରଦଖଲ କରି ଉଭୟ ପାର୍ଶ୍ୱରେ ତାରବାଡ଼ ଦେଉଥିବା ମଧ୍ୟ ଅଭିଯୋଗ ହୋଇଛି, ଯାହା ଯିବା ଆସିବା ପାଇଁ ଅସୁବିଧା ହେଉଛି।

ଏପରି ରୋଗୀସେବା ପାଇଁ ଆମ୍ବୁଲାନ୍ସ ମଧ୍ୟ ଯିବା ଆସିବାରେ ଅସୁବିଧା ହୁଏ ବୋଲି ଗ୍ରାମବାସୀ କହିଛନ୍ତି। ଏନେଇ ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଇ ଏହି ରାସ୍ତାକୁ ଜବରଦଖଲ ଉଚ୍ଛେଦ କରି ପୁନର୍ବାର ରାସ୍ତା ପ୍ରଶସ୍ତିକରଣ କରି ପିଚୁ ରାସ୍ତା କରିବା ପାଇଁ ଗ୍ରାମର ତୁଳାରାମ ସାହୁ, ଯୁଧିଷ୍ଠିର ସାହୁ, ଫାଲଗୁନି ସାହୁ, ବନମାଳୀ ମିର୍ଦ୍ଧା ଶୈଳବନ୍ତ ପ୍ରଧାନ, ଲୋକନାଥ ବାଗ, ଚୂଡ଼ାମଣି ସାହୁ,ଦୀପକ ସାହୁ, ବିହାରୀ ମାଝୀ, ପ୍ରତାପ ଶିକା, ନରସିଂହ ବେରିଆ ତଥା ଗ୍ରାମବାସୀମାନେ ପ୍ରଶାସନକୁଦାବି ଜଣାଇଛନ୍ତି।

# କୋଇଲା ପରିବହନ ପାଇଁ ସ୍ୱତନ୍ତ୍ର ରାସ୍ତା ନିର୍ମାଣ ହେଉନି: ବଢୁଛି ଲୋକଙ୍କ ଅସନ୍ତୋଷ



ଛେଣ୍ଡିପଦା: ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ଅଞ୍ଚଳର ଏକାଧିକ ଖଣିରୁ କୋଇଲା ପରିବହନ ହେଉଥିବାବେଳେ ସ୍ୱତନ୍ତ୍ର ରାସ୍ତା ନିର୍ମାଣ ହେଉନଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଛେଣ୍ଡିପଦା ବ୍ଲକ୍ ଅଞ୍ଚଳରେ ୪୧ଟି କୋଇଲା ଖଣି ହେବାକୁ ଥିବାବେଳେ ୫ଟି ଖଣିରୁ କୋଇଲା ପରିବହନ ହେଉଛି। ରାଇଝରଣରେ ଉତ୍କଳ ବି(୧), ଉତ୍କଳ ବି(୨), ଉତ୍କଳ ସି, ଉତ୍କଳ ଡି, ଉତ୍କଳ ଇ' ଖଣିରୁ ଅଢ଼େଇ ବର୍ଷ ହେଲା କୋଇଲା ପରିବହନ ହେଉଛି। ଏଥିରେ ରାଇଝରଣରୁ ନାଲ୍କୋ ପର୍ଯ୍ୟନ୍ତ ଦୈନିକ ୬୦୦ ଟ୍ରକ୍ ଚଳାଚଳ କରୁଛି। ସେହିପରି ଛେଣ୍ଡିପଦାରୁ ଗତ ୩ ମାସ ହେଲା ନୟନି ଖଣିରୁ ସିଙ୍ଗରେନି କମ୍ପାନି ପକ୍ଷରୁ କୋଇଲା ପରିବହନ ହେଉଛି। ଏଠାରୁ ବିଭିନ୍ନ ସ୍ଥାନକୁ ଦୈନିକ ୩୦୦ ଟ୍ରକ୍ ଚଳାଚଳ କରୁଛି। ଆସନ୍ତା ଦୁର୍ଗାପୂଜା ପରେ ନୟନି ଖଣିରୁ ୫୦୦ ଟ୍ରକ୍ ଚଳାଚଳ କରିବ। ଆଗାମୀ ଦିନରେ ଜିଏମ୍ଡିସି, ଏନ୍ଏଲ୍ସି, ରୁଙ୍ଗଟା, ବେଦାନ୍ତ ଖଣିରୁ କୋଇଲା ପରିବହନ ଯୋଜନା ରହିଛି। ପ୍ରତିବର୍ଷ କୋଇଲା ପରିବହନ ପରିମାଣ ବୃଦ୍ଧି ପାଇବ। ଆସନ୍ତା ୩ ବର୍ଷ ମଧ୍ୟରେ ୩ ହଜାରରୁ ଊର୍ଦ୍ଧ୍ୱ ଟ୍ରକ୍ ଏହି ରାସ୍ତାରେ ଚଳାଚଳ କରିବ। ଗତ ୫ ବର୍ଷ ପୂର୍ବରୁ କୋଇଲା ପରିବହନ ପାଇଁ ସ୍ୱତନ୍ତ୍ର ରାସ୍ତା, କଭର କନ୍ଭୟଓ ବେଲ୍ଟରେ କୋଇଲା ପରିବହନ ପାଇଁ ଯୋଜନା ହୋଇଥିଲେ ମଧ୍ୟ ଏହା ଶୀତଳଭଣ୍ଡାରରେ ରହିଯାଇଛି। ଛେଣ୍ଡିପଦା ବ୍ଲକ୍‌ରେ କୋଇଲା ପରିବହନରେ ଏବେ ୩୦୦ ଟ୍ରକ୍ ନିୟୋଜିତ ହୋଇଛି। ୬୩ ନଂ ରାଜ୍ୟ ରାଜପଥରେ ଛେଣ୍ଡିପଦାରୁ ଅନୁଗୋଳ ଦେଇ ରାତି ୧୨ଟାରୁ ଭୋର୍ ୫ଟା ମଧ୍ୟରେ କୋଇଲା ଟ୍ରକ୍ ଚଳାଚଳ କରୁଛି। ବିଭିନ୍ନ ସ୍ଥାନରୁ କୋଇଲା ଖାଲି କରିବା ପରେ ଟ୍ରକ୍ ପୁଣି କୋଶଳା ଓ ଜରପଡ଼ା-ଛେଣ୍ଡିପଦା ରାସ୍ତାରେ ରାତି ୧୦ଟାରୁ ଭୋର୍ ୫ଟା ମଧ୍ୟରେ ଫେରୁଛି। ପରିବହନ ପାଇଁ ସ୍ୱଳ୍ପ ସମୟ ମଧ୍ୟରେ କୋଇଲା ବୋଝେଇ ଟ୍ରକ୍ କୋଶଳା ଓ ଜରାସିଂହା-କୁମଣ୍ଡ ରାସ୍ତା ଅତିକ୍ରମ କରିବାକୁ ପଡୁଥିବାରୁ ଟ୍ରକ୍ ଚାଳକ ଓ ମାଲିକଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ମିଳୁଛି। ଫଳରେ ଦୁର୍ଘଟଣା ଆଶଙ୍କା ରହୁଛି।

ନୟନି ଖଣିରୁ ଅଣଓସାରିଆ ରାସ୍ତାରେ ମାତ୍ରାଧିକ ଟ୍ରକ୍ ଚଳାଚଳ ସ୍ଥାନୀୟ ଜନସାଧାରଣଙ୍କୁ ଅଣନିଃଶ୍ୱାସୀ କରିଦେଉଛି। ଏଭଳି ପରିସ୍ଥିତିରେ ଟ୍ରକ୍ ଚାଳକମାନେ ସ୍ଥାନୀୟ ଲୋକଙ୍କ ରୋଷର ଶିକାର ହେଉଛନ୍ତି। ତଥାପି, ରାସ୍ତା ସମସ୍ୟାର ସମାଧାନ ହେଉନି। ୨୦୨୭ ଏପ୍ରିଲ ବେଳକୁ ବୈତରଣୀ ପଶ୍ଚିମ ଖଣିରୁ ଜିଏମ୍ଡିସି କମ୍ପାନି ପକ୍ଷରୁ କୋଇଲା ପରିବହନ ଯୋଜନା ରହିଛି। ଏହି ଖଣିରୁ କୋଇଲା ପରିବହନ ଆରମ୍ଭ ହେଲେ ଆଉ ୫୦୦ଟି ଟ୍ରକ୍ ଚଳାଚଳ କରିବ। ପରିସ୍ଥିତି ଅଣାୟତ୍ତ ହେବା ପୂର୍ବରୁ ସ୍ୱତନ୍ତ୍ର ରାସ୍ତା, ବାଇପାସ୍ ରାସ୍ତା ବ୍ୟବସ୍ଥା ଅତ୍ୟନ୍ତ ଜରୁରି।

# ଭୁଶୁଡୁଛି ସ୍ମାର୍ଟସିଟିର ପରିମଳ ବ୍ୟବସ୍ଥା, କାଗଜପତ୍ରରେ ସୀମିତ ଆର୍ଏମ୍ସି ସ୍ୱଚ୍ଛତା

ରାଉରକେଲା : ସ୍ମାର୍ଟ୍ସିଟି ରାଉରକେଲାରେ ପରିମଳ ବ୍ୟବସ୍ଥା ଭୁଶୁଡ଼ିବାରେ ଲାଗିଛି। ସମ୍ଭ୍ରାନ୍ତ ସିଭିଲ୍ ଟାଉନସିପ୍ ହେଉ କି ଗୋପବନ୍ଧୁପାଲି, ମଧୁସୂଦନପାଲି, ସବୁଠାରେ ସମାନ ସ୍ଥିତି। ରାସ୍ତାଘାଟ, ନାଳନର୍ଦ୍ଦମା ସବୁଠାରେ ଅଳିଆଆବର୍ଜନା ଭର୍ତ୍ତି ହୋଇରହିଛି। ଅପରପକ୍ଷରେ ଜାତୀୟ ସ୍ୱଚ୍ଛତା ସର୍ଭେକ୍ଷଣ ର୍ୟାଙ୍କିଂରେ ରାଉରକେଲା କ୍ରମାଗତ ଭାବେ ନିଜର ସ୍ଥିତି ବଜାୟ ରଖିଆସିଛି। ଗତ ପାଞ୍ଚ ବର୍ଷର ରିପୋର୍ଟକୁ ଦେଖିଲେ ଜଣାପଡ଼େ ଯେ, ରାଉରକେଲା ସହର ୨୦୨୧ ମସିହାରେ ୫୭ତମ ର୍ୟାଙ୍କ, ୨୦୨୨ରେ ୪୫ତମ ର୍ୟାଙ୍କ, ୨୦୨୩ରେ ସାମାନ୍ୟ ପଛକୁ ଖସି ୧୧୯ତମ ର୍ୟାଙ୍କ, ୨୦୨୪ରେ ବଡ଼ ସଫଳତା ସହ ୧୫ତମ ର୍ୟାଙ୍କ ଓ ନିକଟରେ ୨୦୨୫-୨୬ ସ୍ୱଚ୍ଛତା ତାଲିକାରେ ଦେଶର ଶୀର୍ଷ ସହରଗୁଡ଼ିକ ମଧ୍ୟରେ ସ୍ଥାନ ପାଇ ଗୌରବ ଆଣିଛି। କାଗଜପତ୍ର ଓ ସରକାରୀ ପୁରସ୍କାରରେ ରାଉରକେଲା ମହାନଗର ନିଗମ (ଆର୍ଏମ୍ସି) ବେଶ୍ ପ୍ରଶଂସା ସାଉଁଟିଥିବାବେଳେ ବାସ୍ତବରେ କିନ୍ତୁ ସ୍ଥିତି ଓଲଟା।

ସରକାରୀସ୍ତରରେ ସଫେଇ କାର୍ଯ୍ୟ କରାଯାଉଥିବା ନେଇ ଦାବି କରାଯାଉଥିଲେ ହେଁ, ସ୍ମାର୍ଟସିଟିର ବିଭିନ୍ନ ଅଞ୍ଚଳରେ ଏବେବି ଅଳିଆ ଆବର୍ଜନାର ପାହାଡ଼ ଦେଖିବାକୁ ମିଳୁଛି। ସହରର କେତେକ ମୁଖ୍ୟ ରାସ୍ତାକୁ ପ୍ରତିଦିନ ସଫା କରାଯାଉଥିବା ବେଳେ ବହୁ ଆଭ୍ୟନ୍ତରୀଣ ଅଞ୍ଚଳ, ଗଳିକନ୍ଦି ଓ ବସ୍ତିଗୁଡ଼ିକୁ ସମ୍ପୂର୍ଣ୍ଣ ଭାବେ ଅବହେଳିତ। ସହରର ବିଭିନ୍ନ ସ୍ଥାନରେ କଠିନ ଆବର୍ଜନା ଜମା ହୋଇ ରହିବା ସହ ଡ୍ରେନେଜ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏମିତିକି ବର୍ଜ୍ୟଜଳ ରାସ୍ତାରେ ଭାସିବା ସହ ଘର ଭିତରକୁ ପଶୁଛି। ଗତ ଅଗଷ୍ଟ ମାସରେ ତିନିଥର ସହରର ବିଭିନ୍ନ ଅଞ୍ଚଳ ଜଳମଗ୍ନ ହେବା, ଏହାର ଜ୍ୱଳନ୍ତ ଉଦାହରଣ। ନିୟମିତ ବ୍ୟବଧାନରେ ଅଳିଆ ଉଠାଯାଉ ନଥିବାରୁ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହେଉଛି।

ସହରର ଗୋଟିଏ ପଟେ ସୌନ୍ଦର୍ଯ୍ୟୀକରଣ ଓ ସଫେଇ କାର୍ଯ୍ୟର ପ୍ରଦର୍ଶନ ଚାଲିଥିବା ବେଳେ, ଅନ୍ୟପଟେ ନିମ୍ନମାନର ବର୍ଜ୍ୟବସ୍ତୁ ପରିଚାଳନା ସ୍ମାର୍ଟସିଟିର ଆଖ୍ୟା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। କେବଳ ସର୍ବେକ୍ଷଣ ସମୟରେ ତତ୍ପରତା ପ୍ରକାଶ ନକରି, ବର୍ଷସାରା ସହରର ସମସ୍ତ ୪୦ଟି ୱାର୍ଡରେ ସମାନ ଭାବେ ସ୍ୱଚ୍ଛତା ରକ୍ଷା କରିବା ତଥା କଠିନ ଓ ତରଳ ବର୍ଜ୍ୟବସ୍ତୁର ସଠିକ ନିଷ୍କାସନ ପାଇଁ ସ୍ଥାୟୀ ପଦକ୍ଷେପ ନେବାକୁ ଦାବି ହେଉଛି। ଉଲ୍ଲେଖଯୋଗ୍ୟ, ସହରକୁ ସ୍ୱଚ୍ଛ ରଖିବା ପାଇଁ ଆର୍ଏମ୍ସି ପକ୍ଷରୁ ୮ଟି ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର (ଏମ୍ସିସି) ଓ ମ୍ୟାଟେରିଆଲ ରିକଭରି ଫାସିଲିଟି (ଏମ୍ଆରଏଫ୍) ପ୍ରତିଷ୍ଠା କରାଯାଇଛି। ଏହି କେନ୍ଦ୍ରଗୁଡ଼ିକ ତରକେରା, ବାଲୁଘାଟ, ବିପିୟୁଟି କ୍ୟାମ୍ପସ, ଫର୍ଟିଲାଇଜର ଟାଉନସିପ୍, ରାଉରକେଲା ୱାନ୍ର ଛେଣ୍ଡ୍, ସେକ୍ଟର-୧୫ ଓ ହନୁମାନ ବାଟିକା ଅଞ୍ଚଳରେ କାର୍ଯ୍ୟ କରୁଛି। ତେବେ ଏତେ ସଂଖ୍ୟକ ବ୍ୟବସ୍ଥା ସତ୍ତ୍ୱେ ସହରକୁ ସମ୍ପୂର୍ଣ୍ଣ ସ୍ୱଚ୍ଛ ରଖିବାରେ ପ୍ରଶାସନ ବିଫଳ ହୋଇଛି।



# ଭୋଟର ତାଲିକାରୁ ୪ଶହ ଭୋଟରଙ୍କ ନାମ କାଟିବା ପାଇଁ ଷଡ଼ଯନ୍ତ୍ର !

## ସଂଖ୍ୟାଲଘୁ ସମ୍ପ୍ରଦାୟର ଥାନାରେ ଏତଲା




କେନ୍ଦ୍ରାପଡ଼ା, (ପିପିଏସ୍): କେନ୍ଦ୍ରାପଡା ବିଧାନସଭା ନିର୍ବାଚନ ମଣ୍ଡଳୀରୁ ୪ଶହ ଯୋଗ୍ୟ ସଂଖ୍ୟାଲଘୁ ଭୋଟରଙ୍କ ନାମ କାଟିଦେବା ପାଇଁ ଷଡଯନ୍ତ୍ର ହୋଇଛି। ଏନେଇ କେନ୍ଦ୍ରାପଡା ଟାଉନଥାରେ ଏତଲା ଦିଆଯାଇଛି। ସେଥିରେ ଉଲ୍ଲେଖ କରାଯାଇଛି କେନ୍ଦ୍ରାପଡା-୯୭(ଏସସି) ଅନ୍ତର୍ଗତ କେନ୍ଦ୍ରାପଡା ପୌରାଞ୍ଚଳର ୧୬ ନମ୍ବର ୱାର୍ଡ ଫକୀରାବାଦର ବୁଥ ନମ୍ବର-୨୫୩ ଓ ୨୫୪ରେ ୨ଜଣ ବିଜେପି ଦଳର ବୁଥ ଲେଭେଲ ଏଜେଣ୍ଟ(ବିଏଲଏ) ହୃଷିକେଶ ସାହୁ ଓ ଦେବେନ୍ଦ୍ର ପ୍ରସାଦ ମେକାପ ଉଭୟ ବୁଥରେ ୨ଶହ ଲେଖାଏଁ ଭୋଟରଙ୍କ ନାମ କାଟିଦେବା ପାଇଁ ଫର୍ମ ନମ୍ବର-୭ରେ ଆବେଦନ କରିଛନ୍ତି। ସେହି ଭୋଟରମାନେ ଏବେ ଜୀବିତ ଅଛନ୍ତି ଓ ସେମାନେ ଯୋଗ୍ୟ ଭୋଟର ବୋଲି ଅଭିଯୋଗ ହୋଇଛି। ସେମାନେ ଫକୀରାବାଦ ଗ୍ରାମର ସ୍ଥାୟୀ ବାସିନ୍ଦା ତଥା ପଞ୍ଜିକୃତ ବୈଧ ଭୋଟର ଅଟନ୍ତି। ଏଭଳି ଏକ ସଙ୍ଗୀନ ଅପରାଧିକ ଷଡ଼ଯନ୍ତ୍ର ଏବଂ ଜାଲିଆତି ସମ୍ପର୍କରେ ବିଜେଡିର ବୁଥଲେଭେଲ ଏଜେଣ୍ଟ(ବିଏଲଏ) ମହମ୍ମଦ ଜାକିର ଓ ମୀର ୟାସିର ଆରାଫତ ଅବଦୁଲ ମଜିଦ କେନ୍ଦ୍ରାପଡା ଟାଉନ ଥାନାରେ ଏତଲା ଦେଇଛନ୍ତି। ଉଭୟ ଏଜେଣ୍ଟଙ୍କୁ ସମର୍ଥନ କରି ଅବଦୁଲ ମଜିଦଙ୍କ ନେତୃତ୍ୱରେ ବିଜୁଜନତାଦଳର ହିବଜୁର ରହେମାନ, ମହମ୍ମଦ ନିଆଜ(ମତୁ), ମୀର କୁବେର, ଓସିଲ୍ଲା ଖାନ,ସେକ ଅକ୍ତର, ଅମୀର ଅହେମ୍ମଦ, ଗୋରା ଖାଁ, ବାସା ଖାଁ ଓ କଂଗ୍ରେସ ପକ୍ଷରୁ ସୟଦ ଅବଦୁଲ ସତ୍ତାର, ତାଜୁଦ୍ଦିନ ଖାଁ, ଫୁରକାନ ଖାନ ପ୍ରମୁଖ କେନ୍ଦ୍ରାପଡା ଟାଉନ ଥାନାକୁ ଯାଇ ଏତଲା ଦେବାସହିତ କେନ୍ଦ୍ରାପଡା ଉପଜିଲ୍ଲାପାଳଙ୍କୁ ମଧ୍ୟ ଲିଖିତ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି। ସେମାନେ ଅଭିଯୋଗ କରିଛନ୍ତି ଯେ ଭାରତୀୟ ଜନତା ଦଳ ପକ୍ଷରୁ ସଂଖ୍ୟାଲଘୁ ଭୋଟରମାନଙ୍କ ନାମ ଉଦ୍ଦେଶ୍ୟମୂଳକ କାଟିଦିଆଯିବାକୁ ଷଡଯନ୍ତ୍ର କରାଯାଇଛି। ସେହିପରି ଅଭିଯୁକ୍ତ କର୍ମଚାରୀଙ୍କୁ ବିଭ୍ରାନ୍ତ କରିବା ଏବଂ ଗ୍ରାମବାସୀଙ୍କ ସାମ୍ବିଧାନିକ ମତଦାନ ଅଧିକାରକୁ ଛଡାଇ ନେବା ଉଦ୍ଦେଶ୍ୟରେ ଏହା କରାଯାଇଛି। ଏହା ଲୋକ ପ୍ରତିନିଧି ଆଇନ ୧୯୫୦ ର ଧାରା ୩୧ ଅନୁଯାୟୀ ଏକ ସଙ୍ଗୀନ ଆଇନଗତ ଅପରାଧ। ତେଣୁ ସମସ୍ତ ଜାଲ କାଗଜପତ୍ର ଜବତ କରି ଅଭିଯୁକ୍ତଙ୍କ ବିରୋଧରେ ତୁରନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସଂଖ୍ୟାଲଘୁ ଭୋଟରମାନଙ୍କ ପକ୍ଷରୁ ଅନୁରୋଧ କରାଯାଇଛି। ଫକିରାବାଦରେ ଏଭଳି ଘଟଣା ଜାଣିବା ପରେ ପୌରାଞ୍ଚଳର ଅନ୍ୟ ସଂଖ୍ୟାଲଘୁ ୱାର୍ଡ ଗୁଡିକରେ ଅସନ୍ତୋଷ ପ୍ରକାଶ ପାଇଛି।

# ଯାଜପୁର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ରୋଗୀ କଲ୍ୟାଣ ସମିତିର ପରିଚାଳନା ପରିଷଦ ବୈଠକ



ଯାଜପୁର (ପିପିଏସ): ଆଜି ଯାଜପୁର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ୨୦୨୬-୨୭ ବର୍ଷ ପାଇଁ ରୋଗୀ କଲ୍ୟାଣ ସମିତିର ପରିଚାଳନା ପରିଷଦ ବୈଠକ ମାନ୍ୟବର ଲୋକସଭା ସାଂସଦ ଡ଼. ରବିନ୍ଦ୍ର ନାରାୟଣ ବେହେରାଙ୍କ ଅଧ୍ୟକ୍ଷତାରେ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀମାନଙ୍କୁ ଯୋଗାଇ ଦିଆଯାଉଥିବା ସ୍ୱାସ୍ଥ୍ୟସେବା ସମ୍ପର୍କରେ ବିସ୍ତୃତ ସମୀକ୍ଷା କରାଯିବା ସହ ନିମ୍ନଲିଖିତ ଗୁରୁତ୍ୱପୂର୍ଣ୍ଣ ବିଷୟଗୁଡ଼ିକ ଉପରେ ଆଲୋଚନା ହୋଇଥିଲା: ରୋଗୀଙ୍କୁ ଅଧିକ ସୁଗମ, ଗୁଣାତ୍ମକ ଓ ଉତ୍ତମ ସ୍ୱାସ୍ଥ୍ୟସେବା ସୁନିଶ୍ଚିତ କରିବା। ଭିତ୍ତିଭୂମିର ଉନ୍ନତି: ହସ୍ପିଟାଲର ଆବଶ୍ୟକ ଭିତ୍ତିଭୂମି ଓ ସୁବିଧା ସୁଯୋଗର ବିକାଶ କରିବା। ଏହି ବୈଠକରେ ମାନ୍ୟବର ଯାଜପୁର ବିଧାୟିକା ଶ୍ରୀମତୀ ସୁଜାତା ସାହୁ, ଜିଲ୍ଲାପାଳ ଶ୍ରୀ ଅମ୍ବର କୁମାର କର, ଯାଜପୁର ପୌରପାଳିକା ଅଧ୍ୟକ୍ଷା ଶ୍ରୀମତୀ ରଞ୍ଜୁଲତା ହୋତା ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ଼. ନଗେନ୍ଦ୍ର ନାଥ ମହାପାତ୍ର ଉପସ୍ଥିତ ଥିଲେ। ଏହା ସହିତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ଓ ସମିତିର ସଦସ୍ୟମାନେ ଯୋଗଦେଇ ଆଲୋଚନାରେ ସକ୍ରିୟ ଅଂଶଗ୍ରହଣ କରିଥିଲେ।

# ବିରୂପା ମହାବିଦ୍ୟାଳୟରେ ସ୍ୱତନ୍ତ୍ର ଛାତ୍ର ଆଲୋଚନାଚକ୍ର



କେନ୍ଦ୍ରାପଡା,(ପିପିଏସ୍): କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ଇନ୍ଦୁପୁର ବିରୂପା ମହାବିଦ୍ୟାଳୟ ଏବଂ ପ୍ରାଉଟ୍ ଷ୍ଟଡି ସର୍କଲର ମିଳିତ ଆନୁକୂଲ୍ୟରେ ନୂତନ ପିଢିର ଯୁବ ସମାଜ ପାଇଁ ଏକ ସ୍ୱତନ୍ତ୍ର ଛାତ୍ର ଆଲୋଚନା ଚକ୍ର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ସଭାଗୃହରେ "ଶିକ୍ଷା ଓ ନିଯୁକ୍ତି. ଆଦର୍ଶ ବ୍ୟକ୍ତିତ୍ୱ ଓ ଆଦର୍ଶ ସମାଜର ମୂଳଭିତ୍ତି" ଶୀର୍ଷକ ବିଷୟବସ୍ତୁକୁ ନେଇ ଆୟୋଜିତ ସଭାରେ କଲେଜ ଅଧ୍ୟକ୍ଷ ପ୍ରଫେସର ଭବାନୀ ପ୍ରସାଦ ପଣ୍ଡା ଅଧ୍ୟକ୍ଷତା କରି ବର୍ତ୍ତମାନ ସମୟରେ ଶିକ୍ଷା ବ୍ୟବସ୍ଥା ଓ ଯୁବପିଢିଙ୍କ ନିଯୁକ୍ତି ସମସ୍ୟାର ସମାଧାନ ଦିଗରେ ପ୍ରଗତିଶୀଳ ବ୍ୟବହାରିକ ତତ୍ତ୍ୱର ପ୍ରାସଙ୍ଗିକତା ଉପରେ ଆଲୋଚନା କରିଥିଲେ । ଏହି ସେମିନାରରେ ମୁଖ୍ୟବକ୍ତା ଭାବେ ପ୍ରାଉଟ୍ ଷ୍ଟଡି ସର୍କଲର ରାଜ୍ୟ ସଂଯୋଜକ ଇଂ କାହ୍ନୁଚରଣ ବେଉରା ଓ ତାଙ୍କ ସହଯୋଗୀମାନେ ଯୋଗ ଦେଇଥିଲେ । ଇଂ କାହ୍ନୁଚରଣ ବେଉରା ସ୍ଲାଇଡ୍ ଶୋ ମାଧ୍ୟମରେ କାର୍ଯ୍ୟକ୍ରମର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦିଗରେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ । ସେମିନାର ଶେଷରେ ଆୟୋଜିତ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ସେ ଛାତ୍ରଛାତ୍ରୀମାନଙ୍କ ମନରେ ଥିବା ବିଭିନ୍ନ ଜିଜ୍ଞାସା ଓ ପ୍ରଶ୍ନର ସରଳ ସମାଧାନ କରି ସେମାନଙ୍କୁ ମାର୍ଗଦର୍ଶନ ଦେଇଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ପଦାର୍ଥ ବିଜ୍ଞାନ ବିଭାଗର ମୁଖ୍ୟ ଡ. ଅଟଳ ବିହାରୀ ପଣ୍ଡା ପ୍ରାରମ୍ଭିକ ସୂଚନା ପ୍ରଦାନ କରିବା ସହ କାର୍ଯ୍ୟକ୍ରମର ଆଭିମୁଖ୍ୟ ଏବଂ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ସଭାରେ ସମ୍ମାନୀତ ଅତିଥି ଭାବେ କଲେଜର ପ୍ରଶାସନିକ ଅଧିକାରୀ ଅନୁପ କୁମାର ସେନାପତି, ପ୍ରାଣୀବିଜ୍ଞାନ ବିଭାଗର ମୁଖ୍ୟ ଡ. ଗୋକୁଳାନନ୍ଦ ଭୁଜବଳ, ଏକାଡେମିକ୍ ଅଧିକାରୀ ତଥା ଉଦ୍ଭିଦ ବିଜ୍ଞାନର ମୁଖ୍ୟ ରାହାସ ବିହାରୀ ସାହୁ, ଶିକ୍ଷା ବିଭାଗର ମୁଖ୍ୟ ଜୀବନ ବିକାଶ ଜେନା, ଇଂରାଜୀ ଅଧ୍ୟାପିକା ସୁଶ୍ରୀ ହିବା ଫାତିମା, ଓଡିଆ ବିଭାଗର ମୁଖ୍ୟ କବିତା ସାହୁ, ପଦାର୍ଥ ବିଜ୍ଞାନର ମୁଖ୍ୟ ସୁଶ୍ରୀ ଅମିତା ପଣ୍ଡା ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ । କାର୍ଯ୍ୟକ୍ରମରେ କଲେଜର ୧୫୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ । ଶେଷରେ ମହାବିଦ୍ୟାଳୟର କ୍ରୀଡା ପ୍ରଶିକ୍ଷକ ଜ୍ୟୋତିର୍ମୟ ଦାସ ଧନ୍ୟବାଦ ଦେଇଥିଲେ ।

# ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟରେ ବିଶ୍ୱ ଆତ୍ମହତ୍ୟା ନିବାରଣ ଦିବସ

ଭଦ୍ରକ, (ପିପିଏସ୍): ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ମନୋବିଜ୍ଞାନ ବିଭାଗ ଏବଂ ଛାତ୍ର ସେବା କେନ୍ଦ୍ର ର ମିଳିତ ଆନୁକୂଲ୍ୟରେ କଲେଜ ସମ୍ମିଳନୀ କକ୍ଷରେ ବିଶ୍ୱ ଆତ୍ମହତ୍ୟା ନିବାରଣ ଦିବସ ପାଳିତ ହୋଇଯାଇଛି। ଚଳିତ ବର୍ଷ କାର୍ଯ୍ୟକ୍ରମର ମୁଖ୍ୟ ବିଷୟବସ୍ତୁ ଥିଲା "ଆତ୍ମହତ୍ୟା ଉପରେ ଚିନ୍ତାଧାରା ବଦଳାଇବା"। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଡକ୍ଟର ହଂସିତା ଓଝା ସ୍ୱାଗତ ଭାଷଣ ପ୍ରଦାନ କରି ଅତିଥି ଓ ଛାତ୍ରଛାତ୍ରୀମାନଙ୍କୁ ସ୍ୱାଗତ ଜଣାଇବା ସହ ଦିବସର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ଲଳିତ ରଞ୍ଜନ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ମାନସିକ ସ୍ଥିରତା ବଜାୟ ରଖିବା ଏବଂ ଜୀବନର ପ୍ରତିଟି ଆହ୍ୱାନକୁ ସକାରାତ୍ମକ ଭାବେ ସାମ୍ନା କରିବା ପାଇଁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ପ୍ରଶାସନିକ ବର୍ସାର୍ ଡକ୍ଟର ଲକ୍ଷ୍ମୀକାନ୍ତ ନାୟକ, ଏକାଡେମିକ୍ ବର୍ସାର୍ ଡକ୍ଟର ବ୍ରହ୍ମାନନ୍ଦ ପଣ୍ଡା ଏବଂ ପରୀକ୍ଷା ନିୟନ୍ତ୍ରକ ଡକ୍ଟର ପ୍ରତାପ ଚନ୍ଦ୍ର ସାହୁ ଉପସ୍ଥିତ ରହି ଯୁବପିଢ଼ିଙ୍କ ମାନସିକ ସ୍ୱାସ୍ଥ୍ୟ ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଦୁଇଟି ସ୍ୱତନ୍ତ୍ର ଉପସ୍ଥାପନା ପରିବେଷିତ ହୋଇଥିଲା। ମନୋବିଜ୍ଞାନ ବିଭାଗର ବିଭାଗୀୟ ମୁଖ୍ୟ ଡକ୍ଟର ଅକ୍ଷୟ କୁମାର ଦାସ 'ମାନସିକ ସ୍ୱାସ୍ଥ୍ୟ ଉପରେ ଅନ୍ତର୍ଦୃଷ୍ଟି' ଶୀର୍ଷକ ଉପରେ ନିଜର ବକ୍ତବ୍ୟ ଉପସ୍ଥାପନ କରି ମାନସିକ ସମସ୍ୟାକୁ ଲୁଚାଇ ନ ରଖି ସାହାଯ୍ୟ ଲୋଡ଼ିବା ବିଷୟରେ ବୁଝାଇଥିଲେ। ସେହିପରି ବାଣିଜ୍ୟ ବିଭାଗର ସହକାରୀ ପ୍ରଫେସର ଡକ୍ଟର ପ୍ରଦୀପ କୁମାର ପ୍ରଧାନ 'ଆତ୍ମହତ୍ୟା ନିବାରଣ ଉପରେ ଅନ୍ତର୍ଦୃଷ୍ଟି' ବିଷୟରେ ଆଲୋଚନା କରି ଆତ୍ମହତ୍ୟା ପ୍ରବୃତ୍ତିର କାରଣ, ଲକ୍ଷଣ ଏବଂ ସମୟୋଚିତ ପରାମର୍ଶ ମାଧ୍ୟମରେ ଏହାକୁ କିପରି ରୋକାଯାଇପାରିବ ସେ ସମ୍ପର୍କରେ ଛାତ୍ରଛାତ୍ରୀମାନଙ୍କୁ ଅବଗତ କରାଇଥିଲେ। ସଭାରେ ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପିକା ରଶ୍ମିତା ବେହେରା, ଶ୍ରୀମତୀ ସ୍ୱପ୍ନା ସରିତା ମହାପାତ୍ର ଏବଂ ସ୍ମରଣିକା ପରିଡ଼ା ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ମହାବିଦ୍ୟାଳୟର ସ୍ନାତକ (ଟଏ) ଓ ସ୍ନାତକୋତର ଶ୍ରେଣୀର ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। ପରିଶେଷରେ ମନୋବିଜ୍ଞାନ ବିଭାଗର ସହକାରୀ ପ୍ରଫେସର ନିବେଦିତା ମହାପାତ୍ର ଉପସ୍ଥିତ ସମସ୍ତ ଅତିଥି, ଅଧ୍ୟାପକ-ଅଧ୍ୟାପିକା ଏବଂ ଛାତ୍ରଛାତ୍ରୀମାନଙ୍କୁ ଧନ୍ୟବାଦ ଅର୍ପଣ କରି ସଭା ସାଙ୍ଗ କରିଥିଲେ।

# ଗଣେଶପୂଜାରେ ଡିଜେ,ବାଣ, ଆତସବାଜୀକୁ ମନା

ବାଙ୍କୀ, (ପିପିଏସ୍): ବୈଦେଶ୍ୱର ଥାନା ପରିସରରେ ଚଳିତ ବର୍ଷ ଅନୁଷ୍ଠିତ ହେବାକୁଥିବା ଗଣେଶ ପୂଜା ଓ ଭସାଣି ଉତ୍ସବକୁ ଶାନ୍ତି ଶୃଙ୍ଖଳାର ସହ ସମାପନ କରିବା ପାଇଁ ବୈଦେଶ୍ୱର ଥାନା ପରିସର ଭୁକ୍ତ ଅଞ୍ଚଳର ଗଣେଶ ପୂଜା କମିଟି ଗୁଡିକର ସଦ୍ୟସ ବୃନ୍ଦଙ୍କୁ ନେଇ ବୈଦେଶ୍ୱର ଥାନା ର ଉପଆରକ୍ଷୀ ନିରୀକ୍ଷକ ଓ ଅନ୍ୟ ସହକର୍ମୀ ଙ୍କ ଉପସ୍ଥିତିରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଡିଜେ ବଜାଇବାକୁ ସମ୍ପୂର୍ଣ୍ଣ ବାରଣ କରାଯାଇଥିଲା ବେଳେ ଅଗ୍ନି ନିରାପତ୍ତା ଓ ମହିଳା ସୁରକ୍ଷାକୁ ଗୁରୁତ୍ୱ ଦିଆଯାଇଛି। ବୈଦେଶ୍ୱର ଥାନା ଅଧିକାରିଣୀ ଇପ୍ସିତା ପ୍ରିୟଦର୍ଶିନୀ ଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ବିଭିନ୍ନ ପୂଜା ମଣ୍ଡପର ପ୍ରତ୍ୟେକ ପୂଜା କମିଟି ନିଜର କର୍ମ କର୍ତ୍ତା ଙ୍କ ତଥ୍ୟ, ପୂଜା ମଣ୍ଡପର ସ୍ଥାନ, ଜନ ସମାଗମ ଓ ଯୋଗାଯୋଗ ନମ୍ବର ଥାନାରେ ଦାଖଲ କରିବାକୁ କୁହାଯାଇଛି। ଶାନ୍ତି ଶୃଙ୍ଖଳା ବଜାଇ ରଖି ପୂଜା, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଭସାଣି ଶୋଭାଯାତ୍ରା କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଉତେଜନା ମୂଳକ ସ୍ଲୋଗାନ, ବ୍ୟାନର, ବ୍ୟବହାର ନ କରିବାକୁ ଏବଂ ପୂଜା ମଣ୍ଡପ ସାଜସଜ୍ଜା, ଗେଟ ଓ ଆଲୋକ ବ୍ୟବସ୍ଥା ଯେପରି ରାସ୍ତା କିମ୍ବା ଯାତାୟତରେ ବାଧା ସୃଷ୍ଟି ନ କରେ ସେଥିପାଇଁ ଗୁରୁତ୍ୱ ଦେବେ। ଭସାଣି ସମୟରେ ପ୍ରତ୍ୟେକ ମେଢ଼ ସହିତ ଦାୟିତ୍ୱଶୀଳ ସଦ୍ୟସମାନେ ଉପସ୍ଥିତ ରହିବା ବାଧ୍ୟତା ମୂଳକ। ପୂଜା କମିଟି ଶାନ୍ତି ଶୃଙ୍ଖଳା ଓ ଭିଡ ନିୟନ୍ତ୍ରଣ କରିବା ପାଇଁ ଅତି କମରେ ପନ୍ଦର ଜଣ ସ୍ୱେଚ୍ଛାସେବୀ ନିୟୋଜିତ ହେବେ। ଭସାଣି ଶୋଭାଯାତ୍ରା ସମୟରେ କୌଣସି ପୂଜା କମିଟି ରାସ୍ତା ଅବରୋଧ କରି ଅନ୍ୟ ମେଢ଼ର ଯାତାୟତ ରେ ବାଧା ସୃଷ୍ଟି କରିବେ ନାହିଁ। ଶୋଭାଯାତ୍ରା ସମୟରେ କୌଣସି ଗାଡିକୁ ଅନାବଶ୍ୟକ ଭାବେ ରାସ୍ତା ମଝିରେ ରଖି ଟ୍ରାଫିକ ଜାମ ସୃଷ୍ଟି କରାଯିବ ନାହିଁ। କୌଣସି ବ୍ୟକ୍ତି ମଦ୍ୟ ପାନ କିମ୍ବା ଅନ୍ୟ ନିଶା ଦ୍ରବ୍ୟ ସେବନ କରି ଶୋଭାଯାତ୍ରାରେ ସାମିଲ ହେବେ ନାହିଁ। ଭସାଣି ଶୋଭାଯାତ୍ରା ରେ କୌଣସି ପ୍ରକାରର ଧାରୁଆ ଅସ୍ତ୍ର, ଲାଠି, ମାରଣାଅସ୍ତ୍ର ନେବେ ନାହିଁ। ପ୍ରତ୍ୟେକ ପୂଜା କମିଟିର ଭସାଣି ଶୋଭାଯାତ୍ରା ପୂଜା ସମାପନ ଗଣେଶ ପୂଜା ଦିନଠାରୁ ସାତଦିନ ମଧ୍ୟରେ ପରିସମାପ୍ତି କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ନିୟମାବଳି ମଧ୍ୟରୁ କୌଣସି ନିୟମ ଉଲଂଘନ କଲେ ସମ୍ପୃକ୍ତ ବ୍ୟକ୍ତି ଙ୍କ ବିରୋଧରେ ଆଇନ ଅନୁଯାୟୀ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଗଣେଶ ପୂଜା ଏକ ଧାର୍ମିକ ଓ ସାମାଜିକ ଉତ୍ସବ ହୋଇଥିବାରୁ ସମସ୍ତ ପୂଜା କମିଟି ଭାଇଚାରା, ପରସ୍ପର ସମ୍ମାନ, ଶାନ୍ତି ଶୃଙ୍ଖଳା ରକ୍ଷା କରି ଉତ୍ସବ ପାଳନ କରିବେ ବୋଲି ଉପସ୍ଥିତ ଥିବା ସମସ୍ତ ପୂଜା କମିଟିର କର୍ମକର୍ତ୍ତା ମାନେ ସଂମ୍ମତି ପ୍ରକାଶ କରିଥିଲେ।

# ଦୁଇ ବର୍ଷ ଧରି କାର୍ଯ୍ୟକ୍ଷମ ହୋଇ ପାରୁନାହିଁ ନୂତନ ଅଙ୍ଗନବାଡ଼ି ଗୃହ

## କୋମାରେ ମାର୍ଶାଘାଇ ପଞ୍ଚାୟତ ସମିତି କାର୍ଯ୍ୟାଳୟ !

### ଖରା, ବର୍ଷାରେ ବାହାରେ ପାଠ ପଢୁଛନ୍ତି କୋମଳମତି ଶିଶୁ



କେନ୍ଦ୍ରାପଡ଼ା,(ପିପିଏସ): ନୂତନ ଅଙ୍ଗନବାଡ଼ି ଗୃହ ନିର୍ମାଣ ହୋଇ ଦୁଇ ବର୍ଷ ବିତିଲାଣି। ହେଲେ ଏପର୍ଯ୍ୟନ୍ତ ଗୃହଟି କାର୍ଯ୍ୟକ୍ଷମ ହୋଇନଥିବାରୁ ବାହାରେ ପାଠ ପଢୁଛନ୍ତି କୋମଳମତି ଶିଶୁ। ଏଭଳି ଅଭିଯୋଗ ଆସିଛି କେନ୍ଦ୍ରାପଡ଼ା ଜିଲ୍ଲା ପାଟକୁରା ନିର୍ବାଚନମଣ୍ଡଳୀ ଅଧୀନ ମାର୍ଶାଘାଇ ବ୍ଲକ କରିଲୋପାଟଣା ପଞ୍ଚାୟତର ହନ୍ତପଡ଼ା (ଖ) ଅଙ୍ଗନବାଡ଼ି କେନ୍ଦ୍ରରୁ।ଏହି କେନ୍ଦ୍ରରେ ୧୭ ଜଣ ଶିଶୁ ପାଠ ପଢୁଥିବା ବେଳେ ନିଜସ୍ୱ ଗୃହ ଥାଇ ମଧ ତାହାର ସୁବିଧା ମିଳୁନଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି। ହନ୍ତପଡ଼ା ପ୍ରାଥମିକ ବିଦ୍ୟାଳୟ ପରିସରରେ ପଞ୍ଚାୟତ ପାଣ୍ଠିରୁ ପ୍ରାୟ ୧୫ ଲକ୍ଷ ଟଙ୍କା ବ୍ୟୟରେ ୨୦୨୪ ମସିହାରେ ଅଙ୍ଗନବାଡ଼ି ଗୃହ ନିର୍ମାଣ ହୋଇଥିବା କୁହାଯାଉଛି। ମାତ୍ର ନିର୍ମାଣ ପରେ ମଧ ଗୃହଟି ଅଙ୍ଗନବାଡ଼ି କର୍ମୀ ଦମୟନ୍ତୀ ସେଠୀଙ୍କୁ ହସ୍ତାନ୍ତର କରାଯାଇନଥିବା ସେ ଅଭିଯୋଗ କରିଛନ୍ତି। ଫଳରେ ବର୍ଷା ଓ ଖରା ସମୟରେ ଶିଶୁମାନେ ବାହାରେ ବସି ପାଠ ପଢ଼ିବାକୁ ବାଧ ହେଉଥିବା ଅଭିଭାବକମାନେ କହିଛନ୍ତି। ଗୃହଟି କାର୍ଯ୍ୟକ୍ଷମ ନହେବା ପଛରେ ରାଜନୈତିକ ଆକ୍ରୋଶ ଥିବା ନେଇ ମଧ ଅଭିଯୋଗ ହୋଇଛି। ଏନେଇ ସରପଞ୍ଚଙ୍କଠାରୁ ବିଧାୟକଙ୍କ ପର୍ଯ୍ୟନ୍ତ ଅବଗତ କରାଯାଇଥିଲେ ମଧ ସମାଧାନ ହୋଇନଥିବା ଅଭିଭାବକମାନେ କହିଛନ୍ତି।ଏ ସମ୍ପର୍କରେ ମାର୍ଶାଘାଇ ସିଡିପିଓ ଶୈଳବାଳା ଚାଷୀ କହିଛନ୍ତି ଯେ, ଏ ବିଷୟରେ ମୁଁ କିଛି ଜାଣି ନାହିଁ,ଆପଣ ବିଡ଼ିଓଙ୍କୁ ପଚାରନ୍ତୁ,ବିଡ଼ିଓ କହିପାରିବେ ଅଙ୍ଗନବାଡ଼ି ଗୃହଟି କାହିଁକି ଖୋଲାଯାଇ ପାରୁନାହିଁ। ତେବେ ସରକାରୀ ଅର୍ଥରେ ନିର୍ମିତ ଗୃହ ଦୀର୍ଘଦିନ ଧରି କାର୍ଯ୍ୟକ୍ଷମ ନହେବାକୁ ନେଇ ସାଧାରଣରେ ତୀବ୍ର ଜନ ଅସନ୍ତୋଷ ଦେଖା ଦେଇଛି। ଶିଶୁମାନଙ୍କ ହିତ ଦୃଷ୍ଟିରୁ ତୁରନ୍ତ ଗୃହଟିକୁ କାର୍ଯ୍ୟକ୍ଷମ କରିବାକୁ ଅଭିଭାବକମାନେ ଦାବି କରିଛନ୍ତି।

# ଜିଲ୍ଲା ବରିଷ୍ଠ ନାଗରିକ ମହାସଂଘ ପକ୍ଷରୁ ଏସ୍‌ପିଙ୍କ ସହ ଆଲୋଚନା

ଭଦ୍ରକ, (ପିପିଏସ୍): ଜିଲ୍ଲାର ବରିଷ୍ଠ ଏସପି ମନୋଜ ରାଉତଙ୍କୁ ରାଜ୍ୟ ଗୃହ ବିଭାଗ ତାଙ୍କର କର୍ତବ୍ୟନିଷ୍ଠ ଓ ଜଣେ ଦକ୍ଷ ପୋଲିସ ଅଫିସର ଭାବେ ଭଦ୍ରକ ଜିଲ୍ଲା ତଥା ସାରା ରାଜ୍ୟରେ ଲୋକପ୍ରିୟତା ପାଇଁ ପ୍ରଶଂସନୀୟ କାର୍ଯ୍ୟ ଯୋଗୁଁ ରାଜ୍ୟ ସରକାର ସିନିୟର ସୁପରିନଟେଣ୍ଡେଂଟ ଅଫ ପୋଲିସ (ଏସ.ଏସ.ପି.) ପଦୋନ୍ନତି କରିଛନ୍ତି। ଏଥିପାଇଁ ଜିଲ୍ଲାର ବରିଷ୍ଠ ନାଗରିକଙ୍କ ପକ୍ଷରୁ ଖୁସି ବ୍ୟକ୍ତ କରାଯାଇଛି। ଜିଲ୍ଲାର ବରିଷ୍ଠ ମାନଙ୍କର ପାରିବାରିକ ଓ ସାମାଜିକ ଚଳଣିରେ ସମସ୍ୟାର ଉପଯୁକ୍ତ ତଦନ୍ତ ପୂର୍ବକ ଦୃଷ୍ଟାନ୍ତ ମୂଳକ ପଦକ୍ଷେପ ଗ୍ରହଣ କରି ସମ୍ପୃକ୍ତ ଥାନା ଅଂଚଳର ଥାନାଧିକାରୀ ତ୍ୱରିତ ନ୍ୟାୟ ପ୍ରଦାନ କରିବାକୁ ଜିଲ୍ଲା ବରିଷ୍ଠ ମହାସଂଘର ସାଧାରଣ ସମ୍ପାଦକ କୈଳାଶ ଚନ୍ଦ୍ର ମହାପାତ୍ର ଏସ୍‌ପିଙ୍କୁ ନିବେଦନ କରି ସମସ୍ତ ଥାନାଧିକାରୀମାନଙ୍କୁ ଏ ଦିଗରେ ଆଇନାନୁଯାୟୀ ବିହୀତ ପଦକ୍ଷେପ ନେବାକୁ ବିନମ୍ରତାର ସହ ଅନୁରୋଧ କରିଥିଲେ। ଏହି ଆଲୋଚନାରେ କାର୍ଯ୍ୟକାରୀ ସଭାପତି ପଦ୍ମନ କୁମାର ରାୟ, ସଭ୍ୟ ଗିରୀଶ ଚନ୍ଦ୍ର ପାତ୍ର ଉପସ୍ଥିତ ଥିଲେ।


**ପୂର୍ବ ତଟ ରେଳପଥ**

**ପାର୍କିଙ୍ଗ୍ ଷ୍ଟାଣ୍ଡର ଇ-ନିଲାମ**

ନିଲାମ କ୍ୟାଟାଲଗ୍ ନଂ.: SDCM-KUR-PKNG

**ଷ୍ଟେସନ ଏବଂ ସ୍ଥାନ :** (1) ଭଦ୍ରକ - 4 ଚକିଆ (ପ୍ଲାଟଫର୍ମ-1 ପାର୍ଶ୍ୱରେ), (1) ଖୋର୍ଦ୍ଧା ରୋଡ୍ - 4 ଚକିଆ (ପୂର୍ବ ପ୍ରବେଶ ପାର୍ଶ୍ୱରେ), (3) ଯାଜପୁର କେନ୍ଦୁଝର ରୋଡ୍ - 2 ଚକିଆ (ପ୍ଲାଟଫର୍ମ-1 ନିକଟରେ), (4) ଭୂଷଣ୍ଡପୁର- 2 ଚକିଆ (ପ୍ଲାଟଫର୍ମ-1A ସ୍ଥିତ ପମ୍ପ ହାଉସ୍ ନିକଟରେ), (5) ବଢ଼ବନ୍ଧ - 2 ଚକିଆ (ପ୍ଲାଟଫର୍ମ-1 ନିକଟରେ), (6) ପାରାଦୀପ - (2-ସହ-4 ଚକିଆ (ପ୍ଲାଟଫର୍ମ-1 ପାର୍ଶ୍ୱରେ), (7) ତାଳଚେର ରୋଡ୍ - ମିଶ୍ରିତ (2-ସହ-4 ଚକିଆ (ପରିଚଳନ କ୍ଷେତ୍ରରେ)।

**ନିଲାମ ଆରମ୍ଭ ହେବା ତାରିଖ ଓ ସମୟ :** 22.09.2026, 1500 ଘଟିକା (ସମସ୍ତ କ୍ରମ ସଂ. ପାଇଁ)।

**ନିଲାମ ବନ୍ଦ ହେବା ତାରିଖ ଓ ସମୟ :** 22.09.2026, 1530 ଘଟିକା (କ୍ରମ ସଂ. 1 ପାଇଁ), 1540 ଘଟିକା (କ୍ରମ ସଂ. 2 ପାଇଁ), 1550 ଘଟିକା (କ୍ରମ ସଂ. 3 ପାଇଁ), 1600 ଘଟିକା (କ୍ରମ ସଂ. 4 ପାଇଁ), 1610 ଘଟିକା (କ୍ରମ ସଂ. 5 ପାଇଁ), 1620 ଘଟିକା (କ୍ରମ ସଂ. 6 ପାଇଁ) ଏବଂ 1630 ଘଟିକା (କ୍ରମ ସଂ. 7 ପାଇଁ)।

ଦ୍ରଷ୍ଟବ୍ୟ : ଏହି ନିଲାମ ସମ୍ବନ୍ଧରେ ସମସ୍ତ ଆବଶ୍ୟକ ସୂଚନା ପ୍ରାପ୍ତ କରିବା ନିମନ୍ତେ ଆଶାୟୀ ବିଡ଼ରଙ୍କୁ ୱେବସାଇଟ୍ www.ireps.gov.inର ଆଗାମୀ ଇ-ଅକ୍ସନ ରିଲିଜ୍ ଟ୍ୟାବ୍ ପରିଦର୍ଶନ କରିବାକୁ ଅନୁରୋଧ କରାଯାଉଛି।

ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ/ ଖୋର୍ଦ୍ଧା ରୋଡ୍

PR-434/R/26-27



**ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ଲି., ବାଙ୍କୀ**

**ନୋଟିସ୍**

ନଂ : ୧୨୯୧ ତା : ୦୯.୦୯.୨୦୨୬

ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃର ବାର୍ଷିକ ସାଧାରଣ ସଭା ଆସନ୍ତା ତା. ୨୫.୦୯.୨୦୨୬ ରିଖ ଶୁକ୍ରବାର ପୂର୍ବାହ୍ନ ଘ୧୧.୩୦ ମିନିଟ୍ ସମୟରେ ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କର ମୁଖ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ହେବ ।

ଏଣୁ ଉକ୍ତ ସାଧାରଣ ସଭାରେ ଯୋଗଦାନ କରି ନିମ୍ନ କାର୍ଯ୍ୟସୂଚୀ ଅନୁଯାୟୀ ଆଲୋଚନାରେ ଅଂଶ ଗ୍ରହଣ କରିବା ନିମନ୍ତେ ବ୍ୟାଙ୍କର ସମସ୍ତ ସଭ୍ୟଙ୍କୁ ଅନୁରୋଧ କରାଗଲା। ଉକ୍ତ ସଭାରେ ପ୍ରତିନିଧିତ୍ୱ କରିବାପାଇଁ ସମ୍ପୃକ୍ତ ସମିତିର ଆବଶ୍ୟକ ନିର୍ଦ୍ଧାରଣର ନକଲ ଯଥା ସମୟରେ ବ୍ୟାଙ୍କ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ନିକଟରେ ପହଂଚିବା ଆବଶ୍ୟକ ।

କାର୍ଯ୍ୟସୂଚୀ-

୧. ଗତ ସାଧାରଣ ସଭାର ବିବରଣୀ ପଠନ ଓ ଦୃଢୀକରଣ ।
୨. ସ୍ନ ୨୦୨୫-୨୦୨୬ ବର୍ଷର ବାର୍ଷିକ ବିବରଣୀ ପଠନ ଓ ଗ୍ରହଣ ।
୩. ସ୍ନ ୨୦୨୬-୨୦୨୭ ବର୍ଷର ବାର୍ଷିକ ଅଟକଳ ଉପସ୍ଥାପନ ଓ ଅନୁମୋଦନ ।
୪. ସ୍ନ ୨୦୨୫ - ୨୦୨୬ ବର୍ଷର ଅଡିଟ ରିପୋର୍ଟ ପଠନ ଓ ଗ୍ରହଣ ଓ ଅଡିଟ୍ ତ୍ରୁଟି ଜନିତ କୈଫତର ପଠନ ଓ ଅନୁମୋଦନ ।
୫. ସ୍ନ ୨୦୨୫-୨୦୨୬ ଆର୍ଥିକ ବର୍ଷରେ ବ୍ୟାଙ୍କର ହୋଇଥିବା ନେଟ୍ ଲାଭାଂଶ ବଣ୍ଟନ ।
୬. ଅନ୍ୟାନ୍ୟ (ସଭାପତିଙ୍କ ଅନୁମତି କ୍ରମେ)

**ପରିଚାଳନା ପରିଷଦଙ୍କ ନିର୍ଦ୍ଦେଶ କ୍ରମେ**

ସ୍ୱା/-

**(ଶ୍ରୀଯୁକ୍ତ କରୁଣାକର ସାହୁ)**

ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ

ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ.


# ମା' ଜାଗୁଲାଇ ଏସ୍‌ଏଚ୍‌ଜିଙ୍କୁ ରାସନ୍ ସାମଗ୍ରୀ ବଣ୍ଟନ ଦାୟିତ୍ୱ ଦେବା ଉଦ୍ଦେଶ୍ୟରେ ବିଡିଓଙ୍କୁ ଦାବିପତ୍ର

ଗୋପ (ପିପିଏସ ) ମା'ଜାଗୁଲାଇ ଏସ ଏଚ୍ ଜି କୁ ରାସନ୍ ସାମଗ୍ରୀ ବଣ୍ଟନ ଦାୟିତ୍ୱ ଦେବା ପାଇଁ ଦ୍ୱିଦେପୁର ପଂଚାୟତବାସୀ ଦ୍ୱି କରିଛନ୍ତି। ଏନେଇ ଆଜି ଶତାଧିକ ମହିଳା ଗୋପ ବ୍ଲକରେ ପହଁଚି ମୁଖ୍ୟମନ୍ତ୍ରୀ ଙ୍କ ଉଦ୍ଦେଶ୍ୟ ରେ ବ୍ୱିଡିଓ ସୂର୍ଯ୍ୟ ଶଙ୍କର ଦାସ ଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଅଭିଯୋଗ ମୁତାବକ ଗତ ୨୦୨୦ ମସିହା ଠାରୁ ଗୋପ ବ୍ଲକ ଦ୍ୱିଦେପୁର ପଂଚାୟତର ମା ଜାଗୁଲାଇ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଉକ୍ତ ପଂଚାୟତର ୧୨ ଶହରୁ ଉର୍ଦ୍ଧ୍ୱ ରାସନକାର୍ଡଧାରୀ ଙ୍କୁ ରାସନ ସାମଗ୍ରୀ ବ୍ୱଣ୍ଟନ କରିଆସୁଥିଲେ । ହେଲେ ତାଙ୍କ ନାମରେ କୌଣସି ଅଭିଯୋଗ ନଥାଇ ଗତ ବ୍ୱର୍ଷ ନିକଟସ୍ଥ ବଡତରା ପଂଚାୟତର ଏକ ସ୍ୱୟଂ ସହାୟକ ଗୋଷ୍ଠୀ କୁ କିଛି ହିତାଧିକାରୀଙ୍କର ରାସନ ସାମଗ୍ରୀ ବ୍ୱଣ୍ଟନ ନିମନ୍ତେ ଦାୟିତ୍ୱ ଦିଆଯାଇଥିଲ । ମାତ୍ର ଉକ୍ତ କେନ୍ଦ୍ରରେ କୌଣସି ଆନୁସାଙ୍ଗିକ ବ୍ୱ୍ୟସ୍ଥା ନଥିବାବେଳେ ସ୍ୱେ ପୁର୍ନରାୟ ଏରବଙ୍ଗ ପଂଚାୟତ ମାତୃକୃପା ସ୍ୱୟଂ ସହାୟକ ଗୋଷ୍ଠୀ କୁ ବ୍ୱଣ୍ଟନ ଦାୟିତ୍ୱ ଦିଆଯାଇଛି । ଯାହାଦ୍ୱାରା ଲୋକମାନେ ନାହିଁ ନଥିବା ଅସୁବିଧାରେ ସମ୍ମୁଖୀନ ହେବ୍ୱେ । ଅନ୍ୟପଟେ ରାଜନୈତିକ ଆକ୍ରୋଶ ମନଭାବ ରଖି ଏପରି କରାଯାଉଥିବା ମହିଳାମାନେ ଅଭିଯୋଗ କରିଛନ୍ତି କ୍ଷଏହାକୁ ନେଇ ଆଜି ସ୍ୱର୍ଣ୍ଣଲତା ପାଢୀ, ରୀତାଞ୍ଜଳି ବ୍ୱେହେରା,ନିରୁପମା ବେହେରା, ସ୍ୱେତୀ ମୁଦୁଲି, ତୁଳସୀ ମୁଦୁଲି ଙ୍କ ସମେତ ଶତାଧିକ ମହିଳା ବ୍ଲକ କାର୍ଯ୍ୟାଳୟରେ ବ୍ୱିଡିଓ ଶ୍ରୀ ଦାସ ଙ୍କୁ ଭେଟି ମାନ୍ୟ୍ୱର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏହି ଘଟଣାର ପ୍ରକୃତ ତଦନ୍ତ କରାଯାଇ ପୁଣ୍ୱାର ମା ଜାଗୁଲାଇ ସ୍ୱୟଂ ସହୟକ ଗୋଷ୍ଠୀ କୁ ରାସନ ସାମଗ୍ରୀ ବ୍ୱଣ୍ଟନ ଦୟିତ୍ୱ ଦ୍ୱୋ ନିମନ୍ତେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଏହି ଦ୍ୱିପତ୍ର ଦ୍ୱୋ ସମୟରେ ଗୋପ ବ୍ଲକ୍ଲକର ଯୁ ନେତୃତ୍ୱ ମନ୍ଦୀପ ପାଇକରାୟ, ଦ୍ୱେଦପୂର ପଂଚାୟତ ସହ ଆହକ କମଳାକାନ୍ତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।


**କଟକ ଉନ୍ନୟନ କର୍ତ୍ତୃପକ୍ଷ**

ଅରୁଣୋଦୟ ଭବନ, ଲିଙ୍କ୍‌ରୋଡ୍, କଟକ-୧୨

**ସୂଚନା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଅଭିନବ ବିଡାନାସୀ, କଟକ (ମର୍କତ ନଗର) ସେକ୍ଟର - 8 ରେ ପ୍ଲଟ୍ ନଂ- 8-1C/63 ଟିକୁ ଶ୍ରୀମତୀ ଅପରାଜିତା ପଣ୍ଡା,ପିତା-ଅମୂଲ୍ୟ କୁମାର ପଣ୍ଡା,ସା-B-1,ନନ୍ଦା ଦେବୀ ଭିଆଇପି ଏନକ୍ଳେଭ ,ଚନ୍ଦ୍ରଶେଖରପୁର,ଭୁବନେଶ୍ୱର-୭୫୧୦୧୬,ଜିଲ୍ଲା-ଖୋର୍ଦ୍ଧା ଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନଗ୍ରାହୀ ଶ୍ରୀମତୀ ଅପରାଜିତା ପଣ୍ଡା ଉକ୍ତ ପ୍ଲଟ ସହିତ ଗୃହଟିକୁ ତୃତୀୟପକ୍ଷ ଅନ୍ତରଣ ଆଧାରରେ ଶ୍ରୀ ଜଳଧର ରାଉତ,ପିତା-୰ଶମ୍ଭୁ ରାଉତ,ସା-ପ୍ଲଟ ନଂ-8-1C/63,ସେକ୍ଟର-୮,କେଡିଏ,ପୋ-ମର୍କତ ନଗର,ଥା-ମର୍କତ ନଗର,ଜିଲ୍ଲା-କଟକ-୭୫୩୦୧୪ ଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି ।

ଉକ୍ତ ପ୍ଲଟ ସହିତ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହା ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର(15) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତପ୍ରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟରେ ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ ।

OIPR - 13001/13037/1/26-27/0096

ଭାରପ୍ରାପ୍ତ ଅଧିକାରୀ (ଇଷ୍ଟେଟ)


# ଭଦ୍ରକ ଜିଲ୍ଲାରେ ବଢୁଛି ଚୋରା ମଦ ବେପାର

# ଅବକାରୀ ବିଭାଗ ଓ ପୁଲିସର ଭୂମିକାକୁ ନେଇ ଉଠିଲା ପ୍ରଶ୍ନ





ଭଦ୍ରକ,(ପିପିଏସ୍): ଭଦ୍ରକ ଜିଲ୍ଲାରେ ପୁଣିଥରେ ଚୋରା ଦେଶୀ ଓ ବିଦେଶୀ ମଦ କାରବାର ବଢ଼ିଥିବା ନେଇ ଅଭିଯୋଗ ହୋଇଛି। ଦୀର୍ଘଦିନ ଧରି ନିଶା କାରବାର ଉପରେ ରୋକ୍ ଲାଗିଥିବା ବେଳେ ଏବେ ବିଭିନ୍ନ ଅଂଚଳରେ ଖୁଲମଖୁଲା ଭାବେ ଚୋରା ମଦ ବିକ୍ରି ହେଉଥିବା ନେଇ ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ବାହାର ଜିଲ୍ଲାରୁ ଦେଶୀ ଓ ବିଦେଶୀ ମଦ ଭଦ୍ରକକୁ ଆସୁଛି। ଏହା ପରେ ବିଭିନ୍ନ ଗଳିକନ୍ଦିରେ ଚୋରା ଭାବେ ମଦ ବିକ୍ରି ହେଉଥିବା କୁହାଯାଉଛି। ନଛିପୁର, ନାଥସାହି, ବେହେରା ସାହି, ମିରିଜାପୁର, ମନ୍ଦିର ସାହି, ହାତୀସାହି, ଇଛାପୁର ଓ ବଙ୍କସ୍କୁଲ ଆଦି ଅଞ୍ଚଳରେ ଚୋରା ଦେଶୀ ଓ ବିଦେଶୀ ମଦ ବିକ୍ରି ହେଉଥିବା ନେଇ ଅଭିଯୋଗ ଆସିଛି। ସବୁ ଜାଣି ମଧ୍ୟ ଅବକାରୀ ବିଭାଗ ଓ ପୋଲିସ ପକ୍ଷରୁ ପ୍ରଭାବୀ କାର୍ଯ୍ୟାନୁଷ୍ଠାନ ହେଉନଥିବା ନେଇ ମଧ ପ୍ରଶ୍ନ ଉଠିଛି। ଏହି ଚୋରା ମଦ କାରବାରରେ କିଛି ବ୍ୟକ୍ତି ସମ୍ପୃକ୍ତ ଥିବା ନେଇ ସ୍ଥାନୀୟ ମହଲରେ ଅଭିଯୋଗ ରହିଛି। ବାଲେଶ୍ୱର ଜିଲ୍ଲାରୁ ଦେଶୀ ମଦ ଆସୁଥିବା ଏବଂ ଭଦ୍ରକ ଜିଲ୍ଲାର ବିଭିନ୍ନ ସ୍ଥାନକୁ ଯୋଗାଣ ହେଉଥିବା ନେଇ ମଧ ଅଭିଯୋଗ ହୋଇଛି। ତେବେ ଏହି ଅଭିଯୋଗଗୁଡ଼ିକର ସ୍ୱାଧୀନ ଭାବେ ସତ୍ୟତା ଯାଂଚ ହୋଇନାହିଁ। ଅନ୍ୟପକ୍ଷରେ, ଭଦ୍ରକ ସଦର ଥାନାର କିଛି ଅଧିକାରୀଙ୍କ ନାମ ନେଇ ମଧ ଗୁରୁତର ଅଭିଯୋଗ ଉଠିଛି। ଚୋରା ମଦ ବ୍ୟବସାୟୀଙ୍କ ସହ ଅଧିକାରୀଙ୍କ ମଧୁଚନ୍ଦ୍ରିକା ଥିବା ଏବଂ ମଦ ବ୍ୟବସାୟ ସମ୍ପର୍କରେ କିଛି ନିର୍ଦ୍ଦେଶ ଦିଆଯାଉଥିବା ନେଇ ଅଭିଯୋଗ ରହିଛି। ଏହି ଅଭିଯୋଗର ସତ୍ୟତା ମଧ ସମ୍ପୃକ୍ତ ବିଭାଗର ତଦନ୍ତ ପରେ ହିଁ ସ୍ପଷ୍ଟ ହୋଇପାରିବ। ସ୍ଥାନୀୟ ଲୋକଙ୍କ ଦାବି, ଘଟଣାର ନିରପେକ୍ଷ ତଦନ୍ତ କରାଯାଇ ଚୋରା ମଦ କାରବାରରେ ଯେଉଁମାନେ ପ୍ରକୃତରେ ସମ୍ପୃକ୍ତ, ସେମାନଙ୍କ ବିରୋଧରେ ଆଇନ ଅନୁଯାୟୀ କଠୋର ପଦକ୍ଷେପ ନିଆଯାଉ। ଯଦି ଏହି ସମସ୍ୟାର ଶୀଘ୍ର ସମାଧାନ ନହୁଏ, ତେବେ ଆଗାମୀ ଦିନରେ ଧାରଣା ଓ ଆନ୍ଦୋଳନ କରାଯିବ ବୋଲି କିଛି ସ୍ଥାନୀୟ ଲୋକ ଚେତାବନୀ ଦେଇଛନ୍ତି। ଏବେ ଦେଖିବାକୁ ବାକି ରହିଲା ଏହି ଅଭିଯୋଗ ଉପରେ ଅବକାରୀ ବିଭାଗ ଓ ଭଦ୍ରକ ପୋଲିସ୍ କଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି।

# ଜାତୀୟ ଅନୁସୂଚିତ ଜନଜାତି ଆୟୋଗ ଅଧ୍ୟକ୍ଷଙ୍କ ସମୀକ୍ଷା ବୈଠକ

**ଭୁବନେଶ୍ୱର (ପିପିଏସ୍):** ଜାତୀୟ ଅନୁସୂଚିତ ଜନଜାତି ଆୟୋଗ ଅଧ୍ୟକ୍ଷ ଅନ୍ତର ସିଂ ଆର୍ଯ୍ୟ ଦୁଇ ଦିନିଆ ରାଜ୍ୟ ଗସ୍ତରେ ଆସି ଅନୁସୂଚିତ ଜନଜାତିଙ୍କ ବିକାଶ ଓ କଲ୍ୟାଣ ସମ୍ପର୍କରେ ସମୀକ୍ଷା କରିଛନ୍ତି। ଶ୍ରୀ ଆର୍ଯ୍ୟ ସୋମବାର ପୁରୀ ଗସ୍ତ କରିଥିବା ବେଳେ ଆଜି ଭୁବନେଶ୍ୱର ମହାନଗର ନିଗମ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଛନ୍ତି। ଉକ୍ତ ବୈଠକରେ ଅନୁସୂଚିତ ଜନଜାତି ଛାତ୍ରଛାତ୍ରୀ ମାନଙ୍କ ସହ ଭାବ ବିନିମୟ କରିବା ସହ ସେମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ ହୋଇଥିଲେ। ଆଦିବାସୀ ପରମ୍ପରା ଅତ୍ୟନ୍ତ ପ୍ରାଚୀନ ଓ ନିର୍ଦ୍ଦିଷ୍ଟ ଅନୁଶାସନ ଆଧାରିତ ହୋଇଥିବାରୁ ଏହାର ସୁରକ୍ଷା ଓ ମୌଳିକତା ବଜାୟ ରଖିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଏଥିସହ ଆଦିବାସୀ ଅଞ୍ଚଳର ଜମି ଓ ଜଙ୍ଗଲ ସୁରକ୍ଷା ଉପରେ ସେ ପ୍ରାଧାନ୍ୟ ଦେବା ସହ ବନ ରକ୍ଷା ସମିତି ଓ ବନ ଅଧିକାର ହିତାଧିକାରୀମାନଙ୍କ ସହ ମଧ୍ୟ ଆଲୋଚନା କରିଥିଲେ। ଅନୁରୂପ ଭାବେ ଖୋରଧା ଜିଲ୍ଲାରେ ଅନୁସୂଚିତ ଜନଜାତି କଲ୍ୟାଣ, ବିକାଶ ତଥା ଉନ୍ନୟନ ପାଇଁ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଜିଲ୍ଲାପାଳ ଅମ୍ରିତ ଋତୁରାଜ ଆୟୋଗଙ୍କୁ ସୂଚନା ପ୍ରଦାନ କରିଥିଲେ। ଅଧ୍ୟକ୍ଷ ଶ୍ରୀ ଆର୍ଯ୍ୟ ସମସ୍ତ କାର୍ଯ୍ୟର ସମୀକ୍ଷା କରିବା ସହ ବିଭିନ୍ନ ଯୋଜନାର କାର୍ଯ୍ୟକାରିତା ଉପରେ ସନ୍ତୋଷ ବ୍ୟକ୍ତ କରିଥିଲେ। ଉକ୍ତ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ଡିସିପି ଜଗମୋହନ ମୀନା, ଆୟୋଗଙ୍କ ନିର୍ଦ୍ଦେଶକ ପୁର୍ଣ୍ଣେନ୍ଦୁ କାନ୍ତ, ଖୋରଧା ବନଖଣ୍ଡ ଅଧିକାରୀ ଲାଡେ ଗଜାନନ ଦୟାନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

# ଚାକିରି ଦେବାକୁ ଆଣି ଯୁବତୀଙ୍କୁ ଦୁଷ୍କର୍ମ

**ଭୁବନେଶ୍ୱର,(ପିପିଏସ୍):** ରାଜଧାନୀରେ ମହିଳା ଜନିତ ହିଂସା ଥମିବାର ନାଁ ଧରୁନାହିଁ। ଗତକାଲି ପଡ଼ୋଶୀ ଯୁବତୀ ଓ ଘରୋଇ ସହାୟିକା ଦୁଷ୍କର୍ମର ଶିକାର ହୋଇଥିବା ବେଳେ ଆଜି ପୁଣି ଏକ ସମାନ ଧରଣର ଘଟଣା ସାମ୍ନାକୁ ଆସିଛି। ଯୁବତୀଙ୍କୁ ଚାକିରି ବାହାନାରେ ଡାକି ଦୁଷ୍କର୍ମ କରିଛନ୍ତି। ଜାଗମରା ଅଞ୍ଚଳରେ ଏଭଳି ଘଟଣା ଘଟିଥିବା ବେଳେ ଦୁଷ୍କର୍ମ ପୀଡ଼ିତା ଖଣ୍ଡଗିରି ଥାନାରେ ଏତଲା ଦେଇଛନ୍ତି। ପୁଲିସ ଏକ ହୋଟେଲରେ ଚଢ଼ଉ କରି ପ୍ରେମୀ ଯୁଗଳଙ୍କ ସମେତ ୩ ଜଣଙ୍କୁ ଥାନାକୁ ଉଠାଇ ଆଣିଛି। ଅଭିଯୋଗ ଅନୁଯାୟୀ, ବାଲେଶ୍ୱରର ଜଣେ ଯୁବତୀ ପରିବାର ପୋଷଣ ପାଇଁ ଚାକିରି ସନ୍ଧାନ କରୁଥିଲେ। ସେହି ସମୟରେ ସଞ୍ଜୟ ତାଙ୍କୁ ଇଭେଣ୍ଟ ମ୍ୟାନେଜମେଣ୍ଟ ସଂସ୍ଥାରେ ଚାକିରି ଦେବ କହିଥିଲା। ବିବାହ, ଜନ୍ମଦିନ



ଆଦି ଉତ୍ସବରେ କାମ କରିବାକୁ ପ୍ରତିଶ୍ରୁତି ଦେଇ ଭୁବନେଶ୍ୱର ଡକାଇଥିଲା। ଯୁବତୀ ଜଣକ ରାଜଧାନୀରେ ଆସି ପହଞ୍ଚିବା ପରେ ଜାଗମରା ଅଞ୍ଚଳରେ ଥିବା ହୋଟେଲ ସୃତିକୁ ନେଇ ଯାଇଥିଲେ। ଇଭେଣ୍ଟ ସଂସ୍ଥା ବଦଳରେ ବାରରେ ଡ୍ୟାନ୍ସ କରିବାକୁ ବାଧ କରିଥିଲା। ହେଲେ ଯୁବତୀ ଜଣକ ଅରାଜି ହେବାରୁ ସଞ୍ଜୟ, ତା'ର ପ୍ରେମିକା ଜୟା ଓ ଜୟାର ଭାଇ ମିଶି ତାଙ୍କୁ ମାଡ଼ ମାରିଥିଲେ। ଯୁବତୀ ଜଣକ ପଳାଇବାକୁ ଉଦ୍ୟମ କରିବାରୁ ତାଙ୍କୁ ହୋଟେଲ ରୁମରେ ବନ୍ଦୀ କରି ରଖିଥିଲେ।

କିଛିଦିନ ତଳେ ସନ୍ଧ୍ୟାରେ ଯୁବତୀ ଜଣକ ରୁମରେ ଥିବାବେଳେ ସଞ୍ଜୟ ଆସି ପହଞ୍ଚିଥିଲା। ରୁମ୍ ଭିତରକୁ ପଶି ଭିତର ପଟରୁ ଲକ୍ କରି ଦେଇଥିଲା। ଯୁବତୀଙ୍କୁ ମାଡ଼ ମାରିବା ସହ ଜୋରଜବରଦସ୍ତି ଦୁଷ୍କର୍ମ କରିଥିଲା। ଯୁବତୀ ଜଣକ ଚିତ୍କାର କରିଥିଲେ ମଧ ତାଙ୍କ କଥା ଶୁଣିବାକୁ କେହି ନଥିଲେ। ଦୁଷ୍କର୍ମ କରିବା ପରେ ସଞ୍ଜୟ ସେଠାରୁ ଚାଲି ଯାଇଥିଲା। କିଛି ସମୟପରେ ଜୟାର ଭାଇ ଆସି ରୁମରେ ପହଞ୍ଚିଥିଲା। ସେ ମଧ ଭିତର ପଟରୁ କବାଟ ଦେଇ ଯୁବତୀଙ୍କୁ ଦୁଷ୍କର୍ମ କରିଥିଲା। ଦୁଷ୍କର୍ମର ଶିକାର ହେବାପରେ ଯୁବତୀ ଜଣକ ଖସିବାକୁ ଉଦ୍ୟମ କରିଥିଲେ। କିନ୍ତୁ ସଞ୍ଜୟ ଓ ତା'ର ପ୍ରେମିକା ଜୟା ଓ ଜୟାର ଭାଇ ମିଶି ତାଙ୍କୁ ମାରପିଟ୍ କରିବା ସହ ଯିବାକୁ ଦେଇ ନଥିଲେ।

ବୁଧବାର ଅପରାହ୍ନରେ ଯୁବତୀ ଜଣକ କୌଣସି ମତେ ହୋଟେଲରୁ ଖସି ଆସିଥିଲେ। ଖଣ୍ଡଗିରି ଥାନାକୁ ଯାଇ ଘଟଣା ସଂପର୍କରେ ଏତଲା ଦେଇଥିଲେ। ସଞ୍ଜୟ, ତା'ର ପ୍ରେମିକା ଜୟା ଓ ଜୟାର ଭାଇ ମିଶି ୧୦ରୁ ଅଧିକ ଯୁବତୀଙ୍କୁ ରଖି ଦେହ ବ୍ୟବସାୟରେ ଲଗାଯାଇଥିବା ସେ ଅଭିଯୋଗ କରିଛନ୍ତି। ପୁଲିସ ତାଙ୍କ ଅଭିଯୋଗ କ୍ରମେ ମାମଲା ରୁଜୁ କରିବା ସହ ଜାଗମରାସ୍ଥିତ ହୋଟେଲ ସୃତିରେ ଚଢ଼ଉ କରିଥିଲା। ସେଠାରୁ ସଞ୍ଜୟ, ଜୟା ଓ ଜୟାର ଭାଇକୁ ଥାନାକୁ ଉଠାଇ ଆଣିଥିଲା। ସେମାନଙ୍କ ଠାରୁ ମୋବାଇଲ ଫୋନ୍ ଜବତ କରିବା ସହ ଅଟକ ରଖି ପଚରାଉଚରା ଚଳାଇଛି। ମୋବାଇଲ୍ ଫୋନରୁ ଓଡ଼ିଆ ସମେତ ବଙ୍ଗୀୟ ଯୁବତୀଙ୍କ ଫଟୋ ମିଳିଛି।

# ନୀଳାଦ୍ରି ଆଧ୍ୟାତ୍ମିକ ଟ୍ରଷ୍ଟର ଭକ୍ତିମୟ ସନ୍ଧ୍ୟା

**ଭୁବନେଶ୍ୱର (ପିପିଏସ୍) :** ଶ୍ରୀଜଗନ୍ନାଥ ଚେତନା ଭିତ୍ତିକ ନୀଳାଦ୍ରି ଆଧ୍ୟୀକ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ଦାରୁବ୍ରହ୍ମଙ୍କ ଲୀଳା ମଧୁରୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବୁଦ୍ଧ ମନ୍ଦିର ସଭାକକ୍ଷଠାରେ ମଙ୍ଗଳବାର ଆୟୋଜିତ ଏହି କାର୍ଯ୍ୟକ୍ରମରେ ଟ୍ରଷ୍ଟର ସଭାପତି ଦଇତାସେବକ ରାମଚନ୍ଦ୍ର ଦାସ ମହାପାତ୍ରଙ୍କ ସଭାପତିତ୍ୱ କରିଥିବା ବେଳେ ପ୍ରବକ୍ତା ଡଃ କୃଷ୍ଣକେଶବ ଷଡ଼ଙ୍ଗୀ ଯୋଗ ଦେଇଥିଲେ। ଅନୁଷ୍ଠିତ 'ଶ୍ରୀଜଗନ୍ନାଥ ଓ ଶ୍ରୀକୃଷ୍ଣ' ଶୀର୍ଷକ ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମର ବିଶଦ ବିବରଣୀ ସାଧାରଣ ସମ୍ପାଦକ ନନ୍ଦକିଶୋର ଜେନା ଉପସ୍ଥାପନ କରିଥିଲେ। ରାଧାବଲ୍ଲଭ ମଠର ମଠାଧୀଶ ମହନ୍ତ ରାମକୃଷ୍ଣ ଦାସ ମହାରାଜ ମୁଖ୍ୟଅତିଥିଭାବରେ ଆଶୀର୍ବଚନ ପ୍ରଦାନ କରିଥିଲେ। ଏହି ଅବସରରେ କାର୍ଯ୍ୟକାରୀ ସଭାପତି ଡକ୍ଟର ଭାସ୍କର ମିଶ୍ର ଓ ସଂଗଠନ ସମ୍ପାଦକ ବରିଷ୍ଠ ସେବକ ବିଶ୍ୱନାଥ ସାମନ୍ତରା ପ୍ରମୁଖ ମତ ଦେଇଥିଲେ। କାର୍ଯ୍ୟକ୍ରମକୁ ଟ୍ରଷ୍ଟର ସଭ୍ୟା ସୁମିତ୍ରା ଜେନାଙ୍କ ସହ ସଦସ୍ୟ ବିଜୟ କୁମାର ପାତ୍ର ପ୍ରମୁଖ ପରିଚାଳନା କରିଥିଲେ। ପରିଶେଷରେ ସହସମ୍ପାଦକ ରବି ରାୟ ଧନ୍ୟବାଦ ଅର୍ପଣ କରିଥିଲେ।

# ପେସାଦାର ଚୋର ୧୦ ମାସ ଜେଲ୍

**ଭୁବନେଶ୍ୱର (ପିପିଏସ୍):** ଧଉଳି ଥାନା ଅଞ୍ଚଳରେ ଘଟିଥିବା ଏକ ଚୋରି ମାମଲାର ରାୟ ପ୍ରକାଶ ପାଇଛି। ଭୁବନେଶ୍ୱର ସ୍ଥିତ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ-୫ ର ବିଚାରପତି ଇତିଶ୍ରୀ ମହାପାତ୍ର ଏହି ମାମଲାର ବିଚାରକରି ନିଲୁ ବେହେରା ଓରଫ୍ ବାଜାକୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଦୋଷୀଙ୍କୁ ଦଣ୍ଡ ଦେବା କ୍ଷେତ୍ରରେ ଭୁବନେଶ୍ୱର ସହରାଞ୍ଚଳ ପୁଲିସ ଜିଲ୍ଲାର ଏହା ୧୦୦ ତମ ମାମଲା। ପୁଲିସ ସୂଚନାନୁଯାୟୀ, ଶିଶୁପାଳଗଡ଼ର ସର୍ବେଶ୍ୱର ମାଝି ଗତ ମାର୍ଚ୍ଚ ୧୮ ତାରିଖ ଦିନ ପତ୍ନୀଙ୍କ ସହ ମିଶି ଓଲ୍ଡ ଟାଉନ ଅଞ୍ଚଳରେ ଥିବା ଭାଇଙ୍କ ଘରକୁ ଯାଇଥିଲେ ଓ ସେହିଦିନ ରାତିରେ ସେହିଠାରେ ରହିଯାଇଥିଲେ। କେହି ନଥିବାର ସୁଯୋଗ ନେଇ ଅଭିଯୁକ୍ତ ନିଲୁ ବିଳମ୍ବିତ ରାତିରେ ଘରର ତାଲା ଭାଙ୍ଗି ଭିତରେ ପଶିବା ସହ ଭିତରେ ଲାଗିଥିବା ଏକ ଏଲ୍ଇଡି ଟିଭି, ଦୁଇଟି ମ୍ୟୁଜିକ ବକ୍ସ, ଦୁଇଟି ଗ୍ରାଇଣ୍ଡର, ଦୁଇଟି ଷ୍ଟାଣ୍ଡ ଫ୍ୟାନ, ଗୋଟିଏ ମୋଟର



ପାଣିପମ୍ପ ଓ ନଗଦ ୧୫ ହଜାର ଟଙ୍କା ଚୋରି କରି ନେଇଥିଲା। ଘରୁ ଚୋରି ହୋଇଥିବା ଜାଣିବା ପରେ ପରଦିନ ସର୍ବେଶ୍ୱର ଥାନାରେ ଏତଲା ଦେଇଥିଲେ। ତାଙ୍କ ଅଭିଯୋଗ କ୍ରମେ ଧଉଳି ଥାନା ପୁଲିସ କେସ୍ ନଂ -୬୦/୨୬ ରେ ମାମଲା ରୁଜୁ କରିଥିଲା। ସବ୍-ଇନ୍ସପେକ୍ଟର ଶ୍ରୀ ବିଭୁ ନାରାୟଣ ସାହୁ ଘଟଣାର ତଦନ୍ତ କରି ନିଲୁକୁ ଗିରଫ କରିବା ସହ ଚାର୍ଜସିଟ୍ ଦାଖଲ କରିଥିଲେ। ନିଲୁ ନାମରେ ପୂର୍ବରୁ ମଧ ଧଉଳି ଥାନାରେ ୭ଗୋଟି ଅପରାଧିକ ମାମଲା ରହିଥିବା ତଦନ୍ତ ବେଳେ ଜଣାପଡ଼ିଥିଲା। ଅଦାଲତ ଘଟଣା ସହିତ ସଂପୃକ୍ତ ୬ ଜଣ ସାକ୍ଷୀଙ୍କ ଜମାନବନ୍ଦୀ ଓ ପ୍ରାସଙ୍ଗିକ ଦଲିଲପତ୍ର ଆଧାରରେ ନିଲୁକୁ ବିଏନ୍ଏସ୍ ଧାରା-୩୩୧(୪) ଓ ୩୦୫ (କ) ଆଧାରରେ ଦୋଷୀ ସାବ୍ୟସ୍ତ କରିବା ସହ ୧୦ ମାସର କାରାଦଣ୍ଡ ଆଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ସହକାରୀ ପବ୍ଲିକ ପ୍ରୋସିକ୍ୟୁଟର ରାଜଲକ୍ଷ୍ମୀ ନାୟକ ଏହି ମାମଲାକୁ ପରିଚାଳନା କରିଥିଲେ।

# ଜାଲିଆତି କରିବା ଅଭିଯୋଗରେ ଜଣେ ଗିରଫ

**ଭୁବନେଶ୍ୱର (ପିପିଏସ୍):** ବାଣିଜ୍ୟିକ କାରକୁ ଘରୋଇ କରିବା ନାଁରେ ଠକେଇ କରିଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ସହିଦନଗର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଭଗବାନପୁରର ହୃଦପ୍ରସାଦ ସାହୁ ଓରଫ୍ ରିଙ୍କୁ (୩୧)। ପୁଲିସ କହିବା ଅନୁସାରେ, ରିଙ୍କୁ ପୂର୍ବରୁ ଆରଟିଓ ଅଫିସ୍ ନିକଟରେ ଏକ କ୍ୟାବିନ୍ କରି ଲୋକଙ୍କର ବିଭିନ୍ନ କାମ କରାଇଦେଉଥିଲା। ପ୍ରତାପ କୁମାର ରାଉତ ନିଜ ଝିଅଙ୍କ କାରକୁ ବାଣିଜ୍ୟିକରୁ ଘରୋଇକୁ ବଦଳାଇବା ପାଇଁ ରିଙ୍କୁକୁ ଅନୁରୋଧ କରିଥିଲେ। ଏହାସହିତ ନିଜ ପୁଅଙ୍କ ବ୍ୟାଙ୍କ ଖାତାରୁ ରିଙ୍କୁ ୟୁପିଆଇକୁ ବିଭିନ୍ନ ପର୍ଯ୍ୟାୟରେ ମୋଟ ୨୮ ହଜାର ୪୦୦ ଟଙ୍କା ପଠାଇଥିଲେ। ମାତ୍ର ଟଙ୍କା ନେବା ପରେ ରିଙ୍କୁ କାମ ନକରି ଫେରାର ହୋଇଯାଇଥିଲା। ଏନେଇ ପ୍ରତାପ ସହିଦନଗର ଥାନାରେ ଏତଲା ଦେବାପରେ ପୁଲିସ ମାମଲା ରୁଜୁ କରିଥିଲା। ରିଙ୍କୁ ସ୍ଥାନୀୟ ଅଞ୍ଚଳରେ ପ୍ରାୟ ୩୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ଠାରୁ କାମ କରାଇଦେବା ବାହାନାରେ ପ୍ରାୟ ୨/୩ ଲକ୍ଷ ଟଙ୍କା ଠକି ନେଇଥିବା ତଦନ୍ତ ବେଳେ ଜଣାପଡ଼ିଥିଲା। ମଙ୍ଗଳବାର ରାତିରେ ଜଟଣୀ ଅଞ୍ଚଳରେ ଚଢ଼ଉ କରି ରିଙ୍କୁକୁ ଗିରଫ କରିଥିବା ବେଳେ ଆଜି କୋର୍ଟ ଚାଲାଣ କରିଛି। ଗୋଟିଏ ବାଇକ୍, ମୋବାଇଲ୍ ଓ ପ୍ରତାପଙ୍କ ଝିଅଙ୍କ ଗାଡ଼ିର କାଗଜପତ୍ର ଜବତ କରିଛି।



# ପୃଥକ ସଡ଼କ ଦୁର୍ଘଟଣାରେ ୩ ଗୁରୁତର

**ଭୁବନେଶ୍ୱର (ପିପିଏସ୍):** ପୃଥକ ପୃଥକ ସଡକ ଦୁର୍ଘଟଣାରେ ୩ ଜଣ ଗୁରୁତର ଆହତ ହୋଇଛନ୍ତି। ଗୋଟିଏ ଗତକାଲି ରାତିରେ ବାଳକାଟି ଫାଣ୍ଡି ଅଧିନ ଭାର୍ଗବୀ ସେତୁ ଉପରେ ବାଇକ ଓ ସ୍କୁଟି ମଧ୍ୟରେ ଦୁର୍ଘଟଣା ହୋଇଥିବା ବେଳେ ଅନ୍ୟଟି ଆଜି ସନ୍ଧ୍ୟାରେ ଭୁବନେଶ୍ୱର-ପୁରୀ ଜାତୀୟ ରାଜପଥରେ ଗୁଡିଆପୋଖରୀ ନିକଟରେ ଦୁର୍ଘଟଣା ହୋଇଛି। ସେମାନଙ୍କ ମଧ୍ୟରୁ ଜଣଙ୍କ ପରିଚୟ ମିଳିଥିବା ବେଳେ ଅନ୍ୟ ୨ ଜଣଙ୍କ ପରିଚୟ ମିଳିପାରିନାହିଁ। ଖବରନେବାରେ ଜଣାପଡିଛି ଗତକାଲି ରାତି ପ୍ରାୟ ସାଢେ ୧ ଟାରେ ଭାର୍ଗବୀ ସେତୁ ଉପରେ ଏକ ମୋଟର ସାଇକଲ ଭୁବନେଶ୍ୱରରୁ ବାଲିପାଟଣା ଅଭିମୁଖେ ଯାଉଥିବା ବେଳେ ବାଳକାଟିରୁ ଉତ୍ତରା ଯାଉଥିବା ଏକ ସ୍କୁଟିସହ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଉଭୟ ରାସ୍ତାରେ ଛିଟିକି ପଡ଼ିଥିବା ବେଳେ ୨ ଟି ବାଇକ ଭାଙ୍ଗିରୁଜି ଯାଇଥିଲା। ସ୍କୁଟି ଚାଳକ ବାଳକାଟି ଅଞ୍ଚଳର ରୋହନ ସାହୁ ହୋଇଥିବା ବେଳେ ବାଇକ ଚାଳକଙ୍କ ପରିଚୟ ମିଳିପାରିନାହିଁ। ଉଭୟଙ୍କୁ ଉଦ୍ଧାର କରି ରାତ୍ରୀ ପଇଁତରା ଗାଡି ପ୍ରଥମେ ବାଳକାଟି ଗୋଷ୍ଠୀସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଅବସ୍ଥା ଗୁରୁତର ହେବାରୁ ଉଭୟଙ୍କୁ ରାଜଧାନୀ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ଖବରପାଇ ଫାଣ୍ଡି ପୁଲିସ ଦୁର୍ଘଟଣା ଗ୍ରସ୍ତ ଗାଡିକୁ ଜବତ କରି ତଦନ୍ତ ଚଳାଇଛି। ସେହିପରି ଆଜି ଅପରାହ୍ନ ପ୍ରାୟ ୫ ଟାରେ ଭୁବନେଶ୍ୱରରୁ ପୁରୀ ଯାଉଥିବା ପଦ୍ମାବତୀ ନାମକ ଏକ ବସ କୌଶଲ୍ୟାଗଙ୍ଗ ଫାଣ୍ଡି ଅଧିନ ଗୁଡିଆପୋଖରୀ ନିକଟରେ ଜଣେ ଯୁବକଙ୍କୁ ଧକ୍କା ଦେଇଥିଲା। ଯୁବକ ଜଣଙ୍କ ରାସ୍ତା ପାରି ହେଉଥିବା ବେଳେ ଏଭଳି ଘଟଣା ଘଟିଥିଲା। ଯୁବକଙ୍କ ଗୋଡ଼ରେ ଗଭୀର ଆଘାତ ଲାଗିଛି। ଖବରପାଇ ଫାଣ୍ଡି ପୁଲିସ ଘଟଣାସ୍ଥଳରେ ପହଞ୍ଚି ଆହତ ଯୁବକଙ୍କୁ ଚିକିତ୍ସା ନିମନ୍ତେ ସ୍ୱାସ୍ଥ୍ୟକେନ୍ଦ୍ର ପଠାଇଥିବା ବେଳେ ଦୁର୍ଘଟଣା ଘଟାଇଥିବା ବସକୁ ଜବତ କରି ତଦନ୍ତ ଚଳାଇଛି।

# ମିଳିଲା ନିଖୋଜ ଯୁବକଙ୍କ ମୃତଦେହ

**ଭୁବନେଶ୍ୱର (ପିପିଏସ୍) :** ଟଙ୍କପାଣି ବ୍ରିଜ୍‌ରୁ କୁଆଖାଇ ନଦୀକୁ ଡେଇଁ ନିଖୋଜ ହୋଇଥିବା ଯୁବକଙ୍କ ମୃତଦେହ ଠାବ ହୋଇଛି। ୩୬ ଘଣ୍ଟାର ସର୍ଚ୍ଚ ଅପରେସନ୍ ପରେ ଲିଙ୍ଗିପୁର ନିକଟସ୍ଥ ପଠାରୁ ମୃତଦେହକୁ ଠାବ କରାଯାଇଛି। ମୃତକ ହେଉଛନ୍ତି ପୁରୁଣା ଭୁବନେଶ୍ୱର ହରଚଣ୍ଡୀ ସାହିର ସଞ୍ଜୟ ସାଇଁ (୪୦)। ସୂଚନାନୁସାରେ, ହରଚଣ୍ଡୀ ସାହିର ସଞ୍ଜୟ ଅଟୋ ଚଳାଇ ପରିବାର ପୋଷଣ କରନ୍ତି। ଗତ ସୋମବାର ରାତି ପ୍ରାୟ ୧୦ଟା ପରେ ସଞ୍ଜୟ ଟଙ୍କପାଣି ବ୍ରିଜ୍ ଉପରକୁ ଆସିଥିଲେ।



ଘଟଣାସ୍ଥଳରେ ପହଞ୍ଚି ନଦୀରେ ଖୋଜାଖୋଜି ଆରମ୍ଭ କରିଥିଲା। ପ୍ରଥମ ଦିନରୁ ହିଁ ଅଗ୍ନିଶମ ବାହିନୀ ପକ୍ଷରୁ ନଦୀର ବିଭିନ୍ନ ସ୍ଥାନରେ ଖୋଜାଖୋଜି କରାଯାଇଥିଲା। କିନ୍ତୁ ନଦୀର ପ୍ରଖର ସ୍ରୋତ ଓ ରାତିର ସମୟ ଯୋଗୁଁ ଉଦ୍ଧାରକାର୍ଯ୍ୟରେ ସମସ୍ୟା ଉପୁଜିଥିଲା। ତଥାପି ସଞ୍ଜୟଙ୍କୁ ଖୋଜିବା ପାଇଁ ଅପରେସନ୍ ଜାରି ରହିଥିଲା। ବାଲିଅନ୍ତା ଫାୟାର ଷ୍ଟେସନ୍ ଅଫିସର ଗୋବିନ୍ଦ ଚନ୍ଦ୍ର ଜେନାଙ୍କ ନେତୃତ୍ୱରେ ଅଗ୍ନିଶମ ଓ ଓଡ୍ରାଫ୍ ଟିମ୍ ଦୁଇଦିନ ଧରି ସର୍ଚ୍ଚ ଅପରେସନ୍ ଚଳାଇଥିଲେ। ଶେଷରେ ବୁଧବାର

ସମ୍ପର୍କୀୟଙ୍କୁ ଫୋନ୍ କରି ଆତ୍ମହତ୍ୟା କରୁଥିବା ନେଇ କହିଥିଲେ। ଏହାପରେ ନିଜ ଅଟୋକୁ ବ୍ରିଜ୍ ଉପରେ ରଖି କୁଆଖାଇ ନଦୀକୁ ଡେଇଁ ପଡ଼ିଥିଲେ। ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ସଞ୍ଜୟଙ୍କ ମୋବାଇଲ୍ ଓ ଚପଲ ମିଳିଥିଲା। ଘଟଣା ସମ୍ପର୍କରେ ଖବର ପାଇ ବାଲିଅନ୍ତା ଅଗ୍ନିଶମ ବାହିନୀ ତୁରନ୍ତ ଲିଙ୍ଗିପୁର ନଦୀ ପଠାରୁ ସଞ୍ଜୟଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ମୃତଦେହ ଉଦ୍ଧାର ପରେ ବାଲିଅନ୍ତା ପୁଲିସକୁ ହସ୍ତାନ୍ତର କରାଯାଇଛି। ପୁଲିସ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ତେବେ ସଞ୍ଜୟ କେଉଁ କାରଣରୁ ନଦୀକୁ ଡେଇଁଥିଲେ, ତାହା ଏଯାଏଁ ସ୍ପଷ୍ଟ ହୋଇନାହିଁ।

# ଗଞ୍ଜେଇ ବେପାରୀ ଗିରଫ

**ଭୁବନେଶ୍ୱର (ପିପିଏସ୍) :** ଖୋର୍ଦ୍ଧାରୁ ଭୁବନେଶ୍ୱରକୁ ଗଞ୍ଜେଇ ଚାଲାଣ କରୁଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ଚନ୍ଦ୍ରଶେଖରପୁର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଖୋର୍ଦ୍ଧା ଗୁରୁଜଙ୍ଗ ନନ୍ଦ ସାହିର ସନ୍ଦୀପ କୁମାର ନନ୍ଦ (୨୫)।

ପୁଲିସ ସୂଚନାନୁଯାୟୀ, ପଟିଆ ଅଞ୍ଚଳରେ ଗଞ୍ଜେଇ ଚାଲାଣ ହେଉଥିବା ନେଇ ଚନ୍ଦ୍ରଶେଖରପୁର ଥାନା ପୁଲିସ ଖବର ପାଇଥିଲା। ଥାନାର ସ୍ୱତନ୍ତ୍ର ଟିମ୍ ଷଣ୍ଢ ଛକରେ ଚଢ଼ଉ କରି ସନ୍ଦୀପକୁ ଅଟକାଇଥିଲା। ଯାଞ୍ଚ ସମୟରେ ତା' ଠାରୁ ୯ କିଲୋ ଗଞ୍ଜେଇ ଜବତ ହୋଇଥିଲା। ଏହାସହିତ ଗାଡ଼ି,



ମୋବାଇଲ ମଧ ଜବତ କରିଥିଲା ପୁଲିସ। ଏନେଇ ଚନ୍ଦ୍ରଶେଖରପୁର ଥାନା ପୁଲିସ ଏନଡିପିଏସ୍ ଆକ୍ଟରେ ମାମଲା ରୁଜୁ କରି ସନ୍ଦୀପକୁ କୋର୍ଟ ଚାଲାଣ କରିଛି।

# ଦୋକାନରୁ ମୋବାଇଲ୍ ନେଇଗଲା ଦୁର୍ବୃତ୍ତ

**ଭୁବନେଶ୍ୱର (ପିପିଏସ୍):** ସମିସ ରାଜଧାନୀ ଓ ଏହାର ଆଖପାଖ ଅଞ୍ଚଳରେ ଦିନକୁ ଦିନ ଅପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଇବାରେ ଲାଗିଛି, ବିଶେଷ କରି କଲେଜ୍ ଏରିଆରେ ନିଶାସକ୍ତ ଯୁବକ ଅତି ଚତୁରତାର ସହ ଲୁଟ୍ ପାଟ୍ କରୁଛନ୍ତି, ଏହିପରି ଏକ ଘଟଣା ଗତକାଲି ଇନ୍‌ଫୋଭ୍ୟାଲି ଥାନା ମଦନପୁର ଠାରେ ଅବସ୍ଥିତ ଘରୋଇ ଇଂଜିନିୟରିଂ କଲେଜ୍ ସମୁଖରେ ପାନ ଦୋକାନ ଦେଇଥିବା ଅଭିଯୋଗକାରୀ ରତିକାନ୍ତ ସ୍ୱାଇଁ ଲୁଟ୍ ର ସିକାର ହୋଇଛନ୍ତି, ଅଭିଯୋଗକାରୀ ଶ୍ରୀ ସ୍ୱାଇଁଙ୍କ ଲିଖିତ ଏତଲା ଆଧାରରେ ଗତକାଲି ସନ୍ଧ୍ୟା ୫ଟା ସମୟରେ ଦୋକାନରେ ଗ୍ରାହକ ଭିଡ଼ ଥିଲେ, ଗ୍ରାହକମାନେ ଅନ୍ ଲାଇନ୍‌ରେ ଟଙ୍କା ପୈଠ କରିଥିଲେ ସେତେବେଳେ ତାଙ୍କ ଫୋନଟି କୌଣସି ସାଉଣ୍ଡ ନ ହେବାରୁ ସଙ୍ଗେ ସଙ୍ଗେ ସେ ତାଙ୍କ ମୋବାଇଲ ଖୋଜା ଖୋଜି କରିଥିଲେ ଏବଂ ତାଙ୍କ ମୋବାଇଲ୍ ଆଉ ପାଇ ନ ଥିଲେ, ବହୁତ ଖୋଜା ଖୋଜି କଲା ପରେ ସେ ଜାଣିବାକୁ ପାଇଲେ ଯେ ଦୋକାନ ଭିତର ସୁଯୋଗ ନେଇ ଅତି ଚତୁରତାର ସସହ ତାଙ୍କ ଦାମି ମୋବାଇଲ୍ ଯାହାର ମୂଲ୍ୟ ୨୦ ହଜାର ଟଙ୍କା ଲୁଟ୍ ହୋଇଛି, ସେ ସଙ୍ଗେ ସଙ୍ଗେ ଇନ୍‌ଫୋଭ୍ୟାଲି ଥାନାରେ ଅଭିଯୋଗ କରିଥିଲେ।

# ଭୂଦାନ ଜମି ବିକ୍ରି କରି ବନ୍ଧା ହେଲା

**ଭୁବନେଶ୍ୱର (ପିପିଏସ୍):** ଭୂଦାନ ଜମି ବିକ୍ରି କରିଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ଭରତପୁର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଶ୍ୟାମପୁର ଭୋଇ ସାହିର ବିଚିତ୍ର ନାୟକ (୫୨)। ପୁଲିସ ସୂଚନାନୁଯାୟୀ, ବିଚିତ୍ର ବଡଗଡ ବ୍ରିଟକଲୋନୀର ସୁଦର୍ଶନ ପ୍ରଧାନଙ୍କୁ ଶ୍ୟାମପୁରରେ ୧୨୦୦ ବର୍ଗଫୁଟ ଜମି କିଣିବାକୁ ପ୍ରଲୋଭିତ କରିଥିଲା। ସୁଦର୍ଶନ ତା' କଥାକୁ ବିଶ୍ୱାସ କରି ବିଭିନ୍ନ ପର୍ଯ୍ୟାୟରେ ମୋଟ ଏକ ଲକ୍ଷ ୬୦ ହଜାର ଟଙ୍କା ଦେଇଥିଲେ। କିନ୍ତୁ ଟଙ୍କା ପାଇବା ପରେ ବିଚିତ୍ର ତାଙ୍କୁ ଆଉ ଜମି ଦେଇନଥିଲେ କି ଟଙ୍କା ମଧ



ଫେରସ୍ତ କରିନଥିଲେ। ବାରମ୍ବାର ଟଙ୍କା ଫେରସ୍ତ ଓ ଜମି ମାଗିବାରୁ ଅଭିଯୁକ୍ତ ବିଚିତ୍ର ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ସୁଦର୍ଶନଙ୍କ ଅଭିଯୋଗ କ୍ରମେ ଭରତପୁର ଥାନା ପୁଲିସ ମାମଲା ରୁଜୁ କରିଥିଲା। ବୁଧବାର ବିଚିତ୍ରକୁ ଗିରଫ କରି କୋର୍ଟ ଚାଲାଣ କରିଛି। ବିଚିତ୍ର ନାମରେ ପୂର୍ବରୁ ମଧ ଭରତପୁର ଥାନାରେ ୫ଟି ଠକେଇ ମାମଲା ରହିଛି।

# ରାଜଧାନୀ କଲେଜରେ ଦୁଇ ଛାତ୍ର ଗୋଷ୍ଠୀ ସଂଘର୍ଷ

**ଭୁବନେଶ୍ୱର (ପିପିଏସ୍):** ଭୁବନେଶ୍ୱର ରାଜଧାନୀ କଲେଜରେ ଛାତ୍ର ଅଶାନ୍ତି ଦେଖିବାକୁ ମିଳିଛି। ଗତକାଲି ଦୁଇ ଛାତ୍ର ଗୋଷ୍ଠୀ ମଧ୍ୟରେ ରକ୍ତାକ୍ତ ସଂଘର୍ଷ ଘଟିଥିବାବେଳେ ଦୁଇଟି ପୃଥକ ମାମଲା ରୁଜୁ ହୋଇଛି। କଲେଜ ସାଇକଲ ଷ୍ଟାଣ୍ଡ ନିକଟରେ ଦୁଇ ଛାତ୍ରଙ୍କୁ ଅନ୍ୟ ଏକ ଗୋଷ୍ଠୀର କିଛି ଛାତ୍ର ଓ ଅଣଛାତ୍ର ଧମକଚମକ ଦେବା ପରେ ବିବାଦ ଉଗ୍ରରୂପ ନେଇଥିଲା। ଏହାପରେ ଉଭୟ ପକ୍ଷ ମଧ୍ୟରେ ମାରପିଟ ହୋଇଥିଲା। ଆକ୍ରମଣରେ ଦୁଇ ଛାତ୍ର ଆହତ ହେବା ପରେ ଉଭୟ ପକ୍ଷ ଖଣ୍ଡଗିରି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଦୁଇଟି ମାମଲା ରୁଜୁ କରି ପୁଲିସ ଘଟଣାର ତଦନ୍ତ ଜାରି ରଖିଥିବା ବେଳେ ପରିସ୍ଥିତି ନିୟନ୍ତ୍ରଣାଧୀନ ରହିଥିବା ଖଣ୍ଡଗିରି ଥାନା ଅଧିକାରୀ ସୂଚନା ଦେଇଛନ୍ତି।

ଅଭିଯୋଗ ଅନୁଯାୟୀ, ଆଜି ଦୁଇ ଜଣ ଛାତ୍ର ସାଇକଲ ଷ୍ଟାଣ୍ଡରେ ବସିଥିବା ବେଳେ ପ୍ରାୟ ୪ ଜଣ ଯୁବକ ସେଠାରେ ପହଞ୍ଚିଥିଲେ। କଲେଜରେ ଅଧିକ ରାଜନୀତି କରୁଥିବା କହି ସେମାନଙ୍କୁ ଗାଳିଗୁଲଜ କରିଥିଲେ। ଏହାକୁ ଛାତ୍ର ଦ୍ୱୟ ବିରୋଧ କରିବାରୁ କଥା କଟାକଟି ହୋଇଥିଲା। ପରେ ଯୁବକମାନେ ମାରଣାସ୍ତ୍ରରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। କିଛି ଦିନ ହେବ କଲେଜରେ ଦୁଇ



ଛାତ୍ର ଗୋଷ୍ଠୀ ମଧ୍ୟରେ ବିବାଦ ଲାଗି ରହିଛି। କଲେଜ ପରିସରରେ ଅସାମାଜିକ ତତ୍ତ୍ୱଙ୍କ ପ୍ରବେଶ ରୋକିବା ଓ ସୁରକ୍ଷା ବଢ଼ାଇବା ଦାବିରେ ଗୋଟିଏ ଛାତ୍ର ଗୋଷ୍ଠୀ ସିସିଟିଭି ଲଗାଇବାକୁ ଦାବି କରି ଆସୁଛି। ଏ ନେଇ ଅଗଷ୍ଟ ୯ ତାରିଖରେ ଅଧକ୍ଷଙ୍କୁ ଦାବିପତ୍ର ଦିଆଯାଇଥିଲା। ସିସିଟିଭି ଲଗାଇବାରେ ବିଳମ୍ବକୁ ନେଇ କିଛି ଛାତ୍ର କଲେଜ ଗେଟ୍ ବନ୍ଦ କରି ଟାୟାର ଜାଳି ବିକ୍ଷୋଭ କରିଥିଲେ। ଏହାକୁ ଅନ୍ୟ ଗୋଷ୍ଠୀ ବିରୋଧ କରିବାରୁ ଉଭୟ ପକ୍ଷ ମୁହାଁମୁହିଁ ହୋଇଥିଲେ। କଲେଜରେ ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ବିବାଦ ଲାଗି ରହିଥିବାରୁ ଛାତ୍ରଛାତ୍ରୀ ଭୟଭୀତ ହୋଇପଡ଼ିଛନ୍ତି।

# କେଦାରନାଥ ମନ୍ଦିର ତୋରଣରେ ବିରାଜିବେ ଗଜାନନ

**ଭୁବନେଶ୍ୱର (ପିପିଏସ୍):** ପଟିଆ ଗ୍ରାମର ମୁରବି ତଥା ପୂର୍ବତନ କାଉନସିଲର ସ୍ୱର୍ଗତ ସୀତାନାଥ ଜେନାଙ୍କ ସ୍ମୃତି ଉଦ୍ଦେଶ୍ୟରେ ଗଢି ଉଠିଥିବା ସୀତାନାଥ ଶିଶୁବିହାର ୟୁଥ ୱେଲଫେୟାର ଆସୋସିଏସନ୍ ପକ୍ଷରୁ ଚଳିତବର୍ଷ ପ୍ରଥମ ଥର ପାଇଁ ଗଣେଶ ପୂଜା ଆୟୋଜିତ ହେବାକୁ ଯାଉଛି। ଏହି ଉପଲକ୍ଷେ ସୀତାନାଥ ଶିଶୁବିହାର ୟୁଥ ୱେଲଫେୟାର ଆସୋସିଏସନ୍ ପକ୍ଷରୁ ପଟିଆ-ଇନ୍‌ଫୋସିଟି ରାସ୍ତାର ଶିଶୁବିହାର ଛକ ସମ୍ମୁଖରେ ଅନୁଷ୍ଠିତ ହେବ ଗଣେଶ ପୂଜା। ଭାରତର ପ୍ରସିଦ୍ଧ ଶୈବପୀଠ କେଦାରନାଥ ମନ୍ଦିର ସଦୃଶ ୭୦ଫୁଟ ଉଚ୍ଚତା ବିଶିଷ୍ଟ ତୋରଣରେ ବିରାଜିବେ ୧୨ଫୁଟ୍ ଉଚ୍ଚତା ବିଶିଷ୍ଟ ବିଘ୍ନବିନାଶକ ପ୍ରଭୁ ଶ୍ରୀ ଗଜାନନ। ଅଖା ଓ ପ୍ଲାଷ୍ଟର ପ୍ୟାରିସରେ ପାହାଡ ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ ମୂର୍ତ୍ତି ଗଢ଼ାରେ ବାରଙ୍ଗ ଗୋଡିସାହିର କାରିଗରମାନେ ଲାଗିପଡ଼ିଛନ୍ତି। ପୂଜାରେ ସାଜସଜ୍ଜାକୁ ଗୁରୁତ୍ୱ ଦିଆଯାଇଥିବା ବେଳେ ପଟିଆ-ଇନଫୋସିଟି ରାସ୍ତା, ପଟିଆ ଛକରୁ ଶିଶୁବିହାର ପର୍ଯ୍ୟନ୍ତ ରାସ୍ତାକୁ ଆଲୋକ ମାଳାରେ ସଜାଯିବା ସାଙ୍ଗକୁ ଏଲ୍ଇଡି ଲାଇଟ୍ ଲଗାଯିବ ଏବଂ କ୍ରିଷ୍ଟାଲ କ୍ରାଉନ୍ ପାଖରେ ଆଲୋକ ସଜ୍ଜିତ ବିରାଟକାୟ ଚାଇନା ଗେଟ୍ ପୂଜାର ଅନ୍ୟତମ ଆକର୍ଷଣ ପାଲଟିବ। ଏହି ଉପଲକ୍ଷେ ୨ଦିନ ଧରି ଭଜନ ମସାରୋହ ସହ ଗୋଟିଏ ଦିନ ଅନାଥ ପିଲାମାନଙ୍କୁ ଭୋଜନ ଏବଂ ୪ ହଜାର ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି। ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା ସହ ସୁରକ୍ଷାକୁ କଡାକଡି କରାଯିବ। ୧୮ ତାରିଖରେ ପାରମ୍ପରିକ ବାଦ୍ୟରେ ଭସାଣି ଉତ୍ସବ କରାଯିବ ବୋଲି ଆସୋସିଏସନ୍ ପକ୍ଷରୁ ଆୟୋଜିତ ବୈଠକରେ କୁହାଯାଇଛି। ଏହି ବୈଠକରେ ସଭାପତି ତଥାଗତ ବେଉରା, କାର୍ଯ୍ୟକାରୀ ସଭାପତି ସୂର୍ଯ୍ୟ ପ୍ରକାଶ, ସାଧାରଣ ସମ୍ପାଦକ ସଚ୍ଚିଦାନନ୍ଦ ବରିକ, ସମ୍ପାଦକ ଶୁଭାଶିଷ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ଆଗକୁ ଗଣେଶ ପୂଜା: ବିକ୍ରି ହେଲାଣି ମୂର୍ତ୍ତି, ଦର ୨ ଶହରୁ ୫୦ ହଜାର

**ଭୁବନେଶ୍ୱର (ପିପିଏସ୍):** ଆଉ ମାତ୍ର ଦିନ କେଇଟା ପରେ ଗଣେଶ ପୂଜା। ଏଥିପାଇଁ ସବୁଠି ଚାଲିଛି ପ୍ରସ୍ତୁତି। ମୂର୍ତ୍ତି ତିଆରି କାମରେ ଲାଗିଛନ୍ତି କାରିଗର। ଏଥିସହିତ ବିଭିନ୍ନ ପୂଜା ମଣ୍ଡପରେ ମଧ୍ୟ ପୂଜା ପାଇଁ ଯୋରଦାର ପ୍ରସ୍ତୁତି ଚାଲିଛି। ହେଲେ ଏବେ ପୂଜା ପାଇଁ ମୂର୍ତ୍ତିର ଉଚ୍ଚତାକୁ ମଧ୍ୟ ମଣ୍ଡପ ଗୁଡିକରେ ଗୁରୁତ୍ୱ ଦେଉଥିବା ପରିଲକ୍ଷିତ ହେଉଛି। କେଉଁଠି ୫ ଫୁଟ୍ ତ କେଉଁଠି ୫୦ ଫୁଟର ମୂର୍ତ୍ତି ନିର୍ମାଣ ଚାଲିଛି। ବଜାରରେ ମଧ୍ୟ ପାଞ୍ଚ ଶହ ଟଙ୍କାରୁ ଆରମ୍ଭକରି ପଚାଶ ହଜାର ଯାଏଁ ମୂର୍ତ୍ତି ବିକ୍ରି ହେଉଛି। ଦିନ କେଇଟା ରହିଲା ବିଦ୍ୟାଦାତା ପ୍ରଭୁ ଶ୍ରୀଗଣେଶଙ୍କ ପୂଜା। ସେଥିପାଇଁ ତିଆରି ଚାଲିଛି ଭଳିକି ଭଳି ଗଣେଶ ମୂର୍ତ୍ତି। ତେବେ ଏ ଉତ୍ସାହ ମୂର୍ତ୍ତି କାରିଗରଙ୍କଠାରୁ ନେଇ, ଆୟୋଜକମନଙ୍କ ଭିତରେ ଖେଳି ଯାଇଛି। ହେଲେ ଏବେ ମୂର୍ତ୍ତିର ଉଚ୍ଚତାକୁ ନେଇ ମଧ୍ୟ ସବୁଠି ଚାଲିଛି ପ୍ରତିଯୋଗିତା। ଆକର୍ଷଣୀୟ ମୂର୍ତ୍ତି ପାଇଁ କାରିଗରମାନେ କାମରେ ଲାଗିଛନ୍ତି। ରାସ୍ତା କଡରେ ଛୋଟରୁ ବଡ ସବୁ ଉଚ୍ଚତାର ମୂର୍ତ୍ତି ସଜେଇ ହୋଇ ରହିଛି। ରାଜଧାନୀରେ ମଣ୍ଡପ ମଣ୍ଡପ ମଧ୍ୟରେ ଉଚ୍ଚତାର ପ୍ରତିଯୋଗିତା ପାଇଁ, କିଏ ୫୦ ଫୁଟ୍ ତ କିଏ ୬୦ ଫୁଟ ଉଚ୍ଚତାର ମୂର୍ତ୍ତି ତିଆରି କରୁଛନ୍ତି। ଆଗଭଳି ମୂର୍ତ୍ତି ପାଇଁ ମାଟି ମିଳୁ ନାହିଁ, ତଥାପି ମୂର୍ତ୍ତିର ଉଚ୍ଚତା ଏବେ ପ୍ରତିଯୋଗିତା ପାଲଟିଛି। ରାଜାଧାନୀର ପ୍ରମୁଖ ବଜାର ତଥା ଏକ ନଂ ହାଟ, କଲ୍ୟାଣ ମାର୍କେଟ, ସିଆରପି ଛକ, ଖଣ୍ଡଗିରିଠାରୁ



ଆରମ୍ଭ କରି ରସୁଲଗଡ ଯାଏଁ ସବୁଠି ମୂର୍ତ୍ତିର ପସରା ମେଲିଛି। ଉଚ୍ଚତା ଅନୁଯାୟୀ ମୂର୍ତ୍ତିର ମୂଲ୍ୟ ୫ ଶହ ଟଙ୍କାରୁ ପଚାଶ ହଜାର ଯାଏଁ ସେଠାରେ ବିକ୍ରି ହେଉଛି। ଏନେଇ ନୟାପଲ୍ଲୀସ୍ଥିତ ଜଣେ କାରିଗର କୁହନ୍ତି, ବର୍ତ୍ତମାନ ସମୟରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଉଚ୍ଚତାର ପ୍ରତିଯୋଗିତା ଯୋଗୁ ଏବେ ବଡ ବଡ ଉଚ୍ଚତାର ମୂର୍ତ୍ତି ତିଆରି କରିବାକୁ ପଡୁଛି। ଯାହାର ଯେତିକି ଉଚ୍ଚତା ସେହି ହିସାବରେ ତାର ମୂଲ୍ୟ ନିର୍ଦ୍ଧାରଣ ହୋଇଥାଏ। ମାଟିର ଅଭାବ ଯୋଗୁ ଏବେ ଆଗ ଅପେକ୍ଷା ତାର ମୂଲ୍ୟ ଅଧିକା ରହୁଛି। ବଡ ବଡ ଅନୁଷ୍ଠାନ ବ୍ୟତିତ ସ୍କୁଲ, କଲେଜ, କ୍ଲବ ଏବଂ କର୍ପୋରେଟ ହାଉସ ସମେତ ଘରେ ପୂଜା ପାଇଁ ମଧ୍ୟ ଅର୍ଡର ଆସିଛି। ଚଳିତ ବର୍ଷ ଅଧିକ ବିକ୍ରି ପାଇଁ ଆଶା ରହିଛି ବୋଲି ସେ କହିଥିଲେ।

# ବଡ଼ଗଡରେ ଓଡ଼ିଶାର ସବୁଠୁ ବଡ଼ ମୂର୍ତ୍ତି

ଐତିହାସିକ ବଡ଼ଗଡ଼ ଗଣେଶ ମହୋତ୍ସବରେ ଚଳିତ ବର୍ଷ ମହୋତ୍ସବର ମୁଖ୍ୟ ଆକର୍ଷଣ ହେବ ଓଡ଼ିଶାର ସର୍ବୋଚ୍ଚ ଗଣେଶ ମୂର୍ତ୍ତି। ବଡ଼ଗଡ଼ ଗ୍ରାମବାସୀ ବୃନ୍ଦ, ବ୍ରାଇଟ୍ ଷ୍ଟାର୍ ୟୁଥ୍ ଆସୋସିଏସନ୍ ଏବଂ ବଡ଼ଗଡ଼ ଗଣେଶ ମହୋତ୍ସବ କମିଟିର ମିଳିତ ଆନୁକୂଲ୍ୟରେ ଆୟୋଜିତ ହେବାକୁ ଥିବା ଏହି ମହୋତ୍ସବରେ ମହାରାଷ୍ଟ୍ରର ପ୍ରସିଦ୍ଧ ଲାଲ୍‌ବାଗ ଶୈଳୀରେ ନିର୍ମିତ ହେଉଥିବା ବିଶାଳ ମୂର୍ତ୍ତି ଆକର୍ଷଣ ପାଲଟିବ। ଯେଉଁଥିରେ ହୀରା ଖଚିତ ଚିତା, ରୂପା ପାଦୁକା ଏବଂ ରୂପାର ମୂଷିକ ବାହନ ରହିବ। ଏଥିସହ ୬୩ କିଲୋଗ୍ରାମ୍ ଓଜନର ବୁନ୍ଦିଆ ଲଡୁ ପ୍ରଭୁଙ୍କୁ ଭୋଗ ଭାବେ ଅର୍ପଣ କରାଯିବ। ଚଳିତ ବର୍ଷ ମୂର୍ତ୍ତି ନିର୍ମାଣରେ ପ୍ରାକୃତିକ ରଙ୍ଗ ବ୍ୟବହାର ସହ ସୋନପୁରର ବୁଣାକାର ଭଗବାନ ମେହେରଙ୍କ ଦ୍ୱାରା ପ୍ରସ୍ତୁତ ପ୍ରାୟ ୬୨ ହଜାର ଟଙ୍କା ମୂଲ୍ୟର ସ୍ୱତନ୍ତ୍ର ହସ୍ତବୁଣା ବସ୍ତ୍ର ମଧ ମହାପ୍ରଭୁଙ୍କୁ ପରିଧାନ କରାଯିବ। ୧୯୮୫ ମସିହାରୁ ଆରମ୍ଭ ହୋଇଥିବା ବଡ଼ଗଡ଼ ଗଣେଶ ନିଜର ବିଶେଷତ୍ୱ ପାଇଁ ପ୍ରତିବର୍ଷ ଚର୍ଚ୍ଚାରେ ରହିଆସୁଛି। ପ୍ରତିବର୍ଷ ଭଳି ଏଥର ଭକ୍ତମାନଙ୍କ ସୁବିଧା ପାଇଁ ପୁରୁଷ ଓ ମହିଳାଙ୍କ ପାଇଁ ପୃଥକ ଦର୍ଶନ ବ୍ୟବସ୍ଥା, ବୟସ୍କ ଓ ଦିବ୍ୟାଙ୍ଗଙ୍କ ପାଇଁ ହ୍ୱିଲଚେୟାର ଓ ବ୍ୟାଟେରିଚାଳିତ ଗାଡ଼ିର ବ୍ୟବସ୍ଥା, ଦୁଇଟି ପ୍ରମୁଖ ସ୍ଥାନରେ ପୁଲିସ କଣ୍ଟ୍ରୋଲ ରୁମ୍ ସହ ସିସିଟିଭି ବ୍ୟବସ୍ଥା ରହିବ। ମହୋତ୍ସବ



ଅବସରରେ ଜର୍ମାନ ହ୍ୟାଙ୍ଗର ପୂଜା ମଣ୍ଡପ, ମିନି ପାଗୋଡ଼ା, ୨୦୦ରୁ ଅଧିକ ବ୍ୟବସାୟିକ ଷ୍ଟଲ୍, ମିନି ମାର୍କେଟ୍ ଓ ମନୋରଞ୍ଜନ ବ୍ୟବସ୍ଥା ରହିବ। ବଡ଼ଗଡ଼ ଗ୍ରାମ ଛକରୁ କଳ୍ପନା ଛକ ପର୍ଯ୍ୟନ୍ତ ଆଲୋକସଜ୍ଜା କରାଯିବ। ପ୍ରତି ସନ୍ଧ୍ୟାରେ ପ୍ରତିଷ୍ଠିତ ଓଡ଼ିଆ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହେବା ସହ ୧୦ହଜାର ଭକ୍ତଙ୍କ ପାଇଁ ଆନନ୍ଦ ବଜାର ଅନୁଷ୍ଠିତ ହେବ।ବିଶାଳ ମୂର୍ତ୍ତିକୁ ଦୃଷ୍ଟିରେ ରଖି ବିସର୍ଜନ ବ୍ୟବସ୍ଥା ମଧ ସ୍ୱତନ୍ତ୍ର ଭାବେ କରାଯାଇଛି। ମଦମୁକ୍ତ ଓ ଡିଜେମୁକ୍ତ ବିସର୍ଜନ ଶୋଭାଯାତ୍ରା ଆୟୋଜନ କରାଯିବ ଏବଂ ପ୍ରାୟ ୧୦ଟି ଟ୍ୟାଙ୍କର ପାଣିରେ ମୁଖ୍ୟ ମୂର୍ତ୍ତିର ପାରମ୍ପରିକ ବିସର୍ଜନ କରାଯିବ ବୋଲି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଆସୋସିଏସନ୍ ତଥା ଗଣେଶ ମହୋତ୍ସବ କମିଟିର ସଭାପତି ସଂଗ୍ରାମ ମାର୍ଥା ସୂଚନା ଦେଇଛନ୍ତି।

# ହିମାଚଳରେ କଂଗ୍ରେସ୍‌କୁ ଝଟ୍‌କା



ଶିମଳା : ହିମାଚଳ ପ୍ରଦେଶର ଶିମଳା ଜିଲା ପରିଷଦ ନିର୍ବାଚନରେ କ୍ଷମତାସୀନ କଂଗ୍ରେସ ସରକାର ଏକ ବଡ଼ ଧରଣର ଝଟକା ପାଇଛି। ଭାରତୀୟ ଜନତା ପାର୍ଟି (ଭାଜପା) ପ୍ରଥମ ଥର ପାଇଁ ଅଧକ୍ଷ ଏବଂ ଉପ-ଅଧକ୍ଷ ପଦ ହାସଲ କରି ଇତିହାସ ସୃଷ୍ଟି କରିଛି। ଗୁରୁବାର 'ବଚତ ଭବନ'ରେ ଅନୁଷ୍ଠିତ ନିର୍ବାଚନରେ ଭାଜପା ସମର୍ଥିତ ଭୂପେନ୍ଦ୍ର ସିଂହ ସିସୋଦିଆ ଅଧକ୍ଷ ଏବଂ ଭରତ ସିଂହ କାଲାଣ୍ଟା ଉପ-ଅଧକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। ଅଧକ୍ଷ ପଦ ପାଇଁ ଭୂପେନ୍ଦ୍ର ସିଂହ ସିସୋଦିଆ ୧୩ଟି ଭୋଟ ପାଇଥିବାବେଳେ କଂଗ୍ରେସ ପ୍ରାର୍ଥୀ ସୁରେନ୍ଦ୍ର ରେଟକା ୧୦ଟି ଭୋଟ ପାଇଥିଲେ; ଦୁଇଟି ଭୋଟ ଅବୈଧ ଘୋଷିତ ହୋଇଥିଲା। ସେହିପରି, ଉପ-ଅଧକ୍ଷ ପଦ ପାଇଁ ଭରତ ସିଂହ କାଲାଣ୍ଟା ୧୪ଟି ଭୋଟ ପାଇଥିବାବେଳେ କଂଗ୍ରେସର ମୀନାକ୍ଷୀ ୧୦ଟି ଭୋଟ ପାଇଥିଲେ ଏବଂ ଗୋଟିଏ ଭୋଟ ଅବୈଧ ଘୋଷିତ ହୋଇଥିଲା।

ଉଲ୍ଲେଖନୀୟ ଯେ, ପ୍ରାୟ ୧୦୨ ଦିନର ଦୀର୍ଘ ଅପେକ୍ଷା ପରେ ଭାଜପା ଶିମଳା ଜିଲା ପରିଷଦ ଦଖଲ କରିବାରେ ସଫଳ ହୋଇଛି, ଯାହା ପୂର୍ବରୁ କଂଗ୍ରେସର ଗଡ଼ ବୋଲି ବିବେଚନା କରାଯାଉଥିଲା। ଏପର୍ଯ୍ୟନ୍ତ ଜିଲା ପରିଷଦ ଉପରେ କଂଗ୍ରେସର ପ୍ରାଧାନ୍ୟ ରହିଥିଲା। ୨୫ ସଦସ୍ୟ ବିଶିଷ୍ଟ ଏହି ପରିଷଦରେ ଭାଜପା କିମ୍ବା କଂଗ୍ରେସ କାହାରି ପାଖରେ ସ୍ପଷ୍ଟ ବହୁମତ ନଥିଲା ଏବଂ ଦୁଇଜଣ ସ୍ୱାଧୀନ ସଦସ୍ୟଙ୍କ ଭୂମିକା ନିର୍ଣ୍ଣାୟକ ବୋଲି ବିବେଚନା କରାଯାଉଥିଲା। ଏହି ବିଜୟ ପରେ ଭାଜପା ଶିମଳାରେ ଉତ୍ସବ ପାଳନ ଆରମ୍ଭ କରିଛି।

ଅନ୍ୟପକ୍ଷରେ, କ୍ଷମତାରେ ଥାଇ ମଧ୍ୟ କଂଗ୍ରେସର ଏହି ପରାଜୟକୁ ଏକ ଗୁରୁତ୍ୱପୂର୍ଣ୍ଣ ରାଜନୈତିକ ଝଟକା ଭାବେ ଦେଖାଯାଉଛି। ଶିମଳା ଜିଲାର ଆଠଜଣ ବିଧାୟକଙ୍କ ମଧ୍ୟରୁ ସାତଜଣ କଂଗ୍ରେସର ଅଟନ୍ତି ଏବଂ ରାଜ୍ୟ ସରକାରଙ୍କ ମନ୍ତ୍ରୀମଣ୍ଡଳରେ ଏହି ଜିଲାର ତିନିଜଣ କ୍ୟାବିନେଟ ମନ୍ତ୍ରୀ ସାମିଲ ଅଛନ୍ତି। ଏହା ସତ୍ତ୍ୱେ, ଜିଲା ପରିଷଦ ଅଧକ୍ଷ ଏବଂ ଉପ-ଅଧକ୍ଷ ଉଭୟ ପଦ ଭାଜପା ହାତକୁ ଯିବା ଘଟଣା ରାଜ୍ୟ ରାଜନୀତିରେ ଏହି ଫଳାଫଳକୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କରିଛି। ଶିମଳା ଜିଲା ପରିଷଦରେ ମୋଟ ୨୫ ଜଣ ସଦସ୍ୟ ଅଛନ୍ତି; ଏଥିମଧ୍ୟରୁ ଭାଜପା ୧୧ଟି ଆସନ ଜିତିଥିବାବେଳେ କଂଗ୍ରେସ ୧୦ଟି ଆସନ ହାସଲ କରିଛି। ବିଜୟ ପାଇଁ ମୋଟ ୧୩ ଜଣ ସଦସ୍ୟଙ୍କ ସମର୍ଥନ ଆବଶ୍ୟକ ଥିଲା ଏବଂ ଭାଜପା ପୂର୍ବରୁ ହିଁ ଦୁଇଜଣ ସ୍ୱାଧୀନ ସଦସ୍ୟଙ୍କ ସମର୍ଥନ ଉପରେ ନିଜର ଦାବି ଜାହିର କରିସାରିଥିଲା।

## ଇସ୍ତଫା ଦେଲେ ଶେଖ୍ ହାସିନାଙ୍କ ଝିଅ



ଢାକା : ପୂର୍ବତନ ବାଂଲାଦେଶ ପ୍ରଧାନମନ୍ତ୍ରୀ ଶେଖ୍ ହାସିନାଙ୍କ ଝିଅ ସାଇମା ୱାଜେଦ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଦକ୍ଷିଣ-ପୂର୍ବ ଏସିଆ କ୍ଷେତ୍ରୀୟ ନିର୍ଦ୍ଦେଶକ ପଦରୁ ଇସ୍ତଫା ଦେଇଛନ୍ତି। ଆର୍ଥିକ ଅନିୟମିତତା ଏବଂ ଅନ୍ୟାନ୍ୟ ଅଭିଯୋଗକୁ ନେଇ ଡବ୍ଲ୍ୟୁଏଚଓ ଏବଂ ବାଂଲାଦେଶର ଦୁର୍ନୀତି ନିବାରଣ ସଂସ୍ଥା ଦ୍ୱାରା ତଦନ୍ତ ଚାଲିଥିବାବେଳେ ସେ ଏହି ନିଷ୍ପତ୍ତି ନେଇଛନ୍ତି। ତେବେ ସାଇମା ତାଙ୍କ ବିରୋଧରେ ଆସିଥିବା ସମସ୍ତ ଅଭିଯୋଗକୁ ଖଣ୍ଡନ କରିଛନ୍ତି। ସାଇମା ୧ ଫେବୃଆରୀ ୨୦୨୪ରେ ଡବ୍ଲ୍ୟୁଏଚଓ ଦକ୍ଷିଣ-ପୂର୍ବ ଏସିଆ କ୍ଷେତ୍ରୀୟ ନିର୍ଦ୍ଦେଶକ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ତାଙ୍କର କାର୍ଯ୍ୟକାଳ ୫ ବର୍ଷ ଅର୍ଥାତ୍ ଜାନୁଆରୀ ୨୦୨୯ ପର୍ଯ୍ୟନ୍ତ ସ୍ଥିର ହୋଇଥିଲା। ବାଂଲାଦେଶର ଦୁର୍ନୀତି ନିବାରଣ ସଂସ୍ଥା ଦ୍ୱାରା ଅଭିଯୋଗ ଆସିବା ପରେ ଜୁଲାଇ ୨୦୨୫ରେ ତାଙ୍କୁ ପ୍ରଶାସନିକ ଛୁଟିରେ ରଖାଯାଇଥିଲା। ଫଳରେ ସେ ପ୍ରାୟ ଏକ ବର୍ଷ ଧରି ବିନା ଦରମାରେ ଛୁଟିରେ ଥିଲେ। ରିପୋର୍ଟ ଅନୁଯାୟୀ, ତାଙ୍କ ବିରୋଧରେ ଚୀନ ଯାତ୍ରା ଖର୍ଚ୍ଚ ସହ ଜଡ଼ିତ ଆର୍ଥିକ ଠକେଇ, ଶିକ୍ଷାଗତ ଯୋଗ୍ୟତା ବାବଦରେ ମିଥ୍ୟା ସୂଚନା ଏବଂ ବାଂଲାଦେଶରେ ଜମି ଅଧିଗ୍ରହଣ ସମ୍ପର୍କିତ ଅନିୟମିତତାର ଅଭିଯୋଗ ଉଠିଥିଲା। ଏହା ପରେ ମଧ ତାଙ୍କ ବିରୋଧରେ ସ୍ୱତନ୍ତ୍ର ତଦନ୍ତ ଆରମ୍ଭ କରିଥିଲା। ତଦନ୍ତରେ ତାଙ୍କ ଚାଇନା ଯାତ୍ରା ଖର୍ଚ୍ଚକୁ ନେଇ ପ୍ରଶ୍ନ ଉଠିଥିଲା। ସାଇମାଙ୍କ ଓକିଲମାନେ କୌଣସି ଆର୍ଥିକ ଠକେଇକୁ ଅସ୍ୱୀକାର କରିବା ସହ ପ୍ରାୟ (ଡଲାର)ର ଯାତ୍ରା ଖର୍ଚ୍ଚ ଏକ କର୍ମଚାରୀଙ୍କ ପ୍ରଶାସନିକ ତ୍ରୁଟି ହେତୁ ହୋଇଥିଲା ବୋଲି ସ୍ପଷ୍ଟ କରିଛନ୍ତି। ଅଟିଜିମ କ୍ଷେତ୍ରରେ ଉଲ୍ଲେଖନୀୟ ଯୋଗଦାନ ପାଇଁ ତାଙ୍କୁ ସମ୍ମାନଜନକ ଡକ୍ଟରେଟ ଉପାଧି ମିଳିଥିଲା ଏବଂ ଏ ବାବଦରେ ସେ ଡବ୍ଲ୍ୟୁଏଚଓ ନେତୃତ୍ୱକୁ ଆଗରୁ ଅବଗତ କରାଇଥିଲେ। ଦାୟିତ୍ୱ ଗ୍ରହଣ କରିବା ପୂର୍ବରୁ ସେ ସ୍ୱତନ୍ତ୍ର ବାଂଲାଦେଶୀ ଆଇନ ଅନୁଯାୟୀ ଏହି ଜମି ଅଧିଗ୍ରହଣ କରିଥିଲେ ବୋଲି ଦାବି କରିଛନ୍ତି।

## ଚୀନ୍ ବନ୍ଦରରେ ମାଲବାହୀ ଜାହାଜରେ ନିଆଁ: ୨୦ ମୃତ



ବେଜିଂ: ଚୀନ୍‌ର ଏକ ବନ୍ଦରରେ ଏକ ମାଲବାହୀ ଜାହାଜରେ ନିଆଁ ଲାଗିବା ଯୋଗୁ ୨୦ ଜଣ ଲୋକଙ୍କର ମୃତ୍ୟୁ ହୋଇଥିବାବେଳେ ୫ ଜଣ ନିଖୋଜ ଅଛନ୍ତି। ଜାହାଜଟି ଉତ୍ତର-ପୂର୍ବ ଚୀନ୍ ଉପକୂଳରେ ଥିବା ଏକ ପ୍ରମୁଖ ଜାହାଜ ଚଳାଚଳ କେନ୍ଦ୍ର କ୍ୱିଂଡାଓ ବନ୍ଦରରେ ବେହାଇ ଜାହାଜ ନିର୍ମାଣ କମ୍ପାନିରେ ମରାମତି ପାଇଁ ଡକିଂ କରାଯାଇଥିଲା। ଟ୍ରାକିଂ ୱେବସାଇଟ୍ ଫାଇଣ୍ଡର ଅନୁଯାୟୀ, ସିନହୁଆ ସମାଚାର ଏଜେନ୍ସି ଦ୍ୱାରା ପ୍ରକାଶିତ ଏକ ଫଟୋରେ ଜାହାଜଟି 'ଓସେନ୍ ମେଲୋଡି' ବୋଲି ଚିହ୍ନଟ କରାଯାଇଛି। ଲାଇବେରିଆ ପତାକା ବହନ କରୁଥିବା ଜାହାଜରେ ୪୨ ଜଣ ଲୋକ ଥିବାବେଳେ ୧୨ ଜଣଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ୫ ଜଣ ଆହତଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ସେମାନଙ୍କ ଅବସ୍ଥା ସ୍ଥିର ରହିଛି। ଅଗ୍ନିକାଣ୍ଡ ସ୍ଥାନୀୟ ସମୟ ଅନୁଯାୟୀ, ସକାଳ ୧୧ଟାରେ ଘଟିଥିଲା ଓ ଅପରାହ୍ଣ ୨ଟା ୩୦ ସୁଦ୍ଧା ନିଆଁକୁ ଆୟତ୍ତକୁ ଅଣାଯାଇଥିଲା। ଜାହାଜରେ ନିଖୋଜ ଲୋକଙ୍କୁ ତୁରନ୍ତ ଉଦ୍ଧାର କରିବା ପାଇଁ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗ ନିର୍ଦ୍ଦେଶ ଜାରି କରିଛନ୍ତି। ଚୀନ୍ ପ୍ରଧାନମନ୍ତ୍ରୀ ଲି କ୍ୱିଆଙ୍ଗ ଫସି ରହିଥିବା ଲୋକଙ୍କୁ ଉଦ୍ଧାର କରିବାକୁ କହିଛନ୍ତି।

## ପଳାତକ ହରନେକ ସିଂହଙ୍କୁ ଆମେରିକାରୁ ଭାରତ ପ୍ରତ୍ୟର୍ପଣ

ନୂଆଦିଲ୍ଲୀ: ୨୦୧୩ ମସିହାରୁ ତଦନ୍ତ ଓ ବିଚାରକୁ ଏଡ଼ାଇ ଆସୁଥିବା ପଳାତକ ହରନେକ୍ ସିଂହଙ୍କୁ ଭାରତ ଫେରାଇ ଅଣାଯାଇଛି। କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ପକ୍ଷରୁ ଏକ ପ୍ରେସ୍ ରିଲିଜରେ କୁହାଯାଇଛି ଯେ, ସିଂହକୁ ଆମେରିକାରୁ ପ୍ରତ୍ୟର୍ପଣ କରି ଭାରତ ପଠାଯାଇଥିଲା। ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରରେ ସିବିଆଇ ପକ୍ଷରୁ ସିଂହଙ୍କୁ ଗିରଫ କରାଯାଇଛି। ସିଂହ ନାଁରେ ଷଡ଼ଯନ୍ତ୍ର, ଠକେଇ, ଜାଲିଆତି, ଜାଲ କାଗଜପତ୍ର ଓ ଆଇଟି ନିୟମ ଅନ୍ତର୍ଗତ ସିବିଆଇ ୨୦୧୬ରେ ମାମଲା ପଞ୍ଜିକୃତ କରିଥିଲା।ତଦନ୍ତରୁ ଜଣାପଡିଛି ଯେ, ୨୦୧୩ ମସିହାରେ ସିଙ୍ଗାପୁରରେ ରହୁଥିବା କିମ୍ବା କାମ କରୁଥିବା ଭାରତୀୟ ନାଗରିକମାନଙ୍କୁ ଭାରତରୁ କାର୍ଯ୍ୟ କରୁଥିବା ଠକମାନେ ନକଲି କଲ୍ ମାଧ୍ୟମରେ ଯୋଗାଯୋଗ କରୁଥିଲେ। ସେମାନେ ନିଜକୁ ସିଙ୍ଗାପୁର ଇମିଗ୍ରେସନ୍ କର୍ତ୍ତୃପକ୍ଷଙ୍କ ଅଧିକାରୀ ବୋଲି ପରିଚୟ ଦେଉଥିଲେ। ପୀଡିତମାନଙ୍କୁ ସେମାନଙ୍କର ବିମାନବନ୍ଦର ଅବତରଣ ଫର୍ମରେ ଭୁଲ ସୂଚନା ଦେଇଥିବା ଦର୍ଶାଇ ୱେଷ୍ଟର୍ଣ୍ଣ ୟୁନିଅନ୍ ମନି ଟ୍ରାନ୍ସଫର ମାଧ୍ୟମରେ ଜରିମାନା ଦେବାକୁ ବାଧ୍ୟ କରାଯାଇଥିଲା।

## ସାଉଦି ଆରବ, ଭାରତ ଗସ୍ତ କରିବେ ନାହିଁ ବାଂଲାଦେଶ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ/ଢାକା : ନୂଆଦିଲ୍ଲୀରେ ଅନୁଷ୍ଠିତ ହେବାକୁ ଥିବା ବ୍ରିକ୍ସ (ଇଜଓଉଝ) ସମ୍ମିଳନୀରେ ବାଂଲାଦେଶର ପ୍ରଧାନମନ୍ତ୍ରୀ ତାରିକ ରହମାନଙ୍କ ଅଂଶଗ୍ରହଣ ନ କରିବା ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ବୟାନ ଦିଆଯାଇଛି। ବାଂଲାଦେଶର ବୈଦେଶିକ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ହୁମାୟୁନ କବୀର ଗୁରୁବାର କହିଛନ୍ତି ଯେ ଦୁଇ ଦିନିଆ ବ୍ରିକ୍ସ ସମ୍ମିଳନୀ ପାଇଁ ତାରିକ ରହମାନଙ୍କୁ ନିମନ୍ତ୍ରଣ କରାଯାଇ ନାହିଁ। ତଥାପି, ସେ କହିଛନ୍ତି ଯେ ବାଂଲାଦେଶ ଏହି କାର୍ଯ୍ୟକ୍ରମକୁ ଜଣେ ପ୍ରତିନିଧି ପଠାଇବ। ସେ ସ୍ପଷ୍ଟ ଭାବରେ ତାରିକ ରହମାନଙ୍କ ଭାରତ ଗସ୍ତ ସମ୍ଭାବନାକୁ ଖଣ୍ଡନ କରିଛନ୍ତି। 'ଦି ଡେଲି ଷ୍ଟାର୍'ର ଏକ ରିପୋର୍ଟ ଅନୁଯାୟୀ, ଯେତେବେଳେ ପଚରାଗଲା ଯେ ପ୍ରଧାନମନ୍ତ୍ରୀ ତାରିକ ରହମାନ୍ ବ୍ରିକ୍ସ ସମ୍ମିଳନୀ ପାଇଁ ଭାରତ ଯିବେ କି ନାହିଁ, ସେତେବେଳେ ହୁମାୟୁନ କବୀର ଉତ୍ତର ଦେଲେ, 'ଆମେ ସେଠାକୁ କିପରି ଯିବୁ? ବାଂଲାଦେଶ ସରକାରଙ୍କ ପକ୍ଷରୁ କାହାକୁ ନିମନ୍ତ୍ରଣ କରାଯାଇଛି କି?' ସେ ସ୍ପଷ୍ଟ କରିଥିଲେ ଯେ ନିମନ୍ତ୍ରଣପତ୍ର ବିମଷ୍ଟେକ ଅଧକ୍ଷଙ୍କ ନିକଟକୁ ପଠାଯାଇଥିଲା, ବାଂଲାଦେଶର ପ୍ରଧାନମନ୍ତ୍ରୀଙ୍କ ନିକଟକୁ ନୁହେଁ; ଆମ ପ୍ରଧାନମନ୍ତ୍ରୀଙ୍କୁ ନିମନ୍ତ୍ରଣ କରାଯାଇ ନଥିଲା। ବିମଷ୍ଟେକ ହେଉଛି ବଙ୍ଗୋପସାଗର ଉପକୂଳବର୍ତ୍ତୀ ଦେଶଗୁଡ଼ିକୁ ନେଇ ଗଠିତ ଏକ ଆଞ୍ଚଳିକ ସଂଗଠନଏହାର ସମ୍ପୂର୍ଣ୍ଣ ନାମ ହେଉଛି 'ବେ ଅଫ ବେଙ୍ଗଲ ଇନିସିଏଟିଭ ଫର୍ ମଲ୍ଟି-ସେକ୍ଟୋରାଲ ଟେକ୍ନିକାଲ ଆଣ୍ଡ ଇକୋନୋମିକ କୋଅପରେଶନ' ଏବଂ ଏହା ଦକ୍ଷିଣ ଏସିଆ ତଥା ଦକ୍ଷିଣ-ପୂର୍ବ ଏସିଆର ରାଷ୍ଟ୍ରଗୁଡ଼ିକୁ ସଂଯୁକ୍ତ କରିଥାଏ।

ସୂଚନାଯୋଗ୍ୟ, ଦିଲ୍ଲୀରେ ସି ଜିନପିଙ୍ଗ ଏବଂ ପ୍ରଧାନମନ୍ତ୍ରୀ ମୋଦିଙ୍କ ମଧ୍ୟରେ ହେବାକୁ ଥିବା ବୈଠକ କେବଳ ଦୁଇ ନେତାଙ୍କ ମଧ୍ୟରେ ଏକ ସାକ୍ଷାତ ହେବ ନାହିଁ; ବରଂ ଏହା ଏସିଆର ଦୁଇ ପ୍ରମୁଖ ଶକ୍ତିର ଏକତ୍ରିତ ହେବା ସମ୍ପର୍କରେ ମଧ ଏକ ବାର୍ତ୍ତା ପ୍ରଦାନ କରୁଛି। ରୁଷିଆ ଏବଂ ଚାଇନା ଉଭୟ ଯେକୌଣସି ମୂଲ୍ୟରେ 'ବ୍ରିକ୍ସ' ସମ୍ମିଳନୀକୁ ସଫଳ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ। ଚାଇନା ବୈଦେଶିକ ମନ୍ତ୍ରଣାଳୟ ଦ୍ୱାରା ଆୟୋଜିତ ଗତ ଦୁଇ-ତିନୋଟି ସାମ୍ବାଦିକ ସମ୍ମିଳନୀରେ ସି ଜିନପିଙ୍ଗଙ୍କ ଭାରତ ଗସ୍ତ ନେଇ ଏକ ପ୍ରକାର ଅନିଶ୍ଚିତତା ବା ଉତ୍କଣ୍ଠା ରହିଥିଲା; ସେ ଆସିବେ କି ନାହିଁ, ସେ ସମ୍ପର୍କରେ ସ୍ପଷ୍ଟ ଭାବେ କିଛି କୁହାଯାଇନଥିଲା। ତେବେ, ବର୍ତ୍ତମାନ ଚାଇନା ବୈଦେଶିକ ମନ୍ତ୍ରଣାଳୟ ଏକ ସରକାରୀ ବିବୃତି ଜାରି କରି ସି ଜିନପିଙ୍ଗ ଭାରତ ଗସ୍ତ କରିବେ ବୋଲି ନିଶ୍ଚିତ କରିଛି।

## ଲାଲୁଙ୍କ ପରିବାରକୁ ଝଟକା



ପାଟନା: ଅର୍ଥ ହେରଫେର (ମନି ଲଣ୍ଡରିଂ) ମାମଲାରେ ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ ଲାଲୁ ପ୍ରସାଦ ଯାଦବଙ୍କ ପରିବାରକୁ ଏକ ବଡ଼ ଝଟକା ଲାଗିଛି। ଗୁରୁବାର ରାଉସ ଆଭେନ୍ୟୁ କୋର୍ଟ ମୁଖ୍ୟ ଲାଲୁ ପ୍ରସାଦ ଯାଦବ, ତାଙ୍କ ପୁଅ ତେଜସ୍ୱୀ ଯାଦବ ଏବଂ ପତ୍ନୀ ରାବଡ଼ି ଦେବୀଙ୍କ ସମେତ ୯ ଜଣ ଅଭିଯୁକ୍ତଙ୍କ ବିରୁଦ୍ଧରେ ଅଭିଯୋଗ ଗଠନ କରିଛନ୍ତି। ଏହି ମାମଲାରେ ଜଡ଼ିତ ଅନ୍ୟ ଅଭିଯୁକ୍ତମାନଙ୍କ ମଧ୍ୟରେ ସରଳା ଗୁପ୍ତା, ଲାରା ପ୍ରୋଜେକ୍ଟସ ଏବଂ ସୁଜାତା ହୋଟେଲସ ଅନ୍ତର୍ଭୁକ୍ତ। ଓଜଉଞ୍ଜଉ ହୋଟେଲ ଟେଣ୍ଡର ସହ ଜଡ଼ିତ ଅର୍ଥ ହେରଫେର ମାମଲାରେ କୋର୍ଟ ଏହି ଅଭିଯୋଗ ଗଠନ କରିଛନ୍ତି। ରାଉସ ଆଭେନ୍ୟୁ କୋର୍ଟ ଏହି ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଅକ୍ଟୋବର ୩ ତାରିଖ ଧାର୍ଯ୍ୟ କରିଛନ୍ତି। ଏହି ସମୟରେ, କୋର୍ଟ ସାତ ଜଣ ଅଭିଯୁକ୍ତଙ୍କୁ ମାମଲାରୁ ମୁକ୍ତ କରିଛନ୍ତି। କୋର୍ଟ ମତ ଦେଇଛନ୍ତି ଯେ ଲାଲୁ ଯାଦବଙ୍କ ବିରୋଧରେ ହୋଇଥିବା ତଦନ୍ତ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି ମନେହୁଏ ନାହିଁ। କୋର୍ଟ ଉଲ୍ଲେଖ କରିଛନ୍ତି ଯେ ଲାରା ପ୍ରୋଜେକ୍ଟସ ଯେଉଁଭଳି ଭାବେ ଲାଭବାନ ହୋଇଥିଲା, ତାହା ଲାଲୁ ଯାଦବଙ୍କ ଭୂମିକା ନେଇ ସନ୍ଦେହ ସୃଷ୍ଟି କରୁଛି। କୋର୍ଟଙ୍କ ଏହି ମତାମତ ପରେ ବିହାର ଭାଜପା ନିଜର ପ୍ରତିକ୍ରିୟା ରଖିଛି। ଦଳର ମୁଖପାତ୍ର ନୀରଜ କୁମାର ଶର୍ମା କହିଛନ୍ତି ଯେ ଦିଲ୍ଲୀ କୋର୍ଟ ଓଜଉଞ୍ଜଉ ଅର୍ଥ ହେରଫେର ମାମଲାରେ ଅଭିଯୋଗ ଗଠନ କରିଛନ୍ତି। ସେ ଗୁରୁତ୍ୱାରୋପ କରିଛନ୍ତି ଯେ ଏହା କୌଣସି ରାଜନୈତିକ ଅଭିଯୋଗ ନୁହେଁ ବରଂ ଏକ କୋର୍ଟ ନିର୍ଦ୍ଦେଶ। ସେ କହିଛନ୍ତି ଯେ ଏହା ଏହି ପରିବାର ପାଇଁ ଏକ ସାଧାରଣ ଘଟଣାକ୍ରମ ପାଲଟିଛି; ଲାଲୁ ଯାଦବ ଯେତେବେଳେ ରେଳ ମନ୍ତ୍ରୀ ଥିଲେ, ସେତେବେଳେ ଅନେକ ଲୋକଙ୍କ ଜମି ହଡ଼ପ କରାଯାଇଥିଲା ଏବଂ ବର୍ତ୍ତମାନ ସେମାନଙ୍କୁ ଏଥିପାଇଁ ଉତ୍ତର ଦେବାକୁ ପଡ଼ିବ।

## ଲଦାଖ ପ୍ରସଙ୍ଗରେ ଆନ୍ଦୋଳନ କରିବାକୁ ଧମକ ଦେଲେ ୱାଙ୍ଗଚୁକ୍



ନୂଆଦିଲ୍ଲୀ: ଶିକ୍ଷାବିତ୍ ତଥା ସାମାଜିକ କର୍ମକର୍ତ୍ତା ସୋନମ୍ ୱାଙ୍ଗ-ଚୁକ୍ ଲଦାଖ ପ୍ରସଙ୍ଗରେ ପୁଣି ଥରେ ଆନ୍ଦୋଳନ କରିବାକୁ ଧମକ ଦେଇଛନ୍ତି। ଲଦାଖ ସହ ଜଡିତ ସମସ୍ତ ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କଠାରୁ ଗୋଟିଏ ସପ୍ତାହ ମଧ୍ୟରେ ପ୍ରତିଶ୍ରୁତି ନ ମିଳିଲେ ସେ ସେପ୍ଟେମ୍ବର ୧୯ ରୁ ୨୪ ପର୍ଯ୍ୟନ୍ତ ନୂଆକରି ଆନ୍ଦୋଳନ କରିବାକୁ ଧମକ ଦେଇଛନ୍ତି। ଲଦାଖରେ ହିଂସା ପରେ ଗତବର୍ଷ ସେପ୍ଟେମ୍ବରରେ କଠୋର ଜାତୀୟ ସୁରକ୍ଷା ଆଇନ (ଏନ୍‌ଏସ୍‌ଏ)ରେ ୱାଙ୍ଗଚୁଙ୍ଗ୍‌ଙ୍କୁ ଗିରଫ କରାଯିବା ପରେ ଯୋଧପୁର ଜେଲରେ ଛଅ ମାସ ରଖା ଯାଇଥିଲା। ଗତବର୍ଷ ଲଦାଖ ପାଇଁ ରାଜ୍ୟ ମାନ୍ୟତା ଦାବିରେ ଚାଲିଥିବା ଆନ୍ଦୋଳନ ହିଂସାତ୍ମକ ରୂପ ନେଇଥିଲା ଓ ୪ ଜଣଙ୍କର ମୃତ୍ୟୁ, ୧୨ରୁ ଅଧିକ ଆହତ ହୋଇଥିଲେ। କେନ୍ଦ୍ର ସରକାର ଏହି ଆନ୍ଦୋଳନ ପାଇଁ ୱାଙ୍ଗଚୁକ୍‌ଙ୍କୁ ଦାୟୀ କରି ଗତବର୍ଷ ଗିରଫ କରିଥିଲେ। ମାର୍ଚ୍ଚ ୨୦୨୬ରେ ସେ ଜେଲରୁ ମୁକ୍ତ ହୋଇଥିଲେ। ଏହାର କିଛି ମାସ ପରେ ଦିଲ୍ଲୀରେ ନିଟ୍ ପରୀକ୍ଷାରେ ଅନିୟମିତତା ଅଭିଯୋଗରେ କକ୍ରୋଚ ଜନତା ପାର୍ଟି ପକ୍ଷରୁ ହୋଇଥିବା ଛାତ୍ର ଆନ୍ଦୋଳନରେ ୱାଙ୍ଗଚୁକ୍ ଅନଶନ କରିଥିଲେ। ଗୁରୁବାର ୱାଙ୍ଗଚୁକ୍ କହିଥିଲେ ଯେ, ଲଦାଖର ପ୍ରମୁଖ ନେତା ଓ ନୂଆଦିଲ୍ଲୀରେ ଗୃହ ମନ୍ତ୍ରଣାଳୟ ସବ୍-କମିଟି ମଧ୍ୟରେ ଆଲୋଚନା ଯେପରିଭାବେ ହୋଇଛି ତାହା ତାଙ୍କୁ ନିରାଶ କରିଛି। ବୈଠକ ଉପରେ କଟାକ୍ଷ କରି ୱାଙ୍ଗଚୁକ୍ ଲୋକପ୍ରିୟ ହାସ୍ୟାଭିନେତା ଜସପାଲ ଭଟ୍ଟିଙ୍କ ଶୋ'ର ଏକ ପୁରୁଣା କ୍ଲିପ୍ ସେୟାର କରି କହିଥିଲେ ଯେ, ଆଲୋଚନା ସମୟରେ କିଛି ନୂତନ ହୋଇନଥିଲା। କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଦ୍ୱାରା ଡକାଯାଇଥିବା ଏହି ବେ?ଠକ ବୁଧବାର ଅନୁଷ୍ଠିତ ହୋଇଥିଲା।

## ମୋତେ ଲାଜ ଲାଗୁଛି: ନିତୀନ ଗଡ଼କରୀ



ନୂଆଦିଲ୍ଲୀ : କେନ୍ଦ୍ର ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀ ମୁମ୍ବାଇ-ଗୋଆ ହାଇୱେ ପ୍ରକଳ୍ପରେ ହୋଇଥିବା ବିଳମ୍ବକୁ ନେଇ ଏକ ବଡ଼ ବୟାନ ଦେଇଛନ୍ତି। ଗୋଆର ଏକ କାର୍ଯ୍ୟକ୍ରମ ଅବସରରେ ସେ କହିଛନ୍ତି ଯେ, ଏହି ହାଇୱେର ଉଦ୍ଘାଟନ କାର୍ଯ୍ୟକ୍ରମରେ ସେ ସାମିଲ ହେବେ ନାହିଁ; କାରଣ ପ୍ରକଳ୍ପ ଶେଷ ହେବାରେ ଆଶା କରାଯାଉଥିବା ସମୟଠାରୁ ବହୁତ ଅଧିକ ସମୟ ଲାଗିଗଲା ଏବଂ ଏଥିପାଇଁ ତାଙ୍କୁ ଲଜ୍ଜା ଅନୁଭବ ହେଉଛି। ମୁମ୍ବାଇ-ଗୋଆ ହାଇୱେ ମହାରାଷ୍ଟ୍ର ଏବଂ ଗୋଆ ମଧ୍ୟରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସଡ଼କ ପ୍ରକଳ୍ପ ମଧ୍ୟରେ ଗଣାଯାଏ। ତେବେ ଜମି ଅଧିଗ୍ରହଣ, ବୈଷୟିକ ଆହ୍ୱାନ ଏବଂ ଅନ୍ୟାନ୍ୟ କାରଣରୁ ଏହାର କାର୍ଯ୍ୟ ନିର୍ଦ୍ଧାରିତ ସମୟ ତୁଳନାରେ ବହୁତ ଲମ୍ବା ଟାଣି ହୋଇଗଲା, ଯାହାଫଳରେ ସ୍ଥାନୀୟ ଲୋକ ଓ ଯାତ୍ରୀମାନଙ୍କୁ ବର୍ଷ ବର୍ଷ ଧରି ହଇରାଣ ହେବାକୁ ପଡ଼ିଲା। ପାଣାଜୀର ଉତ୍ତର ଭାଗରେ ଥିବା ଭିଡ଼ଭାର ରାସ୍ତାରୁ ବର୍ତ୍ତିବା ପାଇଁ ନିର୍ମିତ ୫.୧୫ କିଲୋମିଟର ଦୀର୍ଘ ଏଲିଭେଟେଡ ରୋଡ୍‌ର ଉଦ୍‌ଘାଟନ ସମାରୋହରେ ଗଡ଼କରୀ ଏହି କଥା କହିଥିଲେ। ସେ କହିଥିଲେ, "ଏବେ ମୁଁ ଏହାର ଉଦ୍ଘାଟନ ପାଇଁ ଭଲ ସମୟର ଅପେକ୍ଷା କରିବା ଛାଡ଼ିଦେଇଛି। ମୁଁ ନିଷ୍ପତ୍ତି ନେଇଛି ଯେ ମୁଁ ମୁମ୍ବାଇ-ଗୋଆ ହାଇୱେର ଉଦ୍ଘାଟନ ପାଇଁ ଯିବି ନାହିଁ, କାରଣ ଏଥିରେ ହୋଇଥିବା ବିଳମ୍ବ ପାଇଁ ମୋତେ ଲାଜ ଲାଗୁଛି।" ତଥାପି, ଗଡ଼କରୀ ଆଶା ପ୍ରକଟ କରିଛନ୍ତି ଯେ ପ୍ରକଳ୍ପ ଖୁବ ଶୀଘ୍ର ଶେଷ ହୋଇଯିବ। ସେ କହିଛନ୍ତି, "ଗତକାଲି ମୋର ଏକ ବୈଠକ ହୋଇଥିଲା ଏବଂ ମୋତେ ଜଣାଯାଇଛି ଯେ ହାଇୱେର ୯୩-୯୪% କାମ ଶେଷ ହୋଇସାରିଛି। ଅକ୍ଟୋବରରେ ମୁଁ ମୁମ୍ବାଇ ବିମାନବନ୍ଦରରେ ଓହ୍ଲାଇବି ଏବଂ କାର୍ଯ୍ୟର ସ୍ଥିତି ଦେଖିବା ପାଇଁ କାର୍ ଯୋଗେ ଗୋଆ ଆସିବି।"

## ନେପାଳକୁ ୮ମ ଥର ରିଲିଫ୍ ସହାୟତା ପଠାଇଲା ଭାରତ

କାଠମାଣ୍ଡୁ: ଭାରତ ନେପାଳରେ ହୋଇଥିବା ଭୟଙ୍କର ବନ୍ୟା ପରେ ମାନବିକ ସହାୟତାକୁ ତୀବ୍ର କରିଛି, ୧୩୦ ଟନ୍ରୁ ଅଧିକ ରିଲିଫ୍ ସାମଗ୍ରୀ ଯୋଗାଇଛି ଓ ସନ୍ଧାନ, ଉଦ୍ଧାର ଏବଂ ଫୋରେନସିକ୍ କାର୍ଯ୍ୟରେ ସହାୟତା ପାଇଁ ୫୪ ଜଣ ବିଶେଷଜ୍ଞ କର୍ମଚାରୀଙ୍କୁ ନିୟୋଜିତ କରିଛି। ନେପାଳରେ ଥିବା ଭାରତୀୟ ଦୂତାବାସ ବୁଧବାର କହିଛି ଯେ, ୩୫ ଟନ୍ ରିଲିଫ୍ ଓ ଉଦ୍ଧାର ସାମଗ୍ରୀ ନେଇ ଅଷ୍ଟମ ଥର ପାଇଁ ଭାରତୀୟ ବାୟୁସେନା ବିମାନ କାଠମାଣ୍ଡୁରେ ଅବତରଣ କରିଛି। ସହାୟତା ସାମଗ୍ରୀରେ ତମ୍ବୁ, କମ୍ବଳ, ସ୍ୱାସ୍ଥ୍ୟ କିଟ୍, ସୌର ଲ୍ୟାମ୍ପ, ଔଷଧ ଓ ଉଦ୍ଧାର ଉପକରଣ ଅନ୍ତର୍ଭୁକ୍ତ। ଭାରତ ଅଗଷ୍ଟ ୨୬ ତାରିଖରେ ରିଲିଫ୍ କାର୍ଯ୍ୟ ଆରମ୍ଭ କରିଥିଲା। ନେପାଳ ପୁଲିସର ସୂଚନା ଅନୁଯାୟୀ, ବନ୍ୟା ପ୍ରଭାବିତ ଅଞ୍ଚଳରୁ ଏପର୍ଯ୍ୟନ୍ତ ୧,୩୬୭ ମୃତଦେହ ଉଦ୍ଧାର କରାଯାଇଛି। ୧୦୨ ମୃତଦେହ ଚିହ୍ନଟ କରାଯାଇଛି। ମୃତଦେହ ଚିହ୍ନଟ ପାଇଁ ଡିଏନଏ ନମୁନା ସଂଗ୍ରହ କରାଯାଉଛି ଓ ଭାରତ ସମେତ ଅନେକ ଦେଶର ଫୋରେନସିକ୍ ବିଶେଷଜ୍ଞମାନେ ସହାୟତା କରୁଛନ୍ତି।

# ଭାରତ ପାଖରେ ୧୯୦ ପରମାଣୁ ବୋମା: ଆମେରିକା ରିପୋର୍ଟ



ନୂଆଦିଲ୍ଲୀ: ଭାରତର ପରମାଣୁ ଅସ୍ତ୍ରାଗାରରେ ୧୯୦ଟି ଯୁଦ୍ଧାସ୍ତ୍ର ରହିଥିବା ଆକଳନ କରାଯାଇଛି, ଯେଉଁଥିରେ ବର୍ତ୍ତମାନ ବିକଶିତ ହେଉଥିବା ନୂତନ କ୍ଷେପଣାସ୍ତ୍ର ପାଇଁ ୩୦ଟି ଅତିରିକ୍ତ ପରମାଣୁ ଅସ୍ତ୍ର ଅନ୍ତର୍ଭୁକ୍ତ। ଫେଡେରେସନ ଅଫ୍ ଆମେରିକାନ ସାଇଣ୍ଟିଷ୍ଟ (ଋଇଝ) ଭାରତର ପରମାଣୁ ଅସ୍ତ୍ର ଉପରେ ଏକ ନୂତନ ରିପୋର୍ଟରେ ଏହି ଦାବି କରିଛି। ଏହି ଦାବି ଖୋଲା ଉତ୍ସ, ସରକାରୀ ତଥ୍ୟ ଏବଂ ବାଣିଜ୍ୟିକ ଉପଗ୍ରହରୁ ନିଆଯାଇଥିବା ଚିତ୍ର ଗୁଡ଼ିକର ବିଶ୍ଳେଷଣ ଉପରେ ଆଧାରିତ। ସମ୍ପ୍ରତି, ୨୦୨୬ ମସିହାରେ ବିଶ୍ୱରେ ପରମାଣୁ ଅସ୍ତ୍ରାଗାର ସଂଖ୍ୟାର ସଦ୍ୟତମ ସଂଖ୍ୟା ମଧ ପ୍ରକାଶ ପାଇଛି। ଋଇଝ ଅନୁଯାୟୀ ଭାରତରେ ବର୍ତ୍ତମାନ ନଅଟି କାର୍ଯ୍ୟକ୍ଷମ ପରମାଣୁ-ସକ୍ଷମ ପ୍ରଣାଳୀ ଅଛି: ଦୁଇଟି ବିମାନ, ଛଅଟି ସ୍ଥଳ-ଭାଗରୁ ନିକ୍ଷେପିତ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ଏବଂ ଗୋଟିଏ ସମୁଦ୍ରରୁ ନିକ୍ଷେପିତ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର। ଏବେ ଅତି କମରେ ଆଉ ଦୁଇଟି ପ୍ରଣାଳୀ ସମାପ୍ତ ହେବାକୁ ଯାଉଛି।

ବୁଧବାର ଦିନ ଏକ ଆର୍ଟିକିଲରେ ରିପୋର୍ଟ କରାଯାଇଛି ଯେ, ଭାରତ ଏହାର ପରମାଣୁ ଅସ୍ତ୍ରାଗାରକୁ ଆଧୁନିକୀକରଣ କରିଚାଲିଛି। ସାମ୍ପ୍ରତିକ ବର୍ଷ ଗୁଡ଼ିକରେ ଅନେକ ନୂତନ ଅସ୍ତ୍ର ବ୍ୟବସ୍ଥା ନିୟୋଜିତ କରାଯାଇଛି, ଏବଂ ବିଦ୍ୟମାନ ପରମାଣୁ-ସକ୍ଷମ ବିମାନ, କ୍ଷେପଣାସ୍ତ୍ର ଏବଂ ସମୁଦ୍ର-ଭିତ୍ତିକ ବ୍ୟବସ୍ଥାକୁ ବୃଦ୍ଧି କିମ୍ବା ବଦଳାଇବା ପାଇଁ ଅନେକ ଅନ୍ୟ ବ୍ୟବସ୍ଥା ବିକାଶାଧୀନ ଅଛି। ଏଥିରେ କୁହାଯାଇଛି, 'ଆମେ ଆକଳନ କରୁଛୁ ଯେ ଭାରତ ୧୪୦ ରୁ ୨୨୫ ପରମାଣୁ ଅସ୍ତ୍ର ପାଇଁ ଯଥେଷ୍ଟ ସାମରିକ ପ୍ଲୁଟୋନିୟମ୍ ଉତ୍ପାଦନ କରିଛି ଏବଂ ହୁଏତ ୧୯୦ ପର୍ଯ୍ୟନ୍ତ ଉତ୍ପାଦନ କରିସାରିଛି। ଆହୁରି ଅନେକ ଅସ୍ତ୍ର ବ୍ୟବସ୍ଥାର ବିକାଶ ସହିତ, ଦେଶର (ପରମାଣୁ) ଅସ୍ତ୍ର ଭଣ୍ଡାର ଆହୁରି ବୃଦ୍ଧି ପାଇବାର ସମ୍ଭାବନା ଅଛି।'ଏଥିରେ କୁହାଯାଇଛି, 'ଅସ୍ତ୍ର ଡିଜାଇନ୍ ଯାହା ହେଉନା କାହିଁକି, ଏହା ଅସମ୍ଭବ ଯେ ଭାରତ ପରମାଣୁ ଅସ୍ତ୍ର ଉତ୍ପାଦନ ପାଇଁ ଏହାର ସମସ୍ତ ପ୍ଲୁଟୋନିୟମ୍ ବ୍ୟବହାର କରିଛି। ଏହା କିଛି ସଂରକ୍ଷଣରେ ରଖିପାରେ।' ଏହି ଆର୍ଟିକିଲରେ ଏହା ମଧ କୁହାଯାଇଛି ଯେ ଭାରତର ପରମାଣୁ ଅସ୍ତ୍ର ଭଣ୍ଡାରର ପରିମାଣ ମଧ ବହନ କରିବାକୁ ସକ୍ଷମ ଲଞ୍ଚର ସଂଖ୍ୟା ଏବଂ ପ୍ରକାର ଉପରେ ନିର୍ଭର କରେ, କାରଣ ଏହି ପ୍ରଣାଳୀ ଗୁଡ଼ିକ ଯେତିକି ପରମାଣୁ ଅସ୍ତ୍ର ପ୍ରଦାନ କରିପାରିବ ତାହାଠାରୁ ଭାରତ ଅଧିକ ପରମାଣୁ ଅସ୍ତ୍ର ଉତ୍ପାଦନ କରିବ ବୋଲି ସମ୍ଭାବନା କମ୍।'

## ଅଭିଷେକଙ୍କ ପିଏ ସୁମିତ ରାୟ ଗିରଫ

କୋଲକାତା: ସୁପ୍ରିମକୋର୍ଟ ଆଗୁଆ ଜାମିନ୍ ଦେବାକୁ ମନା କରିବା ପରେ ସାଲବୋନି ଜମି ହଡ଼ପ ମାମଲାରେ ଅଭିଷେକ ବାନାର୍ଜୀଙ୍କ ପିଏ ସୁମିତ ରାୟ ଗୁରୁବାର ସିଆଇଡି ଦ୍ୱାରା ଗିରଫ ହୋଇଛନ୍ତି। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ବିଧାନସଭାରେ କହିଛନ୍ତି ଯେ, ସୁପ୍ରିମକୋର୍ଟଙ୍କ ସୁରକ୍ଷା ପ୍ରତ୍ୟାହାର ହେବା ପରେ ୧୨୧, କାଳୀଘାଟ ରୋଡସ୍ଥିତ ଟିଏମ୍ସି କାର୍ଯ୍ୟାଳୟରୁ ରାୟଙ୍କୁ ଗିରଫ କରାଯାଇଛି। ଅଧିକାରୀ ଅଭିଯୋଗ କରିଛନ୍ତି ଯେ, ରାୟ ଅଭିଷେକ ବାନାର୍ଜୀଙ୍କ ପକ୍ଷରୁ ଟଙ୍କା ସଂଗ୍ରହରେ ସାମିଲ ଥିଲେ। ପଶ୍ଚିମ ମେଦିନୀପୁର ଜିଲ୍ଲାର ଏକ କୋର୍ଟ ଜୁନ୍ ୧୫ ତାରିଖରେ ରାୟଙ୍କ ବିରୋଧରେ ଗିରଫ ପରୱାନା ଜାରି କରିଥିଲେ, ଯାହା ପରେ ସେ ପ୍ରଥମେ କୋଲକାତା ହାଇକୋର୍ଟ ଓ ପରେ ଗିରଫ ପୂର୍ବରୁ ଜାମିନ ପାଇଁ ସୁପ୍ରିମକୋର୍ଟରେ ଆବେଦନ କରିଥିଲେ। ଅଗଷ୍ଟ ୬ ତାରିଖରେ ସର୍ବୋଚ୍ଚ ଅଦାଲତ ରାୟଙ୍କୁ ଏକ ସ୍ୱତନ୍ତ୍ର ଲିଭ୍ ପିଟିସନ୍ ଦାଖଲ କରିବାକୁ ଅନୁମତି ଦେଇଥିଲେ ଓ ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ତାଙ୍କ ଗିରଫଦାରୀ ଉପରେ ସ୍ଥଗିତାଦେଶ ଲଗାଇଥିଲେ। ସିଆଇଡିର ଏହି କାର୍ଯ୍ୟାନୁଷ୍ଠାନ ଝାଡ଼ଗ୍ରାମରେ ହୋଇଥିବା କଥିତ ଜମି ଦୁର୍ନୀତିର ତଦନ୍ତର ଏକ ଅଂଶ।

# ଡ୍ରେନ୍ ଅବ୍ୟବସ୍ଥାରେ କକ୍ସ କଲୋନୀବାସୀ ଅତିଷ୍ଠ
## ଦୁର୍ଗନ୍ଧରେ ନାକେଦମ, ବଢୁଛି ମଶାମାଛିଙ୍କ ପ୍ରାଦୁର୍ଭାବ

ଝାରସୁଗୁଡା : ଝାରସୁଗୁଡ଼ା ପୌର ପରିଷଦ ଅନ୍ତର୍ଗତ ୧୪ ନମ୍ବର ୱାର୍ଡ ଏବଂ କକ୍ସ କଲୋନୀ ଅଂଚଳରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି । ଦୀର୍ଘଦିନ ଧରି ଡ୍ରେନ୍ ଓ ନାଳନର୍ଦ୍ଦମା ସଫେଇ କରାଯାଉ ନଥିବାରୁ ଅଂଚଳବାସୀ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଡ୍ରେନ୍ଗୁଡ଼ିକରେ ବର୍ଜ୍ୟବସ୍ତୁ ଜମି ରହିବା ସହ ପାଣି ଜମି ରହୁଥିବାରୁ ପ୍ରବଳ ଦୁର୍ଗନ୍ଧ ସୃଷ୍ଟି ହେଉଛି । ଏଥିସହ ମଶାମାଛିଙ୍କ ପ୍ରାଦୁର୍ଭାବ ମଧ୍ୟ ବୃଦ୍ଧି ପାଇଛି । ଫଳରେ ଅଳରେ ମ୍ୟାଲେରିଆ, ଡେଙ୍ଗୁ ଭଳି ରୋଗ ବ୍ୟାପିବା ନେଇ ଲୋକଙ୍କ ମଧ୍ୟରେ ଆଶଙ୍କା ଦେଖାଦେଇଛି । ଏହି ଅସ୍ୱାସ୍ଥ୍ୟକର ପରିବେଶ ଯୋଗୁଁ ରାସ୍ତାରେ ଯାତାୟାତ କରୁଥିବା ସ୍କୁଲ ଓ କଲେଜ ଛାତ୍ରଛାତ୍ରୀଙ୍କ ସମେତ ସାଧାରଣ ଲୋକେ ମଧ୍ୟ ନାହିଁ ନଥିବା ହଇରାଣ ହେଉଛନ୍ତି । ବିଶେଷକରି ବର୍ଷାଦିନରେ ଡ୍ରେନ୍ରେ ପାଣି ଜମି ରହିବାରୁ ସମସ୍ୟା ଆହୁରି ଗୁରୁତର ହୋଇପଡୁଛି । ଏହି ସମସ୍ୟାର ତୁରନ୍ତ ସମାଧାନ ପାଇଁ ସମାଜସେବୀ ଦେବାନନ୍ଦ ବାରିକ, ସଂକୀର୍ତନ ପ୍ରଧାନ ଓ ବଳିଆ ପଣ୍ଡା ପ୍ରମୁଖ ଦାବି କରିଛନ୍ତି । ସେମାନେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରି ତୁରନ୍ତ ଡ୍ରେନ୍ ସଫେଇ ସହ ନିୟମିତ ପରିମଳ ବ୍ୟବସ୍ଥା ସୁନିଶ୍ଚିତ କରିବାକୁ ନିବେଦନ କରିଛନ୍ତି । ଅନ୍ୟପକ୍ଷରେ, ଏହି ସମସ୍ୟା ସମ୍ପର୍କରେ ଝାରସୁଗୁଡ଼ା ପୌର ପରିଷଦର ନିର୍ବାହୀ ଅଧିକାରୀ ନିଶିକାନ୍ତ ଟେଟେଙ୍କ ସହ ଫୋନ୍ ଯୋଗେ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇପାରି ନଥିଲା । ସ୍ଥାନୀୟ ବାସିନ୍ଦା ମଧ୍ୟ ଏହି ସମସ୍ୟାର ଶୀଘ୍ର ସମାଧାନ ପାଇଁ ପୌର ପରିଷଦ କର୍ତ୍ତୃପକ୍ଷଙ୍କ ନିକଟରେ ଦାବି କରିଛନ୍ତି ।

# ମାରଣାସ୍ତ୍ର ଦେଖାଇ ଲୁଟ୍ ମାମଲାରେ ୩ ଅଭିଯୁକ୍ତ ଗିରଫ

ଜୟପୁର: ମାରଣାସ୍ତ୍ର ଦେଖାଇ ଲୁଟ ମାମଲା ରେ ୩ ଅଭିଯୁକ୍ତ କୁ ଗିରଫ କରିଛି କୋରାପୁଟ ଜିଲା ଜୟପୁର ସଦର ପୋଲିସ । ଗିରଫ ଅଭିଯୁକ୍ତ ମାନେ ହେଲେ ଖ୍ରୀଷ୍ଟିଆନପେଟା ବୁଜୁ ରାଜ ନଗରର ଗୁଡୁ ଏଲିୟସ ଆଡିଦ୍ୟ ଖୋସଲା (୨୩), ଖ୍ରୀଷ୍ଟିଆନପେଟା ୪ର୍ଥ ଲାଇନର ସନ୍ତୋଷ କୋଚିମ (୨୦) ଓ ବିସିଂପୁର ଥାନା ପାତ୍ରପୁଟ ଗ୍ରାମର ଏଲିୟସ ଆକାଶ ଗୌଡ (୧୯) । ସୁଚନା ଅନୁଯାଇ ବୋରିଗୁମ୍ମାର ବୈକୁଣ୍ଠ ନାଥ ସାହୁ ଗତ ୨୨ ଡିସେମ୍ବର ୨୦୨୫ ତାରିଖରେ କଦମଗୁଡା ରାସ୍ତା ଛକ ନିକଟରୁ ଜୟନ୍ତିଗୁରି ଯିବା ରାସ୍ତାରେ ମୋଟର ସାଇକେଲର ଯାଉଥିବାବେଳେ ଅଜଣା ଦୁର୍ବୃତ୍ତମାନେ ଅଟକାଇ ଲୁଟ କରିଥିଲେ। ମୋବାଇଲ ଓ ୮ ହଜାର ଟଙ୍କା ଖଣ୍ଡା ଦେଖାଇ ଡରାଇବା ସହ ବେକରେ ଛୁରି ଦେଖାଇ ଦୁବଲ କରିଥିଲେ । ଅଭିଯୋଗ କାରି ବାଇକରେ ଗ୍ରାମ ଗ୍ରାମ ବଲୁ ଖଡୁ ନାଡି ବିକ୍ରି କରନ୍ତି । ଏନେଇ ଏନେଇ ୨୩.୧୨.୨୫ ତାରିଖରେ ଅଭିଯୋଗ ହେବାରୁ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ତଦନ୍ତରେ ଜାଣି ପୋଲିସ ୩ ଅଭିଯୁକ୍ତ କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବିଷୟ ଜୟପୁର ସଦର ଥାନା ଅଧିକାରି ସଚିନ୍ଦ୍ର ପ୍ରଧାନ ସୁଚନା ଦେଇଛନ୍ତି ।

# ବୌଦ୍ଧ ଜିଲ୍ଲାର ବିକାଶମୂଳକ କାର୍ଯ୍ୟର ସମୀକ୍ଷା କଲେ ସଚିବ
## ଯୁବକ ଯୁବତୀଙ୍କୁ ଆତ୍ମନିର୍ଭର କରିବା ପାଇଁ ଆହ୍ୱାନ



ବୌଦ୍ଧ,(ପିପିଏସ୍) : ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ଏବଂ କ୍ରୀଡ଼ା ଓ ଯୁବସେବା ବିଭାଗର କମିଶନର-ତଥା-ସଚିବ ଭୁପିନ୍ଦର ସିଂହ ପୁନିଆ, ଆଇଏଏସ୍, ବୌଦ୍ଧ ଜିଲ୍ଲାକୁ ତିନିଦିନିଆ ଗସ୍ତରେ ଆସି ଜିଲ୍ଲାର ବିଭିନ୍ନ ବିକାଶମୂଳକ ଓ ଜନକଲ୍ୟାଣକାରୀ ଯୋଜନାର ସମୀକ୍ଷା କରିଛନ୍ତି । ସ୍ଥାନୀୟ ସଦଭାବନା ସଭାଗୃହରେ ଶ୍ରୀ ପୁନିଆଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ଅଧିକାରୀ ଓ ବିଭିନ୍ନ ଲାଇନ୍ ବିଭାଗର ଅଧିକାରୀମାନଙ୍କୁ ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ ସଚିବଙ୍କୁ ସ୍ୱାଗତ କରିବା ପରେ ବିଭିନ୍ନ ବିଭାଗର କାର୍ଯ୍ୟକ୍ରମ ଓ ଯୋଜନାର ବିସ୍ତୃତ ସମୀକ୍ଷା ଆରମ୍ଭ ହୋଇଥିଲା । ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଉପଜିଲ୍ଲାପାଳ ବିନୟ କୁମାର ଭୋଇଙ୍କ ସମେତ ଜିଲ୍ଲାସ୍ତରୀୟ ଅଧିକାରୀ, ଲାଇନ୍ ବିଭାଗ ଅଧିକାରୀ ଉପସ୍ଥିତ ଥିଲେ ।ସମୀକ୍ଷାରୁ ପ୍ରକାଶ ଯେ, ୨୦୧୬-୧୭ ଠାରୁ ୨୦୨୪-୨୫ ଆର୍ଥିକ ବର୍ଷପର୍ଯ୍ୟନ୍ତ ଜିଲ୍ଲାରେ ୬୭,୨୨୦ଟି ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗୃହ ଆବଣ୍ଟିତ ହୋଇଥିବା ବେଳେ ଏଥିରୁ ୬୧,୪୨୩ଟି ଗୃହ ନିର୍ମାଣ ସମ୍ପୂର୍ଣ୍ଣ ହୋଇଛି । ଅନ୍ତ୍ୟୋଦୟ ଗୃହ ଯୋଜନାରେ ଗତ ବର୍ଷ ୧,୨୦୬ଟି ଗୃହ ନିର୍ମାଣ ଲକ୍ଷ୍ୟ ରହିଥିବା ବେଳେ ୭୫୧ଟି ଗୃହ ସମ୍ପୂର୍ଣ୍ଣ ହୋଇଛି । ଶିକ୍ଷା ବିଭାଗର ବିଭିନ୍ନ ଯୋଜନା ସମୀକ୍ଷା କରିବା ସମୟରେ ଶିକ୍ଷାର ମୌଳିକ ଭିତ୍ତିଭୂମିକୁ ଆହୁରି ସୁଦୃଢ଼ କରିବା ସହ ପିଏମ୍ ଶ୍ରୀ ସ୍କୁଲ, ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ, ପିଏମ୍, ଏମ୍ ଏମ୍ ପୋଷଣ ଯୋଜନା, ନ୍ୟୁଟ୍ରିସନ୍ ଗାର୍ଡେନ୍ ଆଦି କାର୍ଯ୍ୟକ୍ରମର ସଫଳ ରୂପାୟନ ଉପରେ ଗୁରୁତ୍ୱ ଦିଆଯାଇଥିଲା । ସୁଭଦ୍ରା ଯୋଜନାରେ ଜିଲ୍ଲାରେ ୧,୨୨,୫୮୩ ଜଣ ଆବେଦନ କରିଥିବା ବେଳେ ପଞ୍ଚମ କିସ୍ତି ପର୍ଯ୍ୟନ୍ତ ପ୍ରାୟ ୧,୦୮,୦୦୦ ଜଣଙ୍କୁ ସୁଭଦ୍ରା ସହାୟତା ପ୍ରଦାନ କରାଯାଇଛି । ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନାର ସୁଚାରୁ ରୂପାୟନ ସହ ଗର୍ଭବତୀ ମା' ଓ ଶିଶୁମାନଙ୍କର ଉପଯୁକ୍ତ ଯତ୍ନ ନିଶ୍ଚିତ କରିବାକୁ ସଚିବ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସ୍ୱାସ୍ଥ୍ୟ ବିଭାଗର ସମୀକ୍ଷା ସମୟରେ ଜିଲ୍ଲାର ନୂତନ ଡାକ୍ତରଖାନା ଗୃହକୁ ଅତିଶୀଘ୍ର ସ୍ଥାନାନ୍ତର କରିବାକୁ ସଚିବ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲାରେ ଅନୁମୋଦିତ ୨୩୯ ଜଣ ଡାକ୍ତରଙ୍କ ସ୍ଥାନରେ ୫୯ ଜଣ ଏବଂ ୨୫୮ ଜଣ ଷ୍ଟାଫ୍ ନର୍ସଙ୍କ ସ୍ଥାନରେ ୯୯ ଜଣ କାର୍ଯ୍ୟରତ ଥିବା ଜଣାପଡ଼ିଥିଲା । ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନାରେ ଏପର୍ଯ୍ୟନ୍ତ ୨,୦୫,୪୬୬ ଜଣଙ୍କୁ ସ୍ୱାସ୍ଥ୍ୟ କାର୍ଡ ପ୍ରଦାନ କରାଯାଇଛି । ଆଦିବାସୀ ବିଦ୍ୟାଳୟଗୁଡ଼ିକରେ ଛାତ୍ରଛାତ୍ରୀଙ୍କୁ ଉତ୍ତମ ଶିକ୍ଷା ସହ ଗୁଣାତ୍ମକ ଖାଦ୍ୟପେୟ, ଖେଳକୁଦ ଓ ଅନ୍ୟାନ୍ୟ ଆବଶ୍ୟକ ସୁବିଧା ଯୋଗାଇ ଦେବାକୁ ଶ୍ରୀ ପୁନିଆ ନିର୍ଦ୍ଦେଶ ଦେଇଥିଲେ । କୃଷି, ଉଦ୍ୟାନ କୃଷି, ପ୍ରାଣୀସମ୍ପଦ ଓ ମତ୍ସ୍ୟ ବିଭାଗର କାର୍ଯ୍ୟ ସମୀକ୍ଷା କରି ଜିଲ୍ଲାରେ ଅଧିକ ସଂଖ୍ୟକ କୃଷି ଉଦ୍ୟୋଗୀ ସୃଷ୍ଟି କରିବା ସହ ଚାଷୀମାନଙ୍କୁ ଉଦ୍ୟୋଗ ଓ ଆୟବୃଦ୍ଧି ସହ ଯୋଡ଼ିବାକୁ ସେ ପରାମର୍ଶ ଦେଇଥିଲେ । ଜିଲ୍ଲାର ୧୪୮ଟି ବସ୍ତିକୁ ଏପର୍ଯ୍ୟନ୍ତ ବିଦ୍ୟୁତ ଆଲୋକ ଯୋଗାଣ ହୋଇନଥିବା ନେଇ ଶୀଘ୍ର ବିଦ୍ୟୁତୀକରଣ କରିବାକୁ ସଚିବ ନିର୍ଦ୍ଦେଶ ଦେବା ସହ ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର ଯୋଜନାର ବ୍ୟାପକ ପ୍ରଚାର ଓ ରୂପାୟନ ଉପରେ ଗୁରୁତ୍ୱ ଦେଇଥିଲେ । ବୌଦ୍ଧ ଜିଲ୍ଲାରେ ଅତିଶୀଘ୍ର ଏମ୍ଏସ୍ଏମ୍ଇ ପାର୍କ କାର୍ଯ୍ୟକ୍ଷମ କରି ବିଭିନ୍ନ ଉଦ୍ୟୋଗୀଙ୍କୁ ଆକୃଷ୍ଟ କରିବା, ସେମାନଙ୍କୁ ଆବଶ୍ୟକ ସୁବିଧା ଯୋଗାଇ ଦେଇ କାରଖାନା ଓ ଉଦ୍ୟୋଗ ସ୍ଥାପନ ପାଇଁ ପଦକ୍ଷେପ ନେବାକୁ ସେ ପରାମର୍ଶ ଦେଇଥିଲେ । ଏଥିସହ ଆଇଟିଆଇ ଓ ପଲିଟେକ୍ନିକ୍ ମାଧ୍ୟମରେ ଜିଲ୍ଲାର ଯୁବକ-ଯୁବତୀଙ୍କୁ ଆବଶ୍ୟକ ଦକ୍ଷତା ପ୍ରଦାନ କରି ରୋଜଗାରକ୍ଷମ କରିବା ଉପରେ ଗୁରୁତ୍ୱ ଦେଇଥିଲେ । ଏହାବ୍ୟତୀତ ରାଜସ୍ୱ, ଜଳସେଚନ, ଉଠା ଜଳସେଚନ, ହସ୍ତଶିଳ୍ପ, ଟେକ୍ସଟାଇଲ୍, ଗ୍ରାମ୍ୟ ଉନ୍ନୟନ, ପୂର୍ତ୍ତ, ସମବାୟ ଓ ଓରମାସ୍ ? ସମେତ ବିଭିନ୍ନ ବିଭାଗର କାର୍ଯ୍ୟାବଳୀର ମଧ୍ୟ ସମୀକ୍ଷା କରାଯାଇଥିଲା । କୃଷି , ଉଦ୍ୟାନ କୃଷି, ପ୍ରାଣୀ ସମ୍ପଦ ଓ ମତ୍ସ୍ୟ ଚାଷ ଉନ୍ନତି ଦ୍ୱାରା ବ୍ୟାପକ ରୋଜଗାର ସୃଷ୍ଟି ସହିତ ଚାଷୀ ମାନେ ସମୃଦ୍ଧ ହେବେ ବୋଲି ସେ ପରାମର୍ଶ ଦେଇଥିଲେ । ଜିଲ୍ଲାର ସର୍ବାଙ୍ଗୀନ ବିକାଶ ପାଇଁ ପାରମ୍ପରିକ ଧାରାରେ ସୀମିତ ନରହି ନୂତନ ଓ ଅଭିନବ ଚିନ୍ତାଧାରା (Innovative Approach) ଆପଣାଇ କାର୍ଯ୍ୟ କରିବାକୁ ଶ୍ରୀ ପୁନିଆ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ । ଶ୍ରୀ ପୁନିଆ ତାଙ୍କ ତିନିଦିନିଆ ଗସ୍ତର ଆଗାମୀ ଦୁଇ ଦିନରେ ଜିଲ୍ଲାର ବିଭିନ୍ନ ବିକାଶମୂଳକ ପ୍ରକଳ୍ପ ଓ ଯୋଜନାସ୍ଥଳ ପରିଦର୍ଶନ କରିବେ ।

## ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟରେ ଭୁଲ ରକ୍ତ ନମୁନା ରିପୋର୍ଟ ଅଭିଯୋଗ
# ରୋଗୀଙ୍କ ଜୀବନ ସହ ଖେଳୁଛନ୍ତି କର୍ମଚାରୀ

ଚମ୍ପୁଆ: ଚମ୍ପୁଆ ସ୍ଥିତ ଉପଖଣ୍ଡ ଚିକିତ୍ସାଳୟକୁ ଚମ୍ପୁଆ ସହର ଓ ଆଖପାଖ ରେ ଥିବା ଗ୍ରାମାଂଚଳ ସହିତ ପଡ଼ୋଶୀ ମୟୂରଭଞ୍ଜ ଓ ଝାଡ଼ଖଣ୍ଡ ଅଂଚଳରୁ ଦୈନିକ ଶହ ଶହ ରୋଗୀ ଚିକିତ୍ସା ପାଇଁ ଆସି ଥାଆନ୍ତି । ଚିକିତ୍ସାଳୟରେ ଥିବା ଡାକ୍ତର ମାନେ ରୋଗୀଙ୍କୁ ଦେଖିବା ପରେ ଆବଶ୍ୟକ ସ୍ଥଳେ ରୋଗ ନିରୂପଣ କରିବା ପାଇଁ ରକ୍ତ ନମୁନା ପରୀକ୍ଷା କରିବା ପାଇଁ ପରାମର୍ଶ ଦେଇଥାନ୍ତି । ରକ୍ତ ନମୁନା ରିପୋର୍ଟ ଦେଖିବା ପରେ ଡାକ୍ତର ରୋଗୀଙ୍କୁ ରୋଗ ଅନୁସାରେ ଔଷଧ ଖାଇବା ପାଇଁ ପରାମର୍ଶ ଦେଇ ଥାଆନ୍ତି । କିନ୍ତୁ ରକ୍ତ ନମୁନା ରିପୋର୍ଟରେ ଯଦି ଭୁଲ ରହିଲା ତେବେ ତ କଥା ସରିଲା । ଭୁଲ ରକ୍ତ ନମୁନା ରିପୋର୍ଟ ଅନୁସାରେ ଯଦି ଡାକ୍ତର ରୋଗୀଙ୍କୁ ଭୁଲ ଔଷଧ ଲେଖି ଦିଅନ୍ତି ତେବେ ରୋଗୀଙ୍କ ଜୀବନ ମଧ ଯାଇପାରେ । ଯଦି ଜୀବନ ନ ଗଲା ତେବେ ଅନ୍ୟ କୌଣସି ଦୁରାରୋଗ୍ୟ ବ୍ୟାଧି ମଧ ହୋଇପାରେ । ଠିକ୍ ଏପରି ଏକ ଘଟଣା ଘଟି ଯାଇଛି ଚମ୍ପୁଆ ନିବାସୀ ମନୋଜ କୁମାର ରାମଙ୍କ ସହିତ । ସୂଚନା ଅନୁସାରେ ମନୋଜଙ୍କ ସ୍ତ୍ରୀ ଭାବନା ରାମଙ୍କ ଦେହ ଅସୁସ୍ଥ ରହିବା ସହିତ ତାଙ୍କ ଦେହ ହାତ ବ୍ୟଥା ହେଉଥିଲା । ତେଣୁ ମନୋଜ ତାଙ୍କ ସ୍ତ୍ରୀଙ୍କୁ ନେଇ ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟକୁ ଯାଇଥିଲେ । ଡାକ୍ତର ରୋଗୀଙ୍କୁ ସମସ୍ତ ପ୍ରକାର ରକ୍ତ ପରୀକ୍ଷା କରିବା ପାଇଁ ପରାମର୍ଶ ଦେଇଥିଲେ । କିନ୍ତୁ ଯେତେ ବେଳେ ରକ୍ତ ନମୁନା ରିପୋର୍ଟ ଆସିଲା ସେଥିରେ ସିରମ ୟୁରିଆ ୬୯ ଏମ.ଜି ଓ ସିରମ୍ କ୍ରେଟିନିନ ୪ ଏମ.ଜି ରହିଥିଲା । ମନୋଜ ଏହି ରିପୋର୍ଟ ଦେଖି ସନ୍ଦେହ ପ୍ରକାଶ କରିଥିଲେ । କାରଣ ଏପରି ରିପୋର୍ଟ ସାଧାରଣତଃ କିଡନୀ ଖରାପ ହେବାର ସଂକେତ ସୂଚାଇ ଥାଏ । ତେଣୁ ସେ ଡାକ୍ତରଙ୍କ ପରାମର୍ଶ ନେବା ପୂର୍ବରୁ ଚମ୍ପୁଆରେ ଥିବା ଦୁଇଟି ଘରୋଇ ପାଥୋଲାବରେ ପୁନର୍ବାର ତାଙ୍କ ସ୍ତ୍ରୀଙ୍କ ରକ୍ତ ନମୁନା ପରୀକ୍ଷା କରିବା ପାଇଁ ଦେଇଥିଲେ । ଗୋଟିଏ ପାଥୋଲାବ ରିପୋର୍ଟରେ ସିରମ ୟୁରିଆ ୨୦.୬ ଏମ.ଜି ଓ ସିରମ୍ କ୍ରେଟିନିନ ୭ ଏମ.ଜି ରହିଥିବା ବେଳେ ଅନ୍ୟ ପାଥୋଲାବ ରିପୋର୍ଟରେ ୟୁରିଆ ୨୧.୩ ଏମ.ଜି ଓ ସିରମ୍ କ୍ରେଟିନିନ ୯ ଏମ.ଜି ରହିଥିଲା । ଉକ୍ତ ଦୁଇଟି ରିପୋର୍ଟ ଅନୁସାରେ ରୋଗୀଙ୍କ କିଡନୀ ଠିକ୍ ଥିବା ଜଣା ପଡିଥିଲା । ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟରୁ ଭୁଲ୍ ରକ୍ତ ନମୁନା ରିପୋର୍ଟ ପାଇବା ନେଇ ସୁନିଶ୍ଚିତ ହେବା ପରେ ମନୋଜ କୁମାର ରାମ ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟ ର ଏସ.ଡି.ଏମ.ଓ ଙ୍କୁ ରକ୍ତ ନମୁନା ପରୀକ୍ଷା କରିଥିବା କର୍ମଚାରୀଙ୍କ ବିରୋଧରେ ଏକ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି । ଏହା ସହିତ ସେ ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟର ରକ୍ତ ନମୁନା ପରୀକ୍ଷାଗାରରେ ଅଭିଜ୍ଞ ଓ ଅନୁଭବ ସମ୍ପନ୍ନ କର୍ମଚାରୀ ନିୟୋଜିତ କରିବା ପାଇଁ ଦାବି କରିଛନ୍ତି । ଯେପରି ଭବିଷ୍ୟତରେ କେହି ତାଙ୍କ ପରି ଆର୍ଥିକ କ୍ଷତି ଓ ମାନସିକ ଯନ୍ତ୍ରଣାର ଶିକାର ନ ହୁଅନ୍ତୁ ।

# ନୂଆଖାଇ ପାଇଁ ତିନି ଦିନ ଛୁଟି ଦାବି କଲେ ନରସିଂହ

ବଲାଙ୍ଗିର,(ପିପିଏସ୍) : ନୁଆଁଖାଇ ପଶ୍ଚିମ ଓଡିଶାର ସର୍ବବୃହତ ଗଣପର୍ବ ଅଟେ । ଏହି କୃଷିଭିତ୍ତିକ ପର୍ବ ଏହି ଅଂଚଳର ପ୍ରତ୍ୟେକ ପରିବାର ପାଳନ କରିଥାନ୍ତି । ଘର ଠାରୁ ଯିଏ ଯେତେ ଦୂରରେ ଥିଲେ ମଧ୍ୟ ପ୍ରତ୍ୟେକ ପରିବାରର ଲୋକେ ନିଜ ଭିଟାମାଟିକୁ ଏ ପର୍ବ ପାଳନ ପାଇଁ ଫେରି ଆସିଥାନ୍ତି । ଜିଲ୍ଲା ବାହାରେ ଥାଆନ୍ତୁ କି ରାଜ୍ୟ ବାହାରେ କି ଦେଶ ବାହାରେ ଥିଲେ ମଧ୍ୟ ନୁଆଁଖାଇ ପର୍ବ ସମସ୍ତଙ୍କୁ ଘରମୁହାଁ କରିଥାଏ । ତେଣୁ ଏହି କୃଷିଭି□କ ଗଣପର୍ବ ପାଇଁ ଆମ ଅଂଚଳ ଲୋକଙ୍କ ପାଇଁ ନୁଆଁଖାଇ ଦିନ ପୂର୍ବରୁ ଏବଂ ପର ଦିନ ମଧ୍ୟ ଛୁଟି ଦରକାର ହୋଇଥାଏ । ବହୁ ଆଗରୁ ବିଜୁ ପଟ୍ଟନାୟକଙ୍କ ସରକାର ସାରା ଓଡିଶାରେ ଗୋଟିଏ ଦିନ ନୁଆଁଖାଇ ପର୍ବ ପାଇଁ ଦିନ ଧାର୍ଯ୍ୟ କରିଥିଲେ । ପରବର୍ତ୍ତି ସରକାରମାନେ ସେ ସବୁ କୁ ପାଳନ କରୁଥିଲେ ହେଁ ନୁଆଁଖାଇ ପରବର୍ତ୍ତି ଦିନ ସେହି ଅଂଚଳର ରାଜସ୍ୱ କମିଶନରମାନେ ଆଉ ଗୋଟିଏ ଦିନ ଛୁଟି ଘୋଷଣା କରିଥାନ୍ତି କିନ୍ତୁ ଯେହେତୁ ନୁଆଁଖାଇ ପର୍ବ ପାଇଁ ଲୋକେ ଦୂରଦୂରାନ୍ତରୁ ଘରକୁ ଫେରିଥାନ୍ତି ତେଣୁ ପୁଣି କର୍ମସ୍ଥାନକୁ ଫେରିବାରେ ଲୋକଙ୍କୁ ସମୟ ଦରକାର ହୋଇଥାଏ । ସେଥି ପାଇଁ ରାଜ୍ୟ ସରକାରଙ୍କୁ ମୁଁ ଦାବି ଜଣାଉଛି ଯେ ରାଜ୍ୟ ସରକାର ପଶ୍ଚିମ ଓଡିଶାବାସୀଙ୍କ ଭାବାବେଗ ସହିତ ଜଡିତ ଏହି କୃଷିଭିତ୍ତିକ ପର୍ବ ନୁଆଁଖାଇ ପାଇଁ ତିନିଦିନ ଛୁଟି ଘୋଷଣା କରନ୍ତୁ ବୋଲି ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ଏକ ପ୍ରେସ ବିବୃତ୍ତି ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ଆଗରେ ଦାବି କରିଛନ୍ତି । ତା ସହ ଶ୍ରୀ ମିଶ୍ର ଏହା ମଧ୍ୟ ଦାବି କରୁଛନ୍ତି ଯେ ମୁଖ୍ୟମନ୍ତ୍ରୀ ଏହି ପର୍ବର ଗୁରୁତ୍ୱ କୁ ବୁଝି ରାଜ୍ୟରେ ଛାତ୍ର ଛାତ୍ରୀମାନଙ୍କର ତଥା ନିଯୁକ୍ତି କ୍ଷେତ୍ରରେ ପୂର୍ବରୁ ସ୍ଥିରୀକୃତ ହୋଇଯାଇଥିବା ପରୀକ୍ଷା ତାରିଖ ଗୁଡିକ ସମୟ ଥାଇ ପରିବର୍ତ୍ତନ କରାନ୍ତୁ । ଏହି ଛୁଟି ଭିତରେ ଯେପରି କୌଣସି ପ୍ରକାର ପରୀକ୍ଷା ରାଜ୍ୟ ହେଉ କି କେନ୍ଦ୍ରୀୟ ସ୍ତରରେ ହେଉ ସେସବୁ କୁ ବାତିଲ ତଥା ଅନ୍ୟ ତାରିଖ ରେ କରିବାକୁ ପଦକ୍ଷେପ ନିଅନ୍ତୁ ବୋଲି ପୂର୍ବତନ ଆଇନ ମନ୍ତ୍ରୀ ନରସିଂହ ମିଶ୍ର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ନିକଟରେ ଦାବି କରିଛନ୍ତି ।

# ତେନ୍ତୁଳିଖୁଣ୍ଟିରେ ସର୍ବାଧିକ ୪୦.୦ ମି.ମି. ବର୍ଷା

ନବରଙ୍ଗପୁର : ଗତ ୨୪ ଘଂଟା ମଧ୍ୟରେ ରାଜ୍ୟର କେତେକ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇଛି । ନବରଙ୍ଗପୁର ଜିଲ୍ଲାର ତେନ୍ତୁଳିଖୁଂଟିରେ ସର୍ବାଧିକ ୪୦.୦ ମି.ମି. ବର୍ଷା ରେକର୍ଡ଼ ହୋଇଛି । ସେହିପରି କଳାହାଣ୍ଡି ଜିଲ୍ଲାର ଥୁଆମୂଳ ରାମପୁରରେ ୩୫.୦ ମି.ମି., ଯାଜପୁର ଜିଲ୍ଲାର କୋରେଇରେ ୩୪.୦ ମି.ମି., ବାଲେଶ୍ୱର ଜିଲ୍ଲାର ବାହାନଗାରେ ୩୦.୦ ମି.ମି., ସମ୍ବଲପୁର ଜିଲ୍ଲାର ବାମରାରେ ୨୭.୩ ମି.ମି., ଯୁଯୁମରାରେ ୨୬.୮ ମି.ମି., ବାଲେଶ୍ୱର ଜିଲ୍ଲାର ରାଜଘାଟରେ ୨୬.୨ ମି.ମି., ମୟୂରଭଞ୍ଜ ଜିଲ୍ଲାର ମୋରଡ଼ାରେ ୨୫.୦ ମି.ମି., ବାଲେଶ୍ୱର ଜିଲ୍ଲାର ଜଳେଶ୍ୱରରେ ୨୩.୦ ମି.ମି., ଏନ.ଏଚ.-୫ ଗୋବିନ୍ଦପୁରରେ ୨୨.୦ ମି.ମି., ମୟୂରଭଞ୍ଜ ଜିଲ୍ଲାର ଯଶିପୁରରେ ୨୨.୦ ମି.ମି., ଜାମଦାରେ ୨୨.୦ ଏବଂ ସୁନ୍ଦରଗଡ଼ ଜିଲ୍ଲାର ରାଜଗାଙ୍ଗପୁରରେ ୨୦.୬ ମି.ମି. ବର୍ଷା ରେକର୍ଡ ହୋଇଛି । ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ବୁଧବାର ଜାରି ହୋଇଥିବା ଟ୍ୱିଟ୍ ରୁ ଏହି ସୂଚନା ମିଳିଛି ।

# ସଡ଼କ ସୁରକ୍ଷା ସଚେତନତା ରାଲି

ମାଲକାନଗିରି: ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ ଅନ୍ତର୍ଗତ ଏମ ଭି ୭୯ ଠାରେ ପୋଲିସ ଓ ସରକାରୀ ହାଇସ୍କୁଲର ମିଳିତ ଆନୁକୂଲ୍ୟରେ ସଡ଼କ ସୁରକ୍ଷା ସଚେତନତା ରାଲି ଓ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏହି ରାଲିରେ ସ୍କୁଲର ଛାତ୍ରଛାତ୍ରୀଙ୍କ ସହ ପୋଲିସ କର୍ମଚାରୀମାନେ ସାମିଲ ହୋଇ ବିଭିନ୍ନ ସଚେତନତାମୂଳକ ବ୍ୟାନର ଓ ପ୍ଲାକାର୍ଡ ଧରି ଲୋକଙ୍କୁ ଟ୍ରାଫିକ ନିୟମ ପାଳନ ପାଇଁ ସଚେତନ କରିଥିଲେ । ବିଶେଷ କରି ଦୁଇଚକିଆ ଯାନ ଚାଳକ ହେଲମେଟ୍ ପିନ୍ଧିବା, ଚାରିଚକିଆ ଯାନରେ ସିଟ୍ ବେଲ୍ଟ ବ୍ୟବହାର କରିବା, ଗାଡ଼ି ଚଳାଇବା ସମୟରେ ମୋବାଇଲ୍ ଫୋନ୍ ବ୍ୟବହାର ନକରିବା, ମଦ୍ୟପାନ କରି ଗାଡ଼ି ନଚଳାଇବା ଏବଂ ଧାର୍ଯ୍ୟ ଗତିରେ ଯାତାୟାତ କରିବା ନେଇ ବାର୍ତ୍ତା ଦିଆଯାଇଥିଲା । ରାଲି ସମୟରେ ପୋଲିସ କର୍ମଚାରୀମାନେ ରାସ୍ତାରେ ଯାତାୟାତ କରୁଥିବା ଚାଳକମାନଙ୍କୁ ଟ୍ରାଫିକ ନିୟମ ମାନି ଚଳାଚଳ କରିବାକୁ ପରାମର୍ଶ ଦେଇଥିଲେ । "ସୁରକ୍ଷିତ ଭାବେ ଗାଡ଼ି ଚଳାନ୍ତୁ, ନିଜ ଜୀବନ ସହ ଅନ୍ୟମାନଙ୍କ ଜୀବନକୁ ମଧ୍ୟ ସୁରକ୍ଷିତ ରଖନ୍ତୁ" ବୋଲି ସଚେତନତା ସୃଷ୍ଟି କରାଯାଇଥିଲା । ପୋଲିସ ଓ ବିଦ୍ୟାଳୟ ପକ୍ଷରୁ ଆୟୋଜିତ ଏହି ସଚେତନତା କାର୍ଯ୍ୟକ୍ରମକୁ ସ୍ଥାନୀୟ ଲୋକେ ସ୍ୱାଗତ କରିବା ସହ ସଡ଼କ ଦୁର୍ଘଟଣା ରୋକିବାରେ ଏଭଳି ପଦକ୍ଷେପ ଲୋକଙ୍କୁ ସଚେତନ କରିବ ବୋଲି ମତ ପ୍ରକାଶ କରିଛନ୍ତି ।

# ଜିଲ୍ଲାର ବିକାଶ ସମନ୍ୱୟ ଓ ତଦାରଖ କମିଟି ବୈଠକ ପ୍ରସ୍ତୁତି

ଦେବଗଡ଼(ପିପିଏସ୍) : ଜିଲ୍ଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷ ରେ ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁ ଙ୍କ ଅଧ୍ୟକ୍ଷତାରେ ଦେବଗଡ଼ ଜିଲ୍ଲାର ବିକାଶ ସମନ୍ୱୟ ଏବଂ ତଦାରଖ କମିଟି (ଦିଶା) ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି ।ଚଳିତମାସ ୧୬ ତାରିଖ ଅପରାହ୍ନ ୩ ଘଟିକା ସମୟରେ ଦେବଗଡ଼ ଜିଲ୍ଲାପାଳ ଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ସାଂସଦ (ଲୋକସଭା) ସମ୍ବଲପୁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି । ଏହି ପରିପ୍ରେକ୍ଷୀରେ ଆଗାମୀ ଦିଶା ବୈଠକରେ ଜିଲ୍ଲାର ବିଭିନ୍ନ ବିଭାଗ ଦ୍ୱାରା ନିଜ ନିଜ ବିକାଶ କାର୍ଯ୍ୟର ଅଗ୍ରଗତି ରିପୋର୍ଟ ପ୍ରସ୍ତୁତ ରଖିବାକୁ ଅଧିକାରୀମାନଙ୍କୁ ବୈଠକରେ ଆଲୋକପାତ କରିଥିଲେ ।ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଧୀରଜ୍ ଚପରଦାର, ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ରାଜେନ୍ଦ୍ର କୁମାର ମିଞ୍ଜ, ଉପଜିଲ୍ଲାପାଳ ପରିକ୍ଷିତ ସାହୁ, ଏସିଏଫ୍ ସ୍ୱାଧୀନତା ସାହାଣୀ, ନିର୍ବାହୀ ଅଧିକାରୀ ପୌରପରିଷଦ କଳିଙ୍ଗ ଆଶିଷ ଶତପଥି, ଜିଲ୍ଲା ମଙ୍ଗଳ ଅଧିକାରୀ ଶିଶିର କୁମାର ପୁହାଣ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସୁରତୀ ପ୍ରଧାନ, ଜିଲ୍ଲା ପଞ୍ଚାୟତ ଅଧିକାରୀ ହେମନ୍ତ ସିଂ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀନିବାସ ଜାନୀ, ଜିଲ୍ଲା ଶିକ୍ଷା ଅଧିକାରୀ ଗେନ୍ଦ୍ରା କୁଜୁର, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ,ପ୍ରୋଗ୍ରାମ ମ୍ୟାନେଜର ଫାଇନାନ୍ସ ଜିଲ୍ଲାପରିଷଦ ଆଶିଷ ବାରିକ, ଜିଲ୍ଲା ସ୍ତରୀୟ ଅଧିକାରୀ, ତହସିଲଦାର ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରମୁଖ ପ୍ରମୁଖ ଉପସ୍ଥିତ ଥିଲେ ।

# ଗଙ୍ଗାଧର ସାହିତ୍ୟ ଆଲୋଚନାଚକ୍ର



ବଲାଙ୍ଗିର,(ପିପିଏସ୍) : ଅଖିଳ ଭାରତୀୟ ସାହିତ୍ୟ ପରିଷଦ ବଲାଙ୍ଗିର ଶାଖା ଓ ଓରିଏଣ୍ଟାଲ ପବ୍ଲିକ ଜୁନିୟର କଲେଜ ମଲମୁଣ୍ଡାର ମିଳିତ ସହଯୋଗ କ୍ରମେ ଗଙ୍ଗାଧର ସାହିତ୍ୟ ଉପରେ ଆଲୋଚନାଚକ୍ର ଅନୁଷ୍ଠି ହୋଇଥିଲା । ଡ.ଭବାନୀ ଶଙ୍କର ପଟେଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟଅତିଥି ଭାବେ କଲେଜର ଅଧକ୍ଷ ସବିତା ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଗିରିଜା ଶଙ୍କର ରଥ ଯୋଗ ଦେଇଥିଲେ । ମୁଖ୍ୟବକ୍ତା ଭାବେ ଏଲୋରା ମିଶ୍ର ସୀତାଙ୍କ ଚରିତ୍ର ଉପରେ ଆଲୋକପାତ କରିଥିଲେ । ପରିଷଦର ବିବରଣୀ ପାଠ କରିଥିଲେ ଗିରିଜା ରଥ । ଅନ୍ୟତମ ବକ୍ତା ରଶ୍ମି ପାତ୍ର ତପସ୍ୱିନୀରେ ପ୍ରକୃତି ବର୍ଣ୍ଣା ଉପରେ ବକ୍ତବ୍ୟ ରଖିଥିଲେ । ସୌମ୍ୟରଂଜନ ମଲ୍ଲିକ ମଞ୍ଚ ପରିଚାଳନା କରିଥିବାବେଳେ ପ୍ରାରମ୍ଭିକ ଜଗନ୍ନାଥ ଜଣାଣ ପରିବେଷଣ କରିଥିଲେ ରାମଶଙ୍କର ଶତପଥୀ । କଲେଜର ଛାତ୍ରୀ ଶ୍ରାବଣୀ ବଘାର, ନିକି ମେହେର, ପାୟଲ ପ୍ରଧାନ ଓ ଯଶୋବନ୍ତି ପଲତା ସଂଗୀତ ଗାନ କରିଥିଲେ । କବିତା ପଠନ କରିଥିଲେ ବଳିଷ୍ଠ ପଧାନ, ଡ. ଭବାନୀ ଶଙ୍କର ପଟେଲ, ସୌମ୍ୟରଂଜନ ମଲ୍ଲିକ, ନଳିନୀ ପ୍ରଭା ଶତପଥୀ ତଥା ରଶ୍ମି ପାତ୍ର । ବଳିଷ୍ଠ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

# ବିଜେପିର ମିଶ୍ରଣ ପର୍ବ

ଜୟପୁର: ଜୟପୁର ନିର୍ବାଚନ ମଣ୍ଡଳୀ ବୋରିଗୁମ୍ମା ବ୍ଲକ ରଣସ ପୁର ଫଂଚାୟତ ରେ ବିଜେପି ପକ୍ଷରୁ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି ।ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ବିଜେପି ନେତା ଗୌତମ ସାମନ୍ତରାୟ ଯୋଗ ଦେଇ କଂଗ୍ରେସ ଓ ବିଜେଡି ଦଳ ଛାଡି ବିଜେପି ରେ ସାମିଲ ହୋଇଥିବା କର୍ମୀ ଙ୍କୁ ଦଳୀୟ ଉପଢ଼ୌକନ ଓ ପୁଷ୍ପମାଲ୍ୟ ପିନ୍ଧାଇ ନିଜ ଦଳ କୁ ସ୍ୱାଗତ କରିଥିଲେ ।ରଣସ ପୁର, ଟିଙ୍ଗିରି ପୁଟ ଓ ବେଣା ଗାଁ ଫଂଚାୟତ ର ପ୍ରାୟ ୫୦ଜଣ କର୍ମୀ ବିଜେପି ଦଳ ରେ ସାମିଲ ହୋଇଥିଲେ ।କାର୍ଯ୍ୟକ୍ରମ ରେ କୁମୁଲି ମଣ୍ଡଳ ର ସଭାପତି ସୁବିମଳ ଭଟ୍ଟ, ସମ୍ପାଦକ ଗୌରୀ ଶଙ୍କର ଦାଶ, ସୁଶାନ୍ତ ମିଶ୍ର ଜିଲା ଉପସଭାପତି ରାଜ ସିଂଙ୍ଗ , ଜିଲା ଏସଟି ମୋର୍ଚ୍ଚାର ଉପସଭାପତି ଉପସଭାପତି ମଧୁ ହିଆଲ, ଜିଲା ଉପସଭାପତି ସବ୍ୟସଚି ଗୌଡ଼ ବୋରିଗୁମ୍ମା ମଣ୍ଡଳ ଉପ ସଭାପତି ରଞ୍ଜନ କୁମାର ମିଶ୍ର, ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ । ସେପଟେ ରଣସ ପୁର ଫଂଚାୟତର ମଦନ ତନ୍ତୀ, ରବୀନ୍ଦ୍ର ବେହେରା , ଦୁଲାଭ ବେହେରା ପ୍ରମୁଖ ନୂତନ କର୍ମୀଙ୍କୁ ସ୍ୱାଗତ କରିଥିଲେ ।ନୂତନ କର୍ମୀ ଙ୍କ ବିଜେପି ରେ ଯୋଗଦାନ ପରେ ବିଜେପି ଦଳ ତୃଣ ମୂଳ ସ୍ତରରେ ସୁଦୃଢ଼ ହେବ ଏବଂ ସମସ୍ତ କର୍ମୀ ମିଳି ମିଶି ଲଢ଼ିଲେ ଦଳ କୁ ସୁଫଳ ମିଳିବ ଆଗାମୀ ଦିନରେ ଜୟପୁର ନିର୍ବାଚନ ମଣ୍ଡଳୀ ର ବିଭିନ୍ନ ଫଂଚାୟତ ରେ ବିଜେପିର ମିଶ୍ରଣ ପର୍ବ ଅନୁଷ୍ଠିତ ହେବ ବୋଲି ବିଜେପି ନେତା ଗୌତମ ସାମନ୍ତରାୟ ସୂଚନା ଦେଇଛନ୍ତି ।କୁମୁଲି ମଣ୍ଡଳ ର ସାଧାରଣ ସମ୍ପାଦକ ଗୌରୀ ଶଙ୍କର ଦାଶ ଙ୍କ ତତ୍ତ୍ୱାଧାନ ରେ ବିପିନ ସଗରିୟା, ଦିବ୍ୟ ବିଷୋୟୀ, ନାଇନା ମାଛୁ, ଜଗବନ୍ଧୁ ମାଛୁ , ଦୈତାରି ନାୟକ, ଈଶ୍ୱର ବିଷୋୟୀ, ଚିନା ଗୌଡ଼, ସମେତ ଅନେକ କର୍ମୀ ବିଜେପି ରେ ସାମିଲ ହୋଉଛନ୍ତି ।


# ୧୨ରେ ମାଲକାନଗିରି ସିଭିଲ୍ କୋର୍ଟରେ ଜାତୀୟ ଲୋକ ଅଦାଲତ

ମାଲକାନଗିରି: ମାଲକାନଗିରି ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ଏକ ଗୁରୁତ୍ୱପୂର୍ଣ୍ଣ ସୂଚନା ଜାରି କରାଯାଇଛି । ଆସନ୍ତା ୧୨ ତାରିଖ ଦିନ ମାଲକାନଗିରି ସ୍ଥିତ ସିଭିଲ୍ କୋର୍ଟ ପରିସରରେ ତୃତୀୟ ଜାତୀୟ ଲୋକ ଅଦାଲତ ଅନୁଷ୍ଠିତ ହେବାକୁ ଯାଉଛି । ଏହି ଜାତୀୟ ଲୋକ ଅଦାଲତରେ ଉଭୟ ପକ୍ଷଙ୍କ ମଧ୍ୟରେ ଥିବା ବିବାଦଗୁଡ଼ିକୁ କୋର୍ଟ କଚେରୀ ବାହାରେ ଆପୋଷ ବୁଝାମଣା ଏବଂ ସହମତି ଭିତ୍ତିରେ ସହଜରେ ସମାଧାନ କରାଯିବ । ଏଥିରେ ମୁଖ୍ୟତଃ ଦେୱାନୀ ମାମଲା, ଆପୋଷ ଯୋଗ୍ୟ ଫୌଜଦାରୀ ମାମଲା, ବୈବାହିକ ବିବାଦ, ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ ମାମଲା, ବ୍ୟାଙ୍କ ଋଣ ପରିଶୋଧ ସମ୍ପର୍କିତ ମାମଲା ଏବଂ ବିଦ୍ୟୁତ୍ ଓ ଜଳ କର ସମ୍ପର୍କିତ ବିଭିନ୍ନ ବିବାଦର ବିଚାର କରାଯିବ । ଏହା ସହିତ କୋର୍ଟରେ ପହଞ୍ଚି ନଥିବା ପୂର୍ବ ବିବାଦୀୟ ମକଦ୍ଦମାଗୁଡ଼ିକର ମଧ୍ୟ ଏହି ଅଦାଲତରେ ଆପୋଷ ସମାଧାନ କରାଯିବାର ବ୍ୟବସ୍ଥା ହୋଇଛି । ଏହି ସମଗ୍ର ପ୍ରକ୍ରିୟା ପାଇଁ ଆବେଦନକାରୀ ବା ସମ୍ପୃକ୍ତ ପକ୍ଷଙ୍କୁ କୌଣସି ପ୍ରକାରର କୋର୍ଟ ଫି ଦେବାକୁ ପଡ଼ିବ ନାହିଁ ବୋଲି ସୂଚନା ଦିଆଯାଇଛି । ତେଣୁ ଆପୋଷ ସମାଧାନ ଯୋଗ୍ୟ ମାମଲା ଥିବା ଉପଯୁକ୍ତ ବ୍ୟକ୍ତିମାନେ କୋର୍ଟର ଦୀର୍ଘ ପ୍ରକ୍ରିୟାରୁ ମୁକ୍ତି ପାଇବା ପାଇଁ ଏହି ସୁଯୋଗର ସଦୁପଯୋଗ କରିବାକୁ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ସୁଶ୍ରୀ ସଙ୍ଗୀତା ପାତ୍ର ନିବେଦନ କରିଛନ୍ତି ।


# ଶିବାନନ୍ଦ ସରସ୍ୱତୀଙ୍କ ଜୟନ୍ତୀ ପାଳିତ

ମୁଖୀଗୁଡା : ପରମ ପୂଜ୍ୟ ସ୍ୱାମୀ ଶିବାନନ୍ଦ ସରସ୍ୱତୀଙ୍କ ଜୟନ୍ତୀ ଦିବ୍ୟ ଜୀବନ ସଂଘର ଜୟପାଟଣାସ୍ଥିତ ଶାଖାରେ ପାଳିତ ହୋଇଯାଇଛି ।୧୮୮୭ ମସିହା ସେପ୍ଟେମ୍ବର ୮ତାରିଖରେ ଦକ୍ଷିଣ ଭାରତର ପ୍ରସିଦ୍ଧ ଦୀକ୍ଷିତ ବଂଶରେ ପିତା ଭେଙ୍ଗୁଆୟାର ଓ ମାତା ପାର୍ବତୀ ଆମ୍ମଲାଙ୍କ କୋଳ ମଣ୍ଡନ କରିଥିଲେ ଏ ଯୁଗର ମହାନ୍ ଯୋଗୀ ସ୍ୱାମୀ ସ୍ୱାମୀ ଶିବାନନ୍ଦ, ଯାହାଙ୍କ ପିଲାଦିନର ନାମ ଥିଲା କୁପୁ ସ୍ୱାମୀ । ବିଲକ୍ଷଣ ପ୍ରତିଭା ଯୁକ୍ତ ହୋଇ ଉଚ୍ଚଶିକ୍ଷା ଭାବେ ଡାକ୍ତରୀ ଶିକ୍ଷାକୁ ସେ ଚୟନ କରି ମାଳୟରେ ଜଣେ ପ୍ରସିଦ୍ଧ ଡାକ୍ତର ଭାବେ ଖ୍ୟାତ ଥିଲେ । ମାନବ ଜୀବନର ଦୁଃଖ ଦୁର୍ଦ୍ଦଶା ଦେଖି ସେ ବିଚଳିତ ହୋଇ ପଡୁଥିଲେ । ଶେଷରେ ଡାକ୍ତରୀ ପେଷା ଛାଡି ଭାରତକୁ ଫେରି ଆସି ଅକ୍ଳାନ୍ତ ସାଧନା ବଳରେ ସନ୍ୟାସ ବ୍ରତରେ ଦୀକ୍ଷିତ ହୋଇ ୧୯୩୬ ମସିହାରେ ତାଙ୍କ ଲବ୍ଧ ଜ୍ଞାନକୁ ପ୍ରସାରିତ କରିବା ପାଇଁ ୧୯୩୬ ମସିହାରେ ଗଙ୍ଗା ତୀରରେ ଋଷିକେଶ ଠାରେ ପ୍ରତିଷ୍ଠା କଲେ 'ଦିବ୍ୟ ଜୀବନ ସଂଘ' । ଏହାର ଶାଖାମାନ ଭାରତବର୍ଷର କୋଣ ଅନୁକୋଣରେ ପ୍ରସାରିତ ହେଲା । ପ୍ରତ୍ୟେକ ବର୍ଷ ପ୍ରତ୍ୟେକ ଦିବ୍ୟ ଜୀବନ ସଂଘରେ ଏହି ଦିନଟି ଶିବାନନ୍ଦ ଜୟନ୍ତୀ ଭାବରେ ପାଳନ କରାଯାଉଛି । ଏହି ଅବସରରେ ସଭାପତି ପୂର୍ଣ୍ଣାନନ୍ଦ ପୁରୀଙ୍କ ଅଧ୍ୟକ୍ଷତାରେ ଗୁରୁ ପାଦ ପୂଜା ହେବା ସହ ଗୁରୁ ପାଦ ପୂଜାର ବିଶେଷତ୍ୱ ସମ୍ପର୍କରେ ସ୍ୱାମୀ ପୂର୍ଣ୍ଣାନନ୍ଦ ପୁରୀ ଆଧ୍ୟାତ୍ମିକ ଜ୍ଞାନ ପ୍ରଦାନପୂର୍ବକ ସ୍ୱାମୀ ଶିବାନନ୍ଦ ସରସ୍ୱତୀଙ୍କ ପ୍ରଦର୍ଶିତ ମାର୍ଗକୁ ଅନୁସରଣ କରିବା ପାଇଁ ଭକ୍ତବୃନ୍ଦଙ୍କୁ ଉତ୍ସାହିତ କରିଥିଲେ । ସଂନ୍ଧ୍ୟାରେ ସତସଙ୍ଗ କାର୍ଯ୍ୟକ୍ରମ ରଖାଯାଇଥିଲା । ହରେକୃଷ୍ଣ ଦାସ, ଗୁପ୍ତେଶ୍ୱର ପଣ୍ଡା, ଅଶ୍ୱିନ ପଣ୍ଡା, ପ୍ରଦ୍ୟୁମ୍ନ ପଣ୍ଡା, ପ୍ରଶାନ୍ତ ଖମାରୀ, ଗଣେଶ ପଣ୍ଡା, ଅକ୍ଷୟ ଯୋଷୀ, ଈଶ୍ୱର ମୁଣ୍ଡ, ମିନା ମୁଣ୍ଡ ଓ ମାତୃ ମଣ୍ଡଳୀ ଉପସ୍ଥିତ ରହି ସହଯୋଗ କରିଥିଲେ । ସଂଘର ସମ୍ପାଦକ ହରେକୃଷ୍ଣ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।


# ମହିଳାଙ୍କୁ ଘରୋଇ ହିଂସାରୁ ସୁରକ୍ଷା ସମ୍ପର୍କିତ କର୍ମଶାଳା



ବୌଦ୍ଧ, (ପିପିଏସ୍) : ମହିଳାମାନଙ୍କୁ ଘରୋଇ ହିଂସାରୁ ସୁରକ୍ଷା ପ୍ରଦାନ, ସେମାନଙ୍କ ଅଧିକାର ସମ୍ପର୍କରେ ସଚେତନତା ସୃଷ୍ଟି ଏବଂ ଆଇନଗତ ସହାୟତା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ବୌଦ୍ଧ ଜିଲ୍ଲାରେ ଏକ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ବିଭୂତି ଭୂଷଣ ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଉପଜିଲ୍ଲାପାଳ ବିନୟ କୁମାର ଭୋଇ ଏବଂ ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ । ଏହି ଅବସରରେ ମହିଳାଙ୍କ ବିରୋଧରେ ଘଟୁଥିବା ଘରୋଇ ହିଂସାକୁ ରୋକିବା, ପୀଡ଼ିତାଙ୍କୁ ଆବଶ୍ୟକ ସୁରକ୍ଷା ଓ ସହାୟତା ପ୍ରଦାନ କରିବା ଏବଂ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ବୃଦ୍ଧି ଉପରେ ଗୁରୁତ୍ୱ ଦିଆଯାଇଥିଲା । କାର୍ଯ୍ୟକ୍ରମର ଆରମ୍ଭରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସାଗରିକା ଦତ୍ତ ଉପସ୍ଥିତ ଅତିଥି, ଅଧିକାରୀ ଓ ପ୍ରତିନିଧିମାନଙ୍କୁ ସ୍ୱାଗତ ଜଣାଇଥିଲେ । ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଆଡଭୋକେଟ୍ ବିଜୟ କୃଷ୍ଣ ପଟ୍ଟନାୟକ ରିସୋର୍ସ ପର୍ସନ ଭାବେ ଯୋଗଦେଇ ଘରୋଇ ହିଂସା ନିରୋଧ ଆଇନ, ମହିଳାଙ୍କ ଅଧିକାର, ପୀଡ଼ିତାଙ୍କ ପାଇଁ ଉପଲବ୍ଧ ସୁରକ୍ଷା ଓ ଆଇନଗତ ସହାୟତା ବ୍ୟବସ୍ଥା ସମ୍ପର୍କରେ ବିସ୍ତୃତ ତଥ୍ୟ ପ୍ରଦାନ କରିଥିଲେ । ପ୍ରଶିକ୍ଷଣରେ ବୌଦ୍ଧ ଜିଲ୍ଲାର ବିଭିନ୍ନ ଲାଇନ୍ ବିଭାଗର ଅଧିକାରୀ ଓ ପ୍ରତିନିଧିମାନେ ଯୋଗଦେଇ ମହିଳାଙ୍କ ସୁରକ୍ଷା ଏବଂ ଘରୋଇ ହିଂସା ନିରୋଧ କ୍ଷେତ୍ରରେ ବିଭାଗୀୟ ଭୂମିକା ଓ ସମନ୍ୱିତ କାର୍ଯ୍ୟପଦ୍ଧତି ସମ୍ପର୍କରେ ଆଲୋଚନା କରିଥିଲେ । ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ଜିଲ୍ଲା ମହିଳା ସଶକ୍ତିକରଣ ହବ୍, ଡବ୍ଲୁସିଡିର ପକ୍ଷରୁ ସଫଳ ଭାବେ ଆୟୋଜନ ଓ ପରିଚାଳନା କରାଯାଇଥିଲା । ମହିଳାମାନଙ୍କ ସୁରକ୍ଷା, ସମ୍ମାନ ଓ ଅଧିକାର ସୁନିଶ୍ଚିତ କରିବା ପାଇଁ ସମସ୍ତ ବିଭାଗ ଏକତ୍ରିତ ହୋଇ ସମନ୍ୱିତ ଭାବେ କାର୍ଯ୍ୟ କରିବାର ଆବଶ୍ୟକତା ଉପରେ ଜିଲ୍ଲାପାଳ ଗୁରୁତ୍ୱ ପ୍ରଦାନ କରିଥିଲେ ।କାର୍ଯ୍ୟକ୍ରମ ଶେଷରେ ଜିଲ୍ଲା ସଂଯୋଜିକା ଶ୍ରୀମତୀ ସୁଜାତା ପାଣିଗ୍ରାହୀ ଉପସ୍ଥିତ ସମସ୍ତ ଅତିଥି, ଅଧିକାରୀ ଓ ବିଭିନ୍ନ ବିଭାଗର ପ୍ରତିନିଧିମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ମହିଳାଙ୍କ ବିରୋଧରେ ଘରୋଇ ହିଂସାକୁ ରୋକିବା, ପୀଡ଼ିତ ମହିଳାଙ୍କୁ ତ୍ୱରିତ ସହାୟତା ଓ ନ୍ୟାୟ ପ୍ରଦାନ କରିବା ସହିତ ଜିଲ୍ଲାରେ ମହିଳା ସୁରକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ଦିଗରେ ଏଭଳି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆଗାମୀ ଦିନରେ ମଧ୍ୟ ଜାରି ରହିବ ବୋଲି ଡିଏଚଡବ୍ଲୁଇ ପକ୍ଷରୁ ପ୍ରକାଶ କରାଯାଇଛି ।



# ଯୁବା ଏସିଆ କପ୍ ସେମିରେ ଭାରତ; ପାକିସ୍ତାନକୁ ୧୯-୦ରେ ହରାଇଲା



ମୋକି (ଚୀନ୍): ଚିରପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ବଡ଼ ବ୍ୟବଧାନରେ ହରାଇ ଭାରତୀୟ ଯୁବା ଦଳ ଚଳିତ ଏସିଆ କପ୍ ? କନିଷ୍ଠ ମହିଳା ହକି ପ୍ରତିଯୋଗିତାର ସେମିଫାଇନାଲ୍‌ରେ ପ୍ରବେଶ କରିଛି। ଗୁରୁବାର କ୍ୱାର୍ଟରଫାଇନାଲ୍ ?ରେ ବିଜେତା ଭାରତ ଏକପାଖିଆ ଭାବେ ୧୯-୦ ଗୋଲ୍‌ରେ ପାକିସ୍ତାନକୁ ମାତ୍ ଦେଇଛି। ମ୍ୟାଚ୍‌ର ସପ୍ତମ ମିନିଟ୍ ?ରେ ଓଡ଼ିଆ ଝିଅ ପୂଜା ସାହୁଙ୍କ ଭାରତ ଅଭିଯାନ ଆରମ୍ଭ କରିଥିଲା। ଏହାପରେ ରୋଶନୀ ଐନ୍ଦ (୯ ମିନିଟ୍), ତନୁଶ୍ରୀ କାଦୁ (୧୧ ମିନିଟ୍), ସୁଖବୀର କୌର (୧୩ ମିନିଟ୍) ଓ ସାନିକା ଚନ୍ଦ୍ରକାନ୍ତ ମାନେ (୧୩ ମିନିଟ୍) ଗୋଟିଏ ଲେଖାଏଁ ଗୋଲ୍ ଦେଇ ଦଳକୁ ପ୍ରଥମ କ୍ୱାର୍ଟରରେ ୫-୦ରେ ଆଗରେ ରଖିଥିଲେ। ଦ୍ୱିତୀୟ କ୍ୱାର୍ଟରରେ ବି ଭାରତ ପୁଣି ୫ ଗୋଲ୍ ଦେଇଥିଲା।

ଏହି ଗୋଲ୍‌ଗୁଡ଼ିକ ମଧୁ ସିଦାର (୧୬ ମିନିଟ୍), ଗୀତା ଯାଦବ (୧୮ ମିନିଟ୍), ସାନିକା (୨୩ ମିନିଟ୍), ଓଡ଼ିଆ ଝିଅ ତନୁଜା ଟୋପ୍ପୋ (୨୫ ମିନିଟ୍) ଓ ପୂଜା ମଲ୍ଲିକ (୨୭ ମିନିଟ୍) ଦେଇଥିଲେ। ତୃତୀୟ କ୍ୱାର୍ଟରରେ ପୂର୍ଣ୍ଣିମା ଯାଦବ (୩୩ ମିନିଟ୍), ମଧୁ (୩୯ ମିନିଟ୍) ଓ ସୁପ୍ରିୟା (୪୦ ମିନିଟ୍) ଗୋଟିଏ ଲେଖାଏଁ ଗୋଲ୍ ଦେଇ ଭାରତକୁ ୧୩-୦ରେ ଅଗ୍ରଣୀ ଦେଇଥିଲେ। ଶେଷ କ୍ୱାର୍ଟରରେ ଭାରତ ଆକ୍ରମଣକୁ ବଢ଼ାଇ ୬ ଗୋଲ୍ ? ଲଦି ୧୯-୦ରେ ବିଜୟ ମୁଣ୍ଡି ମାରିଥିଲା। ଏହି କ୍ୱାର୍ଟର କ୍ରୀଷ୍ଣା ଶର୍ମା (୪୮ ମିନିଟ୍)ଙ୍କ ଫିଲ୍ଡ ଗୋଲ୍‌ରୁ ଆରମ୍ଭ ହୋଇଥିଲା। ଏହା ପରେ ପୂଜା ମଲ୍ଲିକ (୪୯, ୫୧ ମିନଟ୍) ଦୁଇଟି ଫିଲ୍ଡ ଗୋଲ୍ ଦେଇ ହ୍ୟାଟ୍ରିକ୍ ଅର୍ଜନ କରିଥିଲେ। ଶେଷରେ ସୁପ୍ରିୟା (୫୪ ମିନିଟ୍), ବିନିମା ଧାନ୍ (୫୫ ମିନିଟ୍) ଓ ରୋଶନୀ (୬୦ ମିନିଟ୍) ଗୋଟିଏ ଲେଖାଏଁ ଗୋଲ୍ କରିଥିଲେ। ଏହି ବିଜୟ ସହ ଭାରତ ଏବେ ଏହି ପ୍ରତିଯୋଗିତାରେ ହ୍ୟାଟ୍ରିକ୍ ମୁକୁଟ୍ ଲକ୍ଷ୍ୟରେ ରହିଛି। ୨୦୨୩ ଓ ୨୦୨୪ରେ ବିଜେତା ହୋଇଥିଲା।

# ବିଶ୍ୱ ପାରା ତୀରନ୍ଦାଜି: ୧୫ ପଦକ ସହ ଭାରତ ଦ୍ୱିତୀୟ

ନୂଆଦିଲ୍ଲୀ:ବିଶ୍ୱତୀରନ୍ଦାଜି ପାରା ସିରିଜ୍ ଷ୍ଟେଜ୍-୩ରେ ଆୟୋଜକ ଭାରତ ୪ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ୮ କାଂସ୍ୟ ସହ ମୋଟ ୧୫ ପଦକ ଜିତି ଦ୍ୱିତୀୟ ସ୍ଥାନରେ ଅଭିଯାନ ଶେଷ କରିଛି। ଚେକ୍ ଗଣରାଜ୍ୟ ୫ ସ୍ୱର୍ଣ୍ଣ ସହ ପଦକ ତାଲିକାରେ ଶୀର୍ଷରେ ରହିଥିଲା ବେଳେ ଚୀନ୍ ୨ ସ୍ୱର୍ଣ୍ଣ, ୬ ରୌପ୍ୟ ଓ ୫ କାଂସ୍ୟ ସହ ତୃତୀୟ ସ୍ଥାନରେ ରହିଛି। ଶେଷ ଦିନରେ ପାରାଲିମ୍ପିକ୍ ବିଜେତା ହରବିନ୍ଦର ସିଂହ ଓ ବିଜୟ ସୁନ୍ଦି ରିକର୍ଭ ପୁରୁଷ ଯୁଗଳରେ ସ୍ୱର୍ଣ୍ଣ ଜିତିଥିଲେ। ଏହା ପୂର୍ବରୁ ଭାବନାଙ୍କ ସହ ମିଶ୍ରିତ ଯୁଗଳରେ ହରବିନ୍ଦର ସ୍ୱର୍ଣ୍ଣ ଜିତିଥିଲେ। ପୁରୁଷ ଯୁଗଳ କମ୍ପାଉଣ୍ଡରେ ଶ୍ୟାମସୁନ୍ଦର ସ୍ୱାମୀ ଓ ତୋମାନ କୁମାର ଭାରତକୁ ତୃତୀୟ ସ୍ୱର୍ଣ୍ଣ ଭେଟି ଦେଇଥିଲେ। ଏହାପୂର୍ବରୁ ବିଶ୍ୱ ବିଜୟିନୀ ତଥା ପ୍ୟାରିସ୍ ? ଅଲିମ୍ପିକ୍ କାଂସ୍ୟ ବିଜୟିନୀ ଶୀତଲ ଦେବୀ ମହିଳା କମ୍ପାଉଣ୍ଡ ବ୍ୟକ୍ତିଗତ ବର୍ଗରେ ମୁକୁଟ କରାୟତ୍ତ କରିଥିଲେ।



ସରିତା ଏହି ଇଭେଣ୍ଟରେ କାଂସ୍ୟ ପାଇଥିଲେ। ଭାବନା ଓ ପୂଜା ପାରା ରିକର୍ଭ ମହିଳା ଯୁଗଳରେ, ତନ୍‌ଭୀ ଇନ୍‌ଗାଲେ ଦୃଷ୍ଟିବାଧିତରେ ଏବଂ ସ୍ୱାତୀ ଚୌଧୁରୀ ଓ ଆଦିଲ ମହମ୍ମଦ ନାଜିର ଅନ୍‌ସାରି ଡବ୍‌ଲ୍ୟୁ୧ ମିଶ୍ରିତ ଦଳଗତରେ ଭାରତ ପାଇଁ ରୌପ୍ୟ ଜିତିଥିଲେ। ମହିଳା ବ୍ୟକ୍ତିଗତ ବର୍ଗରେ ଯୁଗଳ ଗର୍ଗ (ଦୃଷ୍ଟିବାଧିତ), ସ୍ୱାତୀ (ଡବ୍‌ଲ୍ୟୁ୧) କାଂସ୍ୟ ପାଇଥିଲେ। ଶୀତଲ ଓ ବିଶ୍ୱ ବିଜେତା ତୋମାନ କୁମାର ପାରା କମ୍ପାଉଣ୍ଡ ମିଶ୍ରିତ ଦଳଗତରେ କାଂସ୍ୟ ଜିତିଥିଲେ। ବ୍ୟକ୍ତିଗତ ପାରା ପୁରୁଷ କମ୍ପାଉଣ୍ଡରେ ତୋମାନ ଏବଂ ମହିଳା ରିକର୍ଭରେ ଭାବନା କାଂସ୍ୟ ପଇଥିଲେ। ସ୍ୱାତୀ ଡବ୍‌ଲ୍ୟୁ୧ ମହିଳା ଯୁଗଳରେ ବସୁନ୍ଧରା ତେଓତିଆଙ୍କ ସହ କାଂସ୍ୟ ଜିତି ନିଜ ପଦକ ସଂଖ୍ୟା ୨ରେ ପହଞ୍ଚାଇଥିଲେ। ଡବ୍‌ଲ୍ୟୁ୧ ପୁରୁଷ ଯୁଗଳରେ ଆଦିଲ ଓ ବିନାୟକ ବ୍ରିଡ୍ କାଂସ୍ୟ ପଦକ ଜିତିଥିଲେ। ଆସନ୍ତା ମାସ ୧୮ରୁ ୨୪ ତାରିଖ ପର୍ଯ୍ୟନ୍ତ ଆଇଚି-ନାଗୋୟା ଏସୀୟ କ୍ରୀଡ଼ା ପୂର୍ବରୁ ଏହି ସଫଳତା ଭାରତର ମନୋବଳକୁ ଦୃଢ଼ କରିଛି।

# ହର୍ଷିତଙ୍କ ସ୍ଥାନରେ ଭାରତୀୟ ଦଳରେ ଯଶ୍ ଠାକୁର

ନୂଆଦିଲ୍ଲୀ: ଆହତ ଯୋଗୁଁ ଭାରତୀୟ ଦ୍ରୁତ ବୋଲର ହର୍ଷିତ ରାଣା ଆଗାମୀ ଆଫ୍‌ଗାନିସ୍ତାନ ବିପକ୍ଷ ଟ୍ୱେଣ୍ଟି-୨୦ ଶୃଙ୍ଖଳା ଏବଂ ଏସୀୟ କ୍ରୀଡ଼ା ଦଳରୁ ବାଦ୍ ପଡ଼ିଛନ୍ତି। ବେଙ୍ଗାଲୁରୁସ୍ଥିତ ବିସିସିଆଇ ଉତ୍କର୍ଷ କେନ୍ଦ୍ରରେ ପୁନର୍ବାସରେ ଥିବା ହର୍ଷିତ ଏକ ଅଭ୍ୟାସ ମ୍ୟାଚ୍ ?ରେ ବୋଲିଂ କରୁଥିବା ବେଳେ ଜଙ୍ଘ ମାଂସପେଶୀ ଟାଣି ହୋଇ ଯାଇଛି। ଫଳରେ ସେ ଆଗାମୀ ମ୍ୟାଚ୍‌ରେ ଖେଳିପାରିବେନି ବୋଲି ବିସିସିଆଇ ପକ୍ଷରୁ ଜାରି ବିଜ୍ଞପ୍ତିରେ ସୂଚନା ଦିଆଯାଇଛି। ତାଙ୍କ ସ୍ଥାନରେ ଜିମ୍ବାୱେ ବିପକ୍ଷ ଶୃଙ୍ଖଳାରେ ଟ୍ୱେଣ୍ଟି-୨୦ ଅନ୍ତର୍ଜାତୀୟ ପଦାର୍ପଣ କରିଥିବା ବିଦର୍ଭ ଦ୍ରୁତ ବୋଲର ଯଶ୍ ? ଠାକୁରଙ୍କୁ ଦଳରେ ନିଆଯାଇଛି।



ହର୍ଷିତ ଶେଷ ଥର ଲାଗି ଭାରତ ପକ୍ଷରୁ ନଟିଂହାମ୍‌ରେ ଖେଳାଯାଇଥିବା ଇଂଲଣ୍ଡ ବିପକ୍ଷ ଟ୍ୱେଣ୍ଟି-୨୦ରେ ଖେଳିଥିଲେ। ଏହା ପରେ ହାମ୍‌ଷ୍ଟ୍ରିଙ୍ଗ ସମସ୍ୟା ଯୋଗୁଁ ଦଳରୁ ବାଦ୍ ପଡ଼ିଥିଲେ। ଏହାପରେ ଆଣ୍ଠୁ ଯନ୍ତ୍ରଣା ଯୋଗୁଁ କୋଲ୍‌କାତା ନାଇଟ୍ ରାଇଡର୍ସ ପକ୍ଷରୁ ପୂରା ଆଇପିଏଲ୍ ୨୦୨୬ରେ ଖେଳି ପାରି ନଥିଲେ। ଜିମ୍ବାୱେ ଗସ୍ତରେ ଯଶ୍ ୨ଟି ମ୍ୟାଚ୍ ଖେଳି ୪ ୱିକେଟ୍ ନେଇଥିଲେ। ଶ୍ରୀଲଙ୍କାରେ ଭାରତୀୟ-ଏ ଦଳ ପକ୍ଷରୁ ବହୁଦିବସୀୟ ଓ ଦିନିକିଆ ଶୃଙ୍ଖଳାରେ ଖେଳିଥିଲେ। ଏହି ଦ୍ରୁତବୋଲର ପୂର୍ବାଞ୍ଚଳ ବିପକ୍ଷ ଦଲୀପ ଟ୍ରଫି ସେମିଫାଇନାଲ୍ ?ରେ କେନ୍ଦ୍ରାଞ୍ଚଳ ପକ୍ଷରୁ ଖେଳି ୪ ୱିକେଟ୍ ନେବା ସହ ଅପରାଜିତ ୩୦ ରନ୍ କରିଥିଲେ।

# ଭାରତ ଆସିବେ ଭିନିସିଅସ୍ ଜୁନିୟର, ରାଫିନା; କୋଲ୍‌କାତା ମ୍ୟାଚ୍ ଲାଗି ବ୍ରାଜିଲ୍ ଦଳ ଘୋଷିତ

କୋଲକାତା: ୫ ଥରର ବିଶ୍ୱବିଜେତା ବ୍ରାଜିଲ ସହ ପ୍ରଥମ ଥର ଭାରତ ଅକ୍ଟୋବର ୩ ତାରିଖରେ ଖେଳିବ। ଏହି ଐତିହାସିକ ମ୍ୟାଚ୍ କୋଲ୍‌କାତା ସଲ୍ଟ ଷ୍ଟାଡିୟମ୍‌ରେ ଖେଳାଯିବ। ଏହା ପୂର୍ବରୁ ଅଷ୍ଟ୍ରେଲିଆ ଗସ୍ତ କରି ବ୍ରାଜିଲ ୨ ମ୍ୟାଚ୍ ଘରୋଇ ଦଳ ବିପକ୍ଷରେ ଟାଉନ୍ ?ସଭିଲେ ଓ ବ୍ରିସ୍‌ବେନ୍‌ରେ ଯଥାକ୍ରମେ ଚଳିତ ମାସ ୨୫ ଓ ୨୯ ତାରିଖରେ ଖେଳିବ। ଏହି ଦୁଇ ଦେଶ ଗସ୍ତରେ ୩ ବନ୍ଧୁତ୍ୱମ୍ୟାଚ୍ ଲାଗି ୨୬ ଜଣିଆ ବ୍ରାଜିଲ ଦଳ ଗୁରୁବାର ଘୋଷିତ ହୋଇଛି। ଏହି ଦଳରେ ବ୍ରାଜିଲର ତାରକା ଖେଳାଳି ରିଅଲ୍ ମାଦ୍ରିଦ୍ ଫରୱାର୍ଡ ଭିନିସିଅସ୍ ଜୁନିୟର, ବାର୍ସିଲୋନା ୱିଙ୍ଗର ରାଫିନା ଓ ପ୍ୟାରିସ୍ ସେଣ୍ଟ-ଜର୍ମାନ ଭେଟେରାନ୍ ମାରକ୍ୱିନୋସ ସ୍ଥାନ ପାଇଛନ୍ତି।

ଫିଫା ବିଶ୍ୱକପ୍‌ରେ ନୈରାଶ୍ୟଜନକ ପ୍ରଦର୍ଶନ ପରେ ମୁଖ୍ୟ ପ୍ରଶିକ୍ଷକ କାର୍ଲୋ ଆନ୍‌ସେଲୋଟି ନୂଆ ଆରମ୍ଭ ଲାଗି ତାରକା ଖେଳାଳିଙ୍କ ସହ ଅନେକ ଯୁବ ଖେଳାଳିଙ୍କୁ ସୁଯୋଗ ଦେଇଛନ୍ତି। ଏହି ଯୁବ ଖେଳାଳିଙ୍କୁ ନେଇ ୨୦୨୯ ଲସ୍ ?ଏଞ୍ଜେଲ୍ ?ସ ଅଲିମ୍ପିକ୍ସ ସହ ୨୦୩୦ ବିଶ୍ୱକପ୍‌କୁ ନଜର ରଖିଛନ୍ତି ଇଟାଲୀୟ ପ୍ରଶିକ୍ଷକ। ବ୍ରାଜିଲ୍ ଦଳ: ହୁଗୋ ସେଜା, ପେଡ୍ରୋ ମୋରିସ୍କୋ, ଓଟାଭିଓ (ଗୋଲି), ଆର୍ଥର ଡିଆସ୍, ଡେଗଲାସ ସାଣ୍ଟୋସ୍, ଗାବ୍ରିଏଲ୍ ମାଗାଲ୍‌ହାସ୍, ଜେର, ମାରକ୍ୱିନୋସ, ମାଥ୍ୟୁଜିନୋ, ମେରୋ ଜୁନିୟର, ଭିଟର ରିଜ୍, ୱେସ୍‌ଲେ (ଡିଫେଣ୍ଡର), ଆନ୍ଦ୍ରେ ସାଣ୍ଟୋସ, ବ୍ରେନୋ ବିଡନ, ବ୍ରୁନୋ ଗୁଇମାରାଏଜ୍, ଡାନିଲୋ ସାଣ୍ଟୋସ, ଡେଗ୍ଲାସ୍ ଲୁଇଜ୍, ଗାବ୍ରିଏଲ୍ ବୋଣ୍ଟେମ୍ପୋ (ମିଡ୍‌ଫିଲ୍ଡର), ଏଣ୍ଡ୍ରିକ୍, ଷ୍ଟିଫେନ୍, ଜନ୍ ପିଟର, ପେଡ୍ରୋ, ରାଫିନା, ରାୟନ, ସାମୁଏଲ୍ ଲିନୋ, ଭିନିସିଅସ୍ ଜୁନିୟର (ଫରୱାର୍ଡ)।



# ପାରା ଶୁଟିଂରେ ଭାରତର ପଦକ ବର୍ଷା ! ମୋନାଙ୍କ ରୌପ୍ୟ, ଆଭାନୀଙ୍କ କାଂସ୍ୟ



ଚାଙ୍ଗୱନ୍: ଭାରତୀୟ ବନ୍ଧୁକଚାଳିକା ମୋନା ଅଗ୍ରୱାଲ ଓ ଆଭାନୀ ଲେଖାରା ଏଠାରେ ଚାଲିଥିବା ବିଶ୍ୱ ବନ୍ଧୁକଚାଳନା ପାରା କ୍ରୀଡ଼ା ପ୍ରତିଯୋଗିତାରେ ଯଥାକ୍ରମେ ରେ ?ପ୍ୟ ଓ କାଂସ୍ୟ ପଦକ ଜିତିଛନ୍ତି। ମହିଳା ଏସ୍‌ଏଚ୍୧ ୧୦ ମିଟର ଏୟାର ରାଇଫଲ୍ ଷ୍ଟାଣ୍ଡିଂରେ ମୋନା (୨୫୦.୦) ଓ ଆଭାନୀ (୨୨୯.୪) ଯଥାକ୍ରମେ ୨-୩ରେ ରହି ପୋଡ଼ିୟମ୍ ଫିନିସ୍ କରିଥିଲେ। ଏମାନଙ୍କ ଆଗରେ ସର୍ବିୟାର କ୍ରିଷ୍ଟିନା ତ୍ରିଫୁନୋଭିକ୍ (୨୫୦.୨) ରହି ସ୍ୱର୍ଣ୍ଣ ଜିତିଥିଲେ। ମୋନାଙ୍କ ଏହା ପ୍ରଥମ ବିଶ୍ୱ ପ୍ରତିଯୋଗିତା ପଦକ। ଏହି ସମାନ ସ୍ଥାନରେ ମୋନା ଗତ ବର୍ଷ ବିଶ୍ୱକପ୍‌ରେ ଗୋଟିଏ ରୌପ୍ୟ ପଦକ ଜିତିଥିଲେ। ଆଭାନୀଙ୍କ ମଧ ଏହା ପ୍ରଥମ ବିଶ୍ୱ ପ୍ରତିଯୋଗିତା ପଦକ।

# ୟୁଏସ୍ ଓପନ୍: ୧ ନମ୍ବର ସ୍ଥାନ ନିଶ୍ଚିତ କଲେ ରିବାକିନା: ସେମିରେ ଭେରେଭ୍

ନ୍ୟୁୟର୍କ: ବିଶ୍ୱର ୨ ନମ୍ବର ପୁରୁଷ ଖେଳାଳି ଆଲେକ୍‌ଜାଣ୍ଡର ଭେରେଭ୍ ଏବଂ ମହିଳା ଖେଳାଳି ଏଲିନା ରିବାକିନା ଚଳିତ ୟୁଏସ୍ ଓପନ୍ ସେମିଫାଇନାଲ୍‌ରେ ପ୍ରବେଶ କରିଛନ୍ତି। ଗୁରୁବାର କ୍ୱାର୍ଟରଫାଇନାଲ୍‌ରେ ଫ୍ରେଞ୍ଚ ଓପନ୍ ବିଜେତା ଜର୍ମାନୀର ଭେରେଭ ୬-୨, ୭-୫, ୬-୧ ସିଧାସଳଖ ସେଟ୍‌ରେ ୭୦ ମାନ୍ୟତାପ୍ରାପ୍ତ ନେଦରଲାଣ୍ଡ୍‌ସର ବୋଟିକ୍ ଭାନ୍ ଡି'ଜାଣ୍ଡସ୍କୁଲ୍‌ପଙ୍କୁ ହରାଇଛନ୍ତି। ଏଥିସହ ଜୁନ୍‌ରେ ନିଜର ପ୍ରଥମ ଗ୍ରାଣ୍ଡ ସ୍ଲାମ୍ ? ଫ୍ରେଞ୍ଚ ଓପନ୍ ଜିତିଥିବା ଭେରଭ୍ ପ୍ରଥମ ୟୁଏସ୍ ଓପନ୍ ଟ୍ରଫି ଦିଗରେ ଆଉ ଗୋଟିଏ ପାଦ ଆଗକୁ ବଢ଼ାଇଛନ୍ତି।



୨୯ ବର୍ଷୀୟ ଭେରେଭ୍ ଫାଇନାଲ୍ ସ୍ଥାନ ପାଇଁ ରୁଷିଆର କାରେନ ଖାଚାନୋଭଙ୍କୁ ଭେଟିବେ। ଖାଚାନୋଭଙ୍କ ପ୍ରତିଦ୍ୱନ୍ଦ୍ୱୀ ବେଲ୍‌ଜିୟମ୍‌ର ଆଲେକ୍‌ଜାଣ୍ଡର ବ୍ଲକ୍‌ସ ୬-୨, ୭-୫, ୩-୨ ପଛରେ ଥିଲା ବେଳେ ଓହରି ଯାଇଥିଲେ। ମହିଳା କ୍ୱାର୍ଟରଫାଇନାଲ୍‌ରେ କାଜାଖସ୍ତାନର ରିବାକିନା ୩-୬, ୬-୧, ୬-୪ ସେଟ୍‌ରେ ଚାଇନିଜ୍ କ୍ୱାଲିଫାୟର ତଥା ଅଲିମ୍ପିକ୍ ବିଜୟିନୀ ଝେଙ୍ଗ କ୍ୱିନ୍‌ୱେନ୍‌ଙ୍କୁ ପରାସ୍ତ କରିଥିଲେ। ଏହି ବିଜୟ ସହ ଅଷ୍ଟ୍ରେଲିଆନ୍ ଓପନ୍ ବିଜୟିନୀ ରିବାକିନା ପ୍ରଥମ ଥର ବିଶ୍ୱର ୧ ନମ୍ବର ସ୍ଥାନ ନିଶ୍ଚିତ କରିଛନ୍ତି। ୨ ଗ୍ରାଣ୍ଡ ସ୍ଲାମ୍ ବିଜୟିନୀ ୨୭ ବର୍ଷୀୟା ରିବାକିନା ସେମିଫାଇନାଲ୍‌ରେ ସ୍ଥାନୀୟ ପସନ୍ଦର ଖେଳାଳି କୋକୋ ଗେଫ୍‌ଙ୍କୁ ଭେଟିବେ। ଚତୁର୍ଥ ମାନ୍ୟତାପ୍ରାପ୍ତ ୨ ଗ୍ରାଣ୍ଡ ସ୍ଲାମ୍ ବଜୟିନୀ ଗେଫ୍ ୨-୬, ୭-୬, ୬-୨ ସେଟ୍‌ରେ ପଞ୍ଚମ ମାନ୍ୟତାପ୍ରାପ୍ତ ରୁଷିଆର ମୀରା ଆନ୍ଦ୍ରିଭାଙ୍କୁ ହରାଇଥିଲେ। ଏହି ବିଜୟ ସହ ଗେଫ୍ ନିଜର ଦ୍ୱିତୀୟ ୟୁଏସ୍‌ଓପନ୍ ଟ୍ରଫିରେ ଆଗେଇଛନ୍ତି।


## ସପ୍ତାହର ଶେଷରେ

## ପ୍ରଜାତନ୍ତ୍ର ସାପ୍ତାହିକୀ

**୧୩ - ୧୯ ସେପ୍ଟେମ୍ବର ୨୦୨୬ ହୃଦୟ ଭାଙ୍ଗିଦେଲେ**




**ଜାତୀୟ:** ଆମେରିକା-ଭାରତ ମଧ୍ୟରେ ଥିବା ଦୃଢ଼ ସମ୍ପର୍କ
**ଅନ୍ତର୍ଜାତୀୟ:** ଟ୍ରମ୍ପ୍‌ଙ୍କ ଟାର୍ଗେଟରେ ଇରାନର୍ 'ପିକାକ୍ସ ମାଉଣ୍ଟେନ୍'
**ବିଶେଷ ପ୍ରସଙ୍ଗ:** ଚୀନ୍‌ର 'ଚିକେନ୍ ନେକ୍'କୁ ନେଇ ଭାରତର ରଣନୀତି !
**କ୍ଷୁଦ୍ରଗଳ୍ପ :** 'ସମ୍ପର୍କର ରଙ୍ଗ'...୨୦
**ନାରୀ :** ବଦଳୁଛି ମହିଳାଙ୍କ ଖର୍ଚ୍ଚ କରିବା ସଉକ...୨୪
**ଚଳଚ୍ଚିତ୍ର :** ୬୫ ବର୍ଷ ବୟସରେ ବି ବଲିଉଡ଼ରେ କାହିଁକି ରହିଛି 'ଅନ୍ନା'ଙ୍କ ଚାହିଦା
**ଖେଳ:** ବିପଦରେ ଅଜିତ ଅଗରକରଙ୍କ ପଦବୀ ?...
**ଏଥିରେ ଅଛି ମୀନାବଜାର :** ଅଜୟ ସାର୍..., ଚର୍ଚ୍ଚାରେ: ନାକୁଆ ପ୍ରାଣୀ ସାଇଗା ..., ବିଜ୍ଞାନ: ବର୍ଷା ଓ ଶୀତରେ କେମିତି ବିଜୁଳି ତିଆରି କରେ ସୋଲାର ପ୍ୟାନେଲ୍ ?..., ପର୍ଯ୍ୟଟନ: ହିଡ଼ିମ୍ବା ଦେବୀ ମନ୍ଦିର..., ଚଳଚ୍ଚିତ୍ର: ବାଦଶାହ-ଈଶାଙ୍କ ଛାଡପତ୍ର, ଧର୍ମ: ପୂଜା ବେଳେ କାହିଁକି ବାଜେ ଶଙ୍ଖ ଓ ଘଣ୍ଟି..., କବିତା: ମହିଷାମର୍ଦ୍ଦିନୀ ମା'...

**ନିକଟସ୍ଥ ଏଜେଣ୍ଟଙ୍କଠାରୁ ଶୀଘ୍ର ସଂଗ୍ରହ କରି ନିଅନ୍ତୁ**


### ଏସିଆନ୍ ଗେମ୍ସର ୧୦ ଦିନ ପୂର୍ବରୁ ଜାପାନରେ ଭୀଷଣ ବନ୍ୟା

# ୪୦୦ ଖେଳାଳି ଓ ଷ୍ଟାଫ୍‌ଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର

ଟୋକିଓ: ଏସିଆନ ଗେମ୍ସ ଆରମ୍ଭ ହେବାକୁ ଆଉ ମାତ୍ର ୧୦ ଦିନ ବାକି ଥିବାବେଳେ ଜାପାନର ନାଗୋୟାରେ ଭୀଷଣ ବନ୍ୟା ସ୍ଥିତି ଉପୁଜିଛି। ବିଭିନ୍ନ ରାସ୍ତା ବନ୍ୟା ପାଣିରେ ବୁଡ଼ି ରହି ସମୁଦ୍ର ଭଳି ପ୍ରତୀୟମାନ ହେଉଛି। ସ୍ଥିତି ଏତେ ଭୟଙ୍କର ରହିଛି ଯେ, ୪୦୦ ଖେଳାଳୀ ଓ ସପୋର୍ଟ ଷ୍ଟାଫ୍‌ଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ଜାପାନ ପାଣିପାଗ ସଂସ୍ଥାର ତଥ୍ୟ ଅନୁଯାୟୀ, ସେପ୍ଟେମ୍ବର ୮ ତାରିଖରେ ନାଗୋୟାରେ ଗୋଟିଏ ଘଣ୍ଟାରେ ୧୦୪.୫ ମିମି ବର୍ଷା ହୋଇଥିଲା, ଯାହା ୧୮୯୦ ମସିହାରେ ପର୍ଯ୍ୟବେକ୍ଷଣ ଆରମ୍ଭ ହେବା ପରଠାରୁ ଷ୍ଟେସନରେ ସର୍ବାଧିକ ଘଣ୍ଟା ପ୍ରତି ବର୍ଷା ରେକର୍ଡ କରାଯାଇଛି। ବନ୍ୟାରେ ନାଗୋୟା ସହରର ରାସ୍ତା ଓ ଘର ବୁଡ଼ି ଯାଇଛି। ମେୟର ଇଚିରୋ ହିରୋସାବା କିନ୍ତୁ କହିଛନ୍ତି,ଏସିଆନ୍ ଗେମ୍ସ ପାଇଁ କୌଣସି ଚିନ୍ତା ନାହିଁ। ଟୁର୍ଣ୍ଣାମେଣ୍ଟର ଆୟୋଜନ ନିର୍ଦ୍ଧାରିତ ସମୟରେ ହେବ। ଆସନ୍ତା ସେପ୍ଟେମ୍ବର ୧୯ ତାରିଖରେ ନାଗୋୟାରେ ଏସିଆନ୍ ଗେମ୍ସର ଓପନିଂ ସେରିମନି ଅନୁଷ୍ଠିତ ହେବ। ବୁଧବାର ଆଇଚି ପ୍ରିଫେକ୍ଚରାଲ୍ ଗଭର୍ଣ୍ଣମେଣ୍ଟ ଦ୍ୱାରା ପ୍ରକାଶିତ ପ୍ରଥମ ସରକାରୀ କ୍ଷୟକ୍ଷତି ଆକଳନରେ ବନ୍ୟାସ୍ଥିତି ଯୋଗୁ ତିନି ଜଣ ସାମାନ୍ୟ ଆହତ ହୋଇଥିବା ରିପୋର୍ଟ କରାଯାଇଛି। ନାଗୋୟାରେ ପ୍ରାୟ ୨୦୦ ଗାଡ଼ି ପାଣି ଭିତରେ ବୁଡ଼ି ରହିଛି। ବନ୍ୟା ଯୋଗୁ ୩,୫୦୦ ଲୋକ ଆଶ୍ରୟ ନେଇଥିଲେ।

### ୫ମ ଟିଚର୍ସ କପ୍ ହ୍ୟାଣ୍ଡବଲ ଉଦଯାପିତ

# ବାଳିକା ବିଭାଗରେ ମାରେନ୍ ମଭିକ୍ସ ଏବଂ ବାଳକରେ ଯାଦୁଗର ଦଳ ଚାମ୍ପିଅନ୍

ବ୍ରହ୍ମପୁର(ପିପିଏସ୍): ସ୍ଥାନୀୟ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଖେଳ ପଡିଆରେ ଗଞ୍ଜାମ ଜିଲ୍ଲା ହ୍ୟାଣ୍ଡବଲ ସଂଘ ତରଫରୁ ଆୟୋଜିତ ହେଇଥିବା ଟିଚର୍ସ କପରେ ଜିଲ୍ଲାର ବହୁ ହ୍ୟାଣ୍ଡବଲ ଖେଳାଳୀ ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗୀତାରେ ୬ଟି ବାଳକ ଓ ୨ଟି ବାଳିକା ଦଳ ଅଂଶଗ୍ରହଣ କରିଥିଲେ। ବାଳିକା ବିଭାଗରେ ମାରେନ୍ ମଭ୍ରିକ୍ସ ଦଳ ଚମ୍ପିୟାନ ହୋଇଥଲା। ସେହିଭଳି ବାଳକ ବିଭାଗରେ ଟିମ୍ ଯାଦୁଗର ଚମ୍ପିୟାନ ହୋଇଥିଲେ। ବାଳିକାରେ ଶ୍ରେଷ୍ଠ ଖେଳାଳି ରୁପେ ଚିନ୍ମୟୀ ଦାସ ଓ ବାଳକରେ ଉଜ୍ଜ୍ୱଳ ସ୍ୱାଇଁ ବିବେଚିତ ହୋଇଥିଲେ। ବାଳିକା ବର୍ଗରେ ଶ୍ରେଷ୍ଠ ଗୋଲରକ୍ଷକ ଭାବେ ସଞ୍ଜନା ସ୍ୱାଇଁ ଏବଂ ବାଳକରେ ଅମିତ୍ ରାଜ ପୁରସ୍କୃତ ହୋଇଛନ୍ତି। ଏହି ପ୍ରତିଯୋଗୀତାକୁ ମୁଖ୍ୟ ଅତିଥି ରୂପେ ଗଞ୍ଜାମ ଜିଲ୍ଲା କ୍ରୀଡ଼ା ସଂଘର ସମ୍ପାଦକ ଜେ.କାମେଶ୍ୱର ରାଓ ଏବଂ ସମ୍ମାନିତ ଅତିଥି ରୂପେ ଗଂଜାମ ଜିଲ୍ଲା ସ୍କୁଲ୍ କ୍ରୀଡ଼ା ବିଭାଗର କ୍ରୀଡ଼ା ଅଧିକାରି ଭାଗିରଥୀ ସ୍ୱାଇଁ, ବିଧାୟକଙ୍କ ପ୍ରତିନିଧି ଅଶୋକ କୁମାର ଶୁକ୍ଳ, ଡା.ଦେବଜାନୀ ଦେଓ, ଜିଲ୍ଲା ହ୍ୟାଣ୍ଡବଲ୍ ସଂଘର ସାଂଗଠନିକ ସମ୍ପାଦକ ତଥା ବରିଷ୍ଠ ସାମ୍ବାଦିକ ଶକ୍ତିଧର ରାଜଗୁରୁ, ଜିଲ୍ଲା ହ୍ୟାଣ୍ଡବଲ ସଂଘର ସମ୍ପାଦକ ସୁରେଶ ଚନ୍ଦ୍ର ପାଢି, ଏନଆଇଏସ କୋଚ୍ ପ୍ରଶାନ୍ତ କୁମାର ରଥ ପ୍ରମୁଖ ଉପସ୍ଥିତ ରହି କୃତି ଖେଳାଳିଙ୍କୁ ପୁରସ୍କାର ପ୍ରଦାନ କରି ଉତ୍ସାହିତ କରିଥିଲେ।



ସଂପାଦକ : ଭର୍ତ୍ତୃହରି ମହତାବ ❒ Printed and Published by Sri Bhartruhari Mahtab on behalf of Prajatantra Prachar Samity and Printed at Prajatantra Press, Biharibag, Chandinichowk, Cuttack- 753002, Phone-2508111, E-mail- prajatantra2003@yahoo.com/prajatantra2014@gmail.com, ❒ Regional Office- BBSR, Ph- 2393583